
# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୧୬/୨୦୧୯ (୨୦ ପୃଷ୍ଠା) | Bhubaneswar, Tuesday, April 16/2019 | ★★★★

୪୫ଶ ଭାଗ ୧୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



## ଜିଲ୍ଲାର ସ୍ୱତନ୍ତ୍ର ବିକାଶ ପାଇଁ ପ୍ରତିବଦ୍ଧତା



# ଜୁହାର

**ବରଗଡ, ଝାରସୁଗୁଡା, ବଲାଙ୍ଗୀର, ସୁବର୍ଣ୍ଣପୁର** ଏବଂ **ବୌଦ୍ଧ**

ଜିଲ୍ଲା ପାଇଁ ୫୦% ମହିଳା ସଦସ୍ୟଙ୍କୁ ନେଇ

## 'ସ୍ୱତନ୍ତ୍ର ଉନ୍ନୟନ ପରିଷଦ'।

ବିକାଶର ପ୍ରକୃତ **ଡବଲ ଇଂଜିନ୍**

ମହିଳାଙ୍କ ସଶକ୍ତିକରଣ ପାଇଁ ପ୍ରତିବଦ୍ଧତା

- 'ମିଶନ ଶକ୍ତି' ମହିଳାଙ୍କୁ ୫ ହଜାର କୋଟି ଟଙ୍କାର ସରକାରୀ ବ୍ୟବସାୟ ଏବଂ ୫୦୦ କୋଟି ଟଙ୍କାର ଲାଭ
- ବିନା ସୁଧରେ ୫ଲକ୍ଷ ଟଙ୍କାର ଋଣ
- କେ.ଜି.ରୁ ପି.ଜି. ପର୍ଯ୍ୟନ୍ତ ବାଳିକା ଶିକ୍ଷା ମାଗଣା
- 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'ରେ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା
- ଝିଅ ବାହାଘର ପାଇଁ ୨୫ ହଜାର ଟଙ୍କାର ସହାୟତା

**ନବୀନ ଓଡ଼ିଶା**
**ସଶକ୍ତ ଓଡ଼ିଶା**

ବିଜୁ ଜନତା ଦଳ

ପ୍ରତିଶ୍ରୁତି ନୁହେଁ ପ୍ରତିବଦ୍ଧତା

'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା। ଦୁଇଥର।
ଥରେ ଏମ୍.ପି.ପାଇଁ। ଥରେ ଏମ୍.ଏଲ୍.ଏ ପାଇଁ।



“ଭାଜପା କିମ୍ବା କଂଗ୍ରେସ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ପାଇବା ସମ୍ଭାବନା ନ ଥିବାରୁ ଦେଶ ମେଣ୍ଟ ସରକାର ଆଡ଼କୁ ମୁହାଁଉଛି।
- ସିଦ୍ଧାରାମାୟା, ବରିଷ୍ଠ କଂଗ୍ରେସ ନେତା

# ବିଗୁଡୁଛି ନେତାଙ୍କ ତୁଣ୍ଡ

ସାଧାରଣ ନିର୍ବାଚନ ପାଇଁ ପ୍ରଚାର ସରଗରମ। କ୍ଷମତା ପାଇଁ ମଇଦାନରେ ପ୍ରାର୍ଥୀ। ମତଦାତାଙ୍କୁ ଆକର୍ଷିତ କରିବା ଲାଗି ସବୁ ଦଳ ଓହ୍ଲାଇଛନ୍ତି ଷ୍ଟାର୍ କ୍ୟାମ୍ପେନର୍। ହେଲେ ରାଜନୀତିର କାଦୁଅଫିଙ୍ଗା ଏଭଳି ନିମ୍ନସ୍ତରକୁ ଚାଲିଯାଇଛି ଯେ ବଡ଼ ବଡ଼ ନେତାଙ୍କ ପାଟିରେ ବି ଲଗାମ ରହୁନାହିଁ। ମୂଳ ପ୍ରସଙ୍ଗରୁ ଓହରି ବିବାଦୀୟ ତଥା ଆପତ୍ତିଜନକ ମନ୍ତବ୍ୟ ଦେବା ଏବେ ଏକ ଟ୍ରେଣ୍ଡ (ଧାରା)ରେ ପରିଣତ ହୋଇଯାଇଛି। ଏପରି କି ନିର୍ବାଚନ କମିଶନ ଓ ଅଦାଲତି ଅଙ୍କୁଶ ବି କାମ କରୁନି ଏମାନଙ୍କ ଉପରେ। ଫଳରେ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଚୟନ କରିବାରେ ଦ୍ୱନ୍ଦ୍ୱରେ ପଡୁଛନ୍ତି ଭୋଟର।

■ ରାଫାଲ ରାୟ ପରେ ‘ଚୋର’ ମନ୍ତବ୍ୟ

## ରାହୁଲଙ୍କୁ ସ୍ପଷ୍ଟୀକରଣ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୫।୪(ପି.ଟି./ଆଇଏଏନ୍ଏସ୍)

ରାଫାଲ ରାୟରେ ସୁପ୍ରିମକୋର୍ଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ‘ଚୋର’ କହି ନ ଥିବାବେଳେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏହାର ଭୁଲ୍ ବ୍ୟାଖ୍ୟା କରି ଅଡୁଆରେ ଫସିଛନ୍ତି। ସର୍ବୋଚ୍ଚ ଅଦାଲତ ଏଥିପାଇଁ ଆସନ୍ତା ୨୨ ସୁଦ୍ଧା ସ୍ପଷ୍ଟୀକରଣ ଦେବାକୁ ରାହୁଲଙ୍କୁ ନୋଟିସ କରିଛନ୍ତି।

ରାଫାଲ ଯୁଦ୍ଧବିମାନ ଚୁକ୍ତି ପ୍ରସଙ୍ଗରେ ୨୦୧୮ ଡିସେମ୍ବର ୧୪ରେ ସୁପ୍ରିମକୋର୍ଟ ଦେଇଥିବା ରାୟର ପୁନର୍ବିଚାର କରିବା ସମୟରେ ‘ପ୍ରଘଟ’ ଦସ୍ତାବିଜକୁ ଗ୍ରହଣ କରାଯିବ ବୋଲି ବୁଧବାର ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଥିଲେ। ଏହାକୁ ନେଇ ରାହୁଲ କହିଥିଲେ, ରାଫାଲ ଦୁର୍ନୀତି ଧୀରେ ଧୀରେ ପଦାକୁ ଆସିବାରେ ଲାଗିଛି ଏବଂ ଚୁକ୍ତିକୁ ନେଇ ଏବେ ତଦନ୍ତ ହେବ। ‘ଚୌକିଦାର ଚୋର ହେ’ ବୋଲି ସୁପ୍ରିମକୋର୍ଟ ମାନିଛନ୍ତି। ପ୍ରଧାନମନ୍ତ୍ରୀ ରାଫାଲ ଦୁର୍ନୀତି ପ୍ରସଙ୍ଗରେ ତାଙ୍କ ସହ ବିତର୍କ ପାଇଁ ସ୍ଥାନ ଓ ତାରିଖ ବାଛନ୍ତୁ ବୋଲି ରାହୁଲ ଚ୍ୟାଲେଞ୍ଜ ଦେଇଥିଲେ। ଏହାକୁ ନେଇ ଭାଜପାର ଏକ ପ୍ରତିନିଧି ଦଳ ଶୁକ୍ରବାର ଇସିଙ୍କୁ ଭେଟିଥିଲେ। ଏହାସହ ବରିଷ୍ଠ ଭାଜପା ନେତା ମୀନାକ୍ଷୀ ଲେଖି ସୁପ୍ରିମକୋର୍ଟରେ ରାହୁଲଙ୍କ ବିରୋଧରେ ଅଦାଲତ ଅବମାନନା ପିଟିଶନ ଦାଏର କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ସୋମବାର ଏହାର ଶୁଣାଣି କରି କହିଛନ୍ତି, ରାଫାଲ ରାୟର ପୁନର୍ବିଚାର ପାଇଁ ଅଦାଲତ ରାଜି ହେବାବେଳେ କେଉଁଠାରେ ବି ଏପରି କହିନାହାନ୍ତି। ତେଣୁ ରାହୁଲ ୨୨ ତାରିଖ ସୁଦ୍ଧା ନିଜର ସ୍ପଷ୍ଟୀକରଣ ଦିଅନ୍ତୁ। ୨୩ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ରାହୁଲଙ୍କୁ ପୁଣି ଟାର୍ଗେଟ କରିଛି ଭାଜପା। ରାହୁଲ ପ୍ରଧାନମନ୍ତ୍ରୀଙ୍କ ମାନହାନି କରିଥିବାରୁ କ୍ଷମାମାଗନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ଦାବି କରିଛନ୍ତି।

■ ଜୟପ୍ରଦାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ

## ଆଜମ୍ ଖାନ୍‌ଙ୍କ ନାଁରେ ମାମଲା

ନୂଆଦିଲ୍ଲୀ,୧୫।୪(ପି.ଟି.)

ଉତ୍ତରପ୍ରଦେଶର ରାମପୁର ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ଜୟପ୍ରଦାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇ ବିବାଦୀୟ ହୋଇଛନ୍ତି ମେଣ୍ଟ ପ୍ରାର୍ଥୀ ଆଜମ୍ ଖାନ୍। ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଅଧ୍ୟକ୍ଷା ରେଖା ଶର୍ମା ଆଜମ୍‌ଙ୍କ ମନ୍ତବ୍ୟକୁ ନିନ୍ଦା କରିବା ସହ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ବାଚନ କମିଶନ (ଇସି)ଙ୍କୁ ଅନୁରୋଧ କରିଛନ୍ତି।

ରାମପୁରର ଏକ ନିର୍ବାଚନୀ ସଭାରେ ସମାଜବାଦୀ ପାର୍ଟି (ଏସ୍‌ପି)ର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଆଜମ୍ ଖାନ୍ ଜୟପ୍ରଦାଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ସେ ଲୋକଙ୍କୁ କହିଥିଲେ, ରାମପୁରବାସୀ ଓ ଭାରତର ଲୋକଙ୍କୁ ତାଙ୍କ ପ୍ରକୃତ ରୂପ ଜାଣିବା ପାଇଁ ୧୭ ବର୍ଷ ଲାଗିଗଲା। କିନ୍ତୁ ସେ ଖାକି ଅଣ୍ଡରୱେର ପିନ୍ଧନ୍ତି ବୋଲି ମୁଁ ୧୭ ଦିନରେ ଜାଣିପାରିଥିଲି। ଏହାକୁ ନେଇ ଏନ୍‌ସିଡବ୍ଲ୍ୟୁ କହିଛନ୍ତି, ଆଜମ୍ ଖାନ୍‌ଙ୍କ ମନ୍ତବ୍ୟ ଅପମାନଜନକ, ଅନୈତିକ ଓ ମହିଳାଙ୍କ ମର୍ଯ୍ୟାଦା ପ୍ରତି ଅସମ୍ମାନ। ଏଥିପାଇଁ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ରାମପୁର ଥାନାରେ ମଧ୍ୟ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଜୟପ୍ରଦା କହିଛନ୍ତି, ସେ ଏଥିରେ ଭୟଭୀତ ହୋଇ ରାମପୁର ଛାଡ଼ି ଯିବେନାହିଁ। ଆଜମ୍ ଖାନ୍ ତାଙ୍କ ପରିବାରର ମହିଳାଙ୍କ ପ୍ରତି ମଧ୍ୟ ଏପରି ଭାଷା ପ୍ରୟୋଗ କରନ୍ତି କି ବୋଲି ଜୟପ୍ରଦା ପ୍ରଶ୍ନ କରିଛନ୍ତି। ବିବାଦ ସୃଷ୍ଟି ହେବା ପରେ ଆଜମ୍ ଖାନ୍ କହିଛନ୍ତି, ସେ ଭାଷଣ ଦେବାବେଳେ କାହା ନାମ ଧରିନାହାନ୍ତି। ଅନ୍ୟପକ୍ଷରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି, ଆଜମ୍‌ଙ୍କ ମନ୍ତବ୍ୟକୁ ନେଇ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଓ ବିଏସ୍‌ପି ସୁପ୍ରିମୋ ମାୟାବତୀ ନୀରବ ରହିବା ସେମାନଙ୍କ ପାଇଁ ଲଜ୍ଜାଜନକ କଥା। ସେହିପରି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, କେନ୍ଦ୍ରମନ୍ତ୍ରୀ ସୁଷମା ସ୍ୱରାଜ ଓ ସ୍ମୃତି ଇରାନୀ ଏବଂ ରାଜ୍ୟ ସଭା ସଦସ୍ୟ ଅମର ସିଂ ମଧ୍ୟ ଆଜମ୍‌ଙ୍କ ମନ୍ତବ୍ୟକୁ ନେଇ କଡ଼ାନିନ୍ଦା କରିବା ସହ ତାଙ୍କୁ ନିର୍ବାଚନ ଲଢ଼ିବାରୁ ଅଯୋଗ୍ୟ ଘୋଷଣା ପାଇଁ ଦାବି କରିଛନ୍ତି।

କାର୍ଯ୍ୟାନୁଷ୍ଠାନ ପାଇଁ ଇସିଙ୍କୁ ଅନୁରୋଧ କଲେ ଏନ୍‌ସିଡବ୍ଲ୍ୟୁ



ପାଟନାରେ ଆଜମ୍ ଖାନ୍‌ଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି ଭାଜପା ମହିଳା ମୋର୍ଚ୍ଚା କର୍ମୀ।

## ବିଶ୍ୱବିଦ୍ୟାଳୟ ସିଟ୍ ୨ଲକ୍ଷ ବଢ଼ିବ

ନୂଆଦିଲ୍ଲୀ,୧୫।୪(ପି.ଟି.)

କ୍ୟାବିନେଟ ମଞ୍ଜୁରୀ

ସାଧାରଣ ବର୍ଗ ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ଲାଗି ୧୦ ପ୍ରତିଶତ ସଂରକ୍ଷଣ ସୁବିଧା ଯୋଗାଇ ଦେବା ଲାଗି ଦେଶରେ ଥିବା ୧୫୮ଟି ଜାତୀୟ ଶିକ୍ଷାନୁଷ୍ଠାନରେ ୨ ଲକ୍ଷରୁ ଅଧିକ ଅତିରିକ୍ତ ସିଟ୍ ସୃଷ୍ଟି କରାଯିବ। ସୋମବାର କେନ୍ଦ୍ର କ୍ୟାବିନେଟ ଏହି ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନରେ ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ନିମନ୍ତେ ସଂରକ୍ଷଣ ବ୍ୟବସ୍ଥାକୁ ଅନୁମୋଦନ କରାଯାଇଛି। ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ କ୍ୟାବିନେଟରେ ପ୍ରସ୍ତାବ ଆଣିବା ପୂର୍ବରୁ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ନିର୍ବାଚନ କମିଶନଙ୍କ ଅନୁମତି ଲୋଡ଼ିଥିଲା। କ୍ୟାବିନେଟ ଅନୁମୋଦନ ଫଳରେ ଦୁଇ ବର୍ଷରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ୨,୧୪,୭୬୬ ଅତିରିକ୍ତ ସିଟ୍ ସୃଷ୍ଟି କରାଯିବ। ୨୦୧୯-୨୦ ଶିକ୍ଷାବର୍ଷରେ ୧,୧୯,୯୮୩ ସିଟ୍ ଏବଂ ୨୦୨୦-୨୧ରେ ୯୫,୭୮୩ ସିଟ୍ ସୃଷ୍ଟି ହେବ। ୧୫୮ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନରେ ନାମଲେଖାରେ ସାଧାରଣ ବର୍ଗ ଗରିବଙ୍କ ପାଇଁ ସଂରକ୍ଷଣ ଲାଗୁ କରିବା ନିମନ୍ତେ ୪୩୧୫.୧୫ କୋଟି ଟଙ୍କା ମଞ୍ଜୁର କରାଯାଇଛି।

## ‘ଜାତୀୟ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ’

ବିରୋଧୀଙ୍କୁ ଜେଟ୍‌ଲୀଙ୍କ ଜବାବ

ନୂଆଦିଲ୍ଲୀ,୧୫।୪(ପି.ଟି.)

ଜାତୀୟ ସୁରକ୍ଷା ପ୍ରସଙ୍ଗକୁ ନେଇ ନିର୍ବାଚନ ଲଢ଼ାଯିବା ଉଚିତ ନୁହେଁ ବୋଲି ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଯୁକ୍ତି ଦର୍ଶାଯାଉଥିବାବେଳେ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଏହାକୁ ଖଣ୍ଡନ କରିଛନ୍ତି। ଦେଶ ସମ୍ମୁଖୀନ ହେଉଥିବା ସବୁଠୁ ବଡ଼ ଚ୍ୟାଲେଞ୍ଜ ଜାତୀୟ ସୁରକ୍ଷା ଏବଂ ଆତଙ୍କବାଦ ସମସ୍ୟା ବୋଲି ଜେଟଲୀ କହିଛନ୍ତି। ଜମ୍ମୁ-କଶ୍ମୀର ପ୍ରସଙ୍ଗ ଏବଂ ଆତଙ୍କବାଦ ଦୀର୍ଘମିଆଦୀ ସମସ୍ୟା ହୋଇଥିବାବେଳେ ଏହା ଦେଶର ସାର୍ବଭୌମତ୍ୱ ପାଇଁ ଚିନ୍ତାଜନକ ହୋଇପଡ଼ିଛି। ଅନ୍ୟ ସମସ୍ତ ଚ୍ୟାଲେଞ୍ଜର ସମାଧାନ କରାଯାଇପାରିବ ବୋଲି ଜେଟଲୀ ଫେସ୍‌ବୁକ୍ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନୀ ଫାଇଦା ପାଇଁ ପୁଲ୍‌ୱାମା ଆକ୍ରମଣରେ ଯବାନ ଶହୀଦ ହେବା ଏବଂ ପାକିସ୍ତାନର ବାଲାକୋଟରେ ବାୟୁସେନାର କାର୍ଯ୍ୟାନୁଷ୍ଠାନର ରାଜନୀତୀକରଣ କରୁଥିବା ବିରୋଧୀ ଦଳ ଅଭିଯୋଗ କରିଆସୁଛନ୍ତି।

## ରାହୁଲଙ୍କୁ ଅଶ୍ଳୀଳ ଭାଷାରେ ଗାଳି କଲେ ହିମାଚଳ ପ୍ରଦେଶ ଭାଜପା ସଭାପତି

ଶିମ୍‌ଲା,୧୫।୪

କ୍ଷମତା ରାଜନୀତିରେ ଅରୋପ-ପ୍ରତ୍ୟାରୋପ କେତେ ନିମ୍ନସ୍ତରକୁ ଚାଲିଯାଇଛି ତା’ର ଏକ ଜ୍ୱଳନ୍ତ ଉଦାହରଣ ହିମାଚଳ ପ୍ରଦେଶ ଭାଜପା ସଭାପତି ସତ୍‌ପାଲ ସିଂ ସତ୍ତୀଙ୍କ ସଦ୍ୟ ମନ୍ତବ୍ୟରୁ ବୁଝିହେଉଛି। ସତ୍‌ପାଲ କ୍ଷମାମାଗନ୍ତୁ ବୋଲି ହିମାଚଳ କଂଗ୍ରେସ ଦାବି କରିଛି। କ୍ଷମା ନ ମାଗିଲେ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ହିମାଚଳପ୍ରଦେଶର ଶିମ୍‌ଲା ଲୋକ ସଭା ଆସନ ଅନ୍ତର୍ଗତ ବଡ୍‌ଡି ସହରରେ ଭାଜପାର ଏକ ନିର୍ବାଚନୀ ସଭାରେ ସତ୍‌ପାଲ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜକୁ ଭାରତର ଚୌକିଦାର ବୋଲି କହୁଛନ୍ତି। ରାହୁଲ ଯଦି ତାଙ୍କୁ ଚୋର ବୋଲି କହୁଛନ୍ତି, ତେବେ ସେ ନିଜେ ‘*****’। ରାହୁଲ ଜାମିନରେ ଅଛନ୍ତି, ତାଙ୍କ ମା’ ଓ ଭିଣୋଇ ମଧ୍ୟ ବେଲ୍‌ରେ ଅଛନ୍ତି। ଏହାସତ୍ତ୍ୱେ ସେ ପ୍ରଧାନମନ୍ତ୍ରୀଙ୍କୁ ‘ଚୋର’ କହୁଥିବାରୁ ଜଣେ ପଞ୍ଜାବୀ ଏହି ସନ୍ଦେଶ ପ୍ରେରଣ କରିବା ପାଇଁ ମୋତେ ଅନୁରୋଧ କରିଥିଲେ ବୋଲି ସତ୍‌ପାଲ କହିଛନ୍ତି। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିବାଦ ଉଠିଛି। ଜଣେ ବରିଷ୍ଠ ରାଜନେତାଙ୍କଠାରୁ ଏଭଳି ଅଭଦ୍ର ଭାଷା ଆଶା କରାଯାଇ ନ ପାରେ ବୋଲି ରାଜ୍ୟ କଂଗ୍ରେସ ମୁଖ୍ୟ କୁଲଦୀପ ରାଠୋଡ୍ ସମାଲୋଚନା କରିଛନ୍ତି।

ଭିଡିଓ ଭାଇରାଲ



ସତ୍‌ପାଲ ସିଂ ସତ୍ତୀ

ସାମ୍ପ୍ରଦାୟିକ ମନ୍ତବ୍ୟ ପାଇଁ ନିର୍ବାଚନ ପ୍ରଚାର ମନା

## ମାୟାବତୀଙ୍କୁ ୨, ଯୋଗୀଙ୍କୁ ୩ ଦିନ

ନୂଆଦିଲ୍ଲୀ,୧୫।୪(ପି.ଟି.)






ଭୋଟ ମାଗିବାବେଳେ ସାମ୍ପ୍ରଦାୟିକ ମନ୍ତବ୍ୟ ମହଙ୍ଗା ପଡ଼ିଛି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀଙ୍କୁ। ନିର୍ବାଚନ କମିଶନ (ଇସି) ମାୟାବତୀଙ୍କୁ ୪୮ ଘଣ୍ଟା ଓ ଯୋଗୀଙ୍କୁ ୭୨ ଘଣ୍ଟା ପାଇଁ ନିର୍ବାଚନ ପ୍ରଚାର କରିବାକୁ ବାରଣ କରିଛନ୍ତି। ଉଭୟଙ୍କ ନିର୍ବାଚନ ପ୍ରଚାର ଉପରେ କଟକଣା ମଙ୍ଗଳବାର ସକାଳ ୬ଟାରୁ ଲାଗୁ ହୋଇଛି। ଉଭୟଙ୍କ ସକାଶେ ଇସି ଦୁଇଟି ପୃଥକ୍ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ନିକଟରେ ଦେଓବନ୍ଦଠାରେ ଏସ୍‌ପି-ବିଏସ୍‌ପି-ଆର୍‌ଏଲ୍‌ଡି ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର ବେଳେ ମାୟାବତୀ ମୁସଲମାନ ସମ୍ପ୍ରଦାୟର ମତଦାତାଙ୍କୁ ଭୋଟ ମାଗିଥିଲେ। ସଂଖ୍ୟାଲଘୁ ଭୋଟର ମେଣ୍ଟକୁ ଏକତରଫା ଭୋଟ ଦିଅନ୍ତୁ ବୋଲି ମାୟାବତୀ କହିଥିଲେ। ଏହା ପରେ ମିରଟରେ ଭାଜପାର ଏକ ନିର୍ବାଚନୀ ସଭାରେ ଯୋଗୀ କହିଥିଲେ, ଏଥର ଲୋକ ସଭା ନିର୍ବାଚନ ‘ଅଲି ବନାମ ବଜରଙ୍ଗବଲୀ’ ହେଉଛି। ସେମାନେ ଅଲି (ମହମ୍ମଦଙ୍କ ବଂଶଧର)ଙ୍କ ଉପରେ ଭରସା କରୁଥିବାବେଳେ ବଜରଙ୍ଗବଲୀ (ହନୁମାନ)ଙ୍କ ଉପରେ ଆମର ଆସ୍ଥା ରହିଛି ବୋଲି ଭୋଟ ଧ୍ରୁବୀକରଣ ଉଦ୍ଦେଶ୍ୟରେ ଯୋଗୀ ମନ୍ତବ୍ୟ ଦେଇଥିଲେ। ଏହାର ଜବାବରେ ମାୟାବତୀ ପୁନଶ୍ଚ କହିଥିଲେ, ଆମକୁ ଉଭୟ ‘ଅଲି ଓ ବଜରଙ୍ଗବଲୀ’ଙ୍କ ଭୋଟ ମିଳିବ। ନିର୍ବାଚନ କମିଶନ ଏଥିଲାଗି ସମ୍ବିଧାନର ଅନୁଚ୍ଛେଦ ୩୨୪ ବଳରେ ସ୍ୱତନ୍ତ୍ର କ୍ଷମତା ପ୍ରୟୋଗକରି ମାୟାବତୀଙ୍କୁ ମଙ୍ଗଳବାର ସକାଳ ୬ଟାରୁ ୪୮ ଘଣ୍ଟା ପର୍ଯ୍ୟନ୍ତ ପ୍ରଚାରରୁ ବାରଣ କରିଛନ୍ତି। ସେହିପରି ଯୋଗୀ ମଧ୍ୟ ୭୨ ଘଣ୍ଟା ପର୍ଯ୍ୟନ୍ତ ନିର୍ବାଚନ ପ୍ରଚାର କରିପାରିବେ ନାହିଁ ବୋଲି ଇସି କଟକଣା ଜାରି କରିଛନ୍ତି। ଫଳରେ ଉଭୟେ ନିର୍ଦ୍ଧାରିତ ଅବଧି ମଧ୍ୟରେ କୌଣସି ସଭାସମିତି, ଶୋଭାଯାତ୍ରା ଓ ରୋଡ୍ ଶୋ, କରିପାରିବେ ନାହିଁ। ସେହିପରି ଇଲେକ୍ଟ୍ରୋନିକ୍, ପ୍ରିଣ୍ଟ ଓ ସୋସିଆଲ ମିଡିଆକୁ ମଧ୍ୟ ସାକ୍ଷାତ୍‌କାର ଦେଇପାରିବେ ନାହିଁ। ଉଭୟ ନେତାଙ୍କ ମନ୍ତବ୍ୟ ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ। ଏଭଳି ମନ୍ତବ୍ୟ ବିଭିନ୍ନ ଧର୍ମାବଲମ୍ବୀ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ଥିବା ବିଭେଦକୁ ଆହୁରି ବୃଦ୍ଧି କରିବା ସହ ଘୃଣାଭାବ ସୃଷ୍ଟି କରିବ। ଦୁଇନେତା ଧର୍ମ ନାମରେ ଭୋଟ ମାଗି ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି ବୋଲି ଇସି କହିଛନ୍ତି। ପ୍ରକାଶ ଯେ, ଗତ ୧୧ ତାରିଖରେ ନିର୍ବାଚନ କମିଶନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ଯୋଗୀ ଓ ମାୟାବତୀଙ୍କୁ ନୋଟିସ ଜାରି କରିଥିଲେ।

## ଜୋଷୀଙ୍କ ନାଁରେ ଜାଲ୍ ଚିଠି

ମୁମ୍ବାଇ,୧୫।୪(ପି.ଟି.)

ଇସି ତଦନ୍ତ ଦାବି



ବରିଷ୍ଠ ଭାଜପା ନେତା ମୁରଲୀ ମନୋହର ଜୋଷୀଙ୍କ ନାମରେ ମିଥ୍ୟା ଚିଠି ସୋସିଆଲ ମିଡିଆରେ ପ୍ରସାରିତ ହେବା ପରେ ନିର୍ବାଚନ କମିଶନ (ଇସି) ଏହାର ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଦଳର ସର୍ବବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡଭାନୀଙ୍କୁ ଲେଖାଯାଇଥିବା ଏହି ଜାଲ୍ ଚିଠି କିଛିଦିନ ହେଲା ପ୍ରସାରିତ ହେଉଛି। ଜୋଷୀ ଏଭଳି ଚିଠି ଲେଖି ନ ଥିବା ମୁଖ୍ୟ ନିର୍ବାଚନ କମିଶନ ସୁନୀଲ ଅରୋରାଙ୍କୁ ଜଣାଇବା ସହ ତଦନ୍ତ ଦାବି କରିଛନ୍ତି।

ଜୋଷୀ ଓ ଆଡଭାନୀ ଭାଜପାର ପ୍ରତିଷ୍ଠାତା ଏବଂ ୨୦୧୪ ନିର୍ବାଚନରେ ଉଭୟ କାନପୁର ଓ ଗାନ୍ଧୀନଗର ଆସନରୁ ଜିତିଥିଲେ। ଏଥର ଦୁହିଁଙ୍କୁ ଟିକେଟ ମିଳିନାହିଁ।

## ଉର୍ମିଳାଙ୍କ ପ୍ରଚାର ବେଳେ କଂଗ୍ରେସ-ଭାଜପା କର୍ମୀ ସଂଘର୍ଷ

ମୁମ୍ବାଇ,୧୫।୪(ପି.ଟି.)

କଂଗ୍ରେସ ପ୍ରାର୍ଥୀ ତଥା ବଲିଉଡ୍ ଅଭିନେତ୍ରୀ ଉର୍ମିଳା ମାତୋଣ୍ଡକର ଉତ୍ତର ମୁମ୍ବାଇରେ ନିର୍ବାଚନ ପ୍ରଚାର କରୁଥିବାବେଳେ ଭାଜପା ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିବାରୁ ସେ ପୋଲିସ ସୁରକ୍ଷା ଲୋଡ଼ିଛନ୍ତି। ଉତ୍ତର ମୁମ୍ବାଇ ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଥିବା ଉର୍ମିଳା ବୋରିଭାଲି ଷ୍ଟେଶନ ନିକଟରେ ପ୍ରଚାର କରୁଥିବା ବେଳେ କେତେଜଣ ଭାଜପା କର୍ମୀ ‘ମୋଦି, ମୋଦି’ ସ୍ଲୋଗାନ ଦେବାରୁ ସେମାନଙ୍କ ସହ କଂଗ୍ରେସ କର୍ମୀଙ୍କର ସଂଘର୍ଷ ଘଟିଥିଲା। ଉକ୍ତ ନିର୍ବାଚନମଣ୍ଡଳୀର ଭାଜପା ବର୍ତ୍ତମାନର ଏମ୍‌ପି ଗୋପାଳ ଶେଟ୍ଟୀଙ୍କୁ ପ୍ରାର୍ଥୀ କରିଛି। ଉର୍ମିଳା ଥାନାରେ ଏତଲା ଦେବା ସହ ତାଙ୍କୁ ସୁରକ୍ଷା ଯୋଗାଇଦେବାକୁ ପୋଲିସକୁ ନିବେଦନ କରିଛନ୍ତି। ତାଙ୍କ ଜୀବନ ପ୍ରତି ବିପଦ ଥିବା ଉର୍ମିଳା କହିଛନ୍ତି।



[ଇତିହାସର ଆଇନାରେ]

**ଏପ୍ରିଲ ୧୬ର ପ୍ରମୁଖ ଘଟଣା**

### ଜାହାଜରେ ଅଗ୍ନିକାଣ୍ଡ

୧୯୪୭ ଏପ୍ରିଲ ୧୬ରେ ଟେକ୍ସାସ ବନ୍ଦରରେ ଏକ ମାଲବାହୀ ଜାହାଜରେ ନିଆଁ ଲାଗିବା ଯୋଗୁ ପାଖାପାଖି ୬୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ଟେକ୍ସାସ୍ ନଗରୀ ଆମେରିକାର ଗାଲ୍‌ଭେଷ୍ଟନ୍ ଅଞ୍ଚଳରେ ଅବସ୍ଥିତ। ଏହା ଗାଲ୍‌ଭେଷ୍ଟନ୍ ଉପସାଗରର ଦକ୍ଷିଣ-ପଶ୍ଚିମ ଭାଗରେ ଅବସ୍ଥିତ। ଟେକ୍ସାସ ବନ୍ଦର ହେଉଛି ଏକ ଗଭୀର ପୋତାଶ୍ରୟ। ଏଠାରେ ପେଟ୍ରୋଲିୟମ ବିଶୋଧନାଗାର ଏବଂ ପେଟ୍ରୋକେମିକାଲ ନିର୍ମାଣକେନ୍ଦ୍ର ରହିଛି।

### ଆପୋଲୋ ୧୬ ଲଞ୍ଚ୍

୧୯୭୨ ଏପ୍ରିଲ ୧୬ରେ ଫ୍ଲୋରିଡାର କେପ୍ କାନାଭେରାଲ୍ ଉତ୍‌କ୍ଷେପଣ ସ୍ଥଳରୁ ଆପୋଲୋ ୧୬ ମହାକାଶଯାନ ଲଞ୍ଚ୍ କରାଯାଇଥିଲା। ଆପୋଲୋ ପ୍ରୋଗ୍ରାମକୁ ପ୍ରୋଜେକ୍ଟ ଆପୋଲୋ ମଧ୍ୟ କୁହାଯାଏ। ଏହା ଆମେରିକାର ମହାକାଶ ଗବେଷଣା କେନ୍ଦ୍ର ‘ନାସା’ ଦ୍ୱାରା ପରିଚାଳିତ ହୁଏ। ନାସା ୧୯୬୯ରୁ ୧୯୭୨ ମଧ୍ୟରେ ଚନ୍ଦ୍ରରେ ପ୍ରଥମକରି ମାନବ ଅବତରଣ କରାଇବାରେ ସଫଳ ହୋଇଥିଲା।

ଇସିଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ବାୟୋପିକ୍ ଦେଖି ରିପୋର୍ଟ ଦିଅ

ନୂଆଦିଲ୍ଲୀ,୧୫।୪

ନିର୍ବାଚନ କମିଶନ ‘ପିଏମ୍ ନରେନ୍ଦ୍ର ମୋଦି’ ଫିଲ୍ମ ଦେଖି ସପ୍ତାହକ ମଧ୍ୟରେ ଜଉମୁଦ ଲଫାପା ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟ ବିଚାରପତି ରଞ୍ଜନ ଗୋଗୋଇ, ବିଚାରପତି ଦୀପକ ଗୁପ୍ତା ଏବଂ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଫିଲ୍ମ ପ୍ରଯୋଜକ ସନ୍ଦୀପ ସିଂଙ୍କ ଦ୍ୱାରା ଦାଖଲ ଏକ ଆବେଦନ ବିଚାରକୁ ନେଇ ଏହି ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୨ରେ ହେବ।

ନିର୍ବାଚନ କମିଶନ ଉକ୍ତ ଫିଲ୍ମ ଦେଖିଛନ୍ତି କି ନାହିଁ ସେ ସମ୍ପର୍କରେ ଅଦାଲତ କମିଶନଙ୍କ ଓକିଲଙ୍କୁ ପ୍ରଶ୍ନ କରିଥିଲେ। ପ୍ରଯୋଜକଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ୍ ମୁକୁଲ ରୋହତ୍‌ଗୀ ଏକ ସତ୍ୟପାଠ ଦାଖଲକରି ଦର୍ଶାଇଥିଲେ, ନିର୍ବାଚନ କମିଶନ୍ ଉକ୍ତ ଫିଲ୍ମକୁ ଆଦୌ ନ ଦେଖି ରିଲିଜ ଉପରେ ନିଷେଧାଜ୍ଞା ଜାରି କରିଛନ୍ତି। ଏହାପରେ ଖଣ୍ଡପୀଠ ଉକ୍ତ ଫିଲ୍ମ ଦେଖି ରିପୋର୍ଟ ଦାଖଲ କରିବାକୁ ସମ୍ପୃକ୍ତ ଓକିଲଙ୍କୁ ପରାମର୍ଶ ଦେଇଥିଲେ।

ଆବେଦନକାରୀ ଦର୍ଶାଇଛନ୍ତି ଯେ, ଫିଲ୍ମ ରିଲିଜ ବନ୍ଦ ଲାଗି କମିଶନ୍‌ଙ୍କ ନିର୍ଦ୍ଦେଶ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ବାକ୍ ସ୍ୱାଧୀନତାର ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଛି। ବର୍ତ୍ତମାନ ନିର୍ବାଚନ ଚାଲିଥିବାବେଳେ ଉକ୍ତ ଫିଲ୍ମ ରିଲିଜ୍ ବନ୍ଦ ପାଇଁ ଗତ ସପ୍ତାହରେ ନିର୍ବାଚନ କମିଶନ୍ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ବିବେକ ଓବେରୟଙ୍କ ଅଭିନୀତ ଉକ୍ତ ଫିଲ୍ମ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଏପ୍ରିଲ ୧୧ରେ ରିଲିଜ ହେବାର ଥିଲା।



## ମା’ ହେଲେ ଚାଇନାର ପ୍ରଥମ ଟେଷ୍ଟ-ଟ୍ୟୁବ୍ କନ୍ୟା



**ବେଜିଂ,୧୫।୪**–ଚାଇନାରେ ପ୍ରଥମକରି ଟେଷ୍ଟ-ଟ୍ୟୁବ୍ ପଦ୍ଧତିରେ ଜନ୍ମିତ ଶିଶୁକନ୍ୟା ଝେଙ୍ଗ୍ ସୋମବାର ଏକ ପୁତ୍ର ସନ୍ତାନର ଜନନୀ ହୋଇଛନ୍ତି। ପେକିଂ ୟୁନିଭର୍ସିଟି ଥାର୍ଡ ହସ୍ପିଟାଲ୍‌ର ସୂଚନା ଅନୁଯାୟୀ, ଟେଷ୍ଟ ଟ୍ୟୁବ୍ ବେବି ରିସର୍ଚ୍ଚ ମୁଖ୍ୟ ଡାକ୍ତର ଝାଙ୍ଗ୍ ଲିଝୁଙ୍କ ସହାୟତାରେ ୧୯୮୮ ମାର୍ଚ୍ଚ ୧୦ରେ ଝେଙ୍ଗ୍ ଜନ୍ମ ହୋଇଥିଲେ। ଡାକ୍ତର ଝାଓ ତାଙ୍କର ଅସ୍ତ୍ରୋପଚାର କରି ଶିଶୁକୁ ଜନ୍ମ କରାଇଥିଲେ। ଜନ୍ମବେଳେ ଶିଶୁର ଓଜନ ୩,୮୫୦ ଗ୍ରାମ ଥିଲା। ଚାଇନାରେ ପୁନଃ ପ୍ରଜନନ ଇତିହାସରେ ଏହି ସଫଳତା ଆଉ ଏକ ମାଇଲଖୁଣ୍ଟ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ, ଟେଷ୍ଟ ଟ୍ୟୁବ୍ ଶିଶୁ ଜନ୍ମ ପଦ୍ଧତିରେ ଚାଇନା ବିଶ୍ୱରେ ଅଗ୍ରଣୀ ଭୂମିକା ନେଉଛି।

## ବିଶ୍ୱର ପ୍ରଥମ ସଶସ୍ତ୍ର ଉଭୟଚର ଡ୍ରୋନ୍

ବେଜିଂ,୧୫।୪(ପି.ଟି)

ଚାଇନାରେ ବିକଶିତ

ଚାଇନା ପ୍ରଥମକରି ବିଶ୍ୱର ପ୍ରଥମ ସଶସ୍ତ୍ର ଉଭୟଚର ଡ୍ରୋନ୍ ବୋଟ୍ ସଫଳତାର ସହିତ ପରୀକ୍ଷା କରିଛି। ଉଭୟ ଜଳଭାଗରେ ଏବଂ ଆକାଶରେ ଏହାକୁ ବ୍ୟବହାର କରାଯାଇପାରିବ ବୋଲି ଚାଇନାର ସାମରିକ ବିଶ୍ଳେଷକମାନେ ମତ ଦେଇଛନ୍ତି।

ଚାଇନା ଶିପ୍ ବିଲ୍‌ଡିଂ ଇଣ୍ଡଷ୍ଟ୍ରି କର୍ପୋରେଶନ୍ (ସିଏସ୍‌ଆଇସି) ଅଧୀନସ୍ଥ ୟୁଚାଙ୍ଗ ଇଣ୍ଡଷ୍ଟ୍ରି ଗ୍ରୁପ୍ ଦ୍ୱାରା ଏହା ନିର୍ମାଣ କରାଯାଇଛି। ମେରାଇନ୍ ଲିଜାର୍ଡ ନାମକ ଏହି ଡ୍ରୋନ୍ ଶିପ୍‌କୁ କେନ୍ଦ୍ରୀୟ ଚାଇନାର ହୁବେଇ ପ୍ରଦେଶର ରାଜଧାନୀ ଉହାନ୍‌ସ୍ଥିତ କାରଖାନାରୁ ଏପ୍ରିଲ ୮ରେ ପରୀକ୍ଷା ପାଇଁ ବାହାର କରାଯାଇଥିଲା। ସାଟେଲାଇଟ୍ ଜରିଆରେ ରିମୋଟ ଦ୍ୱାରା ନିୟନ୍ତ୍ରିତ ଏହି ମେରାଇନ୍ ଲିଜାର୍ଡକୁ ସର୍ବାଧିକ ୧୨୦୦ କିଲୋମିଟର ଦୂରତା ମଧ୍ୟରେ ଚଳାଚଳ କରାଯାଇପାରିବ। ୧୨ମିଟର ବିଶିଷ୍ଟ ମେରାଇନ୍ ଲିଜାର୍ଡ ଡିଜେଲ୍ ଚାଳିତ ହାଇଡ୍ରୋଜେଟ୍ ଦ୍ୱାରା ଜଳଭାଗରେ ସର୍ବାଧିକ ୫୦ ନଟ୍ ବେଗରେ ଗତି କରିପାରିବ। ସ୍ଥଳଭାଗ ନିକଟବର୍ତ୍ତୀ ହେଲେ ଉକ୍ତ ଉଭୟଚର ଡ୍ରୋନ୍‌ର ନିମ୍ନଭାଗରେ ଥିବା ୪ଟି ଟ୍ରାକ୍ ୟୁନିଟ୍ ଖୋଲିଯିବ ଏବଂ ସ୍ଥଳଭାଗରେ ପ୍ରତି ଘଣ୍ଟାରେ ୨୦କି.ମି. ବେଗରେ ଗତି କରିବ।

ଚାଇନାର ପ୍ରତିରକ୍ଷା ବଜେଟ୍ ୧୭୮ ବିଲିୟନ୍ ଆମେରିକୀୟ ଡଲାର ହୋଇଥିବା ବେଳେ ୨୦ଲକ୍ଷ ସୈନ୍ୟଙ୍କୁ ନେଇ ଗଠିତ ବିଶ୍ୱର ସର୍ବବୃହତ୍ ଚାଇନା ସାମରିକ ବିଭାଗ କିଛିବର୍ଷ ହେଲା ଆଧୁନିକ ଅସ୍ତ୍ର ବିକାଶ ଉପରେ ଗୁରୁତ୍ୱ ଦେଇ ଆସୁଛି।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୧୬/୨୦୧୯ | Bhubaneswar, Tuesday, April 16/2019 | ପୃଷ୍ଠା-୧




**ନିଜକୁ ଭାଗ୍ୟବତୀ ମନେକରନ୍ତି ବିପାଶା**

ଅଭିନେତ୍ରୀ ବିପାଶା ବସୁ ସ୍ୱାମୀ କରନ୍ ସିଂ ଗ୍ରୋଭରଙ୍କ ପାଇଁ ନିଜକୁ ଭାଗ୍ୟବତୀ ମନେକରନ୍ତି ବୋଲି ପ୍ରକାଶ କରିଛନ୍ତି।

୦୨

୧୫

**ସର୍ବୋଚ୍ଚ ସ୍ତର ଛୁଇଁଛି ରପ୍ତାନି : ପ୍ରଭୁ**

ଦେଶର ରପ୍ତାନି ଗତ ଆର୍ଥିକ ବର୍ଷରେ ସର୍ବୋଚ୍ଚ ସ୍ତର ଛୁଇଁଛି। ଏହି ଅବଧିରେ ରପ୍ତାନି ୫୪୦ ବିଲିୟନ ଡଲାର ହୋଇଛି ବୋଲି ବାଣିଜ୍ୟ ମନ୍ତ୍ରୀ ସୁରେଶ ପ୍ରଭୁ କହିଛନ୍ତି।





## ଆଇସିସି ବିଶ୍ୱକପ୍: ବିରାଟ କୋହଲି ଅଧିନାୟକ

**ମୁମ୍ବାଇ, ୧୫।୪(ପି.ଟି.)**

ଆଇସିସି କ୍ରିକେଟ ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ମେ ୩୦ରୁ ଇଂଲଣ୍ଡରେ ଆରମ୍ଭ ହେବ। ଏହା ଜୁଲାଇ ୧୪ ପର୍ଯ୍ୟନ୍ତ ଚାଲିବ। କ୍ରିକେଟର ମହାକୁମ୍ଭ ଭାବେ ପରିଚିତ ଏହି ମେଗା ଇଭେଣ୍ଟ ପାଇଁ ସୋମବାର ୧୫ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ବିରାଟ କୋହଲି ପ୍ରଥମଥର ପାଇଁ ବିଶ୍ୱକପରେ ଭାରତୀୟ ଦଳର ନେତୃତ୍ୱ ନେବାକୁ ଯାଉଥିବାବେଳେ ରୋହିତ ଶର୍ମାଙ୍କୁ ତାଙ୍କ ଡେପୁଟି ଭାବେ ନିଯୁକ୍ତ କରାଯାଇଛି। ବିଶ୍ୱକପରେ ଆୟୋଜକ ଇଂଲଣ୍ଡ ସମେତ ଦକ୍ଷିଣ ଆଫ୍ରିକା, ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା, ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜ ଅଂଶଗ୍ରହଣ କରିବେ। ଜୁନ ୫ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ମ୍ୟାଚ ଖେଳି ଭାରତ ଏହାର ବିଶ୍ୱକପ ଅଭିଯାନ ଆରମ୍ଭ କରିବ। ଭାରତୀୟ ଦଳରେ ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ରୋହିତ୍ ଶର୍ମା (ଉପ-ଅଧିନାୟକ), ଲୋକେଶ ରାହୁଲ, ମହେନ୍ଦ୍ର ସିଂ ଧୋନୀ (ଉଇକେଟ୍‌କିପର), କେଦାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ବିଜୟ ଶଙ୍କର, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମହମ୍ମଦ ସାମି, ଯଶପ୍ରୀତ୍ ବୁମ୍‌ରା, ଭୁବନେଶ୍ୱର କୁମାର, ଦୀନେଶ କାର୍ତ୍ତିକ, ରବୀନ୍ଦ୍ର ଜାଡେଜା ସାମିଲ ହୋଇଛନ୍ତି।

(ସମ୍ପୂର୍ଣ୍ଣ ରିପୋର୍ଟ ଖେଳ ପୃଷ୍ଠା)

## ସ୍ୱାଭାବିକ ହେବ ମୌସୁମୀ ବର୍ଷା

**ନୂଆଦିଲ୍ଲୀ, ୧୫।୪ (ପି.ଟି.)**



କୃଷକମାନଙ୍କ ଲାଗି ଖୁସି ଖବର। ଚଳିତ ବର୍ଷ ମୌସୁମୀ ବର୍ଷା ପାଖାପାଖି ସ୍ୱାଭାବିକ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ସୋମବାର ପୂର୍ବାନୁମାନ କରିଛି। ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ଦେଶର ସବୁଭାଗରେ ଭଲ ବର୍ଷା ହେବ ବୋଲି ପାଣିପାଗ ବିଭାଗ କହିଛି। ଦୀର୍ଘମିଆଦୀ ହାରାହାରି (ଏଲ୍‌ପିଏ) ବୃଷ୍ଟିପାତ ହାର ୯୬ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଥିବାବେଳେ ଏହାଠାରୁ ୫ ପ୍ରତିଶତ କମ୍ କିମ୍ବା ବେଶି ହୋଇପାରେ ବୋଲି କୁହାଯାଇଛି।

୧୯୫୧ରୁ ୨୦୦୦ ପର୍ଯ୍ୟନ୍ତ ୫୦ ବର୍ଷର ଏଲ୍‌ପିଏକୁ ଅନୁଧ୍ୟାନ କଲେ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ୮୯ ସେଣ୍ଟିମିଟର ରହୁଛି। ମୌସୁମୀ ବର୍ଷା ଏଲ୍‌ପିଏର ୯୬ରୁ ୧୦୪ ପ୍ରତିଶତ ମଧ୍ୟରେ ରହିଲେ ଏହାକୁ ସ୍ୱାଭାବିକ ଧରାଯାଇଥାଏ। ସେହିପରି ୯୦ରୁ ୯୬ ପ୍ରତିଶତ ବୃଷ୍ଟିପାତକୁ ସ୍ୱାଭାବିକ୍‌ରୁ କମ୍ ବୋଲି କୁହାଯାଇଥାଏ। ସ୍ୱାଭାବିକ ବର୍ଷା ସାଙ୍ଗକୁ ସବୁ ଅଞ୍ଚଳରେ ବୃଷ୍ଟିର ଉତ୍ତମ ବଣ୍ଟନ ସମ୍ଭାବନା ଥିବାରୁ କୃଷି ସେକ୍ଟର ପାଇଁ ଭଲ ଖବର ବୋଲି ମୌସୁମୀ ବର୍ଷା ସମ୍ପର୍କିତ ପୂର୍ବାନୁମାନ ଜାରି କରିବା ଅବସରରେ ଭୂବିଜ୍ଞାନ ମନ୍ତ୍ରଣାଳୟ ସଚିବ ଏମ୍. ରାଜୀବନ ଏବଂ ଆଇଏମ୍‌ଡି ମହାନିର୍ଦ୍ଦେଶକ କେ.ଜେ. ରମେଶ କହିଛନ୍ତି। ପୂର୍ବ ଦୁଇ ବର୍ଷରେ ମୌସୁମୀ ବର୍ଷା ସ୍ୱାଭାବିକ୍‌ଠାରୁ କମ୍ ଥିଲା। ଗତବର୍ଷ ୯୭ ପ୍ରତିଶତ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲେ ହେଁ ଏହା ପାଖାପାଖି ୯୧ ପ୍ରତିଶତ ହୋଇଥିଲା। ଚଳିତ ବର୍ଷ ମରୁଡ଼ି ସମ୍ଭାବନା ମାତ୍ର ୧୭ ପ୍ରତିଶତ ରହିଥିବାବେଳେ ପାଖାପାଖି ସ୍ୱାଭାବିକ୍ ବୃଷ୍ଟିପାତ ସମ୍ଭାବନା ୩୯ ପ୍ରତିଶତ ରହୁଛି। ୨୦୧୪-୧୫ ଏବଂ ୨୦୧୫-୧୬ରେ ସ୍ୱାଭାବିକଠାରୁ ୧୦ ପ୍ରତିଶତ କମ୍ ବର୍ଷା ହେବାରୁ କେତେକ ଅଞ୍ଚଳରେ ମରୁଡ଼ି ଦେଖାଦେଇଥିଲା। ୨୦୧୬-୧୭ରେ ସ୍ୱାଭାବିକ ବର୍ଷା ହେବାରୁ ଖାଦ୍ୟଶସ୍ୟ ଉତ୍ପାଦନ ୨୭୫.୧୧ ନିୟୁତ ଟନ୍‌ରେ ପହଞ୍ଚିଥିଲା। ୨୦୧୭-୧୮ ଏବଂ ୨୦୧୮-୧୯ରେ ସ୍ୱାଭାବିକ୍‌ଠାରୁ କମ୍ ବର୍ଷା ହୋଇଥିଲେ ମଧ୍ୟ ଖାଦ୍ୟଶସ୍ୟ ଉତ୍ପାଦନ ଯଥାକ୍ରମେ ୨୮୪.୮୩ ନିୟୁତ ଟନ୍ ଏବଂ ୨୮୧.୩୭ ନିୟୁତ ଟନ୍ ରହିଥିଲା।

ଏଲ୍ ନିନୋ ପ୍ରଭାବରୁ ଚଳିତ ବର୍ଷ ସ୍ୱାଭାବିକ୍‌ଠାରୁ କମ୍ ବର୍ଷା ହେବ ବୋଲି ଗତ ୩ ତାରିଖରେ ଘରୋଇ ପାଣିପାଗ ସଂସ୍ଥା ସ୍କାଏମେଟ୍ ୱେଦର ପକ୍ଷରୁ ପୂର୍ବାନୁମାନ କରାଯାଇଥିଲା। ଏଥିରେ ବୃଷ୍ଟିପାତ ହାର ଏଲ୍‌ପିଏର ୯୩% ରହିବ ବୋଲି କୁହାଯାଇଥିଲା। ତେବେ ଏଲ୍ ନିନୋ ସ୍ଥିତି ଦୁର୍ବଳ ରହିବା ସମ୍ଭାବନା ଥିବାରୁ ମୌସୁମୀ ବର୍ଷାକୁ ପ୍ରଭାବିତ କରିବ ନାହିଁ ବୋଲି ଉଭୟ ରମେଶ ଓ ରାଜୀବନ କହିଛନ୍ତି।

**ଆଜିର ସମ୍ପାଦକୀୟ**

### ସମାଧାନକାରୀ ନୁହେଁ, ସୃଷ୍ଟିକର୍ତ୍ତା

**ଆଜିର ମନ୍ତବ୍ୟ**

"ରାଫାଲ ପ୍ରସଙ୍ଗରେ ସୁପ୍ରିମକୋର୍ଟ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ମିଛ ଧରାପକାଇ ଦେଇଛନ୍ତି।

–ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ


NECC NATIONAL EGG CO-ORDINATION COMMITTEE 15.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 89 | 144 | 154 |
| DKL | 88 | 142 | 152 |
| BDK | 90 | 145 | 155 |
| BLS | 92 | 148 | 158 |
| ANG | 88 | 142 | 152 |

*Conditions Apply

Eggs Retail Price- 42/-Dozen

Issued in the Interest of Consumers


■ ଭାଜପା ନେତା ମଙ୍ଗୁଳି ଜେନା ହତ୍ୟା ଘଟଣା

## ଖୋର୍ଦ୍ଧାରେ ଉତ୍ତେଜନା, ୬ ଘଣ୍ଟିଆ ବନ୍ଦ

**ଖୋର୍ଦ୍ଧା ଅଫିସ,୧୫।୪**

**ପ୍ରାକ୍ ନିର୍ବାଚନୀ ହିଂସା**

- ■ ହତ୍ୟାକାରୀଙ୍କ ଗିରଫ ଦାବିରେ ଥାନା ଘେରାଉ
- ■ ଜାତୀୟ ରାଜପଥ ସମେତ ବିଭିନ୍ନ ସ୍ଥାନରେ ରାସ୍ତାରୋକୋ
- ■ ଆଇଜିଙ୍କ ସମୀକ୍ଷା, ସାଇବର ସେଲ୍ ଓ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ
- ■ ଘଟଣାକୁ ନିନ୍ଦା କଲେ ମୁଖ୍ୟମନ୍ତ୍ରୀ
- ■ ବିଜେଡି, ନବୀନଙ୍କୁ ସମାଲୋଚନା କଲେ ନିରଞ୍ଜନ ଓ ଧର୍ମେନ୍ଦ୍ର

ଖୋର୍ଦ୍ଧା ବିଧାନସଭା ଆସନ ପାଇଁ ଆସନ୍ତା ୨୩ ତାରିଖରେ ହେବ ନିର୍ବାଚନ। ଏହାପୂର୍ବରୁ ଦେଖିବାକୁ ମିଳିଛି ପ୍ରାକ୍ ନିର୍ବାଚନୀ ହିଂସା। ଗଡ଼ିଛି ଜଣେ ଭାଜପା ନେତାଙ୍କ ମୁଣ୍ଡ। ସେ ହେଉଛନ୍ତି ଏହି ନିର୍ବାଚନମଣ୍ଡଳୀର ୯ନଂ. ଜୋନ ଭାଜପା ମଣ୍ଡଳ ସଭାପତି ତଥା ନିରାକାରପୁର ଥାନା ବଡ଼ପୋଖରିଆର ପୂର୍ବତନ ସରପଞ୍ଚ ମଙ୍ଗୁଳି ଜେନା। ତାଙ୍କୁ ରବିବାର ରାତିରେ ଗୁଳିକରି ହତ୍ୟା କରାଯାଇଛି। ଖୋର୍ଦ୍ଧା ଆଦର୍ଶଥାନା ଅନ୍ତର୍ଗତ ନବୀନାବାଗରେ ଘଟିଥିବା ଏହି ଘଟଣାକୁ ନେଇ ଜିଲାର ବିଭିନ୍ନ ସ୍ଥାନରେ ଉତ୍ତେଜନା ଦେଖାଦେଇଛି। ହତ୍ୟାକାରୀ ଓ ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ ଦାବିରେ ଜିଲାର ଏକାଧିକ ସ୍ଥାନରେ ରାସ୍ତାରୋକୋ ସହ ଥାନା ଘେରାଉ କରାଯାଇଥିଲା। ସେହିଭଳି ଘଟଣାର ପ୍ରତିବାଦରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ସୋମବାର ୬ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ଅନ୍ୟପକ୍ଷରେ ଖୋର୍ଦ୍ଧା ଆଦର୍ଶ ଥାନାରେ ଆଇପିସି ଦଫା ୩୦୨, ୩୪ ସହ ୨୫ ଓ ୨୭ ଆର୍ମସ ଆକ୍ଟ ଅନୁଯାୟୀ ମାମଲା (ନଂ. ୧୧୯/୧୯) ରୁଜୁ ହୋଇଛି। କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ତଦାରଖରେ ଥାନାଧିକାରୀ ତଦନ୍ତ ଆରମ୍ଭ କରିଛନ୍ତି। ଏସ୍‌ପି ଅମୂଲ୍ୟ ଦାସ ଓ ଏସ୍‌ଡିପିଓ ସୁଶୀଲ ମିଶ୍ର ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏ ନେଇ ୪ଟି ଟିମ୍ ଗଠନ କରାଯାଇଥିବାବେଳେ ସାଇବର ସେଲ୍ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତରେ ସହଯୋଗ କରୁଥିବା ଆଇଜି ପ୍ରିୟଦର୍ଶୀ କହିଛନ୍ତି। ମିଳିଥିବା ସୂଚନାନୁସାରେ, ହତ୍ୟାକାଣ୍ଡ ପରଠାରୁ ରବିବାର ରାତି ୨ଟାରୁ ଖୋର୍ଦ୍ଧା ଆଦର୍ଶ ଥାନା ଘେରାଉ କରାଯିବା ସହ ଏହା ସମ୍ମୁଖରେ ଭାଜପା କର୍ମୀମାନେ ରାସ୍ତାରୋକୋ ଓ ଧାରଣା ଦେଇଥିଲେ। ଭାଜପା ମୁଖପାତ୍ର ସୁଦୀପ୍ତ ରାୟ ଓ ଭାଜପା ପ୍ରାର୍ଥୀ କାଳୁ ଚରଣ ଖଣ୍ଡେଇତରାୟଙ୍କ ନେତୃତ୍ୱରେ ହୋଇଥିବା ଏହି ଧାରଣା ସୋମବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଚାଲିଥିଲା। ସେହିଭଳି ସକାଳ ୮ଟାରୁ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ☞ପୃଷ୍ଠା-୨




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଅଙ୍କିତ୍
ପରିବାରବର୍ଗ


ପିହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିଜକୁ ଭାଗ୍ୟବତୀ ମନେକରନ୍ତି ବିପାଶା



**ନୂଆଦିଲ୍ଲୀ**

୩ ବର୍ଷ ତଳେ ବିବାହ କରିଥିବା ଅଭିନେତ୍ରୀ ବିପାଶା ବସୁ ସ୍ୱାମୀ କରନ୍ ସିଂ ଗ୍ରୋଭରଙ୍କ ପାଇଁ ନିଜକୁ ଭାଗ୍ୟବତୀ ମନେକରନ୍ତି ବୋଲି ପ୍ରକାଶ କରିଛନ୍ତି। କାରଣ କରନ୍ ମହିଳା-ପୁରୁଷ ମଧ୍ୟରେ ପାତରଅନ୍ତରକୁ ବିଶ୍ୱାସ କରନ୍ତି ନାହିଁ। ୨୦୧୫ରେ ସେ କରନ୍‌ଙ୍କ ସହିତ ପ୍ରଥମେ ଡେଟିଂ ଆରମ୍ଭ କରିଥିଲେ। ୨୦୧୬ ଏପ୍ରିଲ ୩୦ରେ ଦୁହିଁଙ୍କର ବିବାହ ହୋଇଥିଲା। ଉକ୍ତ ବାହାଘର ନେଇ ଖୁବ୍ ଖୁସି ପ୍ରକାଶ କରନ୍ତି ବିପାଶା। ସେ କହନ୍ତି, ଜୀବନସାଥୀ ସବୁଠୁ ଭଲ ହେବା ଖୁବ୍ ଗୁରୁତ୍ୱପୂର୍ଣ୍ଣ। କାରଣ ଉଭୟ ଦୁଃଖସୁଖରେ ସମଭାଗୀ ହେଲେ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ। ସ୍ତ୍ରୀସ୍ୱାମୀଙ୍କ ମଧ୍ୟରୁ କେହି ଜଣେ ଘରକୁ ଫେରିବା ବେଳକୁ ଅନ୍ୟଜଣେ ତା' ବାଟକୁ ଚାହିଁ ବସିଥିଲେ ଏହା ଖୁବ୍ ଆନନ୍ଦ ଦେଇଥାଏ ବୋଲି ବିପାଶା ପ୍ରକାଶ କରିଛନ୍ତି।

୪୦ବର୍ଷ ବୟସ୍କା ବିପାଶା ତାଙ୍କ ସ୍ୱାମୀଙ୍କୁ ପ୍ରଶଂସା ନ କରି ରହିପାରନ୍ତି ନାହିଁ। କାରଣ ପ୍ରତ୍ୟେକ କାର୍ଯ୍ୟରେ କରନ୍ ତାଙ୍କୁ ସହାୟତା କରନ୍ତି ବୋଲି ବିପାଶା କହିଛନ୍ତି। ସେ ୨୦୧୫ରେ ହରର୍ ଫିଲ୍ମ 'ଆଲନ୍' ଶୁଟିଂସେଟ୍‌ରେ କରନ୍‌ଙ୍କୁ ପ୍ରଥମକରି ଭେଟିଥିଲେ। ଉଭୟ ଆଗାମୀ ଫିଲ୍ମ 'ଆଦତ'ରେ ଏକାଠି ଅଭିନୟ କରିବାକୁ ଯାଉଛନ୍ତି।

# ଝାଡ଼ଖଣ୍ଡରେ ଏନ୍‌କାଉଣ୍ଟର



ଏନ୍‌କାଉଣ୍ଟର ବେଳେ ମାଓବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନ ବିଶ୍ୱଜିତ ଚୌହାନଙ୍କୁ ବରିଷ୍ଠ ଅଧିକାରୀମାନେ ଝାଡ଼ଖଣ୍ଡର ରାଞ୍ଚିସ୍ଥିତ ୧୩୩ ସିଆର୍‌ପିଏଫ୍ ବାଟାଲିୟନ୍ ମୁଖ୍ୟାଳୟରେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

- ୩ ମାଓବାଦୀ ନିହତ
- ସିଆର୍‌ପିଏଫ୍ ଯବାନ ଶହୀଦ

**ରାଞ୍ଚି,୧୫।୪(ପି.ଟି.)**

ଝାଡ଼ଖଣ୍ଡର ଗିରିଡିହ ଜିଲାରେ ସୋମବାର ଏନ୍‌କାଉଣ୍ଟରରେ ୩ ମାଓବାଦୀ ନିହତ ହୋଇଥିବାବେଳେ ସିଆର୍‌ପିଏଫ୍‌ର ଜଣେ ଯବାନ ଶହୀଦ ହୋଇଛନ୍ତି। ସିଆର୍‌ପିଏଫ୍‌ର ସପ୍ତମ ବାଟାଲିୟନ ପକ୍ଷରୁ ମାଓବାଦୀ ଦମନ କାର୍ଯ୍ୟାନୁଷ୍ଠାନ ଚାଲିଥିବାବେଳେ ସୋମବାର ସକାଳ ୬ଟାରେ ବେଲଭା ଘାଟ ଜଙ୍ଗଲ ମଧ୍ୟରେ ଏନ୍‌କାଉଣ୍ଟର ହୋଇଥିଲା। ଏନ୍‌କାଉଣ୍ଟର ସ୍ଥଳରୁ ତିନି ମାଓବାଦୀଙ୍କ ମୃତଦେହ, ଗୋଟିଏ ଏକେ-୪୭ ରାଇଫଲ, ତିନୋଟି ମାଗାଜିନ, ୪ ପାଇପ୍ ବୋମା ଉଦ୍ଧାର ହୋଇଛି। ଶହୀଦ ହୋଇଥିବା ସିଆର୍‌ପିଏଫ୍ କନ୍‌ଷ୍ଟେବଲ ବିଶ୍ୱଜିତ ଚୌହାନଙ୍କ ଘର ଆସାମର ଉଡାଲଗୁରିରେ ବୋଲି ଜଣାପଡିଛି। ଝାଡ଼ଖଣ୍ଡରେ ଶେଷ ୪ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି।

## କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷରେ ଖଦି ସାମଗ୍ରୀ ବିକ୍ରି ୨୮% ବଢି ୩୨୧୫ କୋଟି ଟଙ୍କା ଛୁଇଁଛି।
– ଖଦି ଏବଂ ଗ୍ରାମୋଦ୍ୟୋଗ କମିଶନ

# ପ୍ରଚଣ୍ଡ ଗ୍ରୀଷ୍ମ: ୪୦ ଡିଗ୍ରୀ ଉପରେ ୧୨ ସହର

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

ରାଜ୍ୟରେ ତାତି ଅସହ୍ୟ ହେଲାଣି । ସବୁଠି ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ତତଲା ହାଓ୍ୱା ସାଙ୍ଗକୁ ଗୁଳୁଗୁଳି ପରିବେଶକୁ ଉତ୍ତପ୍ତ କରି ପକାଇଛି। କେବଳ ପଶ୍ଚିମ କିମ୍ବା ଆଭ୍ୟନ୍ତରୀଣ ଓଡ଼ିଶା ନୁହେଁ ଉପକୂଳ ଓ ଦକ୍ଷିଣ ଓଡ଼ିଶା ମଧ୍ୟ ପ୍ରଚଣ୍ଡ ଗ୍ରୀଷ୍ମରେ ତ୍ରାହି ତ୍ରାହି ଡାକୁଛି। ଗତ ଦୁଇଦିନରେ ପାରଦ ୩ରୁ ୪ ଡିଗ୍ରୀ ସେଲସିୟସ ବଢିଗଲାଣି। ରାଜ୍ୟର ୧୨ଟି ସହରରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ରୁ ୪୩ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାର ତାଳଚେରରେ ରାଜ୍ୟର ସର୍ବାଧିକ ତାପମାତ୍ରା ୪୩.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଏକାଦଶ ସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟି ଆପଣଙ୍କୁ ଅର୍ଥପ୍ରାପ୍ତି, ବନ୍ଧୁ ସମ୍ପର୍କ, ସଭାସମିତି ଓ ଫଳପ୍ରଦ ଆଲୋଚନା ପାଇଁ ଉତ୍ତମ ପରିବେଶ ସୃଷ୍ଟି କରିବ। କିନ୍ତୁ ରବି ଅଶ୍ୱିନୀ ନକ୍ଷତ୍ରରେ ରହିଥିବାରୁ ଉଚ୍ଚବର୍ଗର ବ୍ୟକ୍ତି, ଗୁରୁଜନଙ୍କୁ କେନ୍ଦ୍ରକରି ପାରିବାରିକ କଳହର ଆଶଙ୍କା ଦେଖାଦେବ। କର୍ମଦିଗଟି ଭଲ ରହିଲେ ମଧ୍ୟ ପରିଚାଳନା ସମସ୍ୟାରେ ଚିନ୍ତିତ ହେବେ।

**ବୃଷ**
ଚନ୍ଦ୍ର କେନ୍ଦ୍ରରେ ଶୁକ୍ରଙ୍କ ନକ୍ଷତ୍ର ପୂର୍ବାଫାଲଗୁନୀରେ ରହି ଆପଣଙ୍କୁ କାର୍ଯ୍ୟସିଦ୍ଧି, ଅଭିଳଷିତ ଦ୍ରବ୍ୟ ପ୍ରାପ୍ତି, ମିତ୍ରବନ୍ଧୁଙ୍କ ସହାୟତା ପ୍ରଦାନ କରିପାରେ। ଆର୍ଥିକ ଉନ୍ନତି ସହ ବିଳାସ ଉପକରଣ,ନୂତନ କର୍ମାରମ୍ଭ ଓ ଧାର୍ମିକ ବାତାବରଣ ମଧ୍ୟ ସୃଷ୍ଟି କରିବ। ସଭାସମିତିରେ, ରାଜନୈତିକ ସ୍ତରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପ୍ରତିଯୋଗିତା କାର୍ଯ୍ୟକ୍ରମରେ ସୁନାମ ଅର୍ଜନ କରିବେ।

**ମିଥୁନ**
ରାଶ୍ୟାଧିପତି କର୍ମସ୍ଥାନରେ ଶୁକ୍ର ଯୁକ୍ତ ହୋଇ ପରିବାର ସ୍ଥାନକୁ ଅବଲୋକନ କରୁଥିବାରୁ ପାରିବାରିକ ସୁଖ ସମୃଦ୍ଧି ଓ ବନ୍ଧୁଙ୍କ ସହ ଭ୍ରମଣ ଓ ନୂତନ ସ୍ଥାନ ପରିଦର୍ଶନର ମଉକା ପାଇବେ। ଆଜିର ଦୂରଯାତ୍ରା ସମୟରେ ଜାଣିଶୁଣି କେତେକ ଅପରିଚିତ ବ୍ୟକ୍ତି ସମସ୍ୟା ସୃଷ୍ଟିରେ ସହାୟକ ହୋଇପାରନ୍ତି। ଯାନବାହନ ଚାଳନା, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତାରେ ସତର୍କତା ଅବଲମ୍ବନ କରିବା ଭଲ।

**କର୍କଟ**
ଚନ୍ଦ୍ର ସୁଖଭାବରେ ରହିଥିବାରୁ ଆଜି ଦିନଟି ଆପଣଙ୍କ ମନ ବହୁତ ଖୁସି ରହିବ। ଏପରି କି ବନ୍ଧୁ ଗହଣରେ ହସଖୁସିରେ ସମୟ କଟିବ। କୌଶଳ ପ୍ରୟୋଗ ପୂର୍ବକ କୂଟନୀତି ବଳରେ କାର୍ଯ୍ୟ ସାଧନ କରିପାରନ୍ତି। ସାମାଜିକ ସ୍ତରରେ କେତେକ ସନ୍ଦେହଜନକ ପରିସ୍ଥିତିକୁ ଲକ୍ଷ୍ୟ କରି ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେ ନାହିଁ।

**ସିଂହ**
ରାଶିରେ ବ୍ୟୟାଧିପତି ରହି ଆଜି ଆପଣଙ୍କୁ ବ୍ୟୟ ବହୁଳତା ମାଧ୍ୟମରେ ମନସ୍ତାପ ସୃଷ୍ଟି କରିପାରନ୍ତି। ଭାଗ୍ୟସ୍ଥାନରେ ରାଶ୍ୟାଧିପ ଆପଣଙ୍କ ସମସ୍ତ କାର୍ଯ୍ୟକୁ ସମ୍ମାନର ସହ ସମ୍ପନ୍ନ କରାଇବେ। ଏକାଦଶସ୍ଥ ରାହୁ ମନ୍ତ୍ରଣା ସ୍ଥାନକୁ ପ୍ରଭାବିତ କରୁଥିବାରୁ ଖଳ ଲୋକମାନଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ସଫଳତା ପାଇବେ।

**କନ୍ୟା**
ଧନକର୍ମାଧିପ ରାଶ୍ୟାଧିପ ସହ ରହିଥିବାରୁ ଆଜି ଯେଉଁ କାମରେ ହାତଦେବେ ସେଥିରେ ଆପଣ ନିଶ୍ଚିତ କୃତକାର୍ଯ୍ୟ ହେବେ। ପାରିବାରିକ କ୍ଷେତ୍ର, ଜମିଜମା ବ୍ୟବସାୟ, ବିଦ୍ୟୁତ୍, ଇଟାଭାଟି, ସମ୍ପର୍କୀୟ କ୍ଷେତ୍ର ମଧ୍ୟ ବିବାଦୀୟ ରହିବ। ଅଭାବ ରହିଲେ ମଧ୍ୟ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ପାଇବାରେ କୌଣସି ଅସୁବିଧା ହେବ ନାହିଁ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ତୁଳା**
ଆଜିର ଚନ୍ଦ୍ର ଆପଣଙ୍କ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରି ମାନସିକ ଓ ଶାରୀରିକ ସୁସ୍ଥତା ରଖିବେ। ସପ୍ତମାଧିପ ମଙ୍ଗଳ ଦୁଃସ୍ଥାନରେ ରହି ଆପଣଙ୍କ ଅର୍ଥ ଓ ପାରିବାରିକ ସମ୍ପର୍କକୁ କ୍ଷୁଣ୍ଣ କରିପାରନ୍ତି। ବନ୍ଧୁମାନଙ୍କୁ ଗଠନ ମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବିଛା**
କର୍ମସ୍ଥାନରେ ଭାଗ୍ୟାଧିପତି ଆପଣଙ୍କ ପ୍ରତ୍ୟେକ କର୍ମକୁ ବାଧାମୁକ୍ତ କରାଇବା ସହ ଆଶା ପୂରଣରେ ସହାୟକ ହେବେ। ପ୍ରତ୍ୟେକ ସ୍ତରରେ ଆଲୋଚନା ପରିସରରେ ଯୁକ୍ତିଯୁକ୍ତ କଥା କହି ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିପାରିବେ। ସାମାଜିକ ସ୍ତରରେ ବ୍ୟକ୍ତିବିଶେଷଙ୍କୁ ପ୍ରୀତ କରାଇ ପ୍ରଶଂସିତ ହୋଇପାରନ୍ତି। ବହୁ ପ୍ରତୀକ୍ଷିତ ଖବରଟି ଆକସ୍ମିକ ଭାବରେ ପାଇ ଖୁସି ହେବେ।

**ଧନୁ**
ଅନୁକୂଳ ସ୍ଥିତିରେ ଭାଗ୍ୟାଧିପ ଆପଣଙ୍କ ଉଦ୍ୟମକୁ ସାକାର କରିବା ପାଇଁ ସୁସ୍ଥ ବାତାବରଣ ସୃଷ୍ଟି କରିବେ। ଚନ୍ଦ୍ରଙ୍କ ପ୍ରଭାବରେ ମାନସିକ ସ୍ଥିତି ଭଲ ରହିବା ସାଙ୍ଗକୁ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପାପଯୁକ୍ତ ବୃହସ୍ପତିଙ୍କ ଯୋଗୁ ସାମାନ୍ୟ ଶାରୀରିକ ପୀଡ଼ା ଅନୁଭବ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ହୋଟେଲ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ମକର**
ଆଜି ଅଷ୍ଟମସ୍ଥ ଚନ୍ଦ୍ର ଆପଣଙ୍କ ମାନସିକ ସ୍ଥିତିକୁ ବିଗାଡି ଦେଇପାରେ। ଯେତେ ପ୍ରକାରର ସୁବିଧା ଥିଲେ ମଧ୍ୟ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରିବେ। ପିଲାମାନଙ୍କ କଳହକୁ କେନ୍ଦ୍ର କରି ଓ ପ୍ରକୃତ ଘଟଣା ନ ବୁଝି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଅବଶ୍ୟ ବୈବାହିକ କର୍ମ ସମ୍ପାଦନା ପରିପ୍ରେକ୍ଷୀରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବାର ସୂଚନା ରହିଛି।

**କୁମ୍ଭ**
ଷଷ୍ଠାଧିପତି ସପ୍ତମ କେନ୍ଦ୍ରରେ ରହି ପରିବାର, ବନ୍ଧୁ, କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି। କେତେକ କ୍ଷେତ୍ରରେ ମନ କଥାକୁ ମନରେ ରଖି କାମରେ ଅଗ୍ରସର ହେବାକୁ ବାଧ୍ୟ ହେବେ। ନିଜ ଲୋକ କେହି ଶତ୍ରୁତା କରିପାରନ୍ତି। ସାହାଯ୍ୟ କରିବା ପରିପ୍ରେକ୍ଷୀରେ ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି।

**ମୀନ**
ଚନ୍ଦ୍ରଙ୍କ ସ୍ଥିତି ଆପଣଙ୍କୁ ବିବାଦୀୟ ମନ୍ତବ୍ୟ,ସନ୍ତାନ ହେତୁକ ପୀଡା ପ୍ରଦାନ କରିପାରେ । ତଥାପି ଉତ୍ତରଭାଦ୍ରପଦ୍ ନକ୍ଷତ୍ର ପ୍ରତ୍ୟେକ ଦିଗରୁ ସହଯୋଗ ପାଇ କର୍ମକ୍ଷେତ୍ରରେ ପ୍ରତିଷ୍ଠାଲାଭ କରିବେ । ପାରିବାରିକ କ୍ଷେତ୍ର ଓ ସ୍ୱାସ୍ଥ୍ୟ ସମସ୍ୟା ପ୍ରାୟତଃ ଊଣା ହେବ ନାହିଁ। ବିବାଦୀୟ ଘଟଣାରେ କିମ୍ବା ଅର୍ଥ ପ୍ରାପ୍ତିରେ ଦୃଢ଼ ପଦକ୍ଷେପ ନେଇ କାମ ହାସଲ କରିପାରିବେ ।

ଆଜି ଚୈତ୍ର ଶୁକ୍ଳ ଦ୍ୱାଦଶୀ ମଙ୍ଗଳବାର, ବୈଷ୍ଣବ ସମ୍ମତ ଏକାଦଶୀ ଉପବାସ, ଶ୍ରୀମନ୍ଦିରରେ ଶ୍ରୀରାମ ବନବାସ ଓ କନ୍ଦର୍ପାଧିବାସ, ଚୈତ୍ର ମଙ୍ଗଳବାର ଓଷା,ଚତୁର୍ଥ ଓ ଶେଷ ପାଳି, ଏପ୍ରିଲ ୧୬ ତାରିଖ, ରାଶି ନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ମକରରାଶିର ଘାତବାର, ଦିବା ଘ୮ ।୩୩ମି. ଗତେ ଘ୧୦ ।୦୭ମି. ମଧ୍ୟେ, ଘ୧୧ ।୪୧ମି. ଗତେ ଘ୧ ।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୦ ।୦୭ମି. ଗତେ ଘ୧୧ ।୪୧ମି. ମଧ୍ୟେ ଘ୨ ।୫୪ମି. ଗତେ ଘ୪ ।୧୮ମି. ମଧ୍ୟେ ମାହେନ୍ଦ୍ରବେଳା।

ପ୍ରଥମ ପୃଷ୍ଠାରୁ...

# ଖୋର୍ଦ୍ଧାରେ ଉତ୍ତେଜନା...

ସମ୍ମୁଖରେ ଆନ୍ଦୋଳନକାରୀମାନେ ଟାୟାର ଜାଳିବା ସହ ରାସ୍ତା ଉପରେ ବାଇକ ରଖି ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ନୟାଗଡ଼ ରୋଡ୍‌ସ୍ଥିତ ଚଣ୍ଡିଚୁଆଠାରେ ରାଜପଥକୁ ମଧ୍ୟ ଦୀର୍ଘ ସମୟ ଧରି ଅବରୋଧ କରାଯାଇଥିଲା। ଫଳରେ ନୂଆ ବସ୍‌ଷ୍ଟାଣ୍ଡ୍ ରାସ୍ତା ସମେତ ସହରର ବିଭିନ୍ନ ରାସ୍ତାରେ ଯାନବାହନ ସହ ଆମ୍ବୁଲାନ୍ସ ମଧ୍ୟ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ରୋଗୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ନ ପାରି ହଟହଟା ହୋଇଥିଲେ। ଭାଜପା ପ୍ରାର୍ଥୀ ଖଣ୍ଡେଇତରାୟଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାକାରୀମାନେ ବିଜେଡି ବିରୋଧରେ ନାନା ନାରା ଦେଇ ବନ୍ଦ ଡାକରା ଦେଇଥିଲେ। ଫଳରେ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। କୋଲକାତା-ଚେନ୍ନାଇ ୧୬ ନଂ. ଜାତୀୟ ରାଜପଥର ନିରାକାରପୁର ଥାନା ବଡ଼ପୋଖରିଆ ଅଞ୍ଚଳରେ ଅନୁରୂପ ଭାବେ ସକାଳୁ ରାସ୍ତାରୋକୋ ଚାଲୁ ରହିଥିଲା। ୪ଦିନ ଭିତରେ ହତ୍ୟାକାରୀଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ଦାସ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୪ଟା ୧୫ରେ ରାସ୍ତା ଅବରୋଧ ହଟିଥିଲା।

ଅନ୍ୟପକ୍ଷରେ ଘଟଣାକୁ ନେଇ ମୃତକଙ୍କ ଭାଇ ବିଷ୍ଣୁ ଚରଣ ଜେନା ଖୋର୍ଦ୍ଧା ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏତଲାରେ ଉଲ୍ଲେଖ ରହିଛି ଯେ, ମଙ୍ଗୁଳିଙ୍କ ସହ ବିଷ୍ଣୁ ରବିବାର ରାତିରେ ଭାଜପା ପ୍ରାର୍ଥୀ ଖଣ୍ଡେଇତରାୟଙ୍କ ନବୀନାବାଗ ଗାନ୍ଧୀପଡିଆସ୍ଥିତ ବାସଭବନରେ ପହଞ୍ଚି କଥାବାର୍ତ୍ତା ହୋଇଥିଲେ। ରାତି ପ୍ରାୟ ସାଢ଼େ ୧୧ଟାରେ ଘରକୁ ଫେରିବାକୁ ସେମାନେ ଦଳର ଜଣେ କର୍ମୀ ପ୍ରଫୁଲ ଖଣ୍ଡେଇତରାୟଙ୍କ ସହ ବୋଲେରୋରେ ବସିଥିଲେ। ଏହି ସମୟରେ ଆଉ ଏକ ବୋଲେରୋ ଆସି ନିକଟରେ ଅଟକିଥିଲା। ସେଥିରେ କେତେଜଣ ଲୋକ ବସିଥିବାବେଳେ ଗାଡିରୁ ସଚିନ୍ ବଳିୟାରସିଂ ଓ ସରପଞ୍ଚ ସାଗର ବଳିୟାରସିଂ ବାହାରିଥିଲେ। ଏହି ସମୟରେ ଜଣେ ଯୁବକ ଏକ ବାଇକ୍‌ରେ ଆସି ସଚିନ୍ ଓ ଅନ୍ୟମାନଙ୍କ ସହ କଥା ହୋଇଥିଲେ। ସେଠାରୁ ଉକ୍ତ ଯୁବକ ଜଣକ ଆସି ଭାଜପା ପ୍ରାର୍ଥୀ ଖଣ୍ଡେଇତରାୟଙ୍କ ଉପରକୁ ଗୁଳି କରିଥିଲେ। ମାତ୍ର ସେ ଖସିଯିବା ପରେ ତାଙ୍କ ବୋଲେରୋ ଉପରକୁ ୩ରୁ ୪ରାଉଣ୍ଡ ଗୁଳିମାଡ଼ ହୋଇଥିଲା। ସେଥିରୁ ୨ଟି ଗୁଳି ମଙ୍ଗୁଳିଙ୍କ ବାମ ପିଞ୍ଜରା ଓ ବାହୁରେ ବାଜିଥିଲା। ଅନ୍ୟ ଏକ ଗୁଳି ବିଷ୍ଣୁ ବସିଥିବା ଗାଡି ସିଟ୍‌ରେ ବାଜିଥିଲା। ପରେ ଗୁଳି ଚଳାଇଥିବା ଯୁବକ ଅନ୍ୟ ବୋଲେରୋରେ ଥିବା ଲୋକଙ୍କୁ ଇସାରା ଦେଇ ଘଟଣାସ୍ଥଳରୁ ପଳାଇଥିଲେ। ସେହି ବୋଲେରୋଟି ବିଜେଡି ପ୍ରାର୍ଥୀଙ୍କ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଅଛି। ପୂର୍ବରାଗ ଓ ରାଜନୈତିକ ଶତ୍ରୁତାକୁ ନେଇ ମଙ୍ଗୁଳିଙ୍କୁ ହତ୍ୟା କରାଯାଇଥିବା ବିଷ୍ଣୁ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

ଘଟଣା ସଂକ୍ରାନ୍ତରେ ଖୋର୍ଦ୍ଧା ଭାଜପା ପ୍ରାର୍ଥୀ ଖଣ୍ଡେଇତରାୟ ଗଣମାଧ୍ୟମରେ ଭିନ୍ନ ଭିନ୍ନ ବିବୃତି ଦେଇଛନ୍ତି। ହତ୍ୟାକାରୀ ଗାମୁଛା ଘୋଡାଇ ଆସିଥିବା ସେ କହୁଥିବାବେଳେ ଅନ୍ୟ ଏକ ବିବୃତିରେ ହେଲ୍‌ମେଟ ପିନ୍ଧି ଗାଡିରେ ଆସିଥିବା କହିଛନ୍ତି। ସେ କହିଛନ୍ତି, 'ରବିବାର ରାତି ପ୍ରାୟ ୧୧ଟା ୨୦ରେ ଗାନ୍ଧୀପଡିଆସ୍ଥିତ ମୋ ଘରର ଉପର ମହଲାରେ ଆମେ ବସିଥିଲୁ। ପରେ ତଳକୁ ଆସି ମଙ୍ଗୁଳିଙ୍କ ସହ ମୁଁ କଥା ହେଉଥିଲି। ଏହି ସମୟରେ ସେଠାରେ ପ୍ରାୟ ୧୦ରୁ ୧୫ଜଣ ଲୋକ ଥିଲେ। ମଙ୍ଗୁଳିଙ୍କ ସହ ଟାଙ୍ଗୀ ଅଞ୍ଚଳର ମୋର ଜଣେ ସହଯୋଗୀ ଯାଇଥାନ୍ତେ। ଏହି ସମୟରେ ମୁହଁରେ ଗାମୁଛା ପକାଇ ଦୁଇ ଜଣ ବାଇକରେ ଆସିଲେ। ସେମାନଙ୍କ ମଧ୍ୟରୁ ଜଣେ ଗୁଳି ଚଳାଇଥିଲେ। ଗୁଳିଟା ମୋ ପାର୍ଶ୍ୱଦେଇ ପଳାଇଲା। ମୁଁ ବୋଉଲୋ କହି ପଳାଇ ଆସିଲି। ସେହି ସମୟରେ ଗାଡି ଭିତରେ ମଙ୍ଗୁଳି ଜେନାଙ୍କୁ ୨ ରାଉଣ୍ଡ ଗୁଳି ହୋଇଥିଲା। ସେ ଗାଡି ଭିତରେ ଟଳି ପଡିଥିଲେ।'

ହତ୍ୟାକାଣ୍ଡକୁ ନେଇ ସୋମବାର ଦିନତମାମ ଉତ୍ତେଜନା ଲାଗି ରହିଥିବାବେଳେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଖୋର୍ଦ୍ଧା ଏସ୍‌ପିଙ୍କ କାର୍ଯ୍ୟାଳୟରେ ସମୀକ୍ଷା କରିବା ସହ ଭୁବନେଶ୍ୱରରେ ଡିଜିପିଙ୍କ କ୍ୟାମ୍ପ୍ ଅଫିସ୍‌ରେ ଖବରଦାତା ସମ୍ମିଳନୀ କରି ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଅଭିଯୋଗରେ ନିର୍ଦ୍ଦିଷ୍ଟ ଲୋକଙ୍କ ନାଁ ରହିଛି। ପୋଲିସର ପ୍ରଥମ ଲକ୍ଷ୍ୟ ହତ୍ୟାକାରୀ ଓ ଆତତାୟୀଙ୍କୁ ଗିରଫ କରିବା। ଏଥପାଇଁ ଖୋର୍ଦ୍ଧା ଆଦର୍ଶ ଥାନାର ଆଇଆଇସିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ଆଇଆଇସିଙ୍କୁ ସହାୟତା ପାଇଁ ୪ ଟିମ ଗଠନ ହୋଇଛି। କଟକ କ୍ରାଇମ୍‌ବ୍ରାଞ୍ଚର ସାଇବର ସେଲ ଟିମ୍ ଓ ସାଇଣ୍ଟିଫିକ୍ ଟିମ ତଦନ୍ତରେ ସହଯୋଗ କରୁଛି। ନିର୍ବାଚନକୁ କିପରି ଶାନ୍ତିଶୃଙ୍ଖଳାର ସହ ଶେଷ କରାଯିବ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ତେବେ ଏହି ଘଟଣାରେ ରାଜନୈତିକ ସମ୍ପୃକ୍ତି ଥିବା ଅଭିଯୋଗ ରହିଥିବାରୁ ତାହାକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଛି। ଘଟଣାସ୍ଥଳରେ ଲାଗିଥିବା ୨ ସିସିଟିଭି ଫୁଟେଜକୁ ଯାଞ୍ଚ କରାଯାଉଛି। ତେବେ ଗୋଟିଏ ଫୁଟେଜ୍ କ୍ଲିଅର ନାହିଁ। ତୁରନ୍ତ ହତ୍ୟାକଣ୍ଡର ପର୍ଦ୍ଦାଫାଶ ହେବ ବୋଲି ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି।



ମଙ୍ଗୁଳି ଜେନାଙ୍କ ହତ୍ୟା ପ୍ରତିବାଦରେ ଖୋର୍ଦ୍ଧା ଥାନା ସମ୍ମୁଖରେ ଧାରଣାରେ ବସିଥିବା ଭାଜପା କର୍ମୀ।

ଅନ୍ୟପକ୍ଷରେ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ। ଖୋର୍ଦ୍ଧାରେ ହୋଇଥିବା ହିଂସାକୁ ସେ ଦୃଢ଼ ନିନ୍ଦା କରି ଟୁଇଟ୍ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ନିର୍ଦ୍ଦେଶ ଦେବାକୁ ନିର୍ବାଚନ କମିଶନରଙ୍କୁ ଅନୁରୋଧ କରିଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଏହା ବିଜେଡିର ହତାଶାର ପରିଭାଷା। ଶାସକ ଦଳ ପରାଜୟ ଭୟରେ ଏଭଳି କରୁଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାଜପା ପାର୍ଟି ଅଫିସରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଶୋକ ପ୍ରକାଶ କରି କହିଛନ୍ତି ଯେ, ଦଳୀୟ କାର୍ଯ୍ୟକ୍ରମ ନେଇ ଆଲୋଚନା ବେଳେ ହୋଇଛି ଗୁଳିକାଣ୍ଡ। ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ। କିଛି ଲୋକ ହାରିବା ଭୟରେ ହିଂସାର ବାଟ ଆପଣାଇଛନ୍ତି। ଗଣତନ୍ତ୍ରରେ ବାଲଟ୍‌ର ଲଢେଇ ବୁଲେଟ୍‌ର ନୁହେଁ। ମୁଖ୍ୟମନ୍ତ୍ରୀ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। କାର୍ଯ୍ୟାନୁଷ୍ଠାନ ନେବା ପୋଲିସର କାମ, ନିର୍ବାଚନ କମିଶନଙ୍କ ନୁହେଁ। ଶାସକ ଦଳ ଭାଜପା କର୍ମୀଙ୍କୁ ହତ୍ୟା କରି ବିଜୟୀ ହେବାକୁ ଚେଷ୍ଟା କରୁଛି। ଲୋକେ ୧୧ରେ ଏହାର ଜବାବ ଦେଇଛନ୍ତି, ଆଗାମୀ ୧୮, ୨୩ ଓ ୨୯ ତାରିଖରେ ମଧ୍ୟ ଦେବେ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ବିଜେଡିର ସମ୍ପୃକ୍ତି ଅଭିଯୋଗ ଆଣିଲା ଭାଜପା

ରାଜନୈତିକ ବିବାଦ ଓ ଶତ୍ରୁତାରୁ ଭାଜପା ନେତା ମଙ୍ଗୁଳି ଜେନାଙ୍କୁ ହତ୍ୟା କରାଯାଇଥିବା କୁହାଯାଉଥିବାବେଳେ ଏ ନେଇ ମଧ୍ୟ ମୃତକଙ୍କ ଭାଇ ଥାନାରେ କରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ହତ୍ୟାକାଣ୍ଡରେ ବିଜେଡିର ହାତ ରହିଥିବା ଭାଜପା ମୁଖପାତ୍ର ସୁଦୀପ୍ତ ରାୟ ଓ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ କାଳୁ ଖଣ୍ଡେଇତରାୟ ଅଭିଯୋଗ ଆଣିଛନ୍ତି। ମାତ୍ର ବିଜେଡି ପ୍ରାର୍ଥୀ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏହାକୁ ଖଣ୍ଡନ କରିଛନ୍ତି। ମିତ୍ରଙ୍କ କହିବାନୁସାରେ, ବିଜେଡି ଭଲ ସ୍ଥିତିରେ ଅଛି। ଭୋଟରଙ୍କୁ ବିଭ୍ରାନ୍ତ ଓ ବିଜେଡିକୁ ବଦନାମ କରିବାକୁ ଯୋଜନାବଦ୍ଧ ଭାବେ ଭାଜପା ଷଡ଼ଯନ୍ତ୍ର କରିଛି। ତେବେ ଏହା ଏକ ନିନ୍ଦନୀୟ ଘଟଣା। ସବୁ ପ୍ରକାରର ତଦନ୍ତକୁ ବିଜେଡି ସ୍ୱାଗତ କରୁଛି। ଏଥିରେ ଯେଉଁମାନେ ସଂପୃକ୍ତ ଅଛନ୍ତି ସେମାନଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ମିତ୍ର ଦାବି କରିଛନ୍ତି।


# classifieds

**automobile**

**SALE**

Ashok Leyland 36 seater AC bus model-II, Bolero pickup 2016 for sale. Contact: 8908213777. D- 64957

**real estate**

**SALE**

Commercial plot Prime location. Laxmisagar and Hanspal square. Contact: 7992916484. D-12156

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/-, BEC College ଠାରେ 1200କୁ 3,00,000/- (outright). 9776934361, 8144706560. D-66317

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66075

ନଖରା ତ୍ରିନାଥ ବଜାର ଠାରେ SC ଘରବାରି ପ୍ଲଟ 1200କୁ 3,80,000/- ପ୍ରତାପ ନଗରୀ ଧାକୁଲେଇ ପୀଠ ଠାରେ 1200କୁ 3,00,000/- (outright). 9776934361, 8144706560. D-66318

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66336

CV Raman College ପାଖରେ yellowzone plot 2000 sqft. ବିକ୍ରିହେବ। Contact: 9778928492. D-65638

Plot sale Patia sqft.-1,090/-, Sundarpada-300/-, Pitapalli- 620/-. 7377735755. D-12111

ଭୁବନେଶ୍ୱର KEC, ଗୁଡ଼ିଆ ପୋଖରୀଠାରେ 30'road Boundary wall, electry, gharabari, temple, sqft. 650/-ରେ ଦିଆଯାଉ ଅଛି। 7008045582, 9692003948. D-12088

1600 sqft. Gharabari plot with Boundary 30'road Electricity- 11,52,000/- near infovalley Batabhuasuni Temple. 9438400633. D-66338

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

**LEASE**

Land requires on basis of outright, sharing, marketing. 9583295832, 9437261587. D-12164

**to-let**

Rent for office at Esplanade mall, Rasulgarh. Contact: 9861037729, 9040337729. D-68943

**healthcare**

Fully refreshed/ relaxed body massage by expert therapist, Shastri Nagar. 7377984773. D-66060

Rejuvenate and Ayurvedic full body massage by smart therapist. 9114402304. D-66059

Summer special mesmerizing offer expert therapeutic refreshing massage appointment. 9668374480. D-66080

Herbal full body massage with refreshment by well trained therapist. 7381239385, 0674-2540855. D-66076

Experience full body massage with us by experts. Enquiry- 0674-2597822, 7377048581. D-66077

Herbal full body massage by smart/expert therapist. Contact: 8338067247. D-66078

Ayurvedic full body massage ladies/ gents experts therapist. 8338097451 . D-65877

Newly opening ayurvedic body massage smart therapist Shree herbal. 7750020754. D-66079

Newly open body massage by ladies/ gents Samantrapur, BBSR. 7749975576. D-65875

Ayurvedic full body massage ladies/ gents smart experts therapist. 9114697517. D-65876

Sampark ayurvedic massage club fully relaxed by smart lady, home service available. 8280102993. D-65873

**AFFIDAVIT**

By virtue of an affidavit No.47AA721728, Dt.15.04.2019. I, Sri Bibekananda Dalai states that my name as per HSCE Certificate Vivekananda Dalai change to as per my Aadhar Card and all documents Bibekananda Dalai. D-12157

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଜନ୍ମଦିନ ଶୁଭେଚ୍ଛା**



**ଅଙ୍କିତ୍ ସାମନ୍ତରାୟ**
ସମ୍ବଲପୁର

ଆଜି ତୋର ତ୍ରୟୋଦଶ ଜନ୍ମଦିବସରେ "ମା' ତାରିଣୀ" ତୋର ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ।

ଶୁଭେଚ୍ଛା ସହ
ମା, ଅଜା, ଆଈ, ପାପା, ମାମା, ଗୁନା, ଟୁଣ୍ଡୁ, ଲାଡୁ, ବାବୁନି, ଚିଙ୍ଗଲା। ଧ-୧୨୧୬୦







# ‘ନିର୍ଭୟ’ର ସଫଳ ପରୀକ୍ଷଣ

## ■ ଶତ୍ରୁପକ୍ଷର ରାଡାରକୁ ଚକ୍‌ମା ଦେବାକୁ ସମର୍ଥ

**ବାଲେଶ୍ୱର ଅଫିସ, ୧୫।୪**

ବାଲେଶ୍ୱର ଚାନ୍ଦିପୁରସ୍ଥିତ ଟେଷ୍ଟ ରେଞ୍ଜରୁ ସୋମବାର ପୂର୍ବାହ୍ନ ୧୧ଟା ୪୫ ମିନିଟ୍ ସମୟରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଦୂରଗାମୀ ସବ୍-ସୋନିକ କ୍ରୁଜ କ୍ଷେପଣାସ୍ତ୍ର ‘ନିର୍ଭୟ’ର ସଫଳ ପରୀକ୍ଷଣ କରାଯାଇଛି। ବହୁ ବୈଜ୍ଞାନିକ ଓ ପ୍ରତିରକ୍ଷା ବିଶେଷଜ୍ଞଙ୍କ ଉପସ୍ଥିତିରେ ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ ରେଞ୍ଜ(ଆଇଟିଆର୍)ସ୍ଥିତ ୩ନଂ. ଉତ୍‌କ୍ଷେପଣ କେନ୍ଦ୍ରରେ ଏହାକୁ ଉତ୍‌କ୍ଷେପଣ କରାଯାଇଥିଲା। ଶତ୍ରୁପକ୍ଷର ରାଡାରକୁ ଚକ୍‌ମା ଦେଇ ଏକ ସମୟରେ ଏହା ଏକାଧିକ ଟାର୍ଗେଟକୁ ଲକ୍ଷ୍ୟଭେଦ କରିବା କ୍ଷମତା ରଖିଛି। ଭାରତର ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଂସ୍ଥାନ (ଡିଆରଡିଏ) ଏବଂ ବାଙ୍ଗାଲୋରସ୍ଥିତ ଏରୋନେଟିକ ଡେଭଲପ୍‌ମେଣ୍ଟ ଏଷ୍ଟାବ୍ଲିଶମେଣ୍ଟ(ଏଡିଇ) ପକ୍ଷରୁ ଉକ୍ତ କ୍ଷେପଣାସ୍ତ୍ରକୁ ଆଧୁନିକ ଜ୍ଞାନ କୌଶଳରେ ବିକଶିତ କରାଯାଇଛି।



‘ନିର୍ଭୟ’ର ସଫଳ ପରୀକ୍ଷଣ କରାଯାଉଛି।

ଖୁବ୍‌ଶୀଘ୍ର ଏହାକୁ ସେନବାହିନୀରେ ସାମିଲ କରାଯିବ ବୋଲି ସୂଚନା ମିଳିଛି।

ସବ୍-ସୋନିକ କ୍ରୁଜ କ୍ଷେପଣାସ୍ତ୍ର ‘ନିର୍ଭୟ’ର ଓଜନ ପ୍ରାୟ ୧୫୦୦କି.ଗ୍ରା.। ଲକ୍ଷ୍ୟଭେଦ ଦୂରତା ୧ହଜାରରୁ ୧୫ଶହ କି.ମି.। ଲମ୍ବ ୬ମିଟର। ୦.୫୨ମି. ବ୍ୟାସ ପରିମିତି ଏହି କ୍ଷେପଣାସ୍ତ୍ର ଶବ୍ଦର ଗତିଠାରୁ ୬ଗୁଣ ଅଧିକ ବେଗରେ ଗତି କରି ଲକ୍ଷ୍ୟଭେଦ କରିପାରିବ। ସ୍ୱଳ୍ପ ଉଚ୍ଚତାରେ ଥାଇ ମଧ ଏହା ଅକ୍ଳେଶରେ ଲକ୍ଷ୍ୟ ଭେଦ କରିପାରିବ ବୋଲି ଡିଆରଡିଏ ପକ୍ଷରୁ କୁହାଯାଇଛି। ୨୦୧୩ ମାର୍ଚ୍ଚ ୧୨ତାରିଖରେ ଏହାର ପ୍ରଥମ ପରୀକ୍ଷଣ ହୋଇଥିଲା। ୨୦୧୪ ଅକ୍ଟୋବର ୧୭ ତାରିଖ, ୨୦୧୫ ଅକ୍ଟୋବର ୧୬ ତାରିଖରେ ଯଥାକ୍ରମେ ୨ୟ ଓ ୩ୟ ପରୀକ୍ଷା କରାଯାଇଥିଲା। ୨୦୧୬ ଡିସେମ୍ବର ୨୧ରେ ଏହାର ଚତୁର୍ଥ ପରୀକ୍ଷଣ ହୋଇଥିଲା। ସୋମବାର ଅନୁଷ୍ଠିତ ନିର୍ଭୟର ୫ମ ପରୀକ୍ଷଣ ବେଳେ ଏଡିଇ ଏବଂ ଡିଆର୍‌ଡିଓ ପକ୍ଷରୁ ଉପସ୍ଥିତ ବୈଜ୍ଞାନିକମାନେ ଏହାର ଗତିବିଧି ନିରୀକ୍ଷଣ କରିଥିଲେ। ଏହାର ସଫଳ ପରୀକ୍ଷଣ ଦେଶର ପ୍ରତିରକ୍ଷା କ୍ଷେତ୍ରରେ ଏକ ସଫଳ ମାଇଲଖୁଣ୍ଟ ବୋଲି ବୈଜ୍ଞାନିକମାନେ ମତବ୍ୟକ୍ତ କରିଛନ୍ତି।

# ବ୍ୟବସାୟୀଙ୍କ ଗାଡ଼ିରୁ ୪୨ଲକ୍ଷ ଟଙ୍କା ଜବତ

**ଯାଞ୍ଚ ପରେ ଫେରାଇଲେ ଟଙ୍କା**

**ନିମାପଡ଼ା, ୧୫।୪(ଡି.ଏନ୍.ଏ.)**

ରାଜ୍ୟରେ ସାଧାରଣ ନିର୍ବାଚନ ପ୍ରକ୍ରିୟା ଜାରି ରହିଥିବା ବେଳେ ପୁରୀ ଜିଲା ନିମାପଡ଼ା ବିଧାନସଭା ଆସନ ଆସନ୍ତା ୨୯ ତାରିଖରେ ଭୋଟ୍ ଗ୍ରହଣ ହେବ। ଏନେଇ ନିର୍ବାଚନରେ ବେଆଇନ ଅର୍ଥ କାରବାର ରୋକିବା ପାଇଁ ପ୍ରଶାସନ ଗୁରୁତ୍ୱ ଦେଇଛି। ଯାଞ୍ଚ ପାଇଁ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଉଛି। ତେବେ ସୋମବାର ଯାଞ୍ଚ ବେଳେ ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ଦିଘାଲୋ ନିକଟରୁ ବ୍ୟବସାୟୀ ସୁବାସ ସାହୁଙ୍କ ଗାଡ଼ିରୁ ୪୨ଲକ୍ଷ ଟଙ୍କା ଜବତ ହୋଇଥିଲା। ଯାଞ୍ଚ ପରେ ଉକ୍ତ ଟଙ୍କାକୁ ବ୍ୟବସାୟୀଙ୍କୁ ଫେରାଇ ଦିଆଯାଇଥିବା ନିମାପଡ଼ା ଥାନା ଆଇଆଇସି ଜନାର୍ଦ୍ଦନ ପାଢୀ କହିଛନ୍ତି। ସୂଚନା ଅନୁଯାୟୀ, କୋଣାର୍କ ଅଞ୍ଚଳର ବ୍ୟବସାୟୀ ସୁବାସ ଏହି ଟଙ୍କାକୁ ନିମାପଡ଼ାସ୍ଥିତ ୟୁକୋ ବ୍ୟାଙ୍କରେ ଜମା କରିବାକୁ ଯାଉଥିଲେ। ଦିଘାଲୋ ନିକଟରେ ଫ୍ଲାଇଂ ସ୍କ୍ୱାଡ୍‌ର ଏକ ଟିମ୍ ସୁବାସଙ୍କ ଗାଡିକୁ ଅଟକାଇ ଯାଞ୍ଚ କରିବା ସହ ଏହି ଟଙ୍କାକୁ ଜବତ କରିଥିଲା। ମାତ୍ର ଫ୍ଲାଇଂ ସ୍କ୍ୱାଡ୍‌ର ଏକ ଟିମ୍ ଓ ଆଇଆଇସି ପାଢୀ ଉକ୍ତ ଟଙ୍କା ସମ୍ପର୍କରେ ଯାଞ୍ଚ କରିଥିଲେ। ସୁବାସଙ୍କ ବ୍ୟାଙ୍କ ଆଇଟିଜିଏସ, ଏନ୍‌ଇଏଫଟି ଆଦି କାଗଜପତ୍ର ଦେଖିବା ପରେ ଟଙ୍କା ସହ ତାଙ୍କୁ ଛାଡିଦେଇଥିଲେ।

# ଫେସ୍‌ବୁକ୍‌ରେ ନିର୍ବାଚନୀ ପ୍ରଚାର

**ଛତ୍ରପୁର,୧୫।୪(ଡି.ଏନ.ଏ.)**

**ନିଲମ୍ବନ ହେଲେ ସହକାରୀ ଶିକ୍ଷକ**

ସୋସିଆଲ ମିଡିଆ ଫେସ୍‌ବୁକ୍‌ରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପ୍ରଚାର କରିବା ଜଣେ ଶିକ୍ଷକଙ୍କୁ ମହଙ୍ଗା ପଡିଛି। ସମ୍ପୃକ୍ତ ଶିକ୍ଷକଙ୍କୁ ସୋମବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିଲମ୍ବନ କରିଛନ୍ତି। ସେ ହେଲେ ହିଞ୍ଜିଳି ବ୍ଲକ ଆଲପୁର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ କୈଳାସପତି ଦାଶ। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବାରୁ ତାଙ୍କୁ ନିଲମ୍ବନ କରାଯାଇଛି।

ପ୍ରକାଶ ଯେ, ସୋସିଆଲ୍ ମିଡିଆରେ ସହକାରୀ ଶିକ୍ଷକ ଦାଶ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପ୍ରଚାର କରୁଥିବା ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ କୁଲାଙ୍ଗେ ବିଶ୍ୱସ୍ତସୂତ୍ରରୁ ସୂଚନା ପାଇଥିଲେ। ତୁରନ୍ତ ଏହାର ସତ୍ୟାସତ୍ୟ ଅନୁଧ୍ୟାନ ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିକ୍ଷକଙ୍କ ଫେସ୍‌ବୁକ୍ ଆକାଉଣ୍ଟ ଅନୁସନ୍ଧାନ କରାଯିବାରୁ ଅଭିଯୋଗ ସତ୍ୟ ପ୍ରମାଣିତ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀଙ୍କ ରିପୋର୍ଟକୁ ଆଧାର କରି ଜିଲାପାଳ କୁଲାଙ୍ଗେ ସୋମବାର ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବନ କରିଛନ୍ତି। ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସେ ପ୍ରତ୍ୟହ ଉପସ୍ଥାନ ଦେବାକୁ ନିର୍ଦ୍ଦେଶ ହୋଇଛି। ଯେ କୌଣସି ବି କର୍ମଚାରୀ ନିର୍ବାଚନ ଆଚରଣ ବିଧି ବ୍ୟବସ୍ଥାକୁ ଅବମାନନା କଲେ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସତର୍କ କରି ଦିଆଯାଇଛି।

# ନବୀନଙ୍କ ସମ୍ପତ୍ତି ୬୩ କୋଟି, ସଂଗୀତାଙ୍କ ୩୭ କୋଟି

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

**ଇଲେକ୍ସନ ୱାଚ୍ ରିପୋର୍ଟ**

- ■ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ
- ■୩୫ ବିଧାନସଭାର ୮୪ ପ୍ରାର୍ଥୀଙ୍କ ନାମରେ ଫୌଜଦାରି ମାମଲା
- ■୬୮ ଜଣଙ୍କ ନାମରେ ସଙ୍ଗିନ୍ ଅପରାଧ
- ■୫ ଲୋକ ସଭାର ୫ ପ୍ରାର୍ଥୀଙ୍କ ନାମରେ ଗୁରୁତର ମାମଲା

ଆସନ୍ତା ୧୮ ତାରିଖରେ ରାଜ୍ୟରେ ୫ଟି ଲୋକ ସଭା ଆସନ ଏବଂ ୩୫ଟି ବିଧାନସଭା ଆସନରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ଅନୁଷ୍ଠିତ ହେବ। ଏହି ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନ ଭାବେ ୨୪୪ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ୩୫ ବିଧାନସଭା ଆସନରେ ଲଢୁଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୮୪ ଜଣ ପ୍ରାର୍ଥୀଙ୍କ ନାମରେ ଫୌଜଦାରି ମାମଲା ରହିଥିବା ବେଳେ ୬୮ ଜଣଙ୍କ ନାମରେ ରହିଛି ସଙ୍ଗିନ୍ ଅପରାଧ। ସେହିପରି ୫ଟି ଲୋକ ସଭା ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ୩୫ ଜଣଙ୍କ ମଧ୍ୟରୁ ୭ ଜଣଙ୍କ ନାମରେ ଫୌଜଦାରି ମାମଲା ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୫ଜଣଙ୍କ ନାମରେ ରହିଛି ସଙ୍ଗିନ୍ ଆପରାଧିକ ମାମଲା। ଉକ୍ତ ପ୍ରାର୍ଥୀଙ୍କ ସତ୍ୟପାଠକୁ ଅନୁଶୀଳନ କରି ଓଡ଼ିଶା ଇଲେକ୍ସନ ୱାଚ୍ ନାମକ ସଂସ୍ଥା ପକ୍ଷରୁ ଏଭଳି ତଥ୍ୟ ଦିଆଯାଇଛି।

ସୋମବାର ସଂସ୍ଥା ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି ଯେ ବିଧାନସଭା ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ୮୪ ଜଣ ପ୍ରାର୍ଥୀଙ୍କ ନାମରେ ଫୌଜଦାରି ମାମଲା ରହିଥିବାବେଳେ ୬୮ ଜଣଙ୍କ ନାମରେ ସଙ୍ଗିନ୍ ଆପରାଧିକ ମାମଲା ରହିଛି । ପ୍ରମୁଖ ରାଜନୈତିକ ଦଳ ଭାଜପାରେ ସର୍ବାଧିକ ୨୧ ପ୍ରାର୍ଥୀଙ୍କ ନାମରେ ଆପରାଧିକ ମାମଲା ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୧୮ ଜଣଙ୍କ ନାମରେ ଗୁରୁତର ଆପରାଧିକ ମାମଲା ରହିଛି। ସେହିପରି କଂଗ୍ରେସର ୧୭ ଜଣଙ୍କ ନାମରେ ଆପରାଧିକ ମାମଲା ରହିଥିବାବେଳେ ୧୦ ଜଣଙ୍କ ନାମରେ ସଙ୍ଗିନ୍ ଆପରାଧିକ ମାମଲା, ବିଜେଡିର ୧୩ ଜଣଙ୍କ ମଧ୍ୟରୁ ୧୧ ଜଣଙ୍କ ନାମରେ ଏବଂ ବହୁଜନ ସମାଜ ପାର୍ଟି(ବିଏସପି)ର ୪ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୪ ଜଣଙ୍କ ନାମରେ ରହିଛି ସାଂଘାତିକ ଆପରାଧିକ ମାମଲା। ସେହିପରି ୫ଟି ଲୋକ ସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୩୫ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୭ ଜଣଙ୍କ ନାମରେ ଫୌଜଦାରି ମାମଲା ଥିବା ସେମାନେ ସତ୍ୟପାଠରେ ଘୋଷଣା କରିଥିବାବେଳେ ୫ ଜଣଙ୍କ ନାମରେ ସଙ୍ଗିନ୍ ଆପରାଧିକ ମାମଲା ରହିଛି।

ଏପରିକି ଅନେକ ନେତା ଧନ ସମ୍ପତ୍ତି ଆହରଣ କରିବାରେ ମଧ ପଛରେ ନାହାନ୍ତି। ବିଧାନସଭା ଆସନ ପାଇଁ ହୋଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୭୦ ଜଣଙ୍କ ସମ୍ପତ୍ତି ଏକାଧିକ କୋଟି ଟଙ୍କା ହୋଇଥିବା ବେଳେ ଅନ୍ୟମାନଙ୍କର ସମ୍ପତ୍ତିର ହାରାହାରି ମୂଲ୍ୟ ୧.୯୩ କୋଟି ଟଙ୍କା ରହିଛି। ସତ୍ୟପାଠ ଦାଖଲ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୧୩ ଜଣ ପ୍ରାର୍ଥୀ ୫ କୋଟି ଟଙ୍କା ସମ୍ପତ୍ତିର ମାଲିକ ହୋଇଥିବା ବେଳେ ୨୪ ଜଣ ୨ରୁ ୫ କୋଟି, ୬୧ ଜଣ ୫୦ ଲକ୍ଷରୁ ୨ କୋଟି, ୬୧ ଜଣ ୧୦ ଲକ୍ଷରୁ ୫୦ ଲକ୍ଷ ଏବଂ ୮୨ ଜଣ ୧୦ ଲକ୍ଷରୁ କମ୍ ଟଙ୍କାର ମାଲିକ ଅଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭା ପ୍ରାର୍ଥୀମାନଙ୍କ ମଧ୍ୟରେ ସବୁଠାରୁ ଧନୀ ହୋଇଥିବା ବେଳେ ଏମ୍‌ପି ପ୍ରାର୍ଥୀମାନଙ୍କ ମଧ୍ୟରେ ବଲାଙ୍ଗୀରର ଭାଜପା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ ସବୁଠୁ ଧନୀ ପ୍ରାର୍ଥୀ। ନବୀନଙ୍କର ମୋଟ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ୬୩ କୋଟି ଟଙ୍କା ହୋଇଥିବା ବେଳେ ସଂଗୀତାଙ୍କର ସମ୍ପତ୍ତି ମୂଲ୍ୟ ୩୭ କୋଟି। ସେହିପରି ବିଧାନସଭା ପ୍ରାର୍ଥୀ ଭାବେ ଭାଜପା ପ୍ରାର୍ଥୀ କନକ ବର୍ଦ୍ଧନ ସିଂଦେଓଙ୍କ ସମ୍ପତ୍ତିର ମୂଲ୍ୟ ୩୭ କୋଟି ଟଙ୍କା ହୋଇଥିବା ବେଳେ କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇ ଝାରସୁଗୁଡ଼ା ବିଧାନସଭା ଆସନରୁ ବିଜେଡି ଟିକେଟରେ ଲଢୁଥିବା ନବ କିଶୋର ଦାସଙ୍କ ସମ୍ପତ୍ତିର ମୂଲ୍ୟ ୩୩ କୋଟି ବୋଲି ସତ୍ୟପାଠରୁ ଜଣାପଡ଼ିଛି। ରାଜନୈତିକ ଦଳଗୁଡିକୁ ହିସାବକୁ ନେଲେ ବିଜେଡିରେ ସର୍ବାଧିକ ୬୦ ପ୍ରତିଶତ ପ୍ରାର୍ଥୀ କୋଟିପତି ହୋଇଥିବା ବେଳେ ଭାଜପା ୫୭ ପ୍ରତିଶତ ଏବଂ କଂଗ୍ରେସର ୪୧ ପ୍ରତିଶତ ପ୍ରାର୍ଥୀ କୋଟିପତି।

ବିଧାନସଭା ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ଜଣେ ନିଜର ଶିକ୍ଷାଗତ ଯୋଗ୍ୟତା ଦର୍ଶାଇ ନ ଥିବା ବେଳେ ୪ ଜଣ ଖାଲି ନା ଦସ୍ତଖତ ଶିଖିଛନ୍ତି। ୧୧୧ ଜଣ ପଞ୍ଚମରୁ ଦ୍ୱାଦଶ ଶ୍ରେଣୀ ଯାଏ ପାଠ ପଢିଥିବା ବେଳେ ୧୨୧ ଜଣ ଗ୍ରାଜୁଏଟ ଓ ତା’ଠାରୁ ଅଧିକ ପାଠ ପଢିଛନ୍ତି। ସେହିପରି ପ୍ରାର୍ଥୀମାନଙ୍କର ବୟସକୁ ଯଦି ଦେଖାଯାଏ ତେବେ ଜଣେ ପ୍ରାର୍ଥୀ ତାଙ୍କର କେତେ ବୟସ ଦର୍ଶାଇ ନ ଥିବା ବେଳେ ୩୬ ଜଣଙ୍କର ବୟସ ୬୧ରୁ ୮୦, ୧୪୭ ଜଣଙ୍କର ୪୧ରୁ ୬୦ ଏବଂ ୫୭ ଜଣଙ୍କର ୨୫ରୁ ୪୦ ବର୍ଷ ଦର୍ଶାଇଛନ୍ତି। ସମୁଦାୟ ପ୍ରାର୍ଥୀଙ୍କ ମଧ୍ୟରୁ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୨୫ ଜଣ ମହିଳା ପ୍ରାର୍ଥୀ ନିର୍ବାଚନକୁ ଓହ୍ଲାଇଛନ୍ତି। ସେହିପରି ଲୋକ ସଭା ଆସନ ପାଇଁ ନିର୍ବାଚନ ଲଢୁଥିବା ୧୧ ଜଣ ପ୍ରାର୍ଥୀଙ୍କର ସମ୍ପତ୍ତିର ମୂଲ୍ୟ ୧ କୋଟିରୁ ଅଧିକ। ବଲାଙ୍ଗୀର ଲୋକ ସଭା ଆସନରୁ ନିର୍ବାଚନ ଲଢୁଥିବା ରାଜ ପରିବାରର ଦୁଇ ପ୍ରାର୍ଥୀ ସଂଗୀତା କୁମାରୀ ସିଂଦେଓଙ୍କ ସମ୍ପତ୍ତି ମୂଲ୍ୟ ୩୭ କୋଟି ଟଙ୍କା ହୋଇଥିବା ବେଳେ କଳିକେଶ ନାରାୟଣ ସିଂଦେଓଙ୍କ ସମ୍ପତ୍ତିର ମୂଲ୍ୟ ୨୦ କୋଟି ଏବଂ ବରଗଡ଼ ଲୋକ ସଭା ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିବା ପ୍ରସନ୍ନ ଆଚାର୍ଯ୍ୟଙ୍କ ସମ୍ପତ୍ତିର ମୂଲ୍ୟ ୯କୋଟି ଟଙ୍କା ରହିଛି।



ମଧ୍ୟଯୁଗ ଏକ ରାତ୍ରି ଥିଲା। ତାହା ଥିଲା ଅଜ୍ଞାନୀ ଲୋକଙ୍କ ପାଇଁ ବିଜୟର ସମୟ। ଏହି ଆଧୁନିକ ଯୁଗ କିନ୍ତୁ ଜ୍ଞାନୀ ଲୋକଙ୍କର ବିଜୟର ସମୟ। ଯେଉଁ ଲୋକ ଅଧିକ ବୁଝିପାରିବ ଅଧିକ ଚିନ୍ତା କରିବା ଦ୍ୱାରା ସତ୍ୟକୁ ଶିକ୍ଷା କରିପାରିବ-ଅଧିକ ଖୋଜି ପାରିବ-ଅଧିକ ଶ୍ରମ କରିପାରିବ- ସେ ହିଁ ଅଧିକ ଶକ୍ତି ଲାଭ କରିବ। -ଶ୍ରୀଅରବିନ୍ଦ



# ସମାଧାନକାରୀ ନୁହେଁ, ସୃଷ୍ଟିକର୍ତ୍ତା

ସାଧାରଣ ନିର୍ବାଚନ ୨୦୧୯ର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ଏପ୍ରିଲ ୧୮ରେ ଅନୁଷ୍ଠିତ ହେବାକୁ ଯାଉଛି। ସମଗ୍ର ଦେଶରେ ଦିନକୁ ଦିନ ପ୍ରଚାର ଅଭିଯାନ ଜୋରଦାର ହେବାରେ ଲାଗିଛି। ନିଜ ସପକ୍ଷରେ ଭୋଟ ହାତେଇବା ସକାଶେ ରାଜନୈତିକ ଦଳଗୁଡ଼ିକ ପରସ୍ପର ଉପରେ ବିଭିନ୍ନ ପ୍ରକାର ଦୋଷାରୋପ ଓ ଅକଥନୀୟ ଭାଷା ପ୍ରୟୋଗ କରୁଛନ୍ତି। ନିକଟରେ ଉତ୍ତରପ୍ରଦେଶର ରାମପୁର ଲୋକ ସଭା ଆସନ ଲାଗି ପ୍ରାର୍ଥୀ ହୋଇଥିବା ସମାଜବାଦୀ ପାର୍ଟି ନେତା ଆଜମ୍ ଖାନ୍ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାରତୀୟ ଜନତା ପାର୍ଟି (ଭାଜପା)ର ଜୟ ପ୍ରଦାଙ୍କ ଉପରେ ଯେଭଳି ନୀଚ ଧରଣର ଟିପ୍ପଣୀ ଦେଇଛନ୍ତି, ତାହା ସାଧାରଣରେ ଆଦୌ ଗ୍ରହଣୀୟ ହୋଇନାହିଁ। ଏ ନେଇ ଆଜମ୍‌ଙ୍କ ବିରୋଧରେ ଏତଲା ଦାଏର କରାଯାଇଛି। ଏପରି କି ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଆଜମ୍‌ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ବାଚନ କମିଶନ (ଇସି)ଙ୍କୁ ଚିଠି ଲେଖିଛନ୍ତି। ଲୋକ ସଭା ପ୍ରାର୍ଥୀ ହୋଇଥିବା ବ୍ୟକ୍ତି ଯଦି ଅଭଦ୍ର ଶବ୍ଦ ବ୍ୟବହାର କରିବେ, ତେବେ ଗଣତାନ୍ତ୍ରିକ ମୂଲ୍ୟବୋଧ ବଡ଼ଧରଣର ବିପଦରେ ପଡ଼ିଛି ବୋଲି କୁହାଯାଇପାରେ। ସେମିତି କୁହାଯାଉଛି, ଯାହାର ଭିଡିଓ ମଧ୍ୟ ଦେଖିବାକୁ ମିଳିଛି ଯେ, ହିମାଚଳ ପ୍ରଦେଶର ରାଜ୍ୟ ଭାଜପା ସଭାପତି ସତ୍‌ପାଲ ସିଂ ସତ୍ତୀ ଏକ ସାଧାରଣ ସଭାରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସମ୍ପର୍କରେ ଅତ୍ୟନ୍ତ ଅଶାଳୀନ ଭାଷା ବ୍ୟବହାର କରିଛନ୍ତି। ଏହାର ଅନ୍ତର୍ଜାତୀୟ ଉଦାହରଣ ଦେଖିଲେ ୨୦୧୬ ଆମେରିକା ରାଷ୍ଟ୍ରପତି ନିର୍ବାଚନ ସମୟରେ ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ ତାଙ୍କର ନିର୍ବାଚନୀ ବିରୋଧୀମାନଙ୍କୁ ଅତି ଅଶାଳୀନ ଭାଷାରେ ଶୋଧୁଥିବାର ଦେଖାଯାଇଥିଲା। ଏବେ ପ୍ରଚାର ସମୟରେ ଭାରତରେ ଯେଉଁ ପ୍ରକାରର ଭାଷା ବ୍ୟବହାର କରାଯାଉଛି, ତାହା ପୂର୍ବରୁ ଶୁଣିବାକୁ ମିଳୁ ନ ଥିଲା। ତେଣୁ ନିର୍ବାଚନ କମିଶନ ଏଭଳି ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଥିବା ବ୍ୟକ୍ତି, ଯେକୌଣସି ଦଳର ହୋଇଥାଆନ୍ତୁ ନା କାହିଁକି, ତାଙ୍କୁ ପ୍ରତିଦ୍ୱନ୍ଦ୍ୱିତାରୁ ଦୂରେଇ ରଖିବା ସକାଶେ କଠୋର କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ହୋଇପଡ଼ିଲାଣି।

ଅନ୍ୟ ଏକ ଘଟଣାରେ ନିର୍ବାଚନ କମିଶନ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ନେତ୍ରୀ ମାୟାବତୀଙ୍କ ବିରୋଧରେ ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରିଥିବାରୁ ଉଭୟଙ୍କୁ ଦଣ୍ଡିତ କରିଛନ୍ତି। ଯୋଗୀଙ୍କୁ ଆଗାମୀ ୩ ଦିନ ଓ ମାୟାବତୀଙ୍କୁ ୨ ଦିନ ପ୍ରଚାରର ପ୍ରତ୍ୟେକ ମଞ୍ଚରୁ ଦୂରେଇ ଦେଇଛନ୍ତି। ଅର୍ଥାତ୍ ଉଭୟେ ଏହି ସମୟ ମଧ୍ୟରେ କୌଣସି ରାଜନୈତିକ ସଭା, ଶୋଭାଯାତ୍ରା କରିପାରିବେ ନାହିଁ। ସେହିପରି ଗଣମାଧ୍ୟମରେ ସାକ୍ଷାତ୍‌କାର ଉପରେ ନିଷେଧାଜ୍ଞା ଲଗାଯାଇଛି। ଏପରି କି ସୋସିଆଲ ମିଡିଆରେ ପ୍ରଚାର ଉପରେ ମଧ୍ୟ ଇସି ରୋକେ ଲଗାଇଛନ୍ତି। ଉଲ୍ଲେଖଯୋଗ୍ୟ, ନିକଟରେ ଦେଓବନ୍ଦଠାରେ ମାୟାବତୀ ମୁସଲମାନମାନଙ୍କୁ ନିବେଦନ କରିଥିଲେ ଯେ, ସେମାନେ ଭୋଟକୁ ଭାଗ ନ କରି ତାଙ୍କ ମେଣ୍ଟକୁ ସମର୍ଥନ ଦିଅନ୍ତୁ। ଅନ୍ୟପକ୍ଷରେ ଯୋଗୀ ଆଦିତ୍ୟନାଥ ଏହାକୁ ତାଚ୍ଛଲ୍ୟ କରି 'ଅଲି ବନାମ ବଜରଙ୍ଗବଲୀ' ମନ୍ତବ୍ୟ ଦେଇଥିଲେ। ଏଭଳି କହିବାର ଉଦ୍ଦେଶ୍ୟ ଥିଲା ଯଦି ମୁସଲମାନମାନେ ମାୟାବତୀଙ୍କୁ ସମର୍ଥନ କରିବେ, ତାହାହେଲେ ତାଙ୍କ ପାଇଁ ବଜରଙ୍ଗବଲୀ ଅଛନ୍ତି। ଦେଖିବାକୁ ଗଲେ ଧର୍ମ ଓ ଜାତି ନାମରେ ରାଜନୈତିକ ନେତାମାନେ ଯେଭଳି ଭୋଟ ନେବାକୁ ପ୍ରୟାସ କରୁଛନ୍ତି, ତଦ୍ୱାରା ଦେଶରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ। ସେହି ଅପ୍ରୀତିକର ପରିସ୍ଥିତି ଯଦି ସାମାଜିକ ବିଭେଦକୁ ବୃଦ୍ଧି କରିବାରେ ପ୍ରୟୋଗ କରାଯାଉଛି, ତେବେ ତାହା ଭାରତ ପାଇଁ ଅତ୍ୟନ୍ତ ବିପଜ୍ଜନକ ହୋଇପଡୁଛି। ଏମିତି ଦେଖିଲେ ଅଯୋଧ୍ୟାରେ ବାବ୍ରୀ ମସ୍‌ଜିଦ ଭଙ୍ଗାଯିବା ଓ ପରବର୍ତ୍ତୀ ସମୟରେ ସେଠାରେ ରାମ ମନ୍ଦିର ନିର୍ମାଣ ନେଇ ଉଠିଥିବା ବିବାଦ ଦୀର୍ଘବର୍ଷ ଧରି ଚାଲିଥିଲେ ମଧ୍ୟ ସମାଧାନ ହୋଇପାରୁ ନାହିଁ। ଏଭଳି ସ୍ଥିତିରେ ଏକତ୍ର କରିବା ପରିବର୍ତ୍ତେ ନେତାମାନେ ଧର୍ମ ଓ ଜାତି ନାମରେ ଲୋକଙ୍କୁ ଉତ୍ତ୍ୟକ୍ତ କରାଇଲେ ଦେଶ ଭାଗ ଭାଗ କଲା ଭଳି ଉଦ୍ୟମ କରୁଥିବାର ମନେହେଉଛି।

ଦେଖାଯାଉଛି, ବିଗତ କିଛି ବର୍ଷ ହେବ ପାର୍ଲାମେଣ୍ଟ ଓ ରାଜ୍ୟ ବିଧାନସଭାଗୁଡ଼ିକରେ ଲୋକ ପ୍ରତିନିଧିମାନେ ପ୍ରସଙ୍ଗଭିତ୍ତିକ ଯୁକ୍ତିରୁ ଦୂରେଇ ଯାଇ ହୋହଲ୍ଲା କରିବାରେ ବ୍ୟସ୍ତ ରହୁଛନ୍ତି। କରଦାତାଙ୍କ ଅର୍ଥରେ ପରିଚାଳିତ ହେଉଥିବା ପାର୍ଲାମେଣ୍ଟ ଓ ବିଧାନସଭାର ମୂଲ୍ୟବାନ୍ ସମୟକୁ ସେମାନେ ନଷ୍ଟ କରୁଛନ୍ତି। ଗଣତନ୍ତ୍ରର ମୁଖ୍ୟସ୍ଥଳକୁ ଯାଉଥିବା ନେତାମାନେ ଯଦି ବିପଥଗାମୀ ହେବେ, ତେବେ ଦେଶର ଗଣତନ୍ତ୍ର ଭୁଶୁଡ଼ିପଡ଼ିବାର ଆଶଙ୍କା ସୃଷ୍ଟି ହେବା ସହିତ ଗୁଣ୍ଡାରାଜ୍ ପ୍ରତିଷ୍ଠିତ ହେବାର ଲକ୍ଷଣ ମୁଣ୍ଡ ଟେକୁଛି। ବାସ୍ତବରେ ସାଧାରଣ ଜୀବନରେ ରାଜନେତାମାନେ ରହୁଥିବାରୁ ସେମାନେ ପ୍ରତ୍ୟେକ ସ୍ତରରେ ମାର୍ଜିତ ବ୍ୟବହାର ପ୍ରଦର୍ଶନ କରିବା କଥା। ଏହା ମଧ୍ୟ ସ୍ୱୀକାରଯୋଗ୍ୟ ଯେ, ସାଧାରଣ ନାଗରିକଙ୍କ ଚରିତ୍ର ଯେଉଁଭଳି କ୍ରମଶଃ ଉଗ୍ରରୂପ ଧାରଣ କରୁଛି, ନେତାମାନେ ମଧ୍ୟ ତାହାର ଆଇନା ସାଜୁଛନ୍ତି। ଗଣତାନ୍ତ୍ରିକ ଦେଶରେ ବିଶ୍ୱାସ କରାଯାଉଛି ଯେ, ରାଜନୈତିକ ବ୍ୟକ୍ତିମାନେ ସବୁ ସମସ୍ୟାର ସମାଧାନ ଆଣିପାରିବେ। ଆମେରିକାର ରାଜନେତା ବେନ୍ କାର୍‌ସନ୍‌ଙ୍କ କହିବା ଅନୁଯାୟୀ, ଆମେ ସମସ୍ତେ ଆଶା କରି ବସିଥାଉ ଯେ ରାଜନୈତିକ ବ୍ୟକ୍ତିମାନେ ଆମ ସମସ୍ୟାର ସମାଧାନ କରିବେ। କିନ୍ତୁ ଅଧିକାଂଶ ସମସ୍ୟାର ସୃଷ୍ଟି ସେହି ରାଜନେତାବୃନ୍ଦ ବୋଲି କାର୍‌ସନ୍‌ଙ୍କ ମନ୍ତବ୍ୟ ଆଜି ଭାରତ ପାଇଁ ପ୍ରଯୁଜ୍ୟ।

## ଚିରନ୍ତନୀ

''ହାତେ ତବ ନାହିଁ ବନ୍ଧୁ!
ପାରିବାକୁ ବୁଝି ଏଥି ତିଳେ
''କିଏ ସ୍ୱପ୍ନ ଜାଗରଣ
ସତ୍ୟ ମିଥ୍ୟା ଏ ଧରଣୀ-ନୀଡ଼େ।

(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | | 2 | 6 | | | 3 | B |
| | | | | C | A | | | | | 7 | 5 | | | |
| 0 | | | | 7 | | | 6 | 9 | B | | 8 | E | C | |
| 2 | | E | 1 | | 6 | | | | | 4 | | | 0 | |
| 9 | | | | | | A | 2 | | | | 1 | D | | 7 |
| 3 | | | | | 0 | | | | | | | 8 | | 6 |
| B | | | 7 | | | 2 | | C | 6 | | | 4 | E | |
| | E | 9 | | 8 | 1 | | | 0 | | 3 | | | | |
| 1 | 7 | 8 | | | | | | | | | | 3 | 2 | |
| 4 | | D | 2 | | | | 9 | | E | | | | 7 | |
| | | 0 | | | | | | | | 9 | A | | | E |
| C | | | 0 | | | | 1 | | 7 | | | | | |
| | | 5 | 6 | 2 | | C | D | | 1 | | | 7 | | |
| 7 | 2 | | | | 5 | | | | | | E | | 8 | 4 |
| D | | B | 8 | | | | | 6 | | 5 | 4 | | 9 | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | D | 8 | A | 0 | 9 | 6 | 3 | 7 | 5 | B | 1 | C | 4 | 2 |
| 4 | 1 | 3 | 6 | B | E | 5 | D | C | 7 | 2 | A | 8 | 0 | 9 |
| C | B | 6 | 2 | 1 | 5 | E | A | 0 | 4 | 9 | 8 | 3 | 7 | D |
| 0 | 5 | 2 | 7 | 3 | 4 | 9 | B | 8 | C | D | E | 6 | A | 1 |
| 9 | 7 | A | D | C | 8 | 2 | 1 | 4 | 0 | 6 | 3 | B | 5 | E |
| A | 9 | 4 | 5 | 6 | 0 | D | 8 | 2 | 3 | C | 7 | E | 1 | B |
| 3 | C | 0 | B | 2 | D | 7 | 9 | 1 | E | A | 5 | 4 | 8 | 6 |
| 7 | 6 | 5 | 4 | 8 | A | C | E | 3 | B | 1 | 2 | 9 | D | 0 |
| B | 8 | D | C | E | 1 | A | 0 | 5 | 9 | 4 | 6 | 7 | 2 | 3 |
| 2 | E | 1 | 3 | 9 | 7 | 4 | 6 | B | D | 8 | 0 | 5 | C | A |
| 5 | 3 | C | 9 | A | 6 | 1 | 7 | E | 8 | 0 | D | 2 | B | 4 |
| D | 2 | E | 0 | 4 | C | 8 | 5 | 9 | 1 | 3 | B | A | 6 | 7 |
| 1 | 4 | B | 8 | D | 2 | 3 | C | 6 | A | 7 | 9 | 0 | E | 5 |
| 8 | 0 | 7 | 1 | 5 | 3 | B | 2 | A | 6 | E | 4 | D | 9 | C |
| 6 | A | 9 | E | 7 | B | 0 | 4 | D | 2 | 5 | C | 1 | 3 | 8 |

ଗତକାଲିର ଉତ୍ତର

# ବଡ଼ ଲୋକଙ୍କୁ ଉତ୍ତର ନାହିଁ

ବୈକୁଣ୍ଠନାଥ ମିଶ୍ର

ଘଞ୍ଚ ଜଙ୍ଗଲ ମଧ୍ୟରେ ସୁଉଚ୍ଚ ପାହାଡ଼। ପାହାଡ଼ରୁ କଳକଳ ନାଦ କରି ବହିଆସୁଛି ଚିର ଚଞ୍ଚଳ ଝରଣା। ବନ୍ୟଜନ୍ତୁଙ୍କ ତୃଷା ନିବାରଣର ଏକ ଉତ୍କୃଷ୍ଟ ଉତ୍ସ। ଏକଦା ମୃଗ ଶାବକଟିଏ ପାହାଡ଼ର ପାଦଦେଶରେ ଥିବା ଝରଣାରୁ ପରମତୃପ୍ତିରେ ଜଳ ପାନ କରୁଥିବା ସମୟରେ ପାହାଡ଼ର ଶିଖର ଦେଶରୁ ମହାବଳ ବାଘର ଦୃଷ୍ଟି ତା' ଉପରେ ପଡିଲା ଓ ଆଖି ପିଛୁଳାକେ ଆସି ମୃଗଶାବକ ସମ୍ମୁଖରେ ଉଭାହେଲା। ବାଘ ତାକୁ ଖାଇବାକୁ ଉଦ୍ୟତ ହେବାରୁ ସେ ଭୟର ସହ କହିଲା, ମୋତେ ଖାଇବା ପୂର୍ବରୁ ଦୟାକରି ମୋ କଥା ଟିକେ ଶୁଣ- ତୁମ ଉଦର ତୁଳନାରେ ମୋ ଶରୀର ଏତେ କ୍ଷୁଦ୍ର ଯେ ମୋ ମାଂସରେ ତୁମ କ୍ଷୁଧା ମେଣ୍ଟିବ ନାହିଁ। ଦ୍ୱିତୀୟତଃ ମୋର କେଉଁ ଅପରାଧ ଯୋଗୁ ତୁମେ ମୋତେ ମାରିବାକୁ ଚାହୁଁଛ? ବାଘ କହିଲା, ତୁ ଏ ଝରଣା ଜଳ ଗୋଳିଆ କଲୁ, ଯେଉଁଥିପାଇଁ ନିର୍ମଳ ଜଳପାନରୁ ମୁଁ ବଞ୍ଚିତ ହେଲି। ମୃଗ ଶାବକ କହିଲା, ତୁମେ କ'ଣ ବୁଦ୍ଧିଭ୍ରଷ୍ଟ ହୋଇଛ? ପାହାଡର ନିମ୍ନଦେଶରେ ମୁଁ ଜଳପାନ କରୁଥିଲି, ତୁମେ ଶୀର୍ଷ ଭାଗରେ ଥିଲ। ମୁଁ ଯଦି ପାଣି ଗୋଳି କରିଥାଏ ତାହା ସ୍ରୋତର ପ୍ରତିକୂଳରେ ଯାଇ ତୁମ ପାଖରେ ପହଞ୍ଚିଲା କିପରି? ବାଘ ଘାବରେଇଯାଇ କହିଲା ତୁ ନ କରିଥିଲେ ତୋ ମା' କରିଥିବ; ତେଣୁ ମୁଁ ତୋତେ ଖାଇବି। ବିଚରା ମୃଗଶାବକ ଶାନ୍ତ ଭାବରେ ଉତ୍ତର ଦେଲା, ତୁମେ ଯେତେବେଳେ ମୋତେ ଖାଇବା ପାଇଁ ସିଦ୍ଧାନ୍ତ ନେଇସାରିଛ, ମୋ କଥାରେ ତ ତୁମେ ବିରତ ହେବନାହିଁ। ତେବେ ଏତେ ବାହାନା କାହିଁକି? ମୋତେ ଖାଇପାର। ବଡ଼ଲୋକଙ୍କୁ କ'ଣ ଉତ୍ତର ଅଛି?

ଆମ ଦେଶରେ ସମ୍ପ୍ରତି ଏପରି ନ୍ୟାୟ ସର୍ବତ୍ର ପରିଦୃଷ୍ଟ। କମ୍ପାନୀଗୁଡ଼ିକ ଉପରେ କୋଟି କୋଟି ଟଙ୍କାର ବିଦ୍ୟୁତ୍ ଶୁଳ୍କ ଅନାଦାୟ ପଡିଥିବା ବେଳେ ମହାବଳମାନେ ପ୍ରତିଦିନ କ୍ଷୁଦ୍ର ଉପଭୋକ୍ତାଙ୍କୁ ମାରି ଚାଲିଛନ୍ତି। ବିଦ୍ୟୁତ୍ ଯୋଗାଣକୁ ନିଶ୍ଚିତ ନ କରି ବ୍ୟାପକ ବିଦ୍ୟୁତୀକରଣ ଓ ଶୁଳ୍କ ଆଦାୟର କଠୋରତା ସାଧାରଣ ଉପଭୋକ୍ତାଙ୍କୁ ନୈରାଶ୍ୟ ମଧ୍ୟକୁ ଠେଲି ଦେଇଛି। ବର୍ତ୍ତମାନ ସୁଦ୍ଧା ଭାରତର ୧୫୪୩୧ଟି ଗ୍ରାମ ବିଦ୍ୟୁତୀକରଣରୁ ବଞ୍ଚିତ। ସେଗୁଡିକ ମଧ୍ୟରୁ ଓଡ଼ିଶାର ୩୨୮୨ଟି ଗ୍ରାମ ଅନ୍ତର୍ଭୁକ୍ତ। ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ନ କରି ଉପଭୋକ୍ତା ସଂଖ୍ୟା ବୃଦ୍ଧିପାଇଲେ ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ସଙ୍କଟ ଉପୁଜିବା ସୁନିଶ୍ଚିତ। ଅଘୋଷିତ ବିଦ୍ୟୁତ୍‌କାଟ ସହ କ୍ଷୀଣ ଶକ୍ତି ସରବରାହ କ୍ଷୁଦ୍ର ଉପଭୋକ୍ତା ଓ ଚାଷୀକୁଳକୁ ଉଚ୍ଛନ୍ନ କରୁଥିବା ସତ୍ତ୍ୱେ ବିଦ୍ୟୁତ୍ ଦେୟ ପୈଠରେ ଜୁଲମ୍ ତାକୁ ପୀଡା ଦେଉଛି। ବିଦ୍ୟୁତ୍ ସେବାରୁ ବଞ୍ଚିତ ଗ୍ରାମଗୁଡିକୁ ବିଦ୍ୟୁତ୍ ଯୋଗାଣ ସରକାରଙ୍କର ସକ୍ରିୟ ବିଚାରାଧୀନ ଅଛି। ତେଣୁ ଉତ୍ପାଦନ ବୃଦ୍ଧି ଓ ନିରନ୍ତର ସେବାର ଆବଶ୍ୟକତା ରହିଛି। ଏ ଦେଶର ଜନସାଧାରଣଙ୍କ ଅର୍ଥ ତୋଷରପାତ ସ୍ୱରୂପ ହଜାର ହଜାର କୋଟି ଠକିନେଇ ବିଜୟ ମାଲ୍ୟା, ନୀରବ ମୋଦିମାନେ ବିଦେଶକୁ ପଳାୟନ କରୁଛନ୍ତି। ବଡ଼ବଡ଼ ରାଜନେତା ଓ ବ୍ୟାଙ୍କ ଉଚ୍ଚ ପଦାଧିକାରୀଙ୍କ ସହ ଶୀତଳ ମଧୁଚନ୍ଦ୍ରିକାରେ ଏହା ସମ୍ଭବ ହୋଇଥିବା ବେଳେ ଏହାର ଉତ୍କଟ ପରିଣତି ସମଗ୍ର ଦେଶବାସୀଙ୍କୁ ଭୋଗିବାକୁ ହେଉଛି। ବ୍ୟାଙ୍କଗୁଡ଼ିକର ସାଧାରଣ କର୍ମଚାରୀ ଏ ବିଷଜ୍ୱାଳାରୁ ମୁକ୍ତ ନୁହନ୍ତି। ପ୍ରତି ୫ ବର୍ଷରେ ବ୍ୟାଙ୍କ କର୍ମଚାରୀଙ୍କର ବେତନ ସମୀକରଣ ହୁଏ। ୨୦୧୨ରେ ମୂଳ ବେତନର ୧୫% ବର୍ଦ୍ଧିତ ହୋଇଥିବା ବେଳେ ୨୦୧୭ରେ ମାତ୍ର ଦୁଇ ପ୍ରତିଶତ ବୃଦ୍ଧି ଘୋଷଣା ବ୍ୟାଙ୍କ କର୍ମଚାରୀଙ୍କୁ ହତୋତ୍ସାହ କରିଛି। ପୁଣି ବ୍ୟାଙ୍କଗୁଡ଼ିକରେ ଆବଶ୍ୟକ କର୍ମଚାରୀ ନାହାନ୍ତି। ଏହାର କୁଫଳର ଶିକାର ହେଉଛି ବିଚରା ଗ୍ରାହକ। ବ୍ୟାଙ୍କଗୁଡ଼ିକର ଅନାଦାୟ ଋଣ ଏଥିପାଇଁ ଦାୟୀ।

ଏହା ଦିବାଲୋକ ପରି ସ୍ପଷ୍ଟ ଯେ, ଏ ଦେଶରେ ସଂଘଟିତ ହେଉଥିବା ସମସ୍ତ ଦୁର୍ନୀତି ମୂଳରେ ରାଜନେତା ଓ ଉଚ୍ଚ ପଦାଧିକାରୀଙ୍କର ପରୋକ୍ଷ ସମ୍ପୃକ୍ତି ନିହିତ। କୌଣସି ଘଟଣାରେ ଜନମତ ପ୍ରବଳ ହେଲେ ତାକୁ ପ୍ରଶମିତ କରିବା ପାଇଁ କିଛି ନିମ୍ନ ପାହ୍ୟାର କର୍ମଚାରୀଙ୍କୁ ଲୋକଦେଖାଣିଆଭାବେ ସାମୟିକ ନିଲମ୍ବନ କରିଦେଲେ କାର୍ଯ୍ୟ ଶେଷ। ନିର୍ମାଣରେ ମାନରକ୍ଷା କରାଯାଇ ନ ଥିବାରୁ ଅଧିକାଂଶ ନଦୀ ପୋଲ, ଫ୍ଲାଏଓଭର ଲୋକାର୍ପଣ ପୂର୍ବରୁ ଅଚଳ ହୋଇ ପଡୁଥିବା ଖବରକାଗଜ ପୃଷ୍ଠାରୁ ଜ୍ଞାତ ହେଉଛି। ଏ କ୍ଷେତ୍ରରେ କୌଣସି ବରିଷ୍ଠ ଅଧିକାରୀଙ୍କୁ ପ୍ରଶ୍ନ ମଧ୍ୟ କରାଯାଉ ନାହିଁ। ବରଂ ପ୍ରବଳ ଜନମତକୁ ପ୍ରଶମିତ କରିବା ପାଇଁ କିଛି କନିଷ୍ଠ ଯନ୍ତ୍ରୀଙ୍କୁ ନିଲମ୍ବନ କରାଯାଉଛି। ଏହା ଅତ୍ୟନ୍ତ ବାସ୍ତବ ଓ ଅନସ୍ୱୀକାର୍ଯ୍ୟ ଯେ ସେହି ଅଧସ୍ତନମାନଙ୍କର ସମ୍ପୃକ୍ତି ଗୁରୁତ୍ୱପୂର୍ଣ୍ଣ ନୁହେଁ। ଯଦିବା କିଛି ସମ୍ପୃକ୍ତି ଥାଏ, ତାହା କେବଳ ଉପରିସ୍ଥ ହାକିମଙ୍କର ଅଲିଖିତ ଆଦେଶର ପ୍ରତିଫଳନ ମାତ୍ର। ପ୍ରଥମେ ଯେତେବେଳେ ଛତିଶଗଡ଼ ମହାନଦୀ ଉପରେ ବ୍ୟାରେଜ ନିର୍ମାଣ କଥା ଜଣାପଡିଲା, ଓଡ଼ିଶାର ତଦାନୀନ୍ତନ ଜଳସମ୍ପଦ ସଚିବ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ଯେ ଆମ ମହାନଦୀର ଏକବୁନ୍ଦା ଜଳ ଛତିଶଗଡ଼ ନେବାର ପ୍ରଶ୍ନ ଉଠୁନାହିଁ। ତେଣୁ ଓଡ଼ିଶାବାସୀ ଭୟଭୀତ ହେବାର କାରଣ ନାହିଁ। କିନ୍ତୁ ବାସ୍ତବ ସ୍ଥିତି ଆଜି ଆମେ ପ୍ରତ୍ୟକ୍ଷ କରୁଛୁ।

ଶିକ୍ଷାବର୍ଷର ଚାରିମାସ ଅତିକ୍ରାନ୍ତ ହେଲା ପରେ ମଧ୍ୟ ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ ଯୋଗାଇ ନ ଦିଆଯିବା ଏକ ସାଧାରଣ ଘଟଣା। ଅଥଚ ପାଠପଢା ନ ହେବା ପାଇଁ ଶିକ୍ଷକଙ୍କୁ ଦାୟୀ କରାଯାଏ। ବିଦ୍ୟାଳୟ ଗୃହନିର୍ମାଣ ନିମ୍ନମାନର ହେବା ଶିକ୍ଷା କମିଟି, ଠିକାଦାର ଓ ବ୍ଲକ କନିଷ୍ଠଯନ୍ତ୍ରୀଙ୍କ ଅସାଧୁମେଣ୍ଟର ଫଳ ହେଲେ ମଧ୍ୟ ଛାତ ଭୁଶୁଡି କିଛି ଦୁର୍ଘଟଣା ଘଟିଲେ ବିଚରା ପ୍ରଧାନଶିକ୍ଷକଟି ବଳିପଡ଼େ। ମାଟ୍ରିକ ପରୀକ୍ଷାରେ ପ୍ରଶ୍ନପତ୍ର ଭାଇରାଲ ହେବା ମୂଳରେ କିଛି ଅସାଧୁ ଅଭିଭାବକ ଓ ତାଙ୍କୁ ପ୍ରୋତ୍ସାହିତ କରୁଥିବା ଦାୟିତ୍ୱରେ ଥିବା କିଛି ପୋଲିସ ଅଧିକାରୀ ଓ ପରୀକ୍ଷାକେନ୍ଦ୍ରର କିଛି ଲାଞ୍ଚଖୋର ଶିକ୍ଷକଙ୍କ ମିଳିତ ମହାମେଣ୍ଟ ଦାୟୀ ହେଲେ ମଧ୍ୟ ବିଚରା କୋମଳମତି ପିଲାମାନଙ୍କର ପରୀକ୍ଷା ଫଳ ବାତିଲ କରାଯାଉଛି, ଯେଉଁମାନଙ୍କ ମଧ୍ୟରେ କିଛି ମେଧାବୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଉଛି। ଚିଟ୍‌ଫଣ୍ଡ ଠକେଇ ଆମ ରାଜ୍ୟର ଏକ କଳଙ୍କ। ଚିଟ୍‌ଫଣ୍ଡ କମ୍ପାନୀଗୁଡ଼ିକ ରାଜନେତା ଓ ବରିଷ୍ଠ ଅଧିକାରୀଙ୍କ ଅନୁଗ୍ରହରେ ସାଧାରଣ ଜନତାର କଷ୍ଟଲବ୍ଧ ଧନକୁ ଆତ୍ମସାତ୍ କରି ମୁକ୍ତ ବିଚରଣ କରୁଥିବା ବେଳେ କମ୍ପାନୀମାଲିକ କିମ୍ବା ତାଙ୍କୁ ପ୍ରୋତ୍ସାହନ ଦେଇଥିବା ନେତା, ମନ୍ତ୍ରୀ କିମ୍ବା ସରକାରୀ ବାବୁମାନେ କେହି ବି ସାମାନ୍ୟ ଅନୁକମ୍ପା ପ୍ରଦର୍ଶନ କରୁନାହାନ୍ତି। ଫଳତଃ ନିବେଶକଟି ଅସୀମ ମାନସିକ ଯନ୍ତ୍ରଣାରେ ଦଗ୍ଧ ହେଉଛି।

ମଦ ଉତ୍ପାଦନ, ଆମଦାନି ଓ ବିକ୍ରିକୁ ନିଷିଦ୍ଧ ନ କରି ମଦ୍ୟପଙ୍କ ଦୌରାତ୍ମ୍ୟ ଯୋଗୁ ଦୁର୍ଘଟଣା ଓ ସାମାଜିକ ନିରାପତ୍ତା ବିପନ୍ନ ହେଉଛି ବୋଲି ଚିତ୍କାର କରିବା ନିହାତି ହାସ୍ୟାସ୍ପଦ। ସେହିପରି ପ୍ଲାଷ୍ଟିକ ଉତ୍ପାଦନକୁ ନିଷେଧ ନ କରି ତା'ର ବିକ୍ରି ଓ ବ୍ୟବହାର ଉପରେ ଅଙ୍କୁଶ ଲଗାଇଲେ କିଛି ଲାଭ ନାହିଁ। କମ୍ପାନୀ ବନ୍ଦ ହେଲେ ଉତ୍ପାଦ ବଜାରରେ ଉପଲବ୍ଧ ହେବନାହିଁ କି ଲୋକେ ତା' ପ୍ରତି ଆକୃଷ୍ଟ ହେବେ ନାହିଁ। ଗୁଟ୍‌ଖା ଉତ୍ପାଦନ ନିଷିଦ୍ଧ ନ କରି ଏହାର ଖୋଳ ଉପରେ ବୈଧାନିକ ସତର୍କତା ଆଳରେ ଯେତେ ଭୟଙ୍କର ଚିତ୍ର ଆଙ୍କିଲେ ମଧ୍ୟ ଏହା ବ୍ୟବହାରକାରୀଙ୍କୁ ଆଦୌ ପ୍ରଭାବିତ କରୁନାହିଁ। ପରୋକ୍ଷରେ ସରକାରୀ ପ୍ରୋତ୍ସାହନପ୍ରାପ୍ତ କମ୍ପାନୀଗୁଡ଼ିକ ସମାଜକୁ ବିଷଜ୍ୱାଳାରେ ଭରପୂର କରିସାରିଲେଣି। କମ୍ପାନୀଗୁଡ଼ିକର ଧନ ଲାଳସା ଓ ସେଥିପାଇଁ ସରକାରୀ ବାବୁମାନଙ୍କର ପ୍ରୋତ୍ସାହନ ସାଧାରଣଙ୍କ ବିନାଶ ମାର୍ଗକୁ ସୁଗମ କରୁଛି। ଗରିବୀ ଶୋଷଣ ମାଧ୍ୟମରେ ଅର୍ଥ କ୍ଷମତାର ଶୀର୍ଷରେ ଉପନୀତ ହେବା ପାଇଁ ଚାଲିଥିବା ଅପ୍ରକାଶ୍ୟ ପ୍ରତିଯୋଗିତା ଏ ଦେଶର ସାଧାରଣ ଜନତାଙ୍କୁ ହତଚକିତ କରିଛି। ଓଡ଼ିଶାରେ ଅବସ୍ଥାପିତ ଜଣେ ତାମିଲ ଅଧିକାରୀଙ୍କ ସମ୍ପତ୍ତିର ମୂଲ୍ୟ ପ୍ରାୟ ସାଢେ ସାତହଜାର କୋଟି ଏବଂ ସେ ତାମିଲନାଡୁର ଶ୍ରେଷ୍ଠ ନବମ ଧନୀବ୍ୟକ୍ତି ବୋଲି ନିକଟରେ ସୋସିଆଲ ମିଡିଆରେ ପ୍ରକାଶ ପାଇଛି। ଏହା ସତ୍ୟ ହୋଇଥିଲେ ସାଂଘାତିକ। କାରଣ ଏ ବିପୁଳ ସମ୍ପତ୍ତିର ସିଂହଭାଗ ଓଡ଼ିଶାର, ଯାହାକୁ ସେ ଅତି ଚତୁରତାର ସହ ଲୁଟିଛନ୍ତି। ଏ ଦେଶର ମନ୍ତ୍ରୀ, ବିଧାୟକ ଓ ପାର୍ଲାମେଣ୍ଟ ସଦସ୍ୟଙ୍କ ସମ୍ପତ୍ତି ଆହରଣର ପୌନଃପୁନିକତା ସମସ୍ତ ଗାଣିତିକ ସୂତ୍ରର ଊର୍ଦ୍ଧ୍ୱରେ। ଦୁର୍ନୀତି ନିବାରଣ ସଂସ୍ଥା କ୍ଷୁଦ୍ର ଅଧିକାରୀମାନଙ୍କୁ କୌଶଳରେ ଜାଲ ବିଛାଇ କାବୁ କରୁଥିବା ବେଳେ କୌଣସି ସଂସ୍ଥା ଉଚ୍ଚ ପଦାଧିକାରୀ ଓ ସେମାନଙ୍କ ଶାସନ ମୁଖ୍ୟଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଗରିବ ଜୀବନଧାରଣ ପାଇଁ ସଂଗ୍ରାମ କରୁଥିବା ବେଳେ ଏମାନଙ୍କ ଧନରାଶି ସୀମାତୀତ ଭାବେ ବୃଦ୍ଧି ପାଇଚାଲିଛି।

ସବୁ ଧର୍ମଶାସ୍ତ୍ରରେ ଧନ ଉପାର୍ଜନ ପାଇଁ ସୀମାଧାର୍ଯ୍ୟ କରାଯାଇଛି। ଯେପରି ବେଦ କହେ- ଧନ ଉପାର୍ଜନ ସମୟରେ ପରଦୁଃଖ ପ୍ରତି ଉଦାସୀନ ହେବା ଉଚିତ ନୁହେଁ। ସ୍ୱଭାବ କବି ଗଙ୍ଗାଧର ମେହେର କହନ୍ତି- ''ଧନ ନୀରବେ ଆସିବୁରେ ଗରବ ନ ଦେବୁ ମନେ, ବିରତ ନ କରି ଅବିରତ ଥିବୁ ବିବେକ ଅନୁମୋଦନେ। ପଡିଲେ ତୋ ପାଦ ଦେବି ଧନ୍ୟବାଦ ତୋଷିବି ମୁଁ ସମାଜରେ, କିନ୍ତୁ ଏ ଜଗତେ ଅନ୍ୟକୁ ବା ମୋତେ ନ ପେଲିବୁ ପ୍ରମାଦରେ।''

ନିଜ ପାଇଁ ଓ ଅନ୍ୟ ଲାଗି ବିପଦ ସୃଷ୍ଟି କରି ଧନ ଅର୍ଜନ କରିବାକୁ କବି ବାରଣ କରିଛନ୍ତି। ସବଳ ବିରୋଧରେ କେହି ତୁଣ୍ଡ ଖୋଲନ୍ତି ନାହିଁ। ମହାବଳମାନେ ପ୍ରତ୍ୟହ ନିରୀହ ମୃଗଶାବକମାନଙ୍କୁ ଶିକାର କରିବାରେ ଲାଗିଛନ୍ତି। ହେଲେ ବଡ଼ ଲୋକଙ୍କୁ ଉତ୍ତର ନାହିଁ।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ-୯୯୩୭୪୫୦୫୪୦

# ଭୋଟର ମାଫିଆ

ଦ୍ୱିତୀ ଚନ୍ଦ୍ର ସାହୁ

ନାଁ ତା'ର ନୃପତି। ନିର୍ବାଚନ ଘୋଷଣା ହେଲେ ତା'ର ମନ ଖାଲି ଛନଛନ। ସେ କେବେ ନେତା ହୋଇନି। ନେତା ହେବାକୁ ତା'ର ଇଚ୍ଛା ବି ନାହିଁ। କୌଣସି ନିର୍ବାଚନରେ ବି ଲଢିନି। ତଥାପି ନିର୍ବାଚନରେ ବେଶି ରୁଚି। ନିର୍ବାଚନ ମଇଦାନରେ ଯେତେ ଅଧିକା ଦଳର ପ୍ରାର୍ଥୀ ଠିଆ ହେବେ ସେ ସେତେ ଉତ୍‌ଫୁଲ୍ଲ। ନିର୍ଦ୍ଦିଷ୍ଟ ଦଳ କିମ୍ବା ନେତାଙ୍କ ବଶମ୍ବଦ ହୋଇ ରହିନି କେବେ! ତେଣୁ ହାରଜିତରେ ବି ତା'ର କିଛି ଫରକ ପଡେନି। କୌରବ ଜିତିଲେ ଯାହା ପାଣ୍ଡବ ଜିତିଲେ ବି ସେୟା।

ନୃପତିର ମତ ହେଲା ପ୍ରତିବର୍ଷ ନିର୍ବାଚନ ହେବା ଦରକାର। ପାଞ୍ଚ ବର୍ଷ ଧରି ଗୋଟେ ସରକାର କ'ଣ! ପ୍ରତିବର୍ଷ ନିର୍ବାଚନ ହେଲେ ହିଁ ତା' ଭଳି ଜୀବମାନେ ବଞ୍ଚିବେ। ନୃପତିର କିଛି ବେଉସା ନାହିଁ। ନେତା ନ ହୋଇକି ବି ସେ ସବୁବେଳେ ଖଦଡ ପାଇଜାମା ପିନ୍ଧେ। ମୁଣ୍ଡରେ ନେହେରୁ ଟୋପି। ଆଉ କାମ ହେଲା ଲୋକ ଯୋଗାଡ କରିବା। ନିର୍ବାଚନ ଆସିଲେ ସେ ବିଭିନ୍ନ ଦଳ ଲାଗି ଲୋକ ଯୋଗାଡ କରେ। ନିର୍ବାଚନୀ ସଭାକୁ, ନାମାଙ୍କନ ଦାଖଲ ପାଇଁ, କେବେକେବେ ସଭାସମିତି, ରାଲି ଆଦି ଲାଗି ନୃପତି ସହଜରେ ଲୋକ ଯୋଗାଡ କରେ। ଏଇ କାରଣରୁ ସବୁ ଦଳ ପାଇଁ ସେ ଦରକାରୀ। କିନ୍ତୁ ପକ୍କା ବେପାରୀ। ମୁଣ୍ଡ ପିଛା ଠନଠନ କରି ପଇସା ନେବ। ପ୍ରଚାର ଗାଡିରେ ଯିବା, ପୋଷ୍ଟର ମାରିବା, ବାନା ବାନ୍ଧିବା, ପଦଯାତ୍ରା, ବିକ୍ଷୋଭ, ଶାନ୍ତି ଆନ୍ଦୋଳନ, ଆଇନ ଅମାନ୍ୟ ଆନ୍ଦୋଳନ ଏମିତି ଅଲଗା ଅଲଗା କାମ ପାଇଁ ସେ ସହଜରେ ସେଇ ଅନୁଯାୟୀ ଲୋକ ଯୋଗାଡ କରିଦେଇପାରେ। ଏସବୁରୁ ସେ ବର୍ଷ ତମାମ ବଞ୍ଚିବା ଲାଗି ଅର୍ଥ ଯୋଗାଡ କରେ। ତା' ବାଦେ ତା'ର ଚିହ୍ନା ଥିବା ଅଞ୍ଚଳରେ ଅଦୃଶ୍ୟରେ ହେଉଥିବା ଭୋଟ କିଣାବିକା ଲାଗି ବି ଭୋଟରଙ୍କ ମୁଣ୍ଡ ପିଛା ବିଭିନ୍ନ ଦଳରୁ ଟଙ୍କା ଆଣି ତା'ର ଅଧା ଅର୍ଥ ଲୋକଙ୍କ ଭିତରେ ବାଣ୍ଟେ। ଏମିତିରେ କାହାରି ଅଭାବ ଅସୁବିଧା ବେଳେ ଗାଁ ଲୋକଙ୍କ ନିକଟରେ ଠିଆ ହୁଏ ଠିକ୍ ନେତା ଭଳି। କେବଳ ବିଶ୍ୱସନୀୟତା ନ ହରାଇବା ଲାଗି। ଏମିତି କି ନିର୍ବାଚନ ଋତୁ ପରେ ବି ଛୋଟମୋଟିଆ ଚାକିରିଆଙ୍କ ବଦଳି ଲାଗି ରାଜଧାନୀ ଯାଇ ଯେନତେନ କାମ କରେ। କେବେ କେବେ ସଫଳ ହୁଏ। ପୁଣି କେବେ କେବେ ଅସଫଳ ହେଲେ ଗାଳିମାଡ଼ ଖାଏ। ତଥାପି ତା'ର ବୃତ୍ତି ପ୍ରତି ଆନୁଗତ୍ୟ ସବୁବେଳେ ରହିଆସିଛି।

କେବଳ ନୃପତି ନୁହଁ, ଏବେ ସବୁ ଗାଁ ଗହଳିରେ ଏମିତି ଭୋଟର ମାଫିଆ ହାଉଯାଉ। ସେମାନେ ଭୋଟରଙ୍କୁ ପ୍ରଭାବିତ କରିବା ଲାଗି ତଳସ୍ତରରେ କାମ କରନ୍ତି। ନେତା ସିନା ଫୁଲମାଳ ପିନ୍ଧି ଗାଁକୁ ଗାଁ, ସାହିକୁ ସାହି ବୁଲି ଭୋଟ ଭିକ୍ଷା କରିଚାଲନ୍ତି। କିନ୍ତୁ ଅସଲ ଖେଳ ଏଇ ଜାତୀୟ ଜୀବମାନେ କରନ୍ତି। କାହାକୁ କ'ଣ ଦେଇ ତୁଷ୍ଟ କରିବେ ସେଥିନେଇ ମୁଣ୍ଡ ଖଟାନ୍ତି। ସବୁ ଉଦ୍ୟମ ସତ୍ତ୍ୱେ ଲୋକଙ୍କ ମୋହ ନ ତୁଟିଲେ ନିଜ ସପକ୍ଷରେ ମତ ବୁଲାଇବା ଲାଗି ରାତି ଅଧିଆ କାମରେ ଲାଗିଯାନ୍ତି। ପୋଲିସ ପ୍ରଶାସନର କଡା ନଜର ସତ୍ତ୍ୱେ ସମସ୍ତଙ୍କୁ ଚକ୍‌ମା ଦେଇ ଟଙ୍କାଠାରୁ ଆରମ୍ଭ କରି ଲୁଗା, ଜିନିଷ, ଖେଳ ସାମଗ୍ରୀ ଭଳି ବହୁ ପ୍ରକାର ପ୍ରଲୋଭନରେ ବଶୀଭୂତ କରିବାକୁ ଚେଷ୍ଟା କରନ୍ତି। ଏମିତିକି ଭାବାବେଗକୁ ନେଇ ଠାକୁରଙ୍କ ନିକଟରେ ବି ଶପଥ କରାଇ ଭୋଟ ଦେବାକୁ ବିବଶ କରାଇପାରନ୍ତି। ଏଇକ୍ରମରେ ସେମାନେ ନିଜେ ମାଲାମାଲ ହୋଇଯାନ୍ତି। ନିଜର ଖର୍ଚ୍ଚପାଣି ଉଠାଇ ଦିଅନ୍ତି।

ଖଣି ମାଫିଆ, ଜାଗା ମାଫିଆ, ଦେହ ମାଫିଆ, ସାଂସ୍କୃତିକ ମାଫିଆଙ୍କ ଭଳି ଭୋଟର ମାଫିଆମାନେ ନିର୍ବାଚନ ଋତୁରେ ପୂରା ସକ୍ରିୟ। ଏମାନଙ୍କୁ ଛାଡି ନେତାମାନେ ରାଜନୀତି କରି ପାରିବେନି। ଏମାନଙ୍କ ତୁଷ୍ଟୀକରଣ ନେତାଙ୍କ ପ୍ରଥମ କାମ। ନେତା ଓ ଭୋଟର ମଧ୍ୟରେ ଏମାନେ ସେତୁ ଭଳି କାମ କରନ୍ତି। ଜିତିଲା ପରେ ନିର୍ବାଚନ ମଣ୍ଡଳୀକୁ କେବେ ଯିବାକୁ ହେଲେ ଏମାନେ ମୁଖ୍ୟତଃ କାର୍ପଟଦାର ସାଜିଥାନ୍ତି। ଲୋକଙ୍କୁ ଯୋଗାଡ କରି ଏକାଠି କରିବା। ନେତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେବା। ର୍‍ୟାଲି କରାଇ ବୁଲେଇବା କାମ ପାଇଁ ତ ପୁଣି ନେତାଙ୍କୁ ଲୋକ ଦରକାର। ଅନ୍ତତଃ ଏଇ ସବୁ କାମ ଲାଗି ନେତାମାନେ ଏଇ ଭୋଟର ମାଫିଆମାନଙ୍କ ସୁବିଧା ଅସୁବିଧା ବୁଝି ପାଖରେ ରଖିଥାନ୍ତି। ଅବଶ୍ୟ ଅର୍ଥ ଅଧିକ ମିଳିଲେ ବହୁରୂପୀ ଭଳି ରଙ୍ଗ ବଦଳେଇ ପାରନ୍ତି ଏମାନେ ସହଜରେ। ନୃପତି ଅବଶ୍ୟ ସଚ୍ଚୋଟ ଭୋଟର ମାଫିଆ। କାରଣ ସେ ଯାହାର ଖାଏ ତା'ର ଗାଏ। ସେଇ ଅନୁରୂପ କାମ କରେ। କିନ୍ତୁ ଏବେ ଆପଣଙ୍କ ଚାରିପାଖରେ ନୃପତି ଭଳି ଗୁଡାଏ ଭୋଟର ମାଫିଆ ସକ୍ରିୟ ହୋଇସାରିଥିବେ। ସୁତରାଂ ସାବଧାନ! ପ୍ରଭାବିତ ନ ହୋଇ ନିଜ ବିବେକାନୁମୋଦିତ ଭୋଟ ଦିଅନ୍ତୁ। ଭଲ ଲୋକଙ୍କୁ ବାଛନ୍ତୁ। ଗଣତନ୍ତ୍ରକୁ ସୁଦୃଢ଼ କରନ୍ତୁ।

ଇନ୍ଦିରା ନଗର, ରାୟଗଡ଼ା, ମୋ-୯୫୫୬୨୮୭୭୭୫,
dwitisahu@gmail.com

## ଏଇ ଭାରତରେ

ଗୁଜରାଟରେ ଏପ୍ରିଲ ୨୨ରେ ଏକ ବିବାହ ଉତ୍ସବ ଆୟୋଜନ ହେବାକୁ ଯାଉଛି। ଏଥିପାଇଁ ନିମନ୍ତ୍ରଣପତ୍ର ମଧ୍ୟ ବଣ୍ଟା ସରିଛି। ତେବେ ଏହା ସାଧାରଣ ବିବାହ ନୁହେଁ। ଏଥିରେ ଗୋଟିଏ ବେଦିରେ ୨ କନ୍ୟାଙ୍କୁ ବିବାହ କରିବେ ଜଣେ ବର ଏବଂ ବରଯାତ୍ରୀ ହେବେ ତାଙ୍କର ଜନ୍ମିତ ୩ ସନ୍ତାନ। ସେ ହେଉଛନ୍ତି ପାଲଘର ବାସିନ୍ଦା ସଞ୍ଜୟ ଧାଗଡ଼ା। ସେ ରିକ୍ସା ଚଳାନ୍ତି। ୧୦ ବର୍ଷ ତଳେ ବେବିଙ୍କ ସହିତ ତାଙ୍କର ଦେଖାହୋଇଥିଲା। ଚିହ୍ନା ପରିଚୟରୁ ପ୍ରେମସମ୍ପର୍କ। ପରେ ସେମାନେ ପଇସାପତ୍ର ଅଭାବରୁ ବିବାହ ନ କରି ଦୁହେଁ ଏକତ୍ର ରହିଲେ। ଉକ୍ତ ଦମ୍ପତିଙ୍କର ବର୍ତ୍ତମାନ ୩ ସନ୍ତାନ। ଏହାପରେ ୨୦୧୧ରେ ସଞ୍ଜୟ ଏକ କମ୍ପାନୀରେ ଚାକିରି କରୁଥିବାବେଳେ ସାଥୀ ରୀନାଙ୍କ ସହିତ ତାଙ୍କର କିଛିଦିନ ତଳେ ଦେଖା ହୋଇଥିଲା। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଲା। ଏବେ ସଞ୍ଜୟ, ବେବି ଏବଂ ରିନା ବିବାହ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣପତ୍ର ଦିଆସରିଛି। ଏହି ବିବାହକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜାରି ରହିଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧୬ ଏପ୍ରିଲ ୧୯୯୪**

- ଦୀର୍ଘ ୮ବର୍ଷ ଧରି ଚାଲି ଆସିଥିବା ଉରୁଗୁଏ ପର୍ଯ୍ୟାୟ ବାଣିଜ୍ୟ କଥାବାର୍ତ୍ତାର ପରିସମାପ୍ତି ଘଟାଇବାକୁ ଯାଇ ବିଶ୍ୱ ବାଣିଜ୍ୟ ସଂକ୍ରାନ୍ତ ବହୁଚର୍ଚ୍ଚିତ 'ଗାଟ୍' ରାଜିନାମା ସ୍ୱାକ୍ଷରିତ ହୋଇଛି।
- ଉଚ୍ଚ ପର୍ଯ୍ୟାୟର ବାଣିଜ୍ୟ ଏବଂ ପ୍ରଯୁକ୍ତି ସହଯୋଗ ପ୍ରତିଷ୍ଠା ପାଇଁ ଭାରତ ଏବଂ ପଶ୍ଚିମ ଅଷ୍ଟ୍ରେଲିଆ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ରୁଆଣ୍ଡାର ସରକାରୀ ସୈନ୍ୟ ଓ ବିଦ୍ରୋହୀ ରୁଆଣ୍ଡା ପାଟ୍ରିଓଟିକ ଫ୍ରଣ୍ଟର ସୈନ୍ୟମାନଙ୍କ ମଧ୍ୟରେ ରାଜଧାନୀ କିଗାଲିଠାରେ ଭୟାବହ ସଂଘର୍ଷରେ ୧ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପ୍ରାଣହାନି।

## ପାଠକ ଶ୍ରେଷ୍ଠ ବିଚାରକ

### ସମସ୍ତେ ଭୋଟ ଦିଅନ୍ତୁ

ମହାଶୟ,

ଏବେ ସାଧାରଣ ନିର୍ବାଚନ ଚାଲିଛି। ତେବେ ଦୁଃଖର ବିଷୟ। ଯୁବବର୍ଗଙ୍କ ମଧ୍ୟରୁ ଅନେକେ ଭୋଟ ଦେବାକୁ ଅନିଚ୍ଛୁକ। ଏକ ରିପୋର୍ଟ ଅନୁଯାୟୀ, ଗତ ସାଧାରଣ ନିର୍ବାଚନରେ ଭାରତରେ ୬୮ ପ୍ରତିଶତ ମତଦାନ ହୋଇଥିବା ବେଳେ ଓଡ଼ିଶାରେ ଏହା ୭୩ ପ୍ରତଶତ ଥିଲା। ମତଦାନ କରି ନ ଥିବା ଜନସାଧାରଣଙ୍କ ମଧ୍ୟରୁ ଅଧାରୁ ଅଧିକ ହେଉଛନ୍ତି ଯୁବବର୍ଗ। ଆଶାକରେ, ଚଳିତ ସାଧାରଣ ନିର୍ବାଚନର ଅବଶିଷ୍ଟ ପର୍ଯ୍ୟାୟଗୁଡ଼ିକରେ ଯୁବବର୍ଗ ତଥା ସମସ୍ତ ଭୋଟର ବିପୁଳ ପରିମାଣରେ ମତଦାନ କରିବେ।

ସୌରୀ ମହାରଣା, ଛାତ୍ର, ଆଦିମାତା କଲୋନୀ, ଭୁବନେଶ୍ୱର

### ପ୍ରତିଶ୍ରୁତି ପାଳନ ହିଁ ସଫଳତାର ମାପକାଠି

ନିର୍ବାଚନ ପରିପ୍ରେକ୍ଷୀରେ ବିଭିନ୍ନ ଦଳର ଷ୍ଟାର ପ୍ରଚାରକମାନେ ନିଜ ଦଳ ବା ସରକାରଙ୍କ ସଫଳତା ଓ ପ୍ରତିପକ୍ଷଙ୍କ ବିଫଳତା ବଖାଣିବାରେ ଲାଗିଛନ୍ତି। କିନ୍ତୁ ନିଜ ଦଳ ବା ସରକାର ପାଞ୍ଚବର୍ଷ ପୂର୍ବେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତିରୁ କେତେ ପାଳନ କରିଛନ୍ତି, ସେ ସମ୍ପର୍କରେ କିଛି କହୁନାହାନ୍ତି। ପୂର୍ବ ପ୍ରତିଶ୍ରୁତି ପାଳନ ହିଁ ସଫଳତାର ମାପକାଠି। ଏଣୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଶାସକ ଦଳ ନିଜର ନିର୍ବାଚନୀ ପ୍ରତିଶ୍ରୁତିରୁ କେତେ ପ୍ରତିଶତ ପାଳନ କରିଛନ୍ତି ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭୋଟରଙ୍କ ନିକଟରେ ଉପସ୍ଥାପନ କରନ୍ତୁ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ରାଜନେତା ଓ ଚିଟ୍‌ଫଣ୍ଡ

ଏବେ ରାଜ୍ୟରେ ଏକ ସମୟରେ ଲୋକସଭା ଓ ବିଧାନସଭା ନିର୍ବାଚନ ଚାଲିଛି। ନେତାମାନେ ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଅନେକ ତୁଷ୍ଟୀକରଣ ଯୋଜନା ଘୋଷଣା କରିଛନ୍ତି। ନିର୍ବାଚନ ପୂର୍ବରୁ ରାଜ୍ୟରେ ଏକ ଅଦିନିଆ ଝଡ ପରି ଚିଟ୍‌ଫଣ୍ଡ ଠକାମିକୁ ନେଇ ଆନ୍ଦୋଳନ ଦାନା ବାନ୍ଧିଥିଲା। ଏ ଠକ ସଂସ୍ଥାଗୁଡ଼ିକ ସହ କିଛି ନେତା ହାତ ମିଳାଇ ଏବଂ ତାଙ୍କ ସହ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ସଂଶ୍ଳିଷ୍ଟ ହୋଇ ସଂସ୍ଥାର ଗ୍ରହଣୀୟତା ବଢାଇଥିଲେ। ଚିଟ୍‌ଫଣ୍ଡ ଓ ରାଜନୈତିକ ଦଳର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଏକ ଏବଂ ଅଭିନ୍ନ ପରି ମନେହୁଏ। ତେଣୁ ଜନସାଧାରଣ ଏପରି ଠକ ସଂସ୍ଥାଗୁଡ଼ିକଠାରୁ ଦୂରରେ ଥିବା ସଚ୍ଚୋଟ ନେତାଙ୍କୁ ଭୋଟ ଦିଅନ୍ତୁ।

ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଘୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବୋଲେରୋ-ବାଇକ୍ ମୁହାଁମୁହିଁ, ୨ ମୃତ

ଉତ୍ତ୍ୟକ୍ତ ଲୋକେ ପୋଡ଼ିଦେଲେ ଗାଡ଼ି

**ମାଲକାନଗିରି,୧୫।୪(ଡି.ଏନ.ଏ):** ମାଲକାନଗିରି ଜିଲା ପୋଟେରୁ କଲେଜ ଛକ ନିକଟରେ ସୋମବାର ଅପରାହ୍ନ ପ୍ରାୟ ୫ଟାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ବୋଲେରୋ-ବାଇକକୁ ମୁହାଁମୁହିଁ ଧକ୍କା ହେବା ଯୋଗୁ ଘଟଣା ସ୍ଥଳରେ ୨ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ବୋଲେରୋ ଡ୍ରାଇଭର ଆହତ ହୋଇଛନ୍ତି। ଉଭୟ ବାଇକ ଆରୋହୀଙ୍କ ମୃତ୍ୟୁ ପରେ ଘଟଣା ସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜିତ ଲୋକେ ଦୁର୍ଘଟଣା ଘଟାଇଥିବା ବୋଲେରୋକୁ ନିଆଁ ଲଗାଇ ଜାଳି ଦେଇଛନ୍ତି। ଦୁଇ ମୃତକ ହେଲେ ଗୁମୁକା ପଞ୍ଚାୟତର ଏମଭି-୬୫ ଗ୍ରାମର ଯୋଗେଶ ଗାଇନଙ୍କ ପୁଅ ଶ୍ୟାମଲ ଗାଇନ ଓ ଏମପିଭି-୧୩ ଗ୍ରାମର ମଣିନ୍ଦ୍ର ଦାସଙ୍କ ପୁଅ ମେଘନାଦ ଦାସ ବୋଲି ଜଣାପଡ଼ିଛି। ପୋଟେରୁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା ଜାରି ରଖିଛି। ଖବର ଲେଖା ହେବାଯାଏ ସେଠାରେ ପରିସ୍ଥିତି ଅଣାୟତ ରହିଛି।

### ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ଜୟପୁର,୧୫।୪(ଡି.ଏନ.ଏ/ନି.ପ୍ର):** କୋରାପୁଟ ଜିଲା ଜୟପୁର ଉପ-କାରାଗାରର ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଆନ୍ଧ୍ରପ୍ରଦେଶ ରାଜ୍ୟର ବିଶାଖାପାଟଣା ଜିଲା ସିଲେରୁ ଥାନା ଅନ୍ତର୍ଗତ ଦୋରକଣ୍ଡା ଗ୍ରାମର କିମିଡୁ ରାମା (୨୦)। ଗତ ମାର୍ଚ୍ଚ ୧୫ ତାରିଖରେ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ବୈପାରୀଗୁଡ଼ା ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହି ଦିନଠାରୁ ସେ ଜୟପୁର ଜେଲରେ ବିଚାରାଧୀନ କଏଦୀ ଭାବେ ରହୁଥିଲେ। ଏନେଇ ଚିକିତ୍ସାଳୟ କର୍ତ୍ତୃପକ୍ଷ କୌଣସ ସୂଚନା ଦେଇ ନାହାନ୍ତି। ଜେଲ କର୍ତ୍ତୃପକ୍ଷ କହିବା ଅନୁଯାୟୀ, ରବିବାର ସନ୍ଧ୍ୟାରେ ରାମାଙ୍କ ବାନ୍ତିହେବାରୁ ସେ ଗୁରୁତର ହୋଇ ପଡ଼ିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସୋମବାର ଭୋରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିବା ସହିତ ତଦନ୍ତ ଚଳାଇଛି।

### ୩ କୋଇଲା ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

ପାରତାପୁର ଘାଟି ଦୁର୍ଘଟଣାରେ ଟ୍ରକ ଡ୍ରାଇଭର, ହେଲ୍‌ପର ମୃତ

**ରାୟଗଡା ଅଫିସ୍, ୧୫।୪:** ରାୟଗଡ଼ା ଓ ଶେଷଖାଲ ଥାନା ଅଞ୍ଚଳରେ ସୋମବାର ପୃଥକ ସ୍ଥାନରେ ୩ଟି ଟ୍ରକ୍ ଦୁର୍ଘଟଣା ଘଟିଛି। ଏଥିରେ ୨ଜଣ ପ୍ରାଣ ହରାଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ପଡୋଶୀ ରାଜସ୍ଥାନ ରାଜ୍ୟ ବିଲବାଡା ଜିଲା ମନୋହରଗଡ ଗ୍ରାମର ଭବର ସିଂ ମୀନା(୫୦) ଓ ସୁରେଶ ମୀନା(୩୦)। ଆହତ ଜଣକ ହେଲେ ହରିଶ ଲାଲ। ପ୍ରକାଶ ଯେ, ବିଶାଖାପାଟଣା ବନ୍ଦରରୁ କୋଇଲା ବୋଝେଇକରି ୭ଟି ଟ୍ରକ୍ ରାୟଗଡ଼ାକୁ ଆସୁଥିଲା। ସୋମବାର ଭୋରରୁ ୩ଟି ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରଥମେ ରାୟଗଡା ସହରର ଝଞ୍ଜାବତୀ ନଦୀ ଉପରେ ଥିବା ପୋଲରେ ଗୋଟିଏ ଟ୍ରକ୍ (ଓଡି-୨୩ସି-୮୮୪୧) ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଟ୍ରକ୍‌ଟି ନିୟନ୍ତ୍ରଣ ହରାଇ ପୋଲ ନିକଟରେ ଥିବା ସୁରକ୍ଷା ପାଚେରିରେ ବାଡେଇ ହୋଇଥିଲା। ଏଥିରେ ଟ୍ରକ୍ ଡ୍ରାଇଭର ହରିଶ ଲାଲ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପୋଲିସ ଉଦ୍ଧାରକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ସେହିପରି ଶେଷଖାଲ ଥାନା ପାରତାପୁର ଘାଟିରେ ସୋମବାର ଭୋର ପ୍ରାୟ ୫ଟାରେ ଏକ କୋଇଲା ବୋଝେଇ ଟ୍ରକ୍ (ଆର୍‌ଜେ-୦୬ଜିଏ-୭୬୮୧) ଭାରସାମ୍ୟ ହରାଇ ଓଲଟି ପଡି ଏକ ଗଛରେ ପିଟି ହୋଇ ଯାଇଥିଲା। ଏଥିରେ ଟ୍ରକ୍ ଡ୍ରାଇଭର ଭବର ସିଂ ମୀନା ଓ ହେଲ୍‌ପର ସୁରେଶ ମୀନା ପ୍ରାଣ ହରାଇଛନ୍ତି। ପଛରେ ଆସୁଥିବା ଅନ୍ୟ ଏକ ଟ୍ରକ୍ କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ପୋଲିସକୁ ସୂଚନା ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ମୃତକଙ୍କ ପରିବାରକୁ ସୂଚନା ଦେଇଛି। ସେହିଭଳି ଅତଡା ଗାଁ ନିକଟରେ ଆଉ ଏକ ଟ୍ରକ୍(ଏପି-୦୭-ଟିଏମ୍-୮୧୮୯) ନିୟନ୍ତ୍ରଣ ହରାଇ ଏକ ଚାଷ ଜମିରେ ଓଲଟି ପଡିଛି। ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି। ଏନେଇ ରାୟଗଡା ଥାନା ଓ ଶେଷଖାଲ ଥାନାରେ ଗୋଟିଏ ଲେଖାଏ ମାମଲା ରୁଜୁ ହୋଇଥିବା ଏସ୍‌ଡିପିଓ ତପନ କୁମାର ରଥ କହିଛନ୍ତି।

# ଡବଲ ଇଞ୍ଜିନ ରାଜ୍ୟରେ ଆଣିବ ବିକାଶ

**ରାଉରକେଲା ଅଫିସ/ଫୁଲବାଣୀ ଅଫିସ/ଅନୁଗୋଳ ଅଫିସ, ୧୫।୪**



ରାଉରକେଲା ସମାବେଶରେ ଉପସ୍ଥିତ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ ଓ ଅନ୍ୟ ନେତୃମଣ୍ଡଳୀ।

## ନିର୍ବାଚନୀ ସଭାରେ ଯୋଗୀ ଆଦିତ୍ୟନାଥ

- ରାଉରକେଲା, ଅନୁଗୋଳ, ଫୁଲବାଣୀରେ ସାଧାରଣ ସଭାରେ ଯୋଗ ଦେଲେ
- ଭାଜପା ଆସିଲେ ବିକାଶର ନୂଆ ଓଡିଶା ନିର୍ମାଣ ସଫଳ ହେବ
- ଚିଟଫଣ୍ଡରେ ସମ୍ପୃକ୍ତ ନେତାଙ୍କୁ ପ୍ରୋତ୍ସାହିତ କରୁଛନ୍ତି ରାଜ୍ୟ ସରକାର

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୧୮ତାରିଖରେ ହେବ। ଏହି ପର୍ଯ୍ୟାୟରେ ହେଉଥିବା ଲୋକ ସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀରେ ସବୁଦଳ ପକ୍ଷରୁ ପ୍ରଚାର ଜୋରଦାର ଚାଲିଛି। ଏହିକ୍ରମରେ ଭାଜପା ପ୍ରାର୍ଥୀଙ୍କ ନିମନ୍ତେ ଭୋଟ ଭିକ୍ଷା କରିବାକୁ ସୋମବାର ଓଡ଼ିଶା ଗସ୍ତରେ ଆସିଥିଲେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ପ୍ରଥମେ ରାଉରକେଲା ପରେ ଅନୁଗୋଳ ଓ ଶେଷରେ ଫୁଲବାଣୀ ଠାରେ ଆୟୋଜିତ ଦଳର ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇ ଯୋଗୀ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ କେନ୍ଦ୍ର ଓ ରାଜ୍ୟରେ ଭାଜପାର ଡବଲ ଇଞ୍ଜିନ୍ ସରକାର ଆସିଲେ ବିକାଶର ଶୀର୍ଷରେ ପହଞ୍ଚିବ ବୋଲି କହିଥିଲେ।

ଯୋଗୀ ପ୍ରଥମେ ରାଉରକେଲା ଏୟାର ଷ୍ଟ୍ରିପ ନିକଟ ପଡ଼ିଆରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଓଡ଼ିଶାର ବାସ୍ତବ ବିକାଶ ପାଇଁ ଏଠିକାର ରାଜ୍ୟ ସରକାର ଆନ୍ତରିକତା ପ୍ରକାଶ କରୁନାହାନ୍ତି। ସମ୍ପଦର ସଦୁପଯୋଗ କଲେ ଜନତାଙ୍କ ସାମୂହିକ ମଙ୍ଗଳ ହେବ। ଏଥିପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିବା ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନା ଅର୍ଥକୁ ମଧ୍ୟ ଖର୍ଚ୍ଚ କରିପାରୁନାହାନ୍ତି। ଏଣୁ ଉଭୟ କେନ୍ଦ୍ର ଓ ରାଜ୍ୟରେ ଭାଜପାର ଡବଲ ଇଞ୍ଜିନ ସରକାର ଗଠନ ହେଲେ ପ୍ରତ୍ୟେକ ସମସ୍ୟାର ସମାଧାନ ସମ୍ଭବ ହେବ ବୋଲି ଯୋଗୀ କହିଥିଲେ। ଏହି ଅବସରରେ ସେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଥିଲେ। ରାହୁଲ ଓ ନବୀନ ନିଜ ଆସନରୁ ଜିତିବେ ନା ନାହିଁ ସେ ନେଇ ଆଶଙ୍କାରେ ପଡ଼ିଛନ୍ତି। ସେଥିପାଇଁ ରାହୁଲ ତାଙ୍କ ପାରମ୍ପରିକ ଆସନ ଅମେଠି ସହ ୱାୟନାଡ୍‌ରେ ମଧ୍ୟ ନିର୍ବାଚନ ଲଢୁଛନ୍ତି। ନବୀନ ମଧ ତାଙ୍କ ଆସନ ହିଞ୍ଜିଳି ସହ ବିଜେପୁରରୁ ପ୍ରାର୍ଥୀ ହୋଇଛନ୍ତି। ଏମାନଙ୍କ ଉପରୁ ଲୋକେ ଆସ୍ଥା ହରାଇଛନ୍ତି। ଏପରି ଅବସ୍ଥାରେ ନରେନ୍ଦ୍ର ମୋଦିଙ୍କୁ ଆଉ ଥରେ କ୍ଷମତାକୁ ଆଣିବାକୁ ଯୋଗୀ ନିବେଦନ କରିଥିଲେ। ଏକ ସମୃଦ୍ଧ ଭାରତ ପାଇଁ ଭାଜପା ପ୍ରାର୍ଥୀଙ୍କୁ ଜିତାଇବାକୁ ସେ ଆହ୍ୱାନ ଦେଇଥିଲେ।

ପରେ ଅନୁଗୋଳସ୍ଥିତ ବିଜୁ ମଇଦାନରେ ଆୟୋଜିତ ସମାବେଶରେ ଯୋଗୀ ପହଞ୍ଚି ଜୟ ଜଗନ୍ନାଥରୁ ତାଙ୍କ ଭାଷଣ ଆରମ୍ଭ କରିଥିଲେ। ଓଡ଼ିଆରେ ଜନତାଙ୍କୁ ନମସ୍କାର କରିବା ସହ ସଭାସ୍ଥଳରେ ଥିବା ମା' ଓ ବରିଷ୍ଠଙ୍କୁ ପ୍ରଣାମ ବୋଲି କହିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ମା' ହିଙ୍ଗୁଳାଙ୍କ କ୍ଷେତ୍ରରେ ବହୁତ ମୂଲ୍ୟବାନ ସମ୍ପତ୍ତି ରହିଛି। ଖାଲି ଏଠାରେ ନୁହେଁ, ସମଗ୍ର ଓଡ଼ିଶା ପ୍ରାକୃତିକ ସମ୍ପଦ ଓ ଯୁବଶକ୍ତିରେ ପରିପୂର୍ଣ୍ଣ। କିନ୍ତୁ ରାଜ୍ୟରେ ଯୋଗ୍ୟ ସରକାର ନ ଥିବା କାରଣରୁ ଓଡ଼ିଶାର ବିକାଶ ହୋଇପାରୁନାହିଁ। ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସିଧା ଟାର୍ଗେଟ କରି ଗରିବଙ୍କ ଝାଳବୁହା ଧନ ଚିଟ୍‌ଫଣ୍ଡ କମ୍ପାନୀକୁ ଟେକି ଦେଇଥିବା ଅଭିଯୋଗ କରିଥିଲେ। ଏପରି କି ଚିଟଫଣ୍ଡ ଦୁର୍ନୀତିରେ ସମ୍ପୃକ୍ତ ନେତା ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ସେମାନଙ୍କୁ ଦଳୀୟ ଟିକେଟ ପ୍ରଦାନ କରି ନବୀନ ପ୍ରୋତ୍ସାହିତ କରୁଛନ୍ତି ବୋଲି ଯୋଗୀ କହିଥିଲେ। ଏହାପରେ ଯୋଗୀ କେନ୍ଦ୍ର ସରକାରଙ୍କ ସଫଳତା ବଖାଣିଥିଲେ। ଅନୁଗୋଳ ମାଟିର ପୁଅ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୭ କୋଟି ଗରିବ ମହିଳାଙ୍କୁ ବିନା ଦେୟରେ ଉଜ୍ଜ୍ୱଳା ଯୋଜନାରେ ସାମିଲ କରିଥିବାରୁ ମହିଳାମାନଙ୍କ ଓଠରେ ହସ ଖେଳିଛି ବୋଲି କହିଥିଲେ। ଭାଜପା କେନ୍ଦ୍ରରେ ସରକାର ଗଢ଼ିବା ପରେ କୌଣସି ଦୁର୍ନୀତି ହୋଇନାହିଁ ବରଂ ଦେଶର ବିକାଶରେ କାର୍ଯ୍ୟ କରିଛି। ଓଡ଼ିଶାରେ ରେଲୱେ, ପେଟ୍ରୋଲ, ହାଇୱେ, ବିମାନବନ୍ଦର ଭଳି ଅନେକ କ୍ଷେତ୍ରରେ ଉନ୍ନୟନ କାର୍ଯ୍ୟ କରାଯାଇଛି। ଆତଙ୍କବାଦୀ, ମାଓବାଦୀଙ୍କୁ ମୋଦି ସରକାର କଡ଼ା ଜବାବ ଦେଇଛନ୍ତି। ଭାଜପା ଦେଶକୁ ସୁରକ୍ଷା ଦେବା ସହ ସମୃଦ୍ଧି ଓ ବିକାଶ କରୁଛି। ଗରିବ, ଚାଷୀ, ଯୁବକ ଓ ମହିଳାଙ୍କ ପାଇଁ ବଡ଼ ବଡ଼ କାର୍ଯ୍ୟ କରୁଛି। ତେଣୁ ଓଡ଼ିଶାରେ ଭାଜପା ସରକାର ହେବା ଆବଶ୍ୟକ ବୋଲି ଯୋଗୀ କହିଥିଲେ।

ଶେଷରେ ଫୁଲବାଣୀ କରୋନେଶନ ପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେଇ ଯୋଗୀ କହିଥିଲେ, ଓଡିଶାରେ ପ୍ରାକୃତିକ ସମ୍ପଦ ଭରି ରହିଛି। ଏଠାର ଯୁବକ ପ୍ରତିଭାବାନ। ସେମାନେ ନିଜ ପ୍ରତିଭା ଗୁଜରାଟ, ମହାରାଷ୍ଟ୍ର, ଦିଲ୍ଲୀର ବିକାଶରେ ଲଗାଉଛନ୍ତି। ହେଲେ ନିଜ ଅଞ୍ଚଳରେ ପ୍ରତିଭାର ସମ୍ମାନ ନାହିଁ। ଓଡ଼ିଶାରେ ଭାଜପା ସରକାର ଥିଲେ କନ୍ଧମାଳର ଯୁବକ ରାଜ୍ୟ ବାହାରକୁ ଖଟିବାକୁ ଯାଇ ନ ଥାନ୍ତେ। ଦିନେ ମହାନ ଓଡିଶା ସ୍ୱପ୍ନ ଦେଖିଥିବା ବିଜୁ ବାବୁଙ୍କୁ ଏହା ବେଶି କଷ୍ଟ ଦେଉଥିବ। ତାଙ୍କ ସ୍ୱପ୍ନକୁ ଧୂଳିସାତ କରିଛି ବିଜେଡି ସରକାର। ଏବେ ସମସ୍ତଙ୍କ ମୁହଁରେ ଗୋଟିଏ କଥା କେନ୍ଦ୍ରରେ ମୋଦି ପ୍ରଧାନମନ୍ତ୍ରୀ ହୁଅନ୍ତୁ। ଗତ ୫ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଦେଶର ଦେଢ଼ କୋଟି ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ, ୪ କୋଟି ପରିବାରକୁ ନିଶୁଳ୍କ ବିଦ୍ୟୁତ୍ ସେବା, ୭ କୋଟି ପରିବାରକୁ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ, ସାଢ଼େ ୧୨ କୋଟି ପରିବାରକୁ ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନାରେ ୬ ହଜାର ଟଙ୍କା ସହାୟତା ଦେବାର ବ୍ୟବସ୍ଥା, ୩୭ କୋଟି ଗରିବଙ୍କ ପାଇଁ ଜନଧନ ଯୋଜନାରେ ବ୍ୟାଙ୍କ ଖାତା ଖୋଲିବା, ୧୫କୋଟି ଯୁବକଙ୍କୁ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ଆର୍ଥିକ ସ୍ୱାବଲମ୍ବୀ ପାଇଁ ପଦକ୍ଷେପ, ୫୦ କୋଟି ଗରିବଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ ଭଳି ଅନେକ ଜନହିତକର ଯୋଜନା କରିଛନ୍ତି। ଏହା କିଛି ଜାତିକୁ ଦେଖି କରାଯାଇନାହିଁ। ଦେଶର ପ୍ରତ୍ୟେକଙ୍କ ହିତଙ୍କ ପାଇଁ ହୋଇଛି। ତୁଷ୍ଟିକରଣ ନୀତିରେ ଭାଜପା ବିଶ୍ୱାସ କରେନାହିଁ ବୋଲି ଯୋଗୀ କହିଥିଲେ। ଏଥିସହ ଓଡ଼ିଶାରେ ଏବେ ସମସ୍ତେ ପରିବର୍ତ୍ତନ ଚାହୁଁଛନ୍ତି ବୋଲି ଯୋଗୀ କହିଥିଲେ। ୩ଟି ଯାକ ସଭାରେ ଯୋଗୀ ଦଳୀୟ ସାଂସଦ ପ୍ରାର୍ଥୀ ଏବଂ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ କହିଥିଲେ।

# ପୂର୍ବତନ ମନ୍ତ୍ରୀ, ବିଧାୟକ, ଅସନ୍ତୁଷ୍ଟ ନେତାଙ୍କୁ ଥଇଥାନ

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

## ପ୍ରଫୁଲ୍ଲ ଘଡ଼େଇ ବିଜେଡି ଉପସଭାପତି ନିଯୁକ୍ତ

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସରିଛି। ବାକି ୩ଟି ପର୍ଯ୍ୟାୟ ନିର୍ବାଚନ ପାଖେଇ ଆସୁଥିବାରୁ ଅସନ୍ତୁଷ୍ଟ ନେତାମାନଙ୍କୁ ବିଭିନ୍ନ ସାଙ୍ଗଠନିକ ଦାୟିତ୍ୱରେ ଥଇଥାନ କରି ସନ୍ତୁଷ୍ଟ କରିବା ପାଇଁ ବିଜେଡି ଉଦ୍ୟମ ଜାରି ରଖିଛି। ଏହି କ୍ରମରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବତନ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ଟିକେଟ ଆଶାୟୀ ପ୍ରାର୍ଥୀମାନଙ୍କୁ ବିଭିନ୍ନ ସାଗଠନିକ ଦାୟିତ୍ୱ ପ୍ରଦାନ କରିଛନ୍ତି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇଙ୍କୁ ରାଜ୍ୟ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଘଡ଼େଇଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଥିଲା। ନିକଟରେ ତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଥିଲା। ଏଥିସହିତ ଘଡ଼େଇଙ୍କୁ ଖୋର୍ଦ୍ଧା, ରଣପୁର ଏବଂ ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀର ବରିଷ୍ଠ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କୁ ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ, ନିରଞ୍ଜନ ପୂଜାରୀ, ଅର୍କକେଶରୀ ସିଂଦେଓଙ୍କୁ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ମନ୍ତ୍ରୀ ସୁଶାନ୍ତ ସିଂହଙ୍କୁ କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସିଦ୍ଧେଶ୍ୱରୀ ପ୍ରସାଦ ମିଶ୍ରଙ୍କୁ ଭୁବନେଶ୍ୱର ଉତ୍ତର ବିଧାନସଭା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ, ମନୋଜ ନାୟକଙ୍କୁ କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକଙ୍କୁ ବିଜେଡି ସାଧାରଣ ସମ୍ପାଦକ, ପ୍ରକାଶ ଦାଶଙ୍କୁ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଏବଂ ଯୁଗଳ ନାୟକଙ୍କୁ କଟକ ସଂସଦୀୟ କ୍ଷେତ୍ରର ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି।

ସେହିପରି ଦିଲ୍ଲୀପ ଦୁରିଆଙ୍କୁ ସମ୍ବଲପୁର ଓ ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ରେଢାଖୋଲ ଓ ରାଜନଗର ନିର୍ବାଚନମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ଭାବେ ଏମଡି ମୋବିନ, ଝାରସୁଗୁଡ଼ା ଓ ରେଙ୍ଗାଲି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଶୈଳେଶ ଦାନି, ବଣାଇ ଓ ବଡ଼ସାହି ସହ ପର୍ଯ୍ୟବେକ୍ଷକ ଭାବେ ଏମଡି ସହିଦ, ତଳସରା ଓ ଆଳି ସହ ପର୍ଯ୍ୟବେକ୍ଷକ ଭାବେ ପଲ୍ଲବ ଲିମା, ସୁନ୍ଦରଗଡ଼ ଓ ଛେଣ୍ଡିପଦା ସହ ପର୍ଯ୍ୟବେକ୍ଷକ ଭାବେ ଭୀମସେନ ମୁଦୁଲିଙ୍କୁ ନିଯୁକ୍ତି ଦିଆଯାଇଛି। ବୀରମହାରାଜପୁର ଓ ବାଙ୍ଗିରୀପୋଷି ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ଭାବେ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଲୋଇସିଂହା ଓ ଉଦଳା ସହ ପର୍ଯ୍ୟବେକ୍ଷକ ଭାବେ ଅନୁସୂୟା ମାଝି, ଆନନ୍ଦପୁର ଓ ବାରିପଦା ସହ ପର୍ଯ୍ୟବେକ୍ଷକ ଭାବେ ସନ୍ତୋଷ ବେଜ, କେନ୍ଦ୍ରାପଡ଼ା ସହ ପର୍ଯ୍ୟବେକ୍ଷକ ଭାବେ ଅଂଶୁମାନ ରଶ୍ମି ସାଗର ଏବଂ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ଭାବେ ଶୁଭ୍ରାଂଶୁ ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ମହେନ୍ଦ୍ର ମିଶ୍ର, ପ୍ରସନ୍ନଜିତ ସିଂହ, କମଳାକାନ୍ତ ମହାପାତ୍ରଙ୍କୁ ବିଜେଡି ସାଂଗଠନିକ ସମ୍ପାଦକ ଏବଂ ସରୋଜିନୀ ଦାସଙ୍କୁ ମହିଳା ବିଜେଡି ସାଙ୍ଗଠନିକ ସମ୍ପାଦିକା ଭାବେ ନିଯୁକ୍ତି କରାଯାଇଥିବାବେଳେ ବିଜେଡି ସଂଖ୍ୟାଲଘୁ ସେଲ ଉପସଭାପତି ଭାବେ ମୀର୍‌ଖାଦିମ ବକ୍ସ ଓ ବିଜେଡି ଯୁବ ସଂଖ୍ୟା ଲଘୁ ସେଲ କଟକ ଜିଲା ଉପସଭାପତି ଭାବେ ଜାକିର ଖାଁଙ୍କୁ ନିଯୁକ୍ତି ଦିଆଯାଇଛି।

ସେହିପରି ରତିକାନ୍ତ ସାହାଣୀ ଓ ସରୋଜକାନ୍ତ ସାହୁଙ୍କୁ କେନ୍ଦ୍ରାପଡ଼ା ଜିଲା ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି, ସୂର୍ଯ୍ୟ ମହାନ୍ତିଙ୍କୁ ସମ୍ପାଦକ, ଅକ୍ଷୟ କୁମାର ମେକାପଙ୍କୁ କାର୍ଯ୍ୟକାରୀ ସଭାପତି, ଚିତ୍ତରଞ୍ଜନ ବେହେରାଙ୍କୁ କେନ୍ଦ୍ରାପଡ଼ା ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି, ଗୌତମ ସ୍ୱାଇଁଙ୍କୁ କେନ୍ଦ୍ରାପଡ଼ା ଜିଲା ଯୁବ ବିଜେଡି ସମ୍ପାଦକ, ଦୁର୍ଗା ପ୍ରସାଦ ପତିଙ୍କୁ କେନ୍ଦ୍ରାପଡ଼ା ଜିଲା ବିଜେଡି ଉପସଭାପତି, ଶୁଭ୍ରାଂଶୁ ଭୂଷଣ କରଙ୍କୁ ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ଏବଂ ଦେବାଶିଷ ପଣ୍ଡାଙ୍କୁ ଜିଲା ଯୁବ ବିଜେଡି ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି।

ଅନୁରୂପ ଭାବେ କେନ୍ଦ୍ରାପଡ଼ା ଜିଲା ମହିଳା ବିଜେଡି ସାଂଗଠନିକ ସମ୍ପାଦକ ଭାବେ ସବିତା ସାହୁ ଓ ମନୋରମା ଭୂୟାଁଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ରତିକାନ୍ତ ସାମନ୍ତରାୟଙ୍କୁ ଜିଲା ଯୁବ ବିଜେଡି ସାଂଗଠନିକ ସମ୍ପାଦକ, କେନ୍ଦ୍ରାପଡ଼ା ଜିଲା ବିଜେଡି ଏସସି ସେଲ ସମ୍ପାଦକ ଭାବେ ସୁଦାମ ମଲ୍ଲିକ ଏବଂ ସଞ୍ଜୟ ମଲ୍ଲିକ, କେନ୍ଦ୍ରାପଡ଼ା ଜିଲା ବିଜେଡି ଯୁବ ସଂଖ୍ୟାଲଘୁ ସେଲ ସଭାପତି ଭାବେ ମହମ୍ମଦ ଅମୀରଙ୍କୁ ନିଯୁକ୍ତି ଦିଆଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ନିଯୁକ୍ତି ଦିଆଯାଇଛି ବୋଲି ବିଜେଡି ସାଧାରଣ ସମ୍ପାଦକ ବିଜୟ ନାୟକ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

# ସତ୍ୟପାଠ ଦାଖଲ କଲେ ଆବେଦନକାରୀ

**କଟକ ଅଫିସ, ୧୫।୪**

- କଅଁଳ କାନ୍ଧରେ ବସ୍ତାନି ବୋଝ
- ଗାଇଡ୍‌ଲାଇନ ମାନୁନି ସ୍କୁଲ

ସ୍କୁଲକୁ ଯାଉଥିବା କୋମଳମତି ପିଲାଙ୍କ କାନ୍ଧରୁ ବସ୍ତାନିର ବୋଝ ହାଲୁକା କରିବା ପାଇଁ ସରକାର ଯେଉଁ ଗାଇଡ୍‌ଲାଇନ ପ୍ରସ୍ତୁତ କରିଛନ୍ତି ତାହାକୁ ସ୍କୁଲଗୁଡ଼ିକ ମାନୁନାହାନ୍ତି। ପୂର୍ବବତଃ ବହି ବିକ୍ରି ଚାଲିଛି। ତେଣୁ ଏଥିପ୍ରତି ସ୍କୁଲଗୁଡ଼ିକ ସଚେତନ ନ ହେବା ଆଇନର ଉଲ୍ଲଂଘନ ବୋଲି ଆବେଦନକାରୀ ଆଡଭୋକେଟ କହ୍ନେୟାଲାଲ ଶର୍ମା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ସୂଚନାଥାଉ କି, ପିଲାମାନଙ୍କର ବୟସ ଓ ଶରୀରର ଓଜନ ଅନୁଯାୟୀ ସେମାନଙ୍କ କାନ୍ଧରେ ଯାଉଥିବା ବସ୍ତାନିର ଓଜନ ଅଧିକ ହେଉଥିବା ନେଇ ଆବେଦନକାରୀ ଶର୍ମା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଶର୍ମା ଦର୍ଶାଇଥିଲେ ଯେ, ବୟସ ଅନୁଯାୟୀ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଉନାହିଁ। ଫଳରେ ଓଜନିଆ ବ୍ୟାଗ କାନ୍ଧରେ ନେବା ଦ୍ୱାରା ପିଲାମାନେ ବିଭିନ୍ନ ପ୍ରକାର ରୋଗର ଶିକାର ହେଉଛନ୍ତି। ଏପରି କି କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୮ ଅକ୍ଟୋବର ମାସରେ ଏ ନେଇ ଏକ ଗାଇଡ୍‌ଲାଇନ ପ୍ରସ୍ତୁତ କରାଯାଇଥିଲେ ମଧ୍ୟ ଏହାକୁ ରାଜ୍ୟରେ ଅନୁପାଳନ କରାଯାଉ ନ ଥିବା ଶର୍ମା ଦର୍ଶାଇଥିଲେ। ଫଳରେ ହାଇକୋର୍ଟ ସରକାରଙ୍କଠାରୁ ଏ ସମ୍ପର୍କରେ ରିପୋର୍ଟ ମାଗିଥିଲେ। ପିଲାଙ୍କ କାନ୍ଧରୁ ବସ୍ତାନି ବୋଝ ହାଲୁକା କରିବା ପାଇଁ ଫେବୃୟାରୀ ୨ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଏଥିରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ଗାଇଡ୍‌ଲାଇନ ଉପରେ ଆଲୋଚନା ମଧ୍ୟ ହୋଇଥିଲା। ଏହି ଗାଇଡ୍‌ଲାଇନକୁ ଆଧାର କରି ରାଜ୍ୟ ସରକାର ଏକ ଗାଇଡ୍‌ଲାଇନ ପ୍ରସ୍ତୁତ କରିଥିବା ନେଇ ହାଇକୋର୍ଟଙ୍କୁ ସତ୍ୟପାଠ ମାଧ୍ୟମରେ ଗତ ମାର୍ଚ୍ଚ ୧୧ ତାରିଖରେ ଅବଗତ କରାଇଥିଲେ। ସରକାରଙ୍କ ଜବାବ ଦାଖଲ ପରେ ଆବେଦନକାରୀ ଆଡଭୋକେଟ ଶର୍ମା ପ୍ରତିଜବାବ ଦାଖଲ ନିମନ୍ତେ ହାଇକୋର୍ଟଙ୍କୁ ସମୟ ମାଗିଥିଲେ। ତଦନୁଯାୟୀ ସୋମବାର ଆବେଦନକାରୀ ଶର୍ମା ସତ୍ୟପାଠ ଆକାରରେ ନିଜ ପ୍ରତି ଜବାବ ଦାଖଲ କରିଛନ୍ତି। ଆବେଦନକାରୀ ଶର୍ମା ନିଜେ ଏହି ମାମଲା ପରିଚାଳନା କରୁଛନ୍ତି। ଆସନ୍ତା ମେ' ୧୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।

■ ଓଏଚ୍‌ଆର୍‌ସି ଅଧ୍ୟକ୍ଷ ପଦବୀ ମାମଲା

# ସମୟ ଲୋଡ଼ିଲେ ସରକାର

**କଟକ ଅଫିସ, ୧୫।୪**

ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆରସି) ଅଧ୍ୟକ୍ଷ ପଦବୀ ଖାଲି ପଡ଼ିବା ନେଇ ରୁଜୁ ହୋଇଥିବା ମାମଲାରେ ହାଇକୋର୍ଟଙ୍କୁ ସରକାର ସମୟ ମାଗିଛନ୍ତି। ଗ୍ରୀଷ୍ମ ଅବକାଶ ପରେ ଅର୍ଥାତ୍ ଜୁନ୍ ୧୭ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ସୂଚନାଥାଉ କି, ଓଏଚ୍‌ଆରସି ଅଧ୍ୟକ୍ଷ ପଦବୀ ଦୀର୍ଘ ୬ ବର୍ଷ ହେବ ଫାଙ୍କା ପଡ଼ିଛି। ଏହାକୁ ନେଇ ଆଡଭୋକେଟ୍ ପ୍ରବୀର ଦାସ ଏବଂ ଶିବ ଶଙ୍କର ମହାନ୍ତି ଦୁଇଟି ପୃଥକ୍ ମାମଲା ରୁଜୁ କରିଥିଲେ। ଏହାର ଏକତ୍ର ଶୁଣାଣି ହାଇକୋର୍ଟରେ ଜାରି ରହିଛି। ସରକାରଙ୍କ ପକ୍ଷରୁ ସୋମବାର ଏ ନେଇ ଏକ ସତ୍ୟପାଠ ଦାଖଲ କରାଯାଇଛି। ସତ୍ୟପାଠରେ ଦର୍ଶାଯାଇଛି ଯେ, ଗତ ଡିସେମ୍ବର ୨୨ ତାରିଖରେ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ରଘୁବୀର ଦାସଙ୍କୁ କମିଶନ ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ଜଷ୍ଟିସ ଦାସଙ୍କୁ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ସ୍ୱୀକୃତି ଦେବା ନିମନ୍ତେ କମିଶନ ସଚିବ ସରକାରଙ୍କୁ ଅନୁରୋଧ କରିଛନ୍ତି। ଆଇନ ବିଭାଗ ନିକଟରେ ଏହା ବିଚାରାଧୀନ ଅଛି। ଅନ୍ୟପକ୍ଷରେ ସ୍ଥାୟୀ ଅଧ୍ୟକ୍ଷ ପଦବୀ ପୂରଣ ନିମନ୍ତେ ସରକାର କି ପଦକ୍ଷେପ ନେଇଛନ୍ତି ସେ ନେଇ ହାଇକୋର୍ଟ ଉତ୍ତର ମାଗିଥିଲେ। ତେବେ ବର୍ତ୍ତମାନ ନିର୍ବାଚନ ଚାଲିଥିବାରୁ ଏହାର ଉତ୍ତର ରଖିବାକୁ ସରକାରଙ୍କ ପକ୍ଷରୁ ସମୟ ଲୋଡାଯାଇଥିଲା। ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କ ଖଣ୍ଡପୀଠରେ ମାମଲାର ଶୁଣାଣି କରାଯାଉଛି। ଆବେଦନକାରୀ ଆଡଭୋକେଟ ପ୍ରବୀର ଦାସ ନିଜେ ଏହି ମାମଲା ପରିଚାଳନା କରୁଛନ୍ତି।

# 'ଚାଷୀ, କୋଶଲୀ ଭାଷା ପ୍ରତି କେନ୍ଦ୍ର ଅଣଦେଖା କରିଛି'

**ଅତାବିରା/ଭେଡ଼େନ,୧୫।୪(ଡି.ଏନ.ଏ.)**



ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ଓ ଦଳୀୟ ପ୍ରାର୍ଥୀ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ବରଗଡ଼ ଜିଲା ଗସ୍ତରେ ଆସି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ସେ ବରଗଡ଼ ଜିଲାର ଅତାବିରା ନିର୍ବାଚନମଣ୍ଡଳୀରୁ ପ୍ରଚାର ଆରମ୍ଭ କରିଥିଲେ। ଭେଡ଼େନ ବ୍ଲକର ବାନିପାଲି ପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେଇ ଭାଜପା ନେତୃତ୍ୱାଧୀନ କେନ୍ଦ୍ରର ଏନ୍‌ଡିଏ ସରକାରକୁ ଟାର୍ଗେଟ୍ କରିଥିଲେ। ଚାଷୀ ଓ କୋଶଲୀ ଭାଷା ପ୍ରସଙ୍ଗ ଉଠାଇ ସେଥିପ୍ରତି କେନ୍ଦ୍ର ଅଣଦେଖା କରି ଚାଲିଛି ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, କାଳିଆ ଯୋଜନାରେ ଏପର୍ଯ୍ୟନ୍ତ ରାଜ୍ୟର ୪୦ଲକ୍ଷ ଚାଷୀ ଉପକୃତ ହୋଇ ସାରିଲେଣି। ମାତ୍ର କେନ୍ଦ୍ର ସରକାର ଏହି ଯୋଜନାକୁ ବନ୍ଦ କରିବା ପାଇଁ ଚକ୍ରାନ୍ତ ଚଳାଇଛି। ସେ ଥିବା ପର୍ଯ୍ୟନ୍ତ କାଳିଆ ଯୋଜନାକୁ କେହି ବନ୍ଦ କରି ପାରିବେନି। ବିଜେଡି ସରକାର ଗଢ଼ିବାର ପ୍ରଥମ ଦିନରେ ହିଁ ୨ଟି କିସ୍ତିର ୧୦ହଜାର ଟଙ୍କା ଚାଷୀଙ୍କ ଆକାଉଣ୍ଟରେ ଜମା ହେବ। ସେହିପରି ୨୦୧୪ ନିର୍ବାଚନୀ ଇସ୍ତାହାରରେ ଭାଜପା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଦୁଇଗୁଣା କରିବାକୁ କହିଥିଲା। କିନ୍ତୁ ଏପର୍ଯ୍ୟନ୍ତ ତାହା ହୋଇ ପାରିଲାନାହିଁ। ଏପରିକି ଧାନର ସହାୟକ ମୂଲ୍ୟ ବୃଦ୍ଧି ପାଇଁ ସେ ଦାବି କରିଥିଲେ। ବିଧାନସଭା ଗୃହ କମିଟି ମଧ୍ୟ ଏ ନେଇ କେନ୍ଦ୍ରକୁ ଫେରାଦ ହୋଇଥିଲା। ମାତ୍ର ୨ବର୍ଷ ବିତିଗଲା ପଛେ ଧାନର ସହାୟକ ମୂଲ୍ୟ ଦୁଇଗୁଣା ହେଲାନାହିଁ। ଓଡ଼ିଶାର ଦୁଇ କେନ୍ଦ୍ରମନ୍ତ୍ରୀ ଥିଲେ ମଧ୍ୟ ସେଥିପାଇଁ ମୁହଁ ଖୋଲି ନ ଥିବା ମୁଖ୍ୟମନ୍ତ୍ରୀ କହିଥିଲେ। କେନ୍ଦ୍ର ସରକାର ହସ୍ତତନ୍ତ ସାମଗ୍ରୀ ଉପରେ ଜିଏସ୍‌ଟି ଲଗାଇଥିଲେ। ବୁଣାକାରମାନେ ହଇରାଣ ହେଲେ। ବେପାର କମିଲା। ରାଜ୍ୟ ସରକାର ଜିଏସ୍‌ଟି ହ୍ରାସ ପାଇଁ ଦାବି କଲେ। ଶେଷରେ ବୁଣାକାରଙ୍କ ଉପରୁ ଜିଏସ୍‌ଟି ହ୍ରାସ କରାଗଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି କୋଶଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନିତ କରିବା ପାଇଁ ସେ କେନ୍ଦ୍ର ନିକଟରେ ଦାବି କରିଥିଲେ। ମାତ୍ର ତାହା ମଧ୍ୟ କେନ୍ଦ୍ର ସରକାର କଲା ନାହିଁ। କେବଳ ନିର୍ବାଚନ ସମୟରେ ଭାଜପା ନେତା ଓ ମନ୍ତ୍ରୀମାନେ ଏଠାକୁ ଆସି ବଡ଼ ବଡ଼ କଥା କହୁଛନ୍ତି ଏବଂ ରାଜ୍ୟବାସୀଙ୍କ ସୁଖଦୁଃଖରେ ଭାଗୀଦାର ହେଉ ନାହାନ୍ତି। ସେ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସାଢ଼େ ୪କୋଟି ଓଡ଼ିଆଙ୍କ ସେବା କରି ଚାଲିଥିବେ ବୋଲି ପ୍ରକାଶ କରି ବିଜେଡିର ବରଗଡ଼ ଲୋକସଭା ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ଏବଂ ଅତାବିରା ବିଧାନସଭା ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସପକ୍ଷରେ ମତଦାନ କରିବାକୁ ଭୋଟରଙ୍କୁ ନିବେଦନ କରିଥିଲେ।

ଉକ୍ତ ସଭାରେ ଲୋକ ସଭା ପ୍ରାର୍ଥୀ ଆଚାର୍ଯ୍ୟ ଦଳର ମହାନଦୀ ଲଢ଼େଇ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଦେଶ ସ୍ୱାଧୀନତା ପରେ କାଳିଆ ଯୋଜନା ଚାଷୀଙ୍କ ପାଇଁ ଏକ ବଡ଼ ଯୋଜନା। ଯେତେ ଚକ୍ରାନ୍ତ କଲେ ମଧ୍ୟ କେହି ଏହାକୁ ରୋକି ପାରିବେ ନାହିଁ କିମ୍ବା ଅତାବିରା ଓ ଭେଡ଼େନ ବ୍ଲକ ସମେତ ସାରା ଜିଲା, ରାଜ୍ୟର ବିକାଶଧାରାକୁ ବନ୍ଦ କରିପାରିବେ ନାହିଁ ବୋଲି ସେ କହିଥିଲେ। ସେହିପରି ଦଳର ବିଧାନସଭା ପ୍ରାର୍ଥିନୀ ଛୁରିଆ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିବା ସହିତ ନବୀନଙ୍କ ଯୋଜନା ରାଜ୍ୟକୁ ଏକ ବିକଶିତ ରାଜ୍ୟରେ ପରିଣତ କରିପାରିଛି ବୋଲି କହିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦ୍ମପୁର ଯାଇ ସେଠାରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ।

## ■ କେନ୍ଦ୍ରାପଡ଼ା ଲୋକ ସଭା, ବିଧାନସଭା ଆସନରେ ମୋଟ ପ୍ରାର୍ଥୀ ୫୭

# ବାହାର ନିର୍ବାଚନ କ୍ଷେତ୍ରରୁ ଲଢୁଛନ୍ତି ୧୫ ପ୍ରାର୍ଥୀ

**କେନ୍ଦ୍ରାପଡ଼ା ଅଫିସ, ୧୫।୪**

ଚଳିତ ସାଧାରଣ ନିର୍ବାଚନରେ କେନ୍ଦ୍ରାପଡା ଲୋକସଭା ଓ ବିଧାନସଭା ଆସନରୁ ପ୍ରାର୍ଥୀପତ୍ର ଦାଖଲ କରିଥିବା ବହୁ ପ୍ରାର୍ଥୀଙ୍କ ନାମ ଉକ୍ତ ନିର୍ବାଚନମଣ୍ଡଳୀରେ ନାହିଁ। ବାହାର ନିର୍ବାଚନ ମଣ୍ଡଳୀରୁ ଆସି ପ୍ରାର୍ଥୀପତ୍ର ଦାଖଲ କରିଥିବା ପ୍ରାର୍ଥୀଙ୍କୁ ବିରୋଧ କରି କେନ୍ଦ୍ରାପଡା ସ୍ୱାଭିମାନ ମଞ୍ଚ ପକ୍ଷରୁ ଏପ୍ରିଲ ୧୦ରେ ବିକ୍ଷୋଭ କରାଯାଇଥିଲା। ସେମାନେ ଅଭିଯୋଗ କରିଥିଲେ ଯେ, ନିଜ ନିର୍ବାଚନ ମଣ୍ଡଳୀରେ ଯୋଗ୍ୟ ପ୍ରାର୍ଥୀ ଥିଲେ ମଧ୍ୟ ରାଜନୈତିକ ଦଳ ଏହାକୁ ଅଣଦେଖା କରୁଛନ୍ତି। ବାହାର ସ୍ଥାନରୁ ଆସି ଏଠାରେ ପ୍ରାର୍ଥୀ ନିର୍ବାଚନ ଲଢ଼ି ଜିତି ଯାଉଛନ୍ତି। ଜିତିବା ପରେ ସେମାନେ ନିର୍ବାଚନମଣ୍ଡଳୀ ପାଇଁ କୌଣସି କାର୍ଯ୍ୟ କରୁନାହାନ୍ତି। ଫଳରେ ଜିଲାର ବିକାଶ ହୋଇ ପାରୁନାହିଁ।

ସୂଚନାଯୋଗ୍ୟ, ଚଳିତ ନିର୍ବାଚନରେ କେନ୍ଦ୍ରାପଡାରେ ଉଭୟ ଲୋକ ସଭା ଓ ବିଧାନ ସଭାରୁ ଆସନ ପାଇଁ ମୋଟ ୫୭ ଜଣ ପ୍ରାର୍ଥୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୫ ଜଣ ପ୍ରାର୍ଥୀଙ୍କ ନାମ ସେମାନଙ୍କ ନିର୍ବାଚନ ମଣ୍ଡଳୀରେ ନାହିଁ ବୋଲି ନାମାଙ୍କନ ପତ୍ର ଦାଖଲ ସମୟରେ କରାଯାଇଥିବା ସତ୍ୟପାଠରୁ ଜଣାପଡିଛି।

କେନ୍ଦ୍ରାପଡା ଲୋକସଭା ଆସନରେ ବିଜେଡି ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କ ଭୋଟ ଗ୍ରହଣ କେନ୍ଦ୍ର କଟକ ବାରିବାଟୀ ବିଧାନସଭା କ୍ଷେତ୍ରରେ ଥିବାବେଳେ ଭାଜପା ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କ ଭୋଟ ଗ୍ରହଣ କେନ୍ଦ୍ର ଭୁବନେଶ୍ୱରର ମଧ୍ୟ ବିଧାନସଭା କ୍ଷେତ୍ରରେ ରହିଛି। ସେହିପରି ସମାଜବାଦୀ ପାର୍ଟିର ଲୋକସଭା ପ୍ରାର୍ଥୀ ରବୀନ୍ଦ୍ର ବେହେରାଙ୍କ ନାମ ଭୁବନେଶ୍ୱର ଉତ୍ତର ବିଧାନସଭା କ୍ଷେତ୍ରରେ ରହିଛି। ପାଟକୁରା ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲ ଓ କଂଗ୍ରେସ ପ୍ରାର୍ଥୀ ଜୟନ୍ତ ମହାନ୍ତିଙ୍କ ନାମ କେନ୍ଦ୍ରାପଡା ବିଧାନସଭା କ୍ଷେତ୍ରରେ ପଞ୍ଜୀକରଣ ହୋଇଛି। ଏହି ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ରତିକାନ୍ତ କାନୁନଗୋଙ୍କ ନାମ ଭୁବନେଶ୍ୱର ମଧ୍ୟ ବିଧାନସଭା କ୍ଷେତ୍ରରେ ରହିଛି। କେନ୍ଦ୍ରାପଡା ସଂରକ୍ଷିତ ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ଶଶିଭୂଷଣ ବେହେରାଙ୍କ ନାମ ଭୁବନେଶ୍ୱର ଉତ୍ତର, ଭାଜପା ପ୍ରାର୍ଥୀ ସୁନାକର ବେହେରାଙ୍କ ରାଜନଗର ଓ ବିଏସ୍‌ପି ପ୍ରାର୍ଥୀ ରଞ୍ଜନ କୁମାର ମଲ୍ଲିକଙ୍କ ନାମ ମହାକାଳପଡା ବିଧାନସଭା କ୍ଷେତ୍ରରେ ରହିଛି। ରାଜନଗର ବିଧାନସଭା ଆସନରୁ ନିର୍ବାଚନ ଲଢୁଥିବା ସମାଜବାଦୀ ପାର୍ଟି ପ୍ରାର୍ଥୀ ସୁଦର୍ଶନ ପ୍ରଧାନଙ୍କ ନାମ ପିପିଲି ନିର୍ବାଚନ ମଣ୍ଡଳୀରେ ରହିଛି। ଏହି ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବା ସୁନୀତା ପ୍ରଧାନ ରାଜନଗରସ୍ଥିତ ସାତଭାୟା ଅଞ୍ଚଳର ହୋଇଥିଲେ ମଧ୍ୟ ତାଙ୍କର ଭୋଟ ଦାନକେନ୍ଦ୍ର ଦଶପଲ୍ଲା ବିଧାନସଭା କ୍ଷେତ୍ରରେ ରହିଛି। ମହାକାଳପଡା ବିଧାନସଭା ଆସନରୁ ନିର୍ବାଚନ ଲଢୁଥିବା ବିଜେଡି ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକଙ୍କ ନାମ ପାଟକୁରା ନିର୍ବାଚନ ମଣ୍ଡଳୀରେ ଥିବାବେଳେ ସମାଜବାଦୀ ପାର୍ଟି ପ୍ରାର୍ଥୀ ରଞ୍ଜିତା କାନୁନ୍‌ଗୋଙ୍କ କଟକ ବାରବାଟୀ ନିର୍ବାଚନ ମଣ୍ଡଳୀ, ସ୍ୱାଧୀନ ପ୍ରାର୍ଥୀ ମମତା ସାମନ୍ତରାୟଙ୍କ ନାମ ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀ ଓ ଆମ୍ବେଡ୍‌କର ଜାତୀୟ କଂଗ୍ରେସ ପ୍ରାର୍ଥୀ ଆଶୁତୋଷ ମହାରଣାଙ୍କ ନାମ ଗଞ୍ଜାମର କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀରେ ରହିଛି। ତେବେ ଆଜି ବିଧାନସଭା ଆସନରୁ ନିର୍ବାଚନ ଲଢୁଥିବା ସମସ୍ତ ପ୍ରାର୍ଥୀ ନିଜ ନିର୍ବାଚନ ମଣ୍ଡଳୀର ବୋଲି ଜଣାପଡିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିତି ମାଗନ୍ତାକୁ ଦିଅନ୍ତି ନାହିଁ,**
**ନିତି ମଲୁକୁ ଚାହାନ୍ତି ନାହିଁ ।**

ଯିଏ ସବୁଦିନେ ଭଲ ନାହିଁ ମନ୍ଦ ନାହିଁ ମାଗିବାକୁ ଚାଲି ଆସୁଥାଏ ତା'ପ୍ରତି ସଭିଙ୍କ ମନରେ ଏକପ୍ରକାର ବିତୃଷ୍ଣା ଭାବ ଆସିଯାଇଥାଏ । ଏପରି ମାଗିଖିଆ ବ୍ୟକ୍ତିଙ୍କୁ ଦେବା ଲାଗି କେହି ବି ଇଚ୍ଛାପ୍ରକାଶ କରି ନ ଥାନ୍ତି। ସେହିପରି ରୋଗ ବଇରାଗରେ ପଡ଼ିଲେ ସାଇପଡ଼ିଶା, ବନ୍ଧୁବାନ୍ଧବ ଥରେ ଅଧେ ଦେଖା କରିବାକୁ ଆସିଥାନ୍ତି। କିନ୍ତୁ ବହୁତ ଦିନ ଧରି ବେମାରରେ ପଡ଼ିଲେ ଆଉ କେହି ଦେଖାଶୁଣା କରିବାକୁ ସେତେଟା ଆଗ୍ରହ ଦେଖାଇ ନ ଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ନଈ ଦିଏ ଥଳ,**
**ବନ୍ଧୁ ଦିଏ ବଳ ।**

ନଈ ଥିଲେ ଚାଷବାସ ପାଇଁ ପାଣିର ଅଭାବ ରହି ନ ଥାଏ । ଜୀବନ ଜୀବିକା ପାଇଁ ନଈ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ସେହିପରି ବନ୍ଧୁ ହିଁ ସୁବିଧା ଅସୁବିଧାରେ ସହାୟତାର ହାତ ବଢ଼ାଇ ଦେଇଥାଏ। ବିପଦ ଆପଦ ବେଳେ ପାଖରେ ରହି ସାହାଭରସା ଯୋଗାଇ ଦେଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ସଂକ୍ଷେପରେ

### ଯୋଗ କରୁଥିବା ବେଳେ ଛାତ୍ରଙ୍କ ମୃତ୍ୟୁ

**ରାଜକନିକା, ୧୫।୪(ଡି.ଏନ୍.ଏ.):** ରାଜକନିକା ବ୍ଲକ ଅନ୍ତର୍ଗତ ଚରପଡା ପଞ୍ଚାୟତର ଠାକୁରାଣିପାଳ ଗ୍ରାମର ଜଣେ ପିଲା ସକାଳେ ଯୋଗ କରୁଥିବା ବେଳେ ତାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ଗୌତମ ବଳଙ୍କ ପୁଅ ସୌରଭ ବଳ(୧୭)। ସେ ଦିଲ୍ଲୀର ଏକ ଘରୋଇ କଲେଜରେ ଯୁକ୍ତ ୨ ପାଠ ପଢୁଥିଲେ। ସକାଳ ୮ଟା ବେଳେ ଘର ଛାତ ଉପରେ ଯୋଗକରୁଥିବା ବେଳେ ଭାରସାମ୍ୟ ହରାଇବାରୁ ଛାତରୁ ପଡିଯାଇଥିଲେ। ତୁରନ୍ତ ତାଙ୍କୁ ଯାଜପୁର ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନଯୋଗ୍ୟ, ଏହି ଅଞ୍ଚଳର ଆରାଧ୍ୟଦେବୀ ମା'ସିଦ୍ଧେଶ୍ୱରୀ ଦେବୀଙ୍କ ସାର୍ବଜନୀନ ସାମ୍ବରିକ ଯଜ୍ଞ ଓ ଭାଗବତ ପାରାୟଣ ସପ୍ତାହ ପାଇଁ ଗୌତମ ଓ ସୌରଭ ଦିଲ୍ଲୀରୁ ଆସିଥିଲେ । ଗୌତମ ଯଜ୍ଞର କଳସ ବୁଡାଇ କର୍ତ୍ତାଭାବେ ଯୋଗଦେଇଥିଲେ। ତେବେ ପୁଅର ମୃତ୍ୟୁ ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ପ୍ରତାପ, ଅନୁଭବଙ୍କ ମାରାଥନ ପ୍ରଚାର



**ରାଜକନିକା, ୧୫।୪(ଡି.ଏନ୍.ଏ.):** ରାଜକନିକା ବ୍ଲକ ଚରପଡା ପଞ୍ଚାୟତରେ ବିଜେଡ଼ି ପକ୍ଷରୁ 'ହକ ମାଗୁଛି ଓଡିଶା' କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଳି ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଓ କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ଅନୁଭବ ମହାନ୍ତି ଯୋଗଦେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବା ସହ ବିଜେଡିକୁ ବିଜୟୀ କରିବାକୁ ନିବେଦନ କରିଛନ୍ତି । ରାଜକନିକା ବିଜୁ ଜନତା ଦଳ ସଭାପତି ଜୟଦେବ ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ବରିଷ୍ଠ ବିଜେଡି ନେତା ବିକାଶଚନ୍ଦ୍ର ଦାସ, କପିଳେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ମଲ୍ଲିକ ଓ ଶ୍ରୀନିବାସ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ସେହିପରି ଅନୁଭବ ଏବଂ ପ୍ରତାପ ଏକ ରୋଡ ଶୋ ରାଜକନିକା ବ୍ଲକର ବରୁଣା ଡିହାପଞ୍ଚାୟତରୁବାହାରି ଛଦେଶ, ବଳରାମପୁର, ଓଳାଭର, ପାରିନୁଆପଡା, ହାବୁଳଗଣ୍ଡ, ଦେଉଳତରା, ନମତରା, କଣ୍ଡିଆ ଓ ଚରପଡା ଅଞ୍ଚଳ ପରିକ୍ରମା କରିଥିଲେ। ଏଥିସହ କଣ୍ଡିଆହାଟରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇଥିଲେ। ଏହି ରୋଡ ଶୋରେ ଜିଲା ପରିଷଦ ସଭ୍ୟ ଜଗନ୍ନାଥ ରାଉତରାୟ, ସରପଞ୍ଚ ଉତ୍ତମ ସେନାପତି, ସୁବଳ ସାହୁ ଓ ସୁବାସ ନାୟକ ପ୍ରମୁଖ ସାମିଲ ହୋଇଥିଲେ ।

### ବୈଜୟନ୍ତଙ୍କ ରୋଡ୍ ଶୋ

**ନିଶ୍ଚିନ୍ତକୋଇଲି,୧୫।୪(ସ୍ୱ.ପ୍ର.):** ମାହାଙ୍ଗା ନିର୍ବାଚନମଣ୍ଡଳୀ ଅଧୀନ ନିଶ୍ଚିନ୍ତକୋଇଲି ବ୍ଲକର ୨୭ ପଞ୍ଚାୟତରେ ସୋମବାର କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରର ଭାଜପା ଏମ୍‌ପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ରୋଡ୍ ଶୋ କରିଛନ୍ତି। ଏହି ସମୟରେ ସେ ବାଟରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ପ୍ରଣାମ କରୁଥିବା ଦେଖିବାକୁ ମିଳିଥିଲା। ତେବେ ରୋଡ ଶୋରେ ମାହାଙ୍ଗାବିଧାନସଭା କ୍ଷେତ୍ରର ଭାଜପା ବିଧାୟକ ପ୍ରାର୍ଥୀ ଶାରଦା ପ୍ରଧାନ ଅନୁପସ୍ଥିତ ଥିଲେ। ମାହାଙ୍ଗାର ପୂର୍ବତନ ଭାଜପା ପ୍ରାର୍ଥୀ ଚୌଧୁରୀ ପ୍ରଭାତ କେଶରୀ ମିଶ୍ର ଯୋଗ ଦେଇଥିଲେ। ଏହାକୁ ନେଇ ରାଜନୈତିକ ମହଲରେ ନାନାକଥା ଚର୍ଚ୍ଚା ହେଉଛି। ବୈଜୟନ୍ତ ହେଲିକପ୍ଟର ଯୋଗେ ଆସି ନରେନ୍ଦ୍ରପୁର ପଞ୍ଚାୟତରେ ଅବତରଣ କରିଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ଓରତି, କେରିଲୋ, ତରତ ପର୍ଯ୍ୟନ୍ତ ଆସି ତରତ ହନୁମାନ ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିସହିତ ସେଠାରେ ଉପସ୍ଥିତ ମହିଳା ଓ କୁନି ପିଲାଙ୍କ ସହ କିଛି ସମୟ ବିତାଇଥିଲେ। ଏହାପରେ ଅସୁରେଶ୍ୱର, କେଣ୍ଡାଳ, ଶୁକରପଡ଼ା ଓ କଟରପଡା ପଞ୍ଚାୟତରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ କର୍ମୀମାନେ ସ୍ୱାଗତ କରିଥିଲେ। ପରେ ନିଶ୍ଚିନ୍ତକୋଇଲି ବଜାର ଦେଇ ମେଡିକାଲ ଛକ ବାଟେ ବୁହାଳ ପଞ୍ଚୟତର ସୋମନାଥ ମନ୍ଦିରରେ ପହଞ୍ଚି ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ଉପସ୍ଥିତ କର୍ମୀଙ୍କୁ ଦୃଢ ମନୋବଳ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଶୋଭାଯାତ୍ରାରେ କଟକ ଜିଲା ଭାଜପା ସଭାପତି ଚୌଧୁରୀ ହେମନ୍ତ ସାହୁ, ମାହାଙ୍ଗା ନିର୍ବାଚନକ୍ଷେତ୍ରର ଦଳୀୟ ପ୍ରଭାରୀ ଅଶୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ■ ମା' ରାମଚଣ୍ଡୀଙ୍କ ଝାମୁଯାତ୍ରାର ୨ୟ ସନ୍ଧ୍ୟା

# ମେଳାରେ ରାମଦୋଳି, ୱାଟର ବୋଟିଂ ମୁଖ୍ୟ ଆକର୍ଷଣ

**ମହାକାଳପଡା,୧୫।୪(ଡ଼ି.ଏନ୍.ଏ.)**

ମହାକାଳପଡା ବ୍ଲକ ଅନ୍ତର୍ଗତ ମା' ଦରିଆ ରାମଚଣ୍ଡୀର ଝାମୁଯାତ୍ରାର ୨ୟ ସନ୍ଧ୍ୟା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଆୟୋଜିତ ମେଳାରେ ରାମଦୋଳି, ୱାଟର ବୋଟିଂ, ଟ୍ରୟ ଟ୍ରେନ, ମୁଭି ଚେୟାର ଓ ଅନେକ ଫାଷ୍ଟଫୁଡ୍ ଦୋକାନ ସବୁ ବସିଛି। ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଉଠା ଦୋକାନ ଏଠାରେ ଖୋଲାଯାଇଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ବିଭିନ୍ନ ରାଜନୈତିକ ନେତା ଓ ପ୍ରାର୍ଥୀଙ୍କ ଭିଡ ପୀଠରେ ଦେଖିବାକୁ ମିଳୁଛି। ସେହିପରି ମେଳାପାଇଁ ଖୋଲିଥିବା ଖାଦ୍ୟଦୋକାନଗୁଡିକରେ ଭିଡ଼ ଜମୁଛି। ଏସବୁ ଖାଦ୍ୟରେ ରାସାୟନିକ ରଙ୍ଗ, ଦୂଷିତ ଜଳ ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି। ପକେଟମାର ଓ ମୋବାଇଲ ଲୁଟେରାଙ୍କ ରାକେଟ ସକ୍ରିୟ ହୋଇ ଉଠିଛି ବୋଲି ମେଳାକୁ ଆସୁଥିବା ବହୁ ଭକ୍ତ ଅଭିଯୋଗ କରିଛନ୍ତି। ଏସବୁ ସତ୍ତ୍ୱେ ମେଳା ଦେଖିବା ଲାଗି ଲୋକଙ୍କ ଉତ୍ସାହ ବଢ଼ିବାରେ ଲାଗିଛି। ବହୁ ଦୂରରୁ ଲୋକମାନେ ଏଠାକୁ ମେଳା ଦେଖିବାକୁ ଆସୁଛନ୍ତି। ଏନେଇ ମନ୍ଦିର ପରିଚାଳନା କମିଟି ଓ ଜମ୍ବୁ ମେରାଇନ ଥାନା ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି ବୋଲି ମନ୍ଦିର ଟ୍ରଷ୍ଟି ମଧୁରୀ ସେନାପତି ଓ ଥାନା ଅଧିକାରୀ ରାମକୁମାର ମୁର୍ମୁ ସୂଚନା ଦେଇଛନ୍ତି।



ପିଲାମାନେ ୱାଟର ବୋଟିଂର ମଜା ନେଉଛନ୍ତି।

## ଅବକାରୀ ଚଢ଼ାଉ, ଜଣେ ଗିରଫ

**ଆଠଗଡ଼,୧୫।୪(ସ୍ୱ.ପ୍ର.)**

ସୋମବାର ଆଠଗଡ଼ ଅବକାରୀ ବିଭାଗ, କଟକ ଭ୍ରାମ୍ୟମାଣ ଅବକାରୀ ବିଭାଗ ଓ ରାଜ୍ୟ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଖୁଣ୍ଟୁଣୀ ଥାନାର ଡାଲୁଆ ଓ ତାର ଆଖ ପାଖ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ୨୬ ଶହ ଲିଟର ଗୁଡପୋଚ ନଷ୍ଟ କରାଯିବା ସହ ରନ୍ଧା ହୋଇ ଗଚ୍ଛିତ ଥିବା ୯୦ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ସେହିପରି ଚୋରାମଦ କାରବାର କରୁଥିବା ଗୁରୁଡିଝାଟିଆ ଥାନା ଅଞ୍ଚଳର ଅନ୍ତର୍ଯ୍ୟାମୀ ନାଏକଙ୍କଠାରୁ ୧୦ଲିଟର ମଦ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି। ଚଢ଼ାଉରେ ଆଠଗଡ଼ ଅବକାରୀ ନିରୀକ୍ଷକ ସଞ୍ଜିତ୍ ବାର୍ଲା, ଉପନିରୀକ୍ଷକ ବିଜୟ ଭଞ୍ଜ, ଭ୍ରାମ୍ୟମାଣ ନିରୀକ୍ଷକ ପ୍ରବୀର ସାମଲ ଓ ଗୁଇନ୍ଦା ବିଭାଗ ନିରୀକ୍ଷକ ଶରତ ଭଞ୍ଜ ପ୍ରମୁଖ ସାମିଲ ହୋଇଥିଲେ।

## ପେଗରପଡ଼ାରେ ବାସନ୍ତୀଦୁର୍ଗା ପୂଜା

**ରାଜକନିକା, ୧୫।୪(ଡି.ଏନ୍.ଏ.)**



ମଣ୍ଡପରେ ପୂଜା ପାଉଥିବା ମା' ବାସନ୍ତୀଦୁର୍ଗାଙ୍କ ମେଢ଼।

ରାଜକନିକା ବ୍ଲକ ଅନ୍ତର୍ଗତ ପେଗରପଡା ଗ୍ରାମରେ ମା'ବାସନ୍ତୀ ଯୁବ ପରିଷଦ ପକ୍ଷରୁ ରବିବାରଠାରୁ ବାସନ୍ତୀଦୁର୍ଗା ପୂଜା ଆରମ୍ଭ ହୋଇଛି। ଏଥିପାଇଁ ଗାଁ ଉତ୍ସବ ମୁଖର ହୋଇଉଠିଛି। ସୁସଜ୍ଜିତ ତୋରଣ ଏବଂ ଆଲୋକରେ ବାସନ୍ତୀଦୁର୍ଗା ପଡିଆ ଝଲସୁଛି। ଏହି ଅବସରରେ ମହିଳାମାନେ କଳସ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ନିକଟସ୍ଥ ନଦୀରୁ ଜଳ ଆଣି ଘଟ ସ୍ଥାପନ କରିଥିଲେ। ଏହାପରେ ବିଧି ଅନୁସାରେ ମା'ଙ୍କ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। କର୍ତ୍ତା ଭାବେ ଧର୍ମୁଜୟ ବାରିକ ଯୋଗଦେଇଥିଲେ। ଏହି ପୂଜା ୫ ଦିନ ଧରି ଚାଲିବ। ସନ୍ଧ୍ୟାରେ ମଣ୍ଡପ ନିକଟରେ ଭଜନ କିର୍ତ୍ତନର ଆୟୋଜନ କରାଯାଇ ଗ୍ରାମବାସୀଙ୍କ ମଧ୍ୟରେ ଆଧ୍ୟାତ୍ମିକ ପରିବେଷ ସୃଷ୍ଟି ହୋଇଛି। ରାଜ୍ୟସଭା ସଦସ୍ୟ ପ୍ରତାପକେଶରୀ ଦେବ ଏଠାକୁ ଆସି ମା'ଙ୍କ ଦର୍ଶନକରି ଆର୍ଶିବାଦ ଭିକ୍ଷା କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ମା ବାସନ୍ତୀ ଦୂର୍ଗାପୂଜା କମିଟିର ସଭାପତି ନିହାର ଦାସ ,ସମ୍ପାଦକ ଦେବାଶିଷ ପଟ୍ଟନାୟକ,ଶୁଭଜିତ୍ ପଲାଇ, ସୁମନ୍ତ ମଲ୍ଲିକ,ରାଜେଶ ମଲ୍ଲିକ,ସମିର ବାରିକ ଓ ଅଜିତ୍ ବାରିକ ପ୍ରମୁଖ ପରିଚାଳନା କରୁଛନ୍ତି।

## ବିଜେଡିରେ ଯୋଗଦେଲେ ଭାଜପା, କଂଗ୍ରେସ କର୍ମୀ

**ନିଶ୍ଚିନ୍ତକୋଇଲି,୧୫।୪(ସ୍ୱ.ପ୍ର.)**

ମାହାଙ୍ଗା ନିର୍ବାଚନମଣ୍ଡଳୀର ବହୁ କଂଗ୍ରେସ ସଙ୍ଗଠକ ଓ କର୍ମକର୍ତ୍ତା ଦଳରୁ ଇସ୍ତଫା ଦେଇଥିଲେ। ସେମାନେ କିଛିଦିନ ନୀରବ ରହିବା ପରେ ସୋମବାର ବିଜେଡିରେ ଯୋଗ ଦେଇଛନ୍ତି। ସେହିପରି ଭାଜପାର ମଧ୍ୟ ବହୁ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ନିଶ୍ଚିନ୍ତକୋଇଲି ବଜାରସ୍ଥିତ ଦେବୀକୃପା ମଣ୍ଡପରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ମାହାଙ୍ଗା ବିଧାୟକ ପ୍ରାର୍ଥୀ ପ୍ରତାପ ଜେନା ଅତିଥିଭାବେ ଯୋଗ ଦେଇଥିଲେ। ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ସାହୁ ଦଳର ଆଭିମୁଖ୍ୟ ଓ ପ୍ରତାପଙ୍କ କାର୍ଯ୍ୟ ଦକ୍ଷତା ଉପରେ ଆଲୋକପାତ କରିବା ପରେ କଂଗ୍ରେସର ୨୭ କର୍ମୀ ସାମିଲ ହୋଇଥିଲେ। କଟିକଟା ପଞ୍ଚାୟତର ରଘୁନାଥ ସିଂଙ୍କ ନେତୃତ୍ୱରେ ଲକ୍ଷ୍ମୀଧର ସାହୁ, ଭାଗବତ ଷଡ଼ଙ୍ଗୀ, ସେକ ମମତାଜ, ରମେଶ ସାମନ୍ତରାୟ, ଚକ୍ରଧର ମହାରଣା, ସେକ୍ ବାରଉଦ୍ଦିନ, ଶୁକରପଡା ପଞ୍ଚାୟତ ଆଇନଜୀବୀ ପ୍ରଭାକର ସେଠୀ, ସେକ୍ ସଲାଉଦ୍ଦିନ, ଅସୁରେଶ୍ୱର ପଞ୍ଚାୟତର ଗୌରାଙ୍ଗ ପାତ୍ର, ଜିତେନ୍ଦ୍ର ସାହୁ, ସେକ ଜୁମା, ସେକ ଲାଲୋ, କଟରପଡା ପଞ୍ଚାୟତର ଅଜୟ ଜେନା, ଶେଷଦେବ ସ୍ୱାଇଁ ପ୍ରମୁଖ କର୍ମକର୍ତ୍ତା ଓ ସେମାନଙ୍କ ସମର୍ଥକ ବିଜେଡିରେ ଯୋଗ ଦେଇଛନ୍ତି।

## ■ କେନ୍ଦ୍ରାପଡ଼ାରେ ବଢ଼ିବ ଷ୍ଟାର ପ୍ରଚାରକଙ୍କ ଭିଡ଼

# ୨୩ରେ ଆସିବେ ପ୍ରଧାନମନ୍ତ୍ରୀ

**କେନ୍ଦ୍ରାପଡା ଅଫିସ, ୧୫।୪**

ଆସନ୍ତା ୨୦ରୁ କେନ୍ଦ୍ରାପଡା ଜିଲାରେ ଷ୍ଟାର ପ୍ରଚାରକଙ୍କ ଭିଡ଼ ବଢ଼ିବ। ଏଠାରେ ଚତୁର୍ଥ ପର୍ଯ୍ୟାୟରେ ଅର୍ଥାତ୍ ଏପ୍ରିଲ ୨୯ରେ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ପ୍ରଚାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସାମିଲ ହେବେ ବୋଲି ସୂଚନା ମିଳିଛି। ଭାଜପା ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁଙ୍କ କହିବାନୁଯାୟୀ, ଆସନ୍ତା ୨୦ରେ କେନ୍ଦ୍ରମନ୍ତ୍ରୀ ମୁକ୍ତାର ଆବାସ ନକଭି କେନ୍ଦ୍ରାପଡା ଗସ୍ତରେ ଆସିବେ। ସେହିପରି ୨୨ରେ ରାଜନଗର ବିଧାନସଭା ନିର୍ବାଚନ କ୍ଷେତ୍ରକୁ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ପ୍ରଚାର ପାଇଁ ଆସିବେ। ଆସନ୍ତା ୨୩ରେ କେନ୍ଦ୍ରାପଡା ବ୍ଲକ ବାରୁଅଠାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ କାର୍ଯ୍ୟକ୍ରମ ରହିଛି। ଉକ୍ତଦିନ କେନ୍ଦ୍ରାପଡା ଲୋକ ସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଟକ ଜିଲା ମାହାଙ୍ଗା ବିଧାନସଭା କ୍ଷେତ୍ରରେ କେନ୍ଦ୍ରମନ୍ତ୍ରୀ ନୀତୀନ ଗଡକରୀ ପ୍ରଚାରରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି । ଜିଲା ସଭାପତି ସାହୁଙ୍କ ସୂଚନା ଅନୁଯାୟୀ, ଏପ୍ରିଲ ୨୪ରେ ବଲିଉଡ କଳାକାର ସୁନୀଲ ସେଟ୍ଟୀ ଓ ସନି ଦେଓଲ ଜିଲାକୁ ଆସିବାର କାର୍ଯ୍ୟକ୍ରମ ରହିଛି। ଜିଲା କଂଗେସ ସଭାପତି ଚିନ୍ମୟ ବେହୁରାଙ୍କ ସୂଚନା ଅନୁଯାୟୀ, ରାହୁଲ ଓ ବରିଷ୍ଠ ନେତ୍ରୀ ତଥା ବଲିଉଡ ଅଭିନେତ୍ରୀ ନଗମା ଏହି ଜିଲାକୁ ଆସିବା ପାଇଁ ସ୍ଥିର କରାଯାଇଛି। ମାତ୍ର ଏପର୍ଯ୍ୟନ୍ତ ଏହାର ତାରିଖ ଧାର୍ଯ୍ୟ କରାଯାଇନାହିଁ। ବିଜେଡି ଯୁବ ସଭାପତି ରାଜେଶ ପଣ୍ଡାଙ୍କ ସୂଚନା ଅନୁଯାୟୀ,ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ରାଜ୍ୟର ବରିଷ୍ଠ ଷ୍ଟାର ପ୍ରଚାରକ କେନ୍ଦ୍ରାପଡା ଜିଲା ଗସ୍ତରେ ଆସିବେ ସୂଚନା ମିଳିଛି। ତେବେ ଷ୍ଟାର ପ୍ରଚାର ମଧ୍ୟରେ କେଉଁ ରାଜନୈତିକ ଦଳ ଏହାର ଫାଇଦା ଉଠାଇବ ତାହା ଭୋଟ ପରେ ଜଣାପଡିବ ବୋଲି ରାଜନୈତିକ ବିଶ୍ଳେଷକମାନେ କହିଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
ACB ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
9058692160
7467886694

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

FINANCE

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

FINANCE
ସ୍ୱୀକୃତୀପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କସିଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ଋଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544
8956667461

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟୀକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

BUSINESS

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ଋଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି।
(ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

ଭାରତର ନଂ.୧
INDUS NETWORK COMPANY
(Govt. Regd.) ଦ୍ୱାରା ନିଜର ଖାଲି ପଡ଼ିଥିବା ଜମିରେ ଡିଜିଟାଲ୍ ନେଟ୍‌ୱର୍କ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ୭୦ ଲକ୍ଷ ଆଡ୍‌ଭାନ୍ସ + ୭୦,୦୦୦ ଭଡ଼ା + ଏଗ୍ରିମେଣ୍ଟ + ୧ ବାଇକ୍ ।
Helpline Numbers
9430834074
8709556494
House No.267, Friends Colony, New Delhi-6

See Color Display Classified on every Tuesday & Friday

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୬ ଏପ୍ରିଲ, ୨୦୧୯



ଅତି ଘର୍ଷଣ ଫଳରେ ଚନ୍ଦନ କାଷ୍ଠରୁ ମଧ ଅଗ୍ନି ବାହାରେ। ସେହିପରି ଜ୍ଞାନୀମାନଙ୍କ ପ୍ରତି ଅବଜ୍ଞା ପ୍ରଦର୍ଶନ କଲେ ସେମାନଙ୍କ ହୃଦୟରୁ କ୍ରୋଧଜାତ ହୁଏ।
- ମହର୍ଷି ବାଲ୍ମୀକି



## ସଂକ୍ଷେପରେ

### ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଗୁରୁବାର ବୈଠକ

ରସୁଲପୁର,୧୫।୪(ଡି.ଏନ.ଏ.): ଭାଜପା ଓଡ଼ିଶା ପ୍ରଭାରୀ ଅରୁଣ ସିଂ ସୋମବାର ଯାଜପୁର ଜିଲା ଗସ୍ତରେ ଆସି ଅପରାହ୍ନରେ କୁଆଖିଆ ବଜାରଠାରେ ପହଞ୍ଚିଥିଲେ। ତାଙ୍କୁ ଜିଲା ଭାଜପା କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏଥିସହ ବଜାରସ୍ଥିତ ଏକ ଘରୋଇ ହୋଟେଲରେ ଆୟୋଜିତ ବିଶେଷ ବୈଠକରେ ଯୋଗଦେଇଥିଲେ। ଜିଲାର ୭ ନିର୍ବାଚନମଣ୍ଡଳୀର ବିସ୍ତାରକ, ବିଧାୟକ ପ୍ରାର୍ଥୀଙ୍କ ପ୍ରତିନିଧି, ନିର୍ବାଚନମଣ୍ଡଳୀ ପ୍ରଭାରୀମାନେ ବୈଠକରେ ଯୋଗଦେଇଥିଲେ। ଭାଜପା ଓଡ଼ିଶା ପ୍ରଭାରୀ ସିଂ ବିଭିନ୍ନ ନିର୍ବାଚନମଣ୍ଡଳୀରେ ଦଳର ସାଙ୍ଗଠନିକ ସ୍ଥିତି ସମ୍ପର୍କରେ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରି ପ୍ରତ୍ୟେକ କମିଟିକୁ କ୍ରିୟାଶୀଳ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶାର ସହ ସଙ୍ଗଠନ ମନ୍ତ୍ରୀ ସୌଦାନ ସିଂ, ରାଜ୍ୟ ସମ୍ପାଦକ ସୁରେନ୍ଦ୍ର ପଣ୍ଡା, ଯାଜପୁର ଜିଲା ପ୍ରଭାରୀ ପ୍ରତାପ ମିଶ୍ର ପ୍ରମୁଖ ବୈଠକରେ ଯୋଗଦେଇ ସାଙ୍ଗଠନିକ ଚିନ୍ତାରେ ଅଂଶଗ୍ରହଣ କରିଥିଲେ। ଜିଲାର ୨୪ ଜଣ ପ୍ରତିନିଧି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନିର୍ବାଚନରେ ଦଳ କି ରଣନୀତି ଆପଣେଇବ ସେ ଦିଗରେ ପ୍ରତିନିଧିଙ୍କୁ ଗୁରୁମନ୍ତ୍ର ପ୍ରଦାନ କରାଯାଇଛି। ଜିଲା ପରିଷଦ ସଦସ୍ୟ ରଶ୍ମିରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ■ କ୍ଷମତା ପାଇଁ ଦଳ ବଦଳରେ ରେକର୍ଡ

# ପ୍ରାର୍ଥୀତ୍ୱକୁ ଅଧିକ ସୁଯୋଗ ଦେଇଛି ଭାଜପା

ଯାଜପୁର ଅଫିସ,୧୫।୪

ଯାଜପୁର ଜିଲାରେ ୨୦୧୪ ସାଧାରଣ ନିର୍ବାଚନ ତୁଳନାରେ ୨୦୧୯ ନିର୍ବାଚନରେ ପ୍ରମୁଖ ରାଜନୈତିକ ଦଳଗୁଡିକରେ ଦଳବଦଳ ରେକର୍ଡ ହୋଇଛି। ଏହି ଦଳ ବଦଳକାରୀଙ୍କ ମଧ୍ୟରୁ ଅନେକଙ୍କୁ ଭାଜପା ଓ ବିଜେଡି ପ୍ରାର୍ଥୀ କରିଛି। ଦଳ ବଦଳକାରୀଙ୍କୁ ପ୍ରାର୍ଥୀ କରାଯିବା ପରେ ଏହାକୁ ସମ୍ପୃକ୍ତ ଦଳର କର୍ମୀମାନେ କେତେଦୂର ଗ୍ରହଣ କରୁଛନ୍ତି ଓ ଭୋଟର କେତେ ସମର୍ଥନ ଜଣାଉଛନ୍ତି ତାହା ନିର୍ବାଚନ ପରେ ସ୍ପଷ୍ଟ ହୋଇଯିବ। ସ୍ୱାଧୀନ କିମ୍ବା ଅନ୍ୟ ଦଳରୁ ଆସି ଯୋଗଦେବା ସଂଖ୍ୟା ବିଜେଡିରେ ସର୍ବାଧିକ ହୋଇଥିବାବେଳେ ଭାଜପା କିନ୍ତୁ ସବୁଠାରୁ ଅଧିକ ଦଳ ବଦଳକାରୀଙ୍କୁ ପ୍ରାର୍ଥୀ ହେବାର ସୁଯୋଗ ଦେଇଛି। ଯାଜପୁରରେ ଭାଜପା ସର୍ବାଧିକ ୫ଜଣ ଓ ବିଜେଡି ୨ଜଣଙ୍କୁ ପ୍ରାର୍ଥୀ କରିଛି। କଂଗ୍ରେସ ଏହି ପ୍ରକ୍ରିୟାରେ ଏକ ପ୍ରକାର ନୀରବି ଯାଇଛି।

ଯାଜପୁର ଜିଲା ବିଜେଡିରେ କଂଗ୍ରେସ ଛାଡି ଗତଥର ପ୍ରତିଦ୍ୱନ୍ଦ୍ୱୀ ଜନ୍ମେଜୟ ଲେଙ୍କା ବଡ଼ଚଣା ବିଜେଡିରେ ଯୋଗ ଦେଇଛନ୍ତି। କିନ୍ତୁ ଲେଙ୍କା ପ୍ରାର୍ଥୀ ହେବାର ସୁଯୋଗ ପାଇ ନ ଥିବାବେଳେ ଅମରପ୍ରସାଦ ଶତପଥି ପ୍ରାର୍ଥୀ ହୋଇଛନ୍ତି। ସ୍ୱାଧୀନରୁ ଭାଜପାକୁ ଯାଇଥିବା ଅମର ନାୟକଙ୍କୁ ଭାଜପା ପ୍ରାର୍ଥୀ କରିଛି। ସେହିପରି ଭାଜପା ଛାଡି ବିଜେଡିରେ ଯୋଗ ଦେଇଥିବା ଅଶୋକ ବଳଙ୍କୁ କୋରେଇ ନିର୍ବାଚନ ପାଇଁ ଦଳ ପ୍ରାର୍ଥୀ କରିଛି। କୋରେଇ ନିର୍ବାଚନମଣ୍ଡଳୀରେ ଅନୁରୂପ ଭାବେ ଦଳ ବଦଳକାରୀ କଂଗ୍ରେସରୁ ଭାଜପାରେ ସାମିଲ ହୋଇଥିବା ବିଶ୍ୱଜିତ ନାୟକଙ୍କୁ ଭାଜପା ପ୍ରାର୍ଥୀ କରିଛି। ଏଠାରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ଓ ଭାଜପାର ଅଧିକାଂଶ ପ୍ରାର୍ଥୀ ଦଳ ବଦଳକାରୀ। ଏଭଳି ସ୍ଥିତିରେ କୋରେଇବାସୀ କାହାକୁ ଅଧିକ ସମର୍ଥନ ଜଣାଉଛନ୍ତି ତାହା ଅସ୍ପଷ୍ଟ ରହୁଥିଲେ ହେଁ କଡ଼ା ଟକ୍କର ହେବ ବୋଲି ଚର୍ଚ୍ଚା ହେଉଛି। ଅଶୋକ ଓ ବିଶ୍ୱଜିତ ଏଯାଏ ବ୍ୟାସନଗର ସହରାଞ୍ଚଳର ଭୋଟରଙ୍କ ସହିତ ସେତେଟା ମିଶି ନ ଥିଲେ ହେଁ ମିଶ୍ରଣ ପ୍ରକ୍ରିୟାରେ ମାତିଛନ୍ତି। ବିଧାୟକ ଆକାଶ ଦାସନାୟକ ନୀରବ ରହିଥିବାରୁ ତାଙ୍କର ଅଧିକାଂଶ ସମର୍ଥକମାନେ ମଧ ଏକ ପ୍ରକାର ଅସହଯୋଗ କରୁଥିବା ଦେଖାଯାଉଛି। ତେଣୁ ଅଶୋକ ନୂତନ କର୍ମୀଙ୍କ ଯୋଗାଡରେ ମାତିଥିବାବେଳେ ବିଶ୍ୱଜିତ ଗାଁ ଗାଁ ବୁଲି ପ୍ରଚାରରେ ବ୍ୟସ୍ତ ରହୁଥିବା ଜଣାପଡିଛି। କେତେଜଣ ବିଜେଡି କର୍ମୀ ଫାଇଦା ନେବା ଉଦ୍ଦେଶ୍ୟରେ ବିଶ୍ୱଜିତ ଅସୁସ୍ଥ ଥିବା ପ୍ରଚାର ଚଳାଇଥିବା କୁହାଯାଉଛି। ଧର୍ମଶାଳା ବିଧାୟକ ଅଶୋକଙ୍କୁ ସହଯୋଗ କରିବାକୁ ହାତ ବଢାଇଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ପ୍ରାର୍ଥିନୀ ବନ୍ଦିତା ପରିଡା ପ୍ରଚାରରେ ହେଳା କରୁନାହାନ୍ତି। ସେ ଜଣେ ମହିଳା ଓ ପୂର୍ବତନ ପୌରାଧକ୍ଷା ରହିଥିବାରୁ ଭୋଟରଙ୍କ ନିକଟରେ ପହଞ୍ଚିବା ସହଜ ହେଉଛି। ତେବେ ଅଧିକାଂଶ କଂଗ୍ରେସ କର୍ମୀ ଦଳ ଛାଡି ଭାଜପା ଓ ବିଜେଡିରେ ସାମିଲ ହୋଇଥିବାରୁ ଫଳାଫଳ ଭାଜପା ଓ ବିଜେଡି ହାତକୁ ଯାଇପାରେ ବୋଲି ଚର୍ଚ୍ଚା ହେଉଛି। ସୁକିନ୍ଦା ନିର୍ବାଚନମଣ୍ଡଳୀରେ ଗତଥରର ସ୍ୱାଧୀନ ପ୍ରାର୍ଥୀ ପ୍ରଦୀପ ବଳସାମନ୍ତ ଏଥର ଭାଜପା ପ୍ରାର୍ଥୀ ହୋଇଛନ୍ତି। ପୂର୍ବରୁ ଏଠାରେ କଂଗ୍ରେସ ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ହୋଇଆସୁଛି। ଏଥର କଂଗ୍ରେସର ବହୁ ଛାମୁଆ ନେତା ବିଜେଡି ଶିବିରରେ ରହିଛନ୍ତି। ଏଣୁ ଭାଜପା ଯଦି କଂଗ୍ରେସ ଭୋଟ ଭାଗ କରେ ତେବେ ଫଳାଫଳ ବିଜେଡି ହାତକୁ ଯାଇପାରେ ବୋଲି ମତପ୍ରକାଶ ପାଉଛି। ବରୀ ଆସନ ପାଇଁ ଗତଥରର ସ୍ୱାଧୀନ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ଏଥର ଭାଜପା ପ୍ରାର୍ଥୀ କରିଛି। ସେହିପରି ସୁନନ୍ଦା ଦାସ ଭାଜପା ଛାଡି ବିଜେଡି ପ୍ରାର୍ଥୀ ହୋଇଛନ୍ତି। ସୁନନ୍ଦା ଜଣେ ମହିଳା ନେତ୍ରୀ ସହ ବରୀ ପଞ୍ଚାୟତ ସମିତି ଅଧକ୍ଷା ଭାବେ ବେଶ ଜଣାଶୁଣା। କିନ୍ତୁ ବିଶ୍ୱରଞ୍ଜନଙ୍କ ମଧ ସଂଗଠନ ସୁଦୃଢ ରହିଛି। ଗତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ହୋଇଥିଲେ ହେଁ ବିଧାୟକ ଦେବାଶିଷ ନାୟକଙ୍କଠାରୁ ମାତ୍ର ୭ହଜାର ଭୋଟ ବ୍ୟବଧାନରେ ପରାସ୍ତ ହୋଇଥିଲେ। ଏଭଳି ସ୍ଥିତିରେ ବିଜେଡି ଓ ଭାଜପା ମଧ୍ୟରେ ଏଠାରେ ମୁକାବିଲା ହେଉଛି। ୨୦୧୪ ନିର୍ବାଚନର କଂଗ୍ରେସ ପ୍ରାର୍ଥୀ ବବିତା ମଲିକ ଏଥର ଭାଜପା ପ୍ରାର୍ଥୀ ହୋଇଛନ୍ତି। ଏଠାରେ ବିଜେଡିରେ ଲଗାତାର ୪ଥର ବିଜୟୀ ହୋଇଥିବା ପ୍ରମିଳା ମଲିକଙ୍କୁ ପୁଣି ପ୍ରାର୍ଥୀ କରାଯାଇଛି। କଂଗ୍ରେସରୁ ମନୋରଞ୍ଜନ ଦାସ ପ୍ରାର୍ଥୀ ହୋଇଥିବାବେଳେ ଭୋଟର କାହା ଉପରେ ଅଧିକ ଆସ୍ଥା ରଖୁଛନ୍ତି ତାହା ଫଳାଫଳ ହିଁ କହିବ। କ୍ଷମତା ପାଇଁ ବଦଳବଦଳ ଜିଲାରେ ଏଥର ରେକର୍ଡ ସୃଷ୍ଟି କରିଛି।



ଅମର ନାୟକ। ବିଶ୍ୱଜିତ ନାୟକ ବିଶ୍ୱରଞ୍ଜନ ମଲ୍ଲିକ। ଅଶୋକ ବଳ।



ସୁନନ୍ଦା ଦାସ(ବିଜେଡି)। ପ୍ରଦୀପ ବଳସାମନ୍ତ। ବବିତା ମଲିକ

■ ୨ ଆସନରେ ବିଜେଡି, ୫ ଆସନରେ ଭାଜପା ଦେଇଛି ସୁଯୋଗ

■ ଏହି ପ୍ରକ୍ରିୟାରେ ନୀରବି ଯାଇଛି କଂଗ୍ରେସ

### କୃପା ପାର୍ଟିର ନିର୍ବାଚନୀ ପ୍ରଚାର:ଚର୍ଚ୍ଚାରେ ୨ ଭାଇ

ବରୀ,୧୫।୪(ସ୍ୱ.ପ୍ର.)

ବରୀ ଓ ଧର୍ମଶାଳା ବିଧାନସଭା ନିର୍ବାଚନମଣ୍ଡଳୀର କୃପା ପାର୍ଟିପକ୍ଷରୁ ପ୍ରାର୍ଥୀ ହୋଇଛନ୍ତି ଦୁଇ ଭାଇ ହରମୋହନ କର ଓ ଅକ୍ଷୟ କୁମାର କର। ସେମାନଙ୍କ ଘର ବରୀ ବ୍ଲକ ଅଧୀନ ଶଙ୍କରାକୁଳ ଗ୍ରାମରେ। ବଡ଼ଭାଇ ହରମୋହନ ଧର୍ମଶାଳା ଓ ସାନଭାଇ ଅକ୍ଷୟ ବରୀ ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇଛନ୍ତି। ରାଜନୀତିରେ ଦୁଇ ଭାଇଙ୍କ ପ୍ରବେଶକୁ ନେଇ ଚର୍ଚ୍ଚା ହେଉଛି। ହରମୋହନ ପୋଲିସ ବିଭାଗରୁ ଅବସର ନେଇଥିଲାବେଳେ ଅକ୍ଷୟ ଭାରତ ସରକାରଙ୍କ ସୈନ୍ୟ ବିଭାଗରୁ ସ୍ୱେଚ୍ଛାକୃତଭାବେ ଅବସର ନେଇ ରାଜନୀତିକୁ ଓହ୍ଲାଇଛନ୍ତି। ଶ୍ରୀକାନ୍ତ ସାମଲ କୃପା ପାର୍ଟିର ସଭାପତି ରହିଛନ୍ତି। ସୋମବାର ପ୍ରଚାର ସମୟରେ ଦେଶରେ ଶାନ୍ତି ପ୍ରତିଷ୍ଠା ସହ ଉନ୍ନତି ପାଇଁ କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ନୂଆ କରି ଓଡ଼ିଶାରେ ଏହି ପାର୍ଟି ଗଠନ କରାଯାଇଥିବା କୁହାଯାଇଛି। ଏହା ଏକ ଧର୍ମନିରପେକ୍ଷ, ଦୁର୍ନୀତି ରହିତ, ନିସ୍ୱାର୍ଥପର ସେବା, ନିରକ୍ଷରତା ଦୂର, ମଦମୁକ୍ତ, ମହିଳା ସଶକ୍ତୀକରଣ, ବେକାରି ଦୂରୀକରଣ, ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମ ଆଦିରେ ବୈପ୍ଳବିକ ପରିବର୍ତ୍ତନ ଏହାର ମୂଳଲକ୍ଷ୍ୟ ବୋଲି ଦୁଇଭାଇ କହିଛନ୍ତି। କୃପା ପାର୍ଟି ନୂଆକରି ଗଠନ ହୋଇଥିବାରୁ ପ୍ରଚାର ପ୍ରସାରରେ ସମସ୍ୟା ହେଉଥିବା କୁହାଯାଇଛି। ତେବେ ବରୀ ଓ ଧର୍ମଶାଳାରେ ଦୁଇ ଭାଇ ପ୍ରଚାର ଜାରି ରଖିଛନ୍ତି।

### ମା' ଅମରେଶ୍ୱରୀଙ୍କ ମହାଯଜ୍ଞ ଆରମ୍ଭ

ଧର୍ମଶାଳା,୧୫।୪(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଜାରକା ପଞ୍ଚାୟତ ଉତ୍ତରଶାସନ ଗ୍ରାମସ୍ଥିତ ମା' ଅମରେଶ୍ୱରୀଙ୍କ ମହାଯଜ୍ଞ ରବିବାର ପଣା ସଂକ୍ରାନ୍ତିଠାରୁ ମନ୍ଦିର ପରିସରରେ ଶୁଭାରମ୍ଭ ହୋଇଯାଇଛି। ଏ ନେଇ ସକାଳେ ମା'ଙ୍କ ଯଥାବିଧି ପୂଜାର୍ଚ୍ଚନା ପରେ ନିକଟସ୍ଥ ଅନନ୍ତେଶ୍ୱର ମହାଦେବ ମନ୍ଦିରରୁ କଳସ ଯାତ୍ରା ଆରମ୍ଭ ହୋଇ ଅମରେଶ୍ୱରୀଙ୍କ ମନ୍ଦିରରେ ପହଞ୍ଚିଥିଲା। ଏଥିରେ ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ପରେ ମା'ଙ୍କ ପୀଠରେ ସୂର୍ଯ୍ୟପୂଜା, ଗୋପୂଜା, ଚଣ୍ଡିପାଠ, ଯଜ୍ଞାରମ୍ଭ ଓ ଆହୁତି ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ପ୍ରବଚକ ପଣ୍ଡିତ ଉଦୟନାଥ ସାହୁ ଯୋଗଦେଇ ବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଏବଂ ମା'ଙ୍କ ମାହାତ୍ମ୍ୟ ସମ୍ପର୍କରେ ପ୍ରବଚନ ପ୍ରଦାନ କରିଥିଲେ। କର୍ତ୍ତାଭାବେ ଭାସ୍କର ଶତପଥୀ, ଅଶୋକ କୁମାର ଆଚାର୍ଯ୍ୟ ଯଜ୍ଞ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ମୁଖ୍ୟ ପୂଜକ ପ୍ରମୋଦ କୁମାର ପାଢୀ, ପୂଜକ ରଶ୍ମିରଞ୍ଜନ ପଣ୍ଡା, ତ୍ରିଲୋଚନ ପଣ୍ଡା, ଶୁଭ୍ରଜିତ୍ ଶତପଥୀ ଓ ବିରଞ୍ଚି ନାରାୟଣ କର ସହଯୋଗ କରିଥିଲେ। ମନ୍ଦିର କମିଟି ପକ୍ଷରୁ ଉଦୟନାଥ ମହାପାତ୍ର, ସରପଞ୍ଚ ବିଭୂତି ଭୂଷଣ ପାଣିଗ୍ରାହୀ, ସମିତିସଭ୍ୟ ସୁଦାମ ଚରଣ ବେହେରା, ଉମାକାନ୍ତ ସାମଲ ପ୍ରମୁଖ ଯଜ୍ଞ ଉତ୍ସବ ପରିଚାଳନା କରିଥିଲେ।

# ପ୍ରଶିକ୍ଷଣ ନେଲେ ମାଇକ୍ରୋ ଅବଜରଭର



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ।

ଯାଜପୁର ଅଫିସ,୧୫।୪

ଯାଜପୁର ଗୌତମବୁଦ୍ଧ ସଂସ୍କୃତି ଭବନରେ ସୋମବାର ନିର୍ବାଚନରେ ନିୟୋଜିତ ହେବାକୁ ଥିବା ମାଇକ୍ରୋ ଅବଜରଭରଙ୍କ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମାଇକ୍ରୋ ଅବଜରଭରମାନେ ନିର୍ବାଚନ ପୂର୍ବଦିନ ଅର୍ଥାତ ଏପ୍ରିଲ ୨୮ରୁ ସେମାନଙ୍କୁ ପ୍ରଦାନ କରାଯାଇଥିବା ବୁଥରେ ପହଞ୍ଚିବେ ବୋଲି ସାଧାରଣ ନିର୍ବାଚନ ପର୍ଯ୍ୟବେକ୍ଷକ ନିତେଶ ପାଟିଲ ସୂଚନା ଦେଇଛନ୍ତି। ସେ ଆହୁରି କହିଥିଲେ ଯେ, ଅବଜରଭର ଓ ମାଇକ୍ରୋ ଅବଜରଭର ନିର୍ବାଚନ ଆୟୁକ୍ତଙ୍କ ଆଖି ଓ କାନ ସଦୃଶ। ଏମାନେ ସ୍ୱଚ୍ଛ, ନିରପେକ୍ଷ ଓ ନିର୍ଭିକ ମତଦାନ ପାଇଁ ସମସ୍ତ ବ୍ୟବସ୍ଥାକୁ ଅନୁଧ୍ୟାନ କରିବା ସହ କାର୍ଯ୍ୟାନୁଷ୍ଠାନ ମଧ ନେବେ। ପ୍ରତ୍ୟେକ ନିର୍ବାଚନମଣ୍ଡଳୀର ସ୍ଥିତିକୁ ଅନୁଧ୍ୟାନ କରି ଜିଲାପାଳ ଓ ଏସ୍‌ପି କେତେକ ସମ୍ବେଦନଶୀଳ ବୁଥକୁ ଚିହ୍ନଟ କରିଛନ୍ତି। ଏହି ବୁଥଗୁଡ଼ିକରେ ମାଇକ୍ରୋ ଅବଜରଭର, ସିସିଟିଭି, ୱେବକାଷ୍ଟିଂ, ଭିଡିଓଗ୍ରାଫି ଏବଂ କେନ୍ଦ୍ରୀୟ ସଶସ୍ତ୍ରବଳର ବ୍ୟବସ୍ଥା କରାଯାଇଛି। ତେଣୁ ମାଇକ୍ରୋ ଅବଜରଭରମାନେ ସେମାନଙ୍କ ଦାୟିତ୍ୱକୁ ଠିକ ଭାବେ ନିର୍ବାହ ପାଇଁ ସେ ଅନୁରୋଧ କରିଥିଲେ। ଅନ୍ୟତମ ସାଧାରଣ ନିର୍ବାଚନ ପର୍ଯ୍ୟବେକ୍ଷକ ଦିଲୀପ କୁମାର, ଖର୍ଚ୍ଚ ତଦାରଖ ପର୍ଯ୍ୟବେକ୍ଷକ ଗୋପି ଧନତିରେଡି, ଜେ.ପି. ସିଂ ଓ ଜି. ରାଜେନ୍ଦ୍ରନ ପ୍ରମୁଖ ନିର୍ବାଚନର ସୁପରିଚାଳନା ପାଇଁ ମାଇକ୍ରୋ ଅବଜରଭରଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ଏଥିରେ ଅଧକ୍ଷତା କରିଥିବା ବେଳେ ସମସ୍ତ ମାଇକ୍ରୋ ଅବଜରଭରମାନେ ଇଭିଏମ ଓ ଭିଭିପାଟ ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ। ଏହି କାର୍ଯ୍ୟକ୍ରମରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ ବେହେରା, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ଡେପୁଟୀ କଲେକ୍ଟର କାଜଲ ପ୍ରଧାନ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଚିତ୍ତରଞ୍ଜନ ମିଶ୍ର, ପ୍ରଜ୍ଞା ହୋତା ପ୍ରମୁଖ ଯୋଗଦେଇଥିଲେ।

### କ୍ରୀଡ଼ା ଭାରତୀର ପ୍ରତିଷ୍ଠା ଦିବସ

ଯାଜପୁରରୋଡ,୧୫।୪(ନି.ପ୍ର.)

ହନୁମାନ ଜୟନ୍ତୀ ଅବସରରେ ରବିବାର କ୍ରୀଡ଼ା ଭାରତୀର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆରଏସ୍‌ଏସ୍ ଓ କ୍ରୀଡ଼ା ଭାରତୀର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କନ୍ହେଇପୁରଠାରେ ଏକ ସ୍ଥାୟୀ ଶୀତଳ ପାନୀୟ ଜଳ ଭଣ୍ଡାର ଓ ଗୋ-ଜଳଛତ୍ର ଶୁଭାରମ୍ଭ କରାଯାଇଛି। କ୍ରୀଡ଼ା ଭାରତୀ ପୂର୍ବ ଓଡ଼ିଶା ପ୍ରାନ୍ତ ମନ୍ତ୍ରୀ ଜ୍ଞାନରଞ୍ଜନ ରାଉତ ଶୀତଳ ପାନୀୟ ଜଳ ଭଣ୍ଡାର ଓ ଶିକ୍ଷକ ଶ୍ୟାମସୁନ୍ଦର ପଣ୍ଡା ଗୋ-ଜଳଛତ୍ର ଉଦ୍‌ଘାଟନ କରିଥିଲେ। ଆରଏସ୍‌ଏସ୍ କାର୍ଯ୍ୟକର୍ତ୍ତା ସୁଶାନ୍ତ କୁମାର ଜେନାଙ୍କ ଅଧକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଂଯୋଜକ ସୁରେଶ କୁମାର ହୋତା ଅତିଥି ପରିଚୟ ପ୍ରଦାନ କରିବା ପରେ ମୁଖ୍ୟ ଅତିଥି ଶ୍ୟାମସୁନ୍ଦର ପଣ୍ଡା, ମୁଖ୍ୟବକ୍ତା ଜ୍ଞାନରଞ୍ଜନ ରାଉତ, ସମ୍ମାନିତ ଅତିଥି ଅଧ୍ୟାପକ ଅକ୍ଷୟ କୁମାର ପଣ୍ଡା ଓ ବିଶ୍ୱହିନ୍ଦୁ ପରିଷଦ ଜିଲା ସମ୍ପାଦକ ଚିନ୍ମୟ ସ୍ୱରୂପ ପଣ୍ଡା ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଓପିଟିସିଏଲ୍‌ର ମୁଖ୍ୟ କିରାଣି ସର୍ବଶ୍ରୀ ରଙ୍ଗାଧର ହୋତା, ବଳରାମ ଶିଅଳ, ଟୁକୁ ମହାନ୍ତି, ପ୍ରଶାନ୍ତ କୁମାର ବିଶ୍ୱାଳ, ରବୀନ୍ଦ୍ର ପାତ୍ର, ଚନ୍ଦ୍ରମଣି ସାମଲ ପ୍ରମୁଖ ସହଯୋଗ କରିଥିଲେ। ଆଶିଷ କୁମାର ମଲ୍ଲ, ପ୍ରମୋଦ କୁମାର ରାଉତ, ଶୁଭକାନ୍ତ ବେହେରା, ଅମିତ ମହାନ୍ତି, ପବିତ୍ର ସ୍ୱାଇଁ, ବ୍ରଜେଶ୍ୱରୀ ସିଂହ, ଗୁଣନିଧି ଗୁରୁ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ କ୍ରୀଡ଼ାଭାରତୀ ଯାଜପୁର ଜିଲା ସମ୍ପାଦକ ଅକ୍ଷୟ କୁମାର ଦେଓ ଧନ୍ୟବାଦ ଦେଇଥିଲେ।

# ୪ ବେଶରେ ଦର୍ଶନ ଦେଲେ ନାରାୟଣ ଗୋସାଇଁ



ନାରାୟଣ ଗୋସାଇଁଙ୍କ ବାମନ ବେଶ।

ରସୁଲପୁର,୧୫।୪(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଞ୍ଚଳର ଐତିହାସିକ ସିଂହାପୁର ଯାତ୍ରା ସୋମବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ପ୍ରଭୁ ନାରାୟଣ ଗୋସାଇଁ ୪ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ପ୍ରଭୁଙ୍କ ବେଶଭୂଷା ଓ ଆଭୂଷଣକୁ ଦର୍ଶନ କରି ଭକ୍ତଗଣ ବିମୋହିତ ହୋଇ ଉଠିଛନ୍ତି। ସୋମବାର ପ୍ରଭୁଙ୍କୁ ୪ଟି ବେଶରେ ଭୂଷିତ କରାଯାଇଛି। ଏଥି ପାଇଁ ଯାତ୍ରା କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ଠାକୁରଙ୍କ ସାଜସଜ୍ଜା ପାଇଁ ରାଜ ପୁରୋହିତମାନେ ନିୟୋଜିତ ହୋଇଥିଲେ। ପ୍ରତ୍ୟୁଷରେ ପ୍ରଭୁ ନାରାୟଣ ଗୋସାଇଁଙ୍କୁ ନୃସିଂହ ଅବତାରରେ ସଜାଯାଇଥିଲା। ସକାଳ ଧୂପ ସମୟରେ ପ୍ରଭୁଙ୍କ ଦର୍ଶନ ଲାଗି ଭକ୍ତଙ୍କ ଭିଡ ଜମିଥିଲା। ପ୍ରଭୁ ମଧ୍ୟାହ୍ନର ବାମନ ବେଶ, ସନ୍ଧ୍ୟାରେ ଗଜ ଉଦ୍ଧାରଣ, ରାତିରେ ପର୍ଶୁରାମ ବେଶରେ ଆଭୂଷିତ କରାଯିବା ନେଇ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ବିଶେଷ ଭିଡ ଜମିଥିଲା। ରାଜ୍ୟ ସାଂସ୍କୃତିକ ବିଭାଗ ପକ୍ଷରୁ କଳା ସଂସ୍କୃତିକୁ ନେଇ ଧର୍ମଶାଳା ଓ ରସୁଲପୁର ବ୍ଲକର ବିଭିନ୍ନ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ମଧ୍ୟରେ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

**ସିଂହାପୁର ଯାତ୍ରାର ଦ୍ୱିତୀୟ ଦିବସ**

### ସୁନନ୍ଦାଙ୍କ ଜୋରଦାର ପ୍ରଚାର



ରସୁଲପୁର,୧୫।୪(ଡିଏନଏ): ବରୀ ନିର୍ବାଚନମଣ୍ଡଳୀରେ ସାମିଲ ହୋଇଥିବା ରସୁଲପୁର ବ୍ଲକର ୧୦ଟି ପଞ୍ଚାୟତରେ ବିଜେଡି ପ୍ରାର୍ଥିନୀ ସୁନନ୍ଦା ଦାସଙ୍କ ପକ୍ଷରୁ ସୋମବାର ପ୍ରଚାର ଜୋରଦାର କରାଯାଇଛି। ପ୍ରାର୍ଥିନୀଙ୍କ ସମର୍ଥକମାନେ ଦାସଙ୍କ ସହ ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ଯାଇ ୪ଟି ପଞ୍ଚାୟତରେ ରୋଡ ଶୋ କରିଥିଲେ। ଏହି ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧି ସରପଞ୍ଚ ପ୍ରଫୁଲ୍ଲ ସାହୁ, ଅଭିମନ୍ୟୁ ମହାଲିକ, ସମିତି ସଭ୍ୟ ଲକ୍ଷ୍ମୀଧର ମହାନ୍ତି, ସରୋଜିନୀ ପଲେଇ, ଦଲୀପ ସାହୁ, ଜିଲା ବିଜେଡି ଉପସଭାପତି ବେଣୁଧର ଦାସ, ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ଜିଲା ଯୁବ ବିଜେଡି ଉପସଭାପତି ପ୍ରଭାତ ପୃଷ୍ଟି, ବରିଷ୍ଠ ନେତା ସନାତନ ବାରିକ, ବୀରବର ପଲେଇ, ଉଦ୍ଧବ ଚରଣ ପୃଷ୍ଟି, ଗୋକୁଳ ସେଠୀ, ହେମନ୍ତ ଦାସ, ରାମଚନ୍ଦ୍ର ସାହୁ, ଇମାମ୍ ଉଦ୍ଦିନ, ସେକ୍ ସାଇମାନ, କରିମ ଅଲ୍ଲୀ, ଅବଦୁଲ୍ ହାଇ, ମାନସ ରଞ୍ଜନ ବାରିକ, ନିରଞ୍ଜନ ସାହୁ ପ୍ରମୁଖ ନେତୃବୃନ୍ଦ ଶୋଭାଯାତ୍ରାରେ ଯୋଗଦେଇ ଗାଁକୁ ଗାଁ ବୁଲି ବିଜେଡି ପ୍ରାର୍ଥିନୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ।

## ■ ଭିନ୍ନକ୍ଷମ ବ୍ୟବସାୟୀଙ୍କୁ ହତ୍ୟା ଘଟଣା

# ଥାନା ଘେରାଉ ଚେତାବନୀ ଦେଲେ ଗ୍ରାମବାସୀ

ଚଣ୍ଡିଖୋଲ,୧୫।୪(ଡି.ଏନ୍.ଏ.)

ବଡ଼ଚଣା ଥାନା ଅନ୍ତର୍ଗତ ସିହା ଗ୍ରାମର ବ୍ୟବସାୟୀ ଭିନ୍ନକ୍ଷମ ଯୁଧିଷ୍ଠିର ସାହୁଙ୍କ ହତ୍ୟାକାରୀଙ୍କୁ ପୋଲିସ ଗିରଫ କରିବାରେ ବିଫଳ ହୋଇଛି। ହତ୍ୟାର ୭ ଦିନ ପରେ ମଧ ଏ ପର୍ଯ୍ୟନ୍ତ ପୋଲିସ ହାତରେ କୌଣସି ସୁରାକ ଲାଗି ପାରି ନାହିଁ। ଏହାକୁ ନେଇ ସୋମବାର ପରିବାରଙ୍କ ସହିତ ସିହା ଗ୍ରାମବାସୀ ଯାଜପୁର ଏସ୍‌ପି ଚରଣ ସିଂ ମୀନାଙ୍କୁ ଭେଟି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଛନ୍ତି। ଖୁବ୍‌ଶୀଘ୍ର ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରା ନ ଗଲେ ବଡ଼ଚଣା ଥାନା ଘେରାଉ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଯୁଧିଷ୍ଠିରଙ୍କୁ ୯ ତାରିଖ ମଙ୍ଗଳବାର ବିଳମ୍ବିତ ରାତିରେ ହତ୍ୟା କରାଯାଇଥିଲା। ହତ୍ୟା ପରେ ତାଙ୍କୁ ହତ୍ୟାକରୀମାନେ ନିକଟସ୍ଥ ଏକ ପୋଖରୀରେ ପିଙ୍ଗି ଦେଇଥିଲେ। ବୁଧବାର ସକାଳୁ ଗ୍ରାମବାସୀ ଯୁଧିଷ୍ଠିରଙ୍କ ମୃତଦେହ ଦେଖି ବଡ଼ଚଣା ଥାନାରେ ଜଣାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରିଥିଲା। ଯୁଧିଷ୍ଠିରଙ୍କ ଆଖି ପତା ଓ ମୁଣ୍ଡରେ ଗଭୀର କ୍ଷତ ଚିହ୍ନ ଥିବାରୁ ତାଙ୍କୁ କେହି ହତ୍ୟା କରିଥିବା ଅନୁମାନ କରାଯାଇଥିଲା। ଏ ନେଇ ଗ୍ରାମବାସୀ ଯୁଧିଷ୍ଠିରଙ୍କ ଦାରିଦ୍ର୍ୟ ସମ୍ପର୍କରେ ପ୍ରଶାସନକୁ ଅବଗତ କରି ଦୋଷୀକୁ ଧରିବା ପାଇଁ ଦାବି କରିଥିଲେ। ପୋଲିସ ତୁରନ୍ତ ହତ୍ୟାକାରୀଙ୍କୁ ଧରିବା ପାଇଁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲା। ହେଲେ ଘଟଣାକୁ ୭ଦିନ ବିତିଥିଲେ ମଧ ପୋଲିସ ହାତ ଖାଲି। ଏ ସମ୍ପର୍କରେ ବଡ଼ଚଣା ଥାନା ଅଧିକାରୀ ଦୀପକ କୁମାର ଜେନାଙ୍କୁ ପଚାରିବାରୁ ଅଭିଯୋଗ ଆଧାରରେ ୩୦୨ ଦଫାରେ ହତ୍ୟା ମାମଲା ରୁଜୁ କରାଯାଇଛି। ଅଦ୍ୟାବଧି ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳି ନାହିଁ। ରିପୋର୍ଟ ମିଳିବା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# 'ଗୀତା ଅଧ୍ୟୟନ ଦ୍ୱାରା ମାନବିକତାର ବିକାଶ ହୁଏ'

ରସୁଲପୁର,୧୫।୪(ଡିଏନଏ): ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ପଞ୍ଚାୟତର ହନୁମାନ ମନ୍ଦିର ପ୍ରାଙ୍ଗଣରେ ରବିବାର ମହାବିଷୁବ ସଂକ୍ରାନ୍ତି ପାଳନ ସହ ଗୀତା ଅଧ୍ୟୟନ କେନ୍ଦ୍ରର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଗୀତା ଅଧ୍ୟୟନ ଦ୍ୱାରା ମଣିଷଙ୍କ ଦୈନନ୍ଦିନ ଚଳଣୀ, ଜୀବନଶୈଳିରେ ପରିବର୍ତ୍ତନ ଘଟିବା ସହ ମାନବିକତା ଓ ଆଧ୍ୟାତ୍ମିକ ଗୁଣର ବିକାଶ ହୋଇଥାଏ। ଏଥିସହ ପିଲାଙ୍କୁ ଗୀତା ପଢିବା ଓ ପଢାଇବା ଦିଗରେ ଅଧ୍ୟୟନ କେନ୍ଦ୍ରର ପ୍ରୋତ୍ସାହନ ଓ ପ୍ରେରଣା ଅନନ୍ୟ ବୋଲି ଅତିଥିଗଣ ମତପ୍ରକାଶ କରିଥିଲେ। ଗୀତାଚାର୍ଯ୍ୟ ପ୍ରମୋଦ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଶିକ୍ଷାବିତ୍ ନିରଞ୍ଜନ ରଥ, ଅର୍ଜୁନ ଚରଣ ସାହୁ, ପ୍ରଭାକର ଭଦ୍ର, ପର୍ଶୁରାମ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କେନ୍ଦ୍ର ପକ୍ଷରୁ ସର୍ବଶ୍ରୀ ଅଭିମନ୍ୟୁ ସାହୁ, ରମେଶ ଦାସ, ରବିନାରାୟଣ ଗିରି ପ୍ରମୁଖ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ। କେନ୍ଦ୍ର ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ୪୮ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କୁନିକୁନି ପିଲାଙ୍କ ଗୀତା ଆବୃତ୍ତିରୁ ଉତ୍ସବ ଆରମ୍ଭ ହୋଇଥିଲା।

**ଦକ୍ଷିଣ ପୂର୍ବ ମଧ ରେଳପଥ**
**ପିୟୁ ପେଣ୍ଟିଂ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**
ନଂ.୧୧୦-୦୬-ପିୟୁ ପେଣ୍ଟ-ଏଚ୍‌ଏଚ୍‌ପି ତାରିଖ: ୧୧।୦୪।୨୦୧୯
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ସିନିୟର୍ ଡିଏମ୍‌ଇ (ଡି)/ଡିଏଲ୍‌ଏସ୍/ରାୟପୁର ନିମ୍ନଲିଖିତ କାର୍ଯ୍ୟର ନିର୍ବାହ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି।
ଟେଣ୍ଡର ବିଜ୍ଞପ୍ତି ନଂ.: ୧୧୦-୦୬-ପିୟୁ-ପେଣ୍ଟ-ଏଚ୍‌ଏଚ୍‌ପି
କାର୍ଯ୍ୟର ନାମ: ଡିଏଲ୍‌ଏସ୍/ରାୟପୁରର ୪୬ ଗୋଟି ଏଚ୍‌ଏଚ୍‌ପି ଲୋକୋମୋଟିଭ୍‌ର ପଲି ୟୁରିଥେନ୍ ପେଣ୍ଟିଂ (ପିୟୁ ପେଣ୍ଟିଂ)।
ଟେଣ୍ଡର ମୂଲ୍ୟ: ₹୭୪,୪୪,୮୨୪/-,
ଇଏମ୍‌ଡି: ₹୧,୪୮,୯୦୦/-,
ଟେଣ୍ଡର କାଗଜପତ୍ର ମୂଲ୍ୟ: ₹୫,୦୦୦/-
ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା୧୦।୦୫।୨୦୧୯ରିଖ ୧୫.୩୦ ଘଟିକା।
ଏହି ଟେଣ୍ଡର ପାଇଁ ମାନୁଆଲ୍ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ୍ ଅଫର୍‌କୁ ନାକଚ କରିଦିଆଯିବ। ଅଧିକ ବିବରଣୀ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିନିୟର୍ ଡିଏମ୍‌ଇ (ଡି)/ଡିଏଲ୍‌ଏସ୍/ଏସ୍‌ଇସିଆର୍/ରାୟପୁରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍: www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନ୍‌ଲୋଡ୍ କରନ୍ତୁ।
ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର୍ (ଡି)
ଦକ୍ଷିଣ ପୂର୍ବ ମଧ ରେଳପଥ, ରାୟପୁର
PR/R/(DLS/R)/HL/05
ସ୍ୱଚ୍ଛ ଭାରତ ଅଭିଯାନ

**ପୂର୍ବ ତଟ ରେଳପଥ**
**ନିର୍ମାଣ କାର୍ଯ୍ୟ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONHQBBS2019015, ତା: 11.04.2019
କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ - ବଲାଙ୍ଗୀର ନୂତନ B.G. ରେଳ ଲିଙ୍କ ପ୍ରକଳ୍ପର କି.ମି. 237.200 ରୁ କି.ମି. 238.400 ମଧ୍ୟରେ ଥିବା ତେଲ୍ ନଦୀ ଉପରେ ବ୍ରିଜ୍ ସଂ. 677 (17 x 45.70 m ଓପନ୍ ୱେବ୍ ଥ୍ରୁ ଗର୍ଡ଼ର) ଏବଂ SH-41 ଉପରେ ବଡ଼ ବ୍ରିଜ୍ ସଂ. 675 (1x30.50 m ଓପନ୍ ୱେବ୍ ଥ୍ରୁ ଗର୍ଡ଼ର)ର ନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 2326.09ଲକ୍ଷ, EMD : ₹ 13,13,100.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 11,800.00, କାର୍ଯ୍ୟ ସମାପ୍ତିର ଅବଧି: 24(ଚବିଶ)ମାସ।
ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ : ତା 03.05.2019ର 1200 ଘ. ରେ
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ଼୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ସିଧାସଳଖରୂପେ ନାକଚ କରାଯିବ।
ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର
PR-08/CC/19-20

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. MCSW/TECH/Sale-Zero Value Scrap/2019-20/04, ତା: 10.04.2019
କାର୍ଯ୍ୟର ନାମ : ରେଳ ଡ୍ରବା ମରାମତି କାରଖାନା, ମଞ୍ଚେଶ୍ୱରର ମନୋନୀତ ଅଞ୍ଚଳରୁ ଅଳ୍ପ ମୂଲ୍ୟ / ଶୂନ୍ୟ ମୂଲ୍ୟର ସ୍କ୍ରାପ୍ ସହିତ ମିଶିଯାଇଥିବା ଆବର୍ଜନାକୁ ବିକ୍ରୟ ଭିତ୍ତିରେ ଶ୍ରେଣୀଭୁକ୍ତ କରିବା / ପୃଥକୀକରଣ ଏବଂ ଅପସାରଣ।
ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹34,27,543.00, EMD (ଟଙ୍କାରେ) : ₹ 68,600.00, ଟେଣ୍ଡର କାଗଜପତ୍ରର ମୂଲ୍ୟ (ଟଙ୍କାରେ): ₹ 3,000.00, ଠିକା ଅବଧି: କାର୍ଯ୍ୟ ଆରମ୍ଭ ହେବା ତାରିଖ ଠାରୁ 01 (ଏକ) ବର୍ଷ
ଟେଣ୍ଡର କାଗଜପତ୍ର ବିକ୍ରୟ ହେବାର ତାରିଖ ଓ ସମୟ : ତା 18.04.2019 ରିଖ ଠାରୁ ତା 20.05.2019 ରିଖ 1200 ଘ. ପର୍ଯ୍ୟନ୍ତ, ଟେଣ୍ଡର ଗ୍ରହଣ କରାଯିବାର ଅନ୍ତିମ ତାରିଖ ଏବଂ ସମୟ : ତା 20.05.2019 ରିଖ 1500 ଘଟିକା ପର୍ଯ୍ୟନ୍ତ, ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ : ତା 20.05.2019 ର 1530 ଘ.ରେ
ଟେଣ୍ଡର ଫର୍ମ ଉପଲବ୍ଧ ହେବା ସ୍ଥାନ : ମୁଖ୍ୟ କାରଖାନା ପ୍ରବନ୍ଧକଙ୍କ କାର୍ଯ୍ୟାଳୟ, ରେଳଡ୍ରବା ମରାମତି କାରଖାନା, ପୂର୍ବ ତଟ ରେଳପଥ, ମଞ୍ଚେଶ୍ୱର, ଭୁବନେଶ୍ୱର -751017
ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଉପଲବ୍ଧ ହେବ : www.eastcoastrail.indianrailways.gov.in । ଯଦି ଇଣ୍ଟରନେଟ୍‌ରୁ ଡାଉନଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ତଥା ଟେଣ୍ଡର ଆବେଦନକାରୀ(ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ। ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ।
ଡେପୁଟି ଚିଫ୍ ମେକାନିକାଲ୍ ଇଞ୍ଜିନିୟର (POH), ରେଳଡ୍ରବା ମରାମତି କାରଖାନା, ମଞ୍ଚେଶ୍ୱର
PR-31/K/19-20

CLASSIFIED DISPLAY

ORANE INTERNATIONAL SCHOOL OF BEAUTY & WELLNESS
ଭୁବନେଶ୍ୱରରେ ବିଶ୍ୱସ୍ତରୀୟ ବିୟୁଟି ସ୍କୁଲର ଶିକ୍ଷାରମ୍ଭ
ଆଡଭାନ୍ସ ଡିପ୍ଲୋମା
ହେୟାର • ବିୟୁଟି • ମେକ୍‌ଅପ୍
କମ୍ପାନୀ ଦ୍ୱାରା ୪୦% ପର୍ଯ୍ୟନ୍ତ ରିହାତି (For limited seats only)
UK ର ସବୁଠାରୁ ବଡ ବିୟୁଟି ସଂସ୍ଥା CIBTAC ତଥା CIDESCO, ଜ୍ୟୁରିକ୍ ସ୍ୱିଜରଲାଣ୍ଡରୁ ମାନ୍ୟତାପ୍ରାପ୍ତ
Awarded WORLD's GREATEST BRANDS & LEADERS in Skill Training
*Conditions apply
Call: 73288-24255 / 73288-24260 Santosh Plaza, 3rd Floor, Plot No.5, Janapath, Satya Nagar, Bhubaneswar

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଭଳି କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

‘ଘରେ ଘରେ ଶଙ୍ଖ’

# ବିଜୁ ଜନତା ଦଳର ଜନଇସ୍ତାହାର

ରାଜ୍ୟ ବ୍ୟାପୀ ‘ଘରେ ଘରେ ଶଙ୍ଖ’ କାର୍ଯ୍ୟକ୍ରମରୁ ମିଳିଥିବା ଜନାଦେଶକୁ ସମ୍ମାନ ଦେଇ ବିଜୁ ଜନତା ଦଳ ଆଗାମୀ ୫ବର୍ଷ ପାଇଁ ‘ମମତା’, ‘ଆହାର’, ‘କାଳିଆ’, ‘ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା’, ‘ମିଶନ ଶକ୍ତି’, ‘ଆମ ଗାଁ ଆମ ବିକାଶ’, ‘ପିଠା’, ‘ଟଙ୍କିକିଆ ଚାଉଳ’ ଭଳି ସମସ୍ତ ଲୋକାଭିମୁଖୀ ଯୋଜନା ଚାଲୁ ରଖିବ । ଏଥି ସହିତ ୨୦୧୪ ଇସ୍ତାହାରରେ ରହିଥିବା ସମସ୍ତ ପ୍ରସ୍ତାବ ଗୁଡିକ ହେବ ୨୦୧୯ ଇସ୍ତାହାରର ମୂଳଭିତ୍ତି ଯାହାଦ୍ୱାରା ରାଜ୍ୟରେ ଚାଲିଥିବା ବିକାଶ ପ୍ରକ୍ରିୟା ଅବ୍ୟାହତ ରହିବ ।

## କୃଷକ

- ଚାଷୀଙ୍କୁ ମିଳିବ ବର୍ଷକୁ ୧୦ ହଜାର ଏବଂ ଭୂମିହୀନ ଶ୍ରମିକଙ୍କୁ ୧୨ ହଜାର ଟଙ୍କା । ବିନା ସୁଧରେ ମିଳିବ ୧ ଲକ୍ଷ ଟଙ୍କାର ଋଣ ।
- ବିଜୁ ଜନତା ଦଳ ସରକାର ଗଠନର ପ୍ରଥମ ଦିନରେ ହିଁ **‘କାଳିଆ’** ଯୋଜନାରେ ବାକି ଥିବା ୨୫ ଲକ୍ଷ ଚାଷୀଙ୍କୁ ଏକାଥରକେ ମିଳିବ ୨ଟି କିସ୍ତିର ୧୦ ହଜାର ଟଙ୍କା ।
- **‘କାଳିଆ କମିଶନ’** ଗଠନ କରାଯାଇ ୩ ବର୍ଷରେ ଥରେ ସହାୟତା ରାଶି ସଂଶୋଧନ, କୃଷକ କଲ୍ୟାଣ, ଅଭାବୀ ଚାଷୀଙ୍କୁ ସହାୟତା ଏବଂ ଅନ୍ୟାନ୍ୟ ପ୍ରୋତ୍ସାହନ ପାଇଁ ସୁପାରିଶ । ଜଣେ କୃଷକ ସଦସ୍ୟ ହେବେ ଏହାର ଉପାଧ୍ୟକ୍ଷ, ପାଇବେ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା
- କୃଷକ ଏବଂ ଭୂମିହୀନ କୃଷି ଶ୍ରମିକ ପରିବାରର ପିଲାଙ୍କ ଉଚ୍ଚ ଶିକ୍ଷା ଏବଂ ବୈଷୟିକ ଶିକ୍ଷା ପାଇଁ **‘କାଳିଆ ଛାତ୍ରବୃତ୍ତି’** ।
- ଅଧିକ ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବାର ଧାରା ଅବ୍ୟାହତ ରହିବ । ଚାଲୁ ରହିଥିବା ଜଳସେଚନ ପ୍ରକଳ୍ପ ସମେତ ରାଜ୍ୟରେ ଜଳ ସେଚନର ବିକାଶ ପାଇଁ ୫୦ ହଜାର କୋଟି ଟଙ୍କା ବ୍ୟୟ କରାଯିବ ।
- **‘ଆମ ଝିଅ’** ଯୋଜନାରେ ଝିଅ ବାହାଘର ପାଇଁ ୨୫ ହଜାର ଟଙ୍କା ।
- ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି ସମ୍ପର୍କରେ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣକରିବା ପାଇଁ କେନ୍ଦ୍ର ସରକାରଙ୍କର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯିବ ।
- ମରୁଡି, ବନ୍ୟା ଇତ୍ୟାଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କୃଷକମାନଙ୍କୁ ସହାୟକ ମୂଲ୍ୟ ଉପରେ ସ୍ୱତନ୍ତ୍ର ସହାୟତା ଦିଆଯିବ ।

## ମହିଳା

- ବିଜେଡି ସରକାର ଗଢା ହେଲା ପରେ ମିଶନ ଶକ୍ତିର ମହିଳାଙ୍କୁ ମିଳିବ ବର୍ଷକୁ ୫ ହଜାର କୋଟି ଟଙ୍କାର ସରକାରୀ ବ୍ୟବସାୟ ଏବଂ ୫୦୦ କୋଟି ଟଙ୍କାର ଲାଭ । ବିନା ସୁଧରେ ମିଳିବ ୫ଲକ୍ଷ ଟଙ୍କାର ଋଣ ।
- ଲୋକସଭାରେ ଏକ ତୃତୀୟାଂଶ ମହିଳାଙ୍କୁ ପ୍ରାର୍ଥୀ କରିଥିବା ବିଜେଡି ବିଧାନ ସଭାରେ ଏବଂ ଲୋକସଭାରେ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ ପାଇଁ ନିରନ୍ତର ଉଦ୍ୟମ କରିବ ।
- ମିଶନ ଶକ୍ତି ପାଇଁ ଖୋଲାଯିବ ସ୍ୱତନ୍ତ୍ର ବିଭାଗ, ପଞ୍ଚାୟତ, ପଞ୍ଚାୟତ ସମିତି, ଜିଲ୍ଲା ଏବଂ ରାଜ୍ୟସ୍ତରରେ ଗଢାହେବ **‘ମିଶନ ଶକ୍ତି ଫେଡେରେସନ’** । ରାଜ୍ୟସ୍ତରୀୟ ମିଶନ ଶକ୍ତି ଫେଡେରେସନର ମୁଖ୍ୟ ରହିବେ ଜଣେ ମହିଳା ପାଇବେ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ।
- ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୦%ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ।
- କେ.ଜି.ରୁ ପି.ଜି. ପର୍ଯ୍ୟନ୍ତ ବାଳିକା ଶିକ୍ଷା ମାଗଣା ।
- **‘ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା’**ରେ ମିଳୁଥିବା ୭ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବ ।
- ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି, ରାଜ୍ୟ ବିପର୍ଯ୍ୟୟ ପାଣ୍ଠି ଭଳି ମିଶନ ଶକ୍ତି ମହିଳାଙ୍କ ଆର୍ଥିକ ସହାୟତା ପାଇଁ **ମିଶନ ଶକ୍ତି କର୍ପସ ପାଣ୍ଠି** ।
- ଝିଅ ବାହାଘର ପାଇଁ ୨୫ ହଜାର ଟଙ୍କାର ସହାୟତା ।

## ଯୁବଶକ୍ତି

- ଯୁବକଯୁବତୀଙ୍କ ପାଇଁ ଶିଳ୍ପାନୁଷ୍ଠାନରେ ୭୫% ଚାକିରୀ ସୁବିଧା । ୧୫ଲକ୍ଷ ଯୁବକଯୁବତୀ ହାସଲ କରିବେ **‘ସ୍କିଲ୍ଡ ଇନ୍ ଓଡ଼ିଶା’**ରେ ଦକ୍ଷତା । **‘ୱାର୍ଲ୍ଡ ସ୍କିଲ୍ ସେଣ୍ଟର’** ଦ୍ୱାରା ବିଶ୍ୱସ୍ତରୀୟ ଦକ୍ଷତା ହାସଲ କରିବେ ୧.୫ ଲକ୍ଷ ଯୁବକଯୁବତୀ ।
- ସବୁ ରାଜ୍ୟସ୍ତରୀୟ ନିଯୁକ୍ତି ପରୀକ୍ଷା ଫିସ୍ ଛାଡ ।
- ଛାତ୍ରବୃତ୍ତି ପରିଷଦ ଗଠନ କରାଯାଇ ମେଧା ଏବଂ ସାମାଜିକ-ଆର୍ଥିକ ଭିତ୍ତିରେ ଛାତ୍ରବୃତ୍ତି ସୁବିଧା
- ଭୁବନେଶ୍ୱରଠାରେ ଅତ୍ୟାଧୁନିକ ମାନର ଯୁବ ଭବନ ନିର୍ମାଣ

## ଛାତ୍ରଛାତ୍ରୀ

- ରାଜ୍ୟର ଅବଶିଷ୍ଟ ୧୨୪ଟି ବ୍ଲକ୍ ଓ ୧୧୪ଟି ପୌରାଞ୍ଚଳରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ।
- ସମସ୍ତ ଆଦର୍ଶ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା, ଆବାସିକ ସୁବିଧା, ଯାତାୟତ ବ୍ୟବସ୍ଥା ଏବଂ ଆବଶ୍ୟକୀୟ ଭିତ୍ତିଭୂମି ସୁବିଧା ।
- ରାଜ୍ୟରେ ସାମଗ୍ରିକ ସ୍କୁଲ ଶିକ୍ଷା ବ୍ୟବସ୍ଥାକୁ ନିଶ୍ଚିତ କରିବା ପାଇଁ ‘ମୋ ସ୍କୁଲ’ ଅଭିଯାନକୁ କରାଯିବ ବ୍ୟାପକ ।
- ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ସଂଖ୍ୟା ଲଘୁ ପଛୁଆ ବର୍ଗ ଓ ଅନ୍ୟ ବର୍ଗର ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷା ।
- ସମସ୍ତ ଉଚ୍ଚ ବିଦ୍ୟାଳୟରେ ଆଇ.ଟି.ଲାବ୍ ସୁବିଧା ।
- କଲେଜ, ୟୁନିଭରସିଟି ସବୁଠି ମାଗଣା ୱାଇ ଫାଇ, କଲେଜ ଛାତ୍ରଛାତ୍ରୀଙ୍କ ପାଇଁ ୧ ଜିବି ମାଗଣା ଡାଟା ।
- ବିନା ସୁଧରେ ୧୦ ଲକ୍ଷ ଟଙ୍କାର ଶିକ୍ଷାଋଣ ।
- ଉଚ୍ଚଶିକ୍ଷା କ୍ଷେତ୍ରରେ ନିଯୁକ୍ତି ସୁଯୋଗକୁ ନିଶ୍ଚିତ କରିବା ପାଇଁ ଏକ ବିସ୍ତୃତ ନୀତି ପ୍ରଣୟନ ।

## ଆଶ୍ରୟ ସୁରକ୍ଷା

- ବାକି ରହିଥିବା ସମସ୍ତ କଚ୍ଚାଘରକୁ ପକ୍କାଘରରେ ପରିଣତ କରିବା ପ୍ରକ୍ରିୟା ସରକାରଙ୍କ ଦ୍ୱାରା ଅଗ୍ରାଧିକାର ଭିତ୍ତିରେ ଜାରି ରହିବ ।
- **ଜାଗା ମିଶନରେ** ଜମି ଅଧିକାର ପ୍ରଦାନ ପ୍ରକ୍ରିୟା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ ହେବ ।
- ୫ ବର୍ଷ ମଧ୍ୟରେ ମ୍ୟୁନିସିପାଲ କର୍ପୋରେସନ୍ ଅଞ୍ଚଳରେ ରହୁଥିବା ବସ୍ତିବାସିନ୍ଦାଙ୍କୁ ଅଗ୍ରାଧିକାର ଭିତ୍ତିରେ ସମ୍ପତ୍ତି ଅଧିକାର ।
- ନିମ୍ନ ଆୟ ବର୍ଗର ପରିବାର ଗୁଡିକୁ ଅଗ୍ରାଧିକାର ଭିତ୍ତିରେ ସେମାନଙ୍କ କଚ୍ଚା କିମ୍ବା ଟିଣ/ ଆଜବେସଟସ୍ ଛପର ଘରକୁ ପକ୍କାଘରରେ ପରିଣତ କରିବା ପାଇଁ ସ୍ୱତନ୍ତ୍ର ଆର୍ଥିକ ସହାୟତା ।

## ଖାଦ୍ୟ ସୁରକ୍ଷା

- ୧ ଟଙ୍କିଆ ଚାଉଳ ଯୋଗାଣ ଯୋଜନା ଚାଲୁ ରହିବ ।
- ଅଧିକ ସ୍ଥାନରେ ନୂତନ ଆହାର କେନ୍ଦ୍ର ଏବଂ ପର୍ଯ୍ୟାୟ କ୍ରମେ ରାତ୍ରି ଆହାର ବ୍ୟବସ୍ଥା ।
- ଅଧିକ ସଂଖ୍ୟକ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସରକାରୀ ଧାନ ସଂଗ୍ରହଣ ପ୍ରକ୍ରିୟାରେ ସାମିଲ କରାଯାଇ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ।
- କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଦୃଷ୍ଟିରୁ ବଞ୍ଚିତ ଗରିବ, ଅସହାୟ ଏବଂ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଚାଲୁ ରହିବ ‘ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା’ ।

## ସ୍ୱାସ୍ଥ୍ୟ ସୁରକ୍ଷା

- ଆଗାମୀ ୩ ବର୍ଷ ମଧ୍ୟରେ ୫ଟି ନୂତନ ସରକାରୀ ମେଡିକାଲ କଲେଜର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ।
- ଖାଲି ରହିଥିବା ସମସ୍ତ ପାରାମେଡିକାଲ ଷ୍ଟାଫ୍ ପଦବୀଗୁଡିକୁ ଅଗ୍ରାଧିକାର ଭିତ୍ତିରେ ପୂରଣ କରାଯିବା ସହିତ ଆବଶ୍ୟକତା ଅନୁଯାୟୀ ନୂତନ ପଦବୀ ସୃଷ୍ଟି ।
- ପାରାମେଡିକ୍ସ କ୍ୟାଡରରେ ସମସ୍ତ ନୂତନ ନିଯିକ୍ତିଗୁଡିକ ସ୍ଥାୟୀ ଭାବେ ହେବ ।
- ନୂତନ ସ୍ମାର୍ଟ ସାର୍ବଜନୀନ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ୱାସ୍ଥ୍ୟ କାର୍ଡ ରାଜ୍ୟର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଦାନ କରାଯିବ
- ଏସ୍.ସି.ବି ମେଡିକାଲ କଲେଜ ହସ୍ପିଟାଲ, ଏମ୍.କେ.ସି.ଜି ମେଡିକାଲ କଲେଜ ହସ୍ପିଟାଲ ଏବଂ ଭିମସାର, ବୁର୍ଲାଠାରେ ସର୍ବୋତ୍କୃଷ୍ଟ ମାନର ୩ଟି ସୁପର ସ୍ପେସିଆଲିଟି ହସ୍ପିଟାଲ ପ୍ରତିଷ୍ଠା ।
- ଓଡିଶା ହେବ ଏକ ଡାକ୍ତର ବଳକା ରାଜ୍ୟ
- ୩୧୪ ବ୍ଲକ୍‌ରେ ନର୍ସିଂ ଏବଂ ଏ.ଏନ୍.ଏମ୍. ତାଲିମ୍ ସ୍କୁଲ ।

## ସାମାଜିକ ସୁରକ୍ଷା

- ହିତାଧିକାରୀଙ୍କୁ ପେନ୍‌ସନ ଯୋଜନାରେ ସାମିଲ ପାଇଁ କୌଣସି ଧାର୍ଯ୍ୟ ଲକ୍ଷ୍ୟ ନ ରଖି ସାମିଲ ପ୍ରକ୍ରିୟା ଜାରି ରହିବ ।
- ଭିନ୍ନକ୍ଷମ, ଅସହାୟ, କିନ୍ନର, ସ୍ୱତନ୍ତ୍ର ସହାୟତା ଆବଶ୍ୟକତା କରୁଥିବା ବ୍ୟକ୍ତି, ଅନାଥ, ବୌଦ୍ଧିକ ଓ ମାନସିକ ଅନଗ୍ରସର ଏବଂ ବରିଷ୍ଠ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ଯୋଜନା ଓ କାର୍ଯ୍ୟକ୍ରମର ପୁନର୍ବିଲୋକନ କରାଯାଇ ଏହାକୁ ଉପଯୋଗୀ ଜୀବିକା ନିର୍ବାହ ବ୍ୟବସ୍ଥା ସହିତ ସମୟୋପଯୋଗୀ କରାଯିବ ।
- ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ୩୦ ବର୍ଷରୁ ଉର୍ଦ୍ଧ୍ୱ ଅସହାୟ ଅବିବାହିତା ମହିଳା ଏବଂ ୪୫ ବର୍ଷ ବୟସ ପର୍ଯ୍ୟନ୍ତ ବିଧବାମାନଙ୍କ ପାଇଁ ଦକ୍ଷତା ବୃଦ୍ଧି ତାଲିମ ସହିତ ସମ୍ମାନର ସହ ଜୀବିକା ନିର୍ବାହ କାର୍ଯ୍ୟ ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ।
- ଜାତୀୟ ନିରାପତ୍ତା ଆଇନ୍ ବଳରେ ଗିରଫ ହୋଇଥିବା ‘ମିଶା ବନ୍ଦୀ’ ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ପେନ୍‌ସନ୍ ଏବଂ ଅନ୍ୟାନ୍ୟ ସୁବିଧା ଘୋଷଣା ।

## ନିର୍ମାଣ ଶ୍ରମିକ

- ସାମିଲ ହୋଇନଥିବା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ବୋର୍ଡ ଏବଂ ଜନକଲ୍ୟାଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ ।
- ପ୍ରବାସୀ ନିର୍ମାଣ ଶ୍ରମିକଙ୍କୁ ସେମାନଙ୍କର ମୂଳ ଏବଂ ଗନ୍ତବ୍ୟସ୍ଥଳ ରାଜ୍ୟ ଅନୁସାରେ ପଞ୍ଜୀକରଣ ।
- ଆଗାମୀ ୫ ବର୍ଷ ମଧ୍ୟରେ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ ଶ୍ରମିକମାନଙ୍କୁ ପର୍ଯ୍ୟାୟକ୍ରମେ ‘ଓଡ଼ିଶା ଅସଂଗଠିତ କ୍ଷେତ୍ର ଶ୍ରମିକ ସାମାଜିକ ନିରାପତ୍ତା ବୋର୍ଡ’ରେ ହିତାଧିକାରୀ ଭାବେ ପଞ୍ଜୀକରଣ ଏବଂ ସାମାଜିକ ସହାୟତା ପ୍ରଦାନ ।

## ଜୁହାର

- ଆଂଚଳିକ ବୈଷମ୍ୟ ହ୍ରାସ ଓ ଦ୍ରୁତ ବିକାଶ ଲକ୍ଷ୍ୟରେ ବରଗଡ, ବଲାଙ୍ଗୀର, ବୌଦ୍ଧ, ଦେବଗଡ, ଝାରସୁଗୁଡା, କଳାହାଣ୍ଡି, ସମ୍ବଲପୁର, ସୁବର୍ଣ୍ଣପୁର ଜିଲ୍ଲା ସମେତ ଆଠମଲ୍ଲିକ, କୁଚିଣ୍ଡା ଓ ନୀଳଗିରି ଉପଖଣ୍ଡ ପାଇଁ **'ସ୍ୱତନ୍ତ୍ର ଉନ୍ନୟନ ପରିଷଦ'** ।
- **'ନବୀନ ଓଡିଶା, ସଶକ୍ତ ଓଡିଶା'** ହେବ **'ସମସ୍ତଙ୍କ ଓଡିଶା'** ।
- ପ୍ରତିନିଧିତ୍ୱ ନଥିବା କୁଡୁମୀ ସମ୍ପ୍ରଦାୟ, ଅନୁସୂଚିତ ଜାତି ଓ ଅର୍ଥନୈତିକ ଅନଗ୍ରସର ବର୍ଗଙ୍କ କଲ୍ୟାଣ, ସେମାନଙ୍କର ଅନନ୍ୟ ଦକ୍ଷତା, କଳା ଓ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ପାଇଁ **'ସ୍ୱତନ୍ତ୍ର ପରିଷଦ'** ଗଠନ କରାଯିବ ।
- ସଂଖ୍ୟାଲଘୁ ବହୁଳ ଅଂଚଳରେ ଚିହ୍ନିତ କ୍ଲଷ୍ଟର୍‌ରେ ବିଶ୍ୱସ୍ତରୀୟ ଗୋଷ୍ଠୀ କେନ୍ଦ୍ର ସ୍ଥାପନ ।
- ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ କ୍ଷେତ୍ରର ନିରନ୍ତର ବିକାଶ, ସ୍ୱାର୍ଥରକ୍ଷା ଏବଂ କାର୍ଯ୍ୟ ପ୍ରଣାଳୀକୁ ସୁଗମ କରିବା ପାଇଁ **'ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ କଲ୍ୟାଣ ପରିଷଦ'** ।
- ପୂଜକ, ବାରିକ, ରଜକମାନଙ୍କ ଭଳି ପାରମ୍ପରିକ ବୃତ୍ତିଧାରୀମାନଙ୍କ ପାଇଁ **'କଲ୍ୟାଣ ପରିଷଦ'** ।

## ଶିଳ୍ପ ସମୃଦ୍ଧି

- ନିଯୁକ୍ତି ସୁଯୋଗ ସୃଷ୍ଟିକୁ ଗୁରୁତ୍ୱ ଦିଆଯାଇ ଏକ ଦୂରଦୃଷ୍ଟି ସମ୍ପନ୍ନ ନୂତନ ଶିଳ୍ପ ନୀତି ।
- ମହିଳା ଉଦ୍ୟୋଗୀଙ୍କ ପାଇଁ ସ୍ୱତନ୍ତ୍ର ନୀତି ।
- ରାଜ୍ୟରେ ପ୍ରମୁଖ କ୍ଷେତ୍ରଗୁଡିକରେ ସର୍ବୋତ୍‌କୃଷ୍ଟ ମାନର ଶିଳ୍ପ ପାର୍କ ପ୍ରତିଷ୍ଠା ସହ ଫିଲ୍ମ ସିଟି, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ଓ ଔଷଧ ଉତ୍ପାଦନ କ୍ଲଷ୍ଟର ବିକଶିତ କରାଯିବ ।
- ସମ୍ବଲପୁର, ରାଉରକେଲା, କଟକ ଏବଂ କୋରାପୁଟଠାରେ ୪ଟି ଶିଳ୍ପ ପାର୍କ ।
- ରାୟଗଡାଠାରେ ପ୍ରତିରକ୍ଷା ସାମଗ୍ରୀ ପ୍ରସ୍ତୁତି ପାର୍କ ଏବଂ ବରଗଡଠାରେ ଔଷଧ ଉତ୍ପାଦନ କ୍ଲଷ୍ଟର ସ୍ଥାପନ ।
- ସହସ୍ର ବର୍ଷର ସହର କଟକରେ ଏକ ବିଶ୍ୱସ୍ତରୀୟ ଫିଲ୍ମ ସିଟି ଏବଂ ଅତ୍ୟାଧୁନିକମାନର ଚଳଚିତ୍ର ସୁଟିଂ ଓ ପ୍ରସ୍ତୁତି କେନ୍ଦ୍ର ସ୍ଥାପନ ହେବ ।
- ପୁଞ୍ଜିନିବେଶ ଅନୁଗାମୀ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ୪ ଟି ଶିଳ୍ପ କରିଡର ସ୍ଥାପନ ।
- ଚଳଚିତ୍ର ଓ ଟେଲିଭିଜନ, ସମସ୍ତ ଅଡିଓ-ଭିଜୁଆଲ ମାଧ୍ୟମ, ଆନିମେସନ, ଡିଜିଟାଲ ଚଳଚିତ୍ର, ୱେବ୍ ମିଡିଆ ପାଇଁ ଏକ ନୂତନ ବିଭାଗ ।

## ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ

- ସମସ୍ତ ଜିଲ୍ଲା ଏବଂ ଗୁରୁତ୍ୱପୂର୍ଣ୍ଣ ସବ୍-ଡିଭିଜନ ଗୁଡିକରେ ନୂତନ ଏମ.ଏସ୍.ଏମ୍.ଇ. ପାର୍କ ନିର୍ମାଣ ।
- ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗର ଅଭିବୃଦ୍ଧି ଲକ୍ଷ୍ୟରେ ୫ଟି ରାଜ୍ୟସ୍ତରୀୟ ଫୁଡ୍ ପାର୍କ ।
- ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରର ଉନ୍ନତି ସାଧନ ନିମନ୍ତେ ଏକ ନୂତନ ଖାଦ୍ୟ ପ୍ରକ୍ରିୟାକରଣ ନିର୍ଦ୍ଦେଶାଳୟ।
- ରିହାତି ଦରରେ ଋଣ ପ୍ରଦାନ କରିବା ଉଦ୍ଦେଶ୍ୟରେ ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ଏକ ଅନୁକୂଳ ସୁଧ ରିହାତି ଯୋଜନା।
- ଅଣୁ ଉଦ୍ୟୋଗ ଗୁଡିକର ବିକାଶ ଲକ୍ଷ୍ୟରେ ଏକ ଉପଯୁକ୍ତ ରାଜ୍ୟ ପ୍ରାୟୋଜିତ ଆତ୍ମ ନିଯୁକ୍ତି ଯୋଜନା ।
- ଯୁବକଯୁବତୀଙ୍କ ମଧ୍ୟରେ ଔଦ୍ୟୋଗିକ ମନୋଭାବ ବୃଦ୍ଧି ପାଇଁ ୫ ବର୍ଷରେ ୫୦୦୦ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ।

## ଆମ ଗାଁ ଆମ ବିକାଶ

- ପ୍ରଶାସନର **୩ 'ଟି'** ମାର୍ଗରେ **'ପିଠା'** ସହିତ **'ଆମ ଗାଁ ଆମ ବିକାଶ'** କାର୍ଯ୍ୟକ୍ରମ ଜାରି ରହିବ ।
- ବ୍ଲକ ଅଂଚଳରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର **'ଆମ ଗାଁ ଆମ ବିକାଶ'** କାର୍ଯ୍ୟକ୍ରମ ଆୟୋଜନ କରାଯିବ ।

## ଆମ ସହର ଆମ ଉନ୍ନତି

- ରାଜ୍ୟର ସମସ୍ତ ମହାନଗର ନିଗମ ଅଂଚଳ, ପୌରାଂଚଳ ଓ ବିଜ୍ଞାପିତ ଅଂଚଳ ପରିଷଦରେ ଶତ ପ୍ରତିଶତ ଡ୍ରେନେଜ୍, ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ଉପଲବ୍‌ଧ ହେବ ।
- ସବୁ ମହାନଗର ନିଗମ ଅଂଚଳଗୁଡିକରେ ୨୪ ଘଣ୍ଟିଆ ଜଳ ଯୋଗାଣ ବ୍ୟବସ୍ଥା ।
- ବିଜେଡି ସରକାର ଆଶ୍ରୟ ସୁରକ୍ଷା ଓ ବସ୍ତି ଉନ୍ନତିକରଣ କାର୍ଯ୍ୟକୁ ସାର୍ବଜନୀନ କରିବା ପାଇଁ **'ଜାଗା ମିଶନ'** ଓ **'ଆବାସ ମିଶନ'** କାର୍ଯ୍ୟକ୍ରମକୁ ପରିବର୍ଦ୍ଧିତ କରିବ ।
- **'ଓଡିଶା ସ୍ମାର୍ଟ ସିଟି ମିଶନ'** ଜରିଆରେ ରାଜ୍ୟର ୫ଟି ମହାନଗର ନିଗମକୁ ସ୍ମାର୍ଟ ସିଟି ଭାବେ ବିକଶିତ କରାଯିବ ।

## କ୍ରୀଡା ଭିତ୍ତିଭୂମିର ବିକାଶ

- ବିଦ୍ୟାଳୟରେ କ୍ରୀଡା ଶିକ୍ଷା ଓ ସଂସ୍କୃତିର ବିକାଶ
- ମହିଳା ଏବଂ ସ୍ୱତନ୍ତ୍ର ସମସ୍ୟା ଥିବା କ୍ରୀଡାବିତ୍‌ଙ୍କ ଅଂଶ ଗ୍ରହଣକୁ ପ୍ରୋତ୍ସାହିତ କରାଯିବ ।
- ରାଜ୍ୟରେ କ୍ରୀଡା କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେଉଥିବା ଯୁବକ ସଂଘଗୁଡିକୁ ପ୍ରୋତ୍ସାହନ ଦିଆଯିବ ।
- ଜନଜାତିଙ୍କ ମଧ୍ୟରେ କ୍ରୀଡାର ବିକାଶ ।
- କଳିଙ୍ଗ ଅନ୍ତର୍ଜାତୀୟ ସ୍ପୋର୍ଟସ୍ ସିଟି ସ୍ଥାପନ କରାଯିବ ।
- ଭୁବନେଶ୍ୱରକୁ ଦେଶର କ୍ରୀଡା ରାଜଧାନୀ ଭାବେ ପ୍ରତିଷ୍ଠା କରାଯିବ । ରାଜ୍ୟର ପ୍ରମୁଖ ସହର ଓ ଜିଲ୍ଲା ମୁଖ୍ୟାଳୟରେ ସମନ୍ୱିତ କ୍ରୀଡା କମ୍ପ୍ଲେକ୍ସ ନିର୍ମାଣ ।
- ସୁନ୍ଦରଗଡ ଜିଲ୍ଲାର ୧୭ଟି ବ୍ଲକରେ ଆଷ୍ଟ୍ରୋ ଟର୍ଫ ହକି ବ୍ୟବସ୍ଥା ।
- ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ଓ କୋଚିଂ ସୁବିଧା ପାଇଁ ହାଇ ପରଫରମାନ୍‌ସ ଏକାଡେମୀ ସ୍ଥାପନ ।

## ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ କଲ୍ୟାଣ

- ପଛୁଆ ବର୍ଗଙ୍କ ପାଇଁ **'ରାଜ୍ୟ ପଛୁଆ ବର୍ଗ କମିଶନ'** ପୁନର୍ଗଠନ କରାଯିବ।
- ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ କିମ୍ବା ସହାୟତା ପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡିକରେ ସାମାଜିକ ଓ ଅର୍ଥନୈତିକ ପଛୁଆବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯିବ ।
- ଉଚ୍ଚଶିକ୍ଷା ଓ ନିଯୁକ୍ତିଭିତ୍ତିକ ଶିକ୍ଷା ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟର ୧୧୪ଟି ସ୍ଥାନରେ ସବୁବର୍ଗର ଛାତ୍ରଛାତ୍ରୀମାନେ ରହିପାରିବା ଭଳି ଆଧୁନିକ ସୁବିଧା ସହିତ ଛାତ୍ରାବାସ ନିର୍ମାଣ କରାଯିବ।
- ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ବର୍ଗର ଯୁବକଯୁବତୀମାନଙ୍କର ଦକ୍ଷତା ବିକାଶ ସହିତ ସେମାନଙ୍କୁ ଦକ୍ଷତା ଭିତ୍ତିକ ନିଯୁକ୍ତି ପାଇଁ ବାର୍ଷିକ ୨୫ ହଜାର ଟଙ୍କା ପ୍ରୋତ୍ସାହନ ଦିଆଯିବ। ନିଜସ୍ୱ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସେମାନଙ୍କୁ ମଧ୍ୟ ମୂଳ ପୁଞ୍ଜି ଏବଂ ସ୍ୱଳ୍ପ ସୁଧରେ ଋଣ ସହାୟତା ପ୍ରଦାନ କରାଯିବ।
- ଗରିବ ସଂଖ୍ୟାଲଘୁ ପରିବାରର ୨ଟି ଝିଅଙ୍କ ବିବାହ ପାଇଁ ସହାୟତା ଦିଆଯିବ।
- ସବୁ ସ୍ତରରେ ସଂଖ୍ୟାଲଘୁ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ଦିଆଯିବ ।
- ପ୍ରି-ମାର୍ଟିକ୍ ଓ ପୋଷ୍ଟ-ମାର୍ଟିକ ପାଠ ପଢୁଥିବା ସାମାଜିକ ଓ ଅର୍ଥନୈତିକ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ହଷ୍ଟେଲରେ ଦେୟମୁକ୍ତ ରହିବା ଓ ଖାଇବା ସୁବିଧା ପାଇଁ ଛାତ୍ରବୃତ୍ତି ଓ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ।
- ସମସ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ପ୍ରସ୍ତୁତି ପାଇଁ ମାଗଣା କୋଚିଂ ସୁବିଧା କରାଯିବ।
- ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ବିକାଶ ନିମନ୍ତେ ଏକ ସ୍ୱତନ୍ତ୍ର **'ଏସ୍.ଟି.ଏସ୍.ସି ଡେଭେଲପମେଣ୍ଟ ଆକ୍ଟ'** ଅଣାଯାଇ ରାଜ୍ୟରେ ଏହି ବର୍ଗର ଜନସଂଖ୍ୟା ଅନୁଯାୟୀ ବାର୍ଷିକ ବଜେଟ୍‌ରେ ଅର୍ଥ ବରାଦ କରାଯିବ।
- କୁଚିଣ୍ଡା, ବାମରା, ଜମନକିରା, ଥୂଆମୂଳ-ରାମପୁର, ଲାଞ୍ଜିଗଡ, ନୀଳଗିରି, ସୋରଡା ଏବଂ ତିଲେଇବଣି ପାଇଁ ଅଧକ୍ଷ ଏବଂ ସଦସ୍ୟମାନଙ୍କୁ ନେଇ **'ବିକାଶ ପରିଷଦ'** ଗଠନ କରାଯିବ ।

## ପର୍ଯ୍ୟଟନର ବିକାଶ

- ୩୦ଟି ଜିଲ୍ଲାରେ **'ଜିଲ୍ଲା ପର୍ଯ୍ୟଟନ ପରିଷଦ'** ଗଠନ କରାଯିବ ।
- ସମସ୍ତ ପର୍ଯ୍ୟଟନ କ୍ଷେତ୍ରରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଧ୍ୟମରେ ସାମଗ୍ରୀ ଯୋଗାଣ ଏବଂ ବ୍ୟବସାୟ ପାଇଁ ବୁଝାମଣା ପତ୍ର ।

## ନବୀନ ଓଡିଶା

- ବିଜୁ ଏକ୍ସପ୍ରେସ୍ ୱେ ରାଜ୍ୟର ଉତ୍ତରରୁ ଦକ୍ଷିଣ ଏବଂ ପୂର୍ବରୁ ପଶ୍ଚିମକୁ ସଂଯୋଗ କରିବ।
- ଐତିହ୍ୟସଂପନ୍ନ ରୌପ୍ୟ ନଗରୀ କଟକ ସହିତ ସ୍ମାର୍ଟ ସିଟି ଭୁବନେଶ୍ୱରକୁ ମେଟ୍ରୋ ରେଳପଥ ଦ୍ୱାରା ସଂଯୋଗୀକରଣ କରାଯିବ ।
- ଆଗାମୀ ୫ ବର୍ଷରେ ବିଜୁ ସେତୁ ଯୋଜନାରେ ୭୫୦ ଟି ସେତୁ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୨୦୦୦ କିଲୋମିଟର ରୁ ଉର୍ଦ୍ଧ୍ୱ ଗ୍ରାମ୍ୟ ରାସ୍ତା ।
- ରାଜ୍ୟ ଯୋଜନାରେ ୧୦୦୦ କିଲୋମିଟର ରାସ୍ତା ଉନ୍ନତିକରଣ ।
- ଆଗାମୀ ୫ ବର୍ଷରେ ପି.ଏମ୍.ଜି.ଏସ୍.ୱାଇ. ଯୋଜନାରେ ୪୦ ହଜାର କି,ମି, ରାସ୍ତା ନିର୍ମାଣ/ରାସ୍ତା ଉନ୍ନତିକରଣ, ତନ୍ମଧ୍ୟରୁ ୧୦ ହଜାର କି.ମି. ରାସ୍ତା ସବୁଜ ଜ୍ଞାନ କୌଶଳର ଉପଯୋଗ କରି ନିର୍ମାଣ କରାଯିବ ।
- ଓଡିଶା ଆଦର୍ଶ ବିଦ୍ୟାଳୟ, ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳ ନିର୍ମାଣ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ରାଜସ୍ୱ ଭିତ୍ତିଭୂମିର ବିକାଶ ସାଧନ ।
- ସମସ୍ତ ବ୍ଲକ ମୁଖ୍ୟାଳୟ, ପୌରାଞ୍ଚଳ ଓ ପ୍ରମୁଖ ଶିଳ୍ପ ସଂସ୍ଥାଗୁଡିକୁ ଅତି କମ୍‌ରେ ୨-ଲେନ୍ ବିଶିଷ୍ଟ ରାଜ୍ୟ ରାଜପଥ ବ୍ୟବସ୍ଥା ।
- ପର୍ଯ୍ୟଟନ ଗୁରୁତ୍ୱ ବହନ କରୁଥିବା ସମସ୍ତ ସ୍ଥାନଗୁଡିକୁ ରାଜ୍ୟ ରାଜପଥ ସଂଯୋଗୀକରଣ ।
- ସମସ୍ତ ପ୍ରମୁଖ ରାସ୍ତାଗୁଡିକରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର।
- ଏକ ଲକ୍ଷରୁ ଅଧିକ ଜନସଂଖ୍ୟା ଥିବା ସହରଗୁଡିକରେ ନୂଆ ରିଂ ବନ୍ଧ ।

## ହକ୍ ମାଗୁଛି ଓଡିଶା

- ବିଭିନ୍ନ ସମୟରେ କେନ୍ଦ୍ରରେ ଶାସନରେ ଥିବା ସରକାର ସବୁବେଳେ ଓଡିଶାର ଅଧିକାରକୁ ଅବହେଳା କରିଆସିଛନ୍ତି । ଏହି ଅବହେଳା ଐତିହାସିକ ଏବଂ ଏଥିଯୋଗୁଁ ଓଡିଶା ଟେଲି ଯୋଗାଯୋଗ, ରେଲୱେ ନେଟ୍‌ୱାର୍କ, ବ୍ୟାଙ୍କି, ଜାତୀୟ ରାଜପଥ ଉନ୍ନତିକରଣ ଆଦି କ୍ଷେତ୍ରଗୁଡିକରେ ପଛରେ ପଡିଛି ।
- ୟୁ.ପି.ଏ ସରକାର ପୋଲାଭରମ ଡ୍ୟାମ୍‌କୁ ଜାତୀୟ ମାନ୍ୟତା ଦେଇଥିଲେ ଏବଂ ବର୍ତ୍ତମାନର ଏନ୍.ଡି.ଏ ସରକାର ଏ ପ୍ରସଙ୍ଗରେ ଓଡିଶାର ସ୍ୱାର୍ଥ ବିରୁଦ୍ଧରେ ଯାଇ ଛତିଶଗଡର ତତ୍କାଳୀନ ବିଜେପି ସରକାରଙ୍କୁ ସମର୍ଥନ କଲେ । ଉଭୟ କ୍ଷେତ୍ରରେ ନ୍ୟାୟ ପାଇବା ପାଇଁ ପନ୍ଥା ନିର୍ଦ୍ଧାରଣ ପ୍ରକ୍ରିୟା ଜାରି ରଖିବ।
- ବିଜେପିର ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନର ପ୍ରତିଶ୍ରୁତି ଓଡିଶା ପ୍ରତି ସବୁଠାରୁ ନିଷ୍ଠୁର ପରିହାସ ନଥିଲା ତ ଆଉ କଣ ?
- ୨୦୧୪ ରେ ବିଜେପି ଇସ୍ତାହାରରେ ୧ ନଂରେ ଥିବା ଏହି ପ୍ରତିଶ୍ରୁତି ୫ ବର୍ଷ ପାଇଁ ଭୁଲିଗଲା ଏବଂ ଏବେର ଇସ୍ତାହାରରେ ସେ ବାବଦରେ ପଦୁଟିଏ ବି ଲେଖିଲା ନାହିଁ।
- ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ହେଉଛି ଐତିହାସିକ ଅବହେଳାର ଶିକାର ହୋଇଆସୁଥିବା ଓଡିଶା ପାଇଁ ପ୍ରତିକାରର ଏକମାତ୍ର ବାଟ ।
- ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ଅର୍ଥ ହେଉଛି ରାଜ୍ୟର ବିକାଶ ଏବଂ ଲକ୍ଷ ଲକ୍ଷ ଯୁବକଯୁବତୀଙ୍କୁ କର୍ମ ନିଯୁକ୍ତି ପାଇଁ ଅଧିକ ପୁଂଜି ନିବେଶ ନିମନ୍ତେ ଅଧିକ ଅର୍ଥ ବ୍ୟବସ୍ଥା।
- ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନକୁ ଅସ୍ୱୀକାର କରି ବିଜେପି ଓଡିଶାର ଯୁବକଯୁବତୀମାନଙ୍କର ଆଶା ଓ ଆକାଙ୍କ୍ଷାକୁ ଧୂଳିସାତ୍ କରିଛି।
- ନିର୍ଦ୍ଧାରିତ ସମୟ ସରିଯାଇଥିଲେ ମଧ୍ୟ କେନ୍ଦ୍ର ଦ୍ୱାରା କୋଇଲା ରୟାଲିଟି ସଂଶୋଧନ କରାଯାଇନାହିଁ।
- ଖଣିଜ ସଂପଦର ବିକାଶ କ୍ଷେତ୍ରରେ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି।
- ଉପରୋକ୍ତ ପ୍ରସଙ୍ଗ ଆମର କେନ୍ଦ୍ର ସରକାରଙ୍କ ପ୍ରତି ପ୍ରମୁଖ ଦାବୀ ରହିବ।
- ଏଥର କୌଣସି ଜାତୀୟ ଦଳ ସଂଖ୍ୟାଧିକ ଗରିଷ୍ଠତା ପାଇବେ ନାହିଁ। ଏଣୁ କେନ୍ଦ୍ର ସରକାର ଗଠନରେ ଓଡିଶାର ପ୍ରମୁଖ ଭୂମିକା ରହିବ । ଯିଏ ବି ଓଡିଶାର ନ୍ୟାଯ୍ୟ ଅଧିକାରକୁ ଗୁରୁତ୍ୱ ଦେବ, ବିଜେଡି ସେହି ସରକାରକୁ ସମର୍ଥନ ଦେବ।

## ଓଡିଆ ସ୍ୱାଭିମାନ

- ଓଡିଆ ଭାଷାକୁ ଦେଶର ୬ଷ୍ଠ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିବା ସହିତ ସତ୍ୟବାଦୀଠାରେ ଓଡିଆ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରାଯାଉଛି । ଏହି ପରିପ୍ରେକ୍ଷୀରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ଓଡିଆ ଭାଷା ଓ ସାହିତ୍ୟର ବିକାଶ, ଓଡିଆ ସଂସ୍କୃତି ଓ ଐତିହ୍ୟର ସଂରକ୍ଷଣ, ଓଡିଆ ସ୍ୱାଭିମାନର ସୁରକ୍ଷା ସହିତ ଓଡିଶାର ନିଜସ୍ୱ ନୃତ୍ୟଶୈଳୀ, କଳା ଭାସ୍କର୍ଯ୍ୟ ଓ ଐତିହ୍ୟକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ କାର୍ଯ୍ୟ କରିବ ।
- ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ଅନୁଷ୍ଠାନ ଏବଂ ସଂସ୍ଥାଗୁଡିକର ପୁନର୍ବିଲୋକନ ଏବଂ ପୁନର୍ବିନ୍ୟାସ କରାଯାଇ ଏଗୁଡିକୁ ଅଧିକ କ୍ରିୟାଶୀଳ କରାଯିବ ।
- ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଐତିହ୍ୟ କ୍ଷେତ୍ରରେ ଦିଆଯାଉଥିବା ସମସ୍ତ ସମ୍ମାନଗୁଡିର ପୁନଃସମୀକ୍ଷା ପୂର୍ବକ ଏହାର ପରିସର ବ୍ୟାପକ କରାଯାଇ ଏହାକୁ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ କରାଯିବ ।
- ଐତିହ୍ୟ କ୍ୟାବିନେଟ୍‌ରେ ନିଆଯାଇଥିବା ନିଷ୍ପତ୍ତିଗୁଡିକୁ ଅବିଳମ୍ବେ କାର୍ଯ୍ୟକାରୀ କରାଯିବ ।

# ନବୀନ ଓଡ଼ିଶା ସଶକ୍ତ ଓଡ଼ିଶା



ଅହଂକୁ ଯେତିକି ଦୂରରେ ରଖିବ ତୁମର ଜ୍ଞାନରେ ବା ଦର୍ଶନର ସୀମା ସେତିକି ବିସ୍ତାର ହେବ।
- ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର



# ନିର୍ବାଚନ ମଇଦାନରେ ୧୮ ପ୍ରାର୍ଥୀ କୋଟିପତି

ଯାଜପୁର ଅଫିସ,୧୫।୪

**ଯାଜପୁର ଜିଲା**
- ଧର୍ମଶାଳାର ପ୍ରଣବ ସବୁଠୁ ଧନୀ ପ୍ରାର୍ଥୀ
- ଧନୀ ତାଲିକାରେ ସର୍ବାଗ୍ରେ ରହିଛି ଶିଳ୍ପାଞ୍ଚଳ ପ୍ରାର୍ଥୀଙ୍କ ନାମ

ଜିଲାର ୧୮ ଜଣ ପ୍ରାର୍ଥୀ କୋଟିପତି । ସେଥିମଧ୍ୟରୁ ଶିଳ୍ପ ଓ ଖଣି ସମେତ ଲଘୁ ଖଣିଜ ଦ୍ରବ୍ୟ ସମ୍ପଦରେ ଭରପୂର ଥିବା ଦୁଇ ବିଧାନସଭା ନିର୍ବାଚନମଣ୍ଡଳୀର ୩ଜଣ ପ୍ରାର୍ଥୀ କ୍ରମାଗତ ଭାବେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଗତ ୩ ଦଶନ୍ଧି ହେଲା କୌଣସି ମଧ୍ୟବିତ୍ତ ଶ୍ରେଣୀର ବ୍ୟକ୍ତି କେବେ ବି ଯାଜପୁର ଜିଲାର ବିଧାନସଭା ପ୍ରାର୍ଥୀ ହୋଇ ନ ଥିବା ଏଥିରୁ ସ୍ପଷ୍ଟ ହୋଇଛି।

ଏଥର ଯାଜପୁର ଜିଲାର ଗୋଟିଏ ଲୋକସଭା ଓ ୭ଟି ବିଧାନସଭା ପାଇଁ ୬୧ଜଣ ପ୍ରାର୍ଥୀ ମଇଦାନରେ ରହିଛନ୍ତି। ସେଥିରୁ ଧର୍ମଶାଳା ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ପ୍ରଣବ ବଳୱନ୍ତରାୟ(ଜିତୁ)ଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ୧୭କୋଟି ୨୪ଲକ୍ଷ ୧୪ହଜାର ଟଙ୍କା ବୋଲି ସତ୍ୟପାଠରେ ଦର୍ଶାଇଛନ୍ତି। ଦ୍ୱିତୀୟରେ ଶିଳ୍ପ ଓ ଖଣି ସମୃଦ୍ଧ ସୁକିନ୍ଦା ଆସନ ପାଇଁ ଭାଜପା ପ୍ରାର୍ଥୀ ପ୍ରଦୀପ ବଳସାମନ୍ତଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ୧୨କୋଟି ୨୯ଲକ୍ଷ ଟଙ୍କା । ଏହାବାଦ ତାଙ୍କ ପତ୍ନୀଙ୍କ ନାମରେ ୩କୋଟି ୫୪ଲକ୍ଷ ଟଙ୍କା ରହିଛି। ତୃତୀୟରେ ସୁକିନ୍ଦା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରୀତିରଞ୍ଜନ ଘଡେଇଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ୧୧କୋଟି ୫୯ଲକ୍ଷ ୭୩ହଜାର ଟଙ୍କାର ବୋଲି ଦର୍ଶାଯାଇଛି। ସେହିପରି ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଶରତ ରାଉତଙ୍କ ନାମରେ ୧କୋଟି ୬୪ଲକ୍ଷ ଟଙ୍କାର ସମ୍ପତ୍ତି ରହିଥିବା ସେ ସତ୍ୟପାଠରେ ଦର୍ଶାଇଛନ୍ତି। ତେବେ ଏହି ସତ୍ୟପାଠ କେତେଦୂର ସତ୍ୟ ତାହା ତଦନ୍ତ ସାପେକ୍ଷ। ଏହାବାଦ କୋରେଇ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଅଶୋକ ଦାସଙ୍କ ୫ କୋଟି ୬୮ଲକ୍ଷ ଟଙ୍କା, ଭାଜପା ପ୍ରାର୍ଥୀ ବିଶ୍ୱଜିତ ନାୟକଙ୍କ ୫କୋଟି ୧ଲକ୍ଷ ଟଙ୍କା ଏବଂ କଂଗ୍ରେସ ପ୍ରାର୍ଥୀ ବନ୍ଦିତା ପରିଡାଙ୍କ ନାମରେ ୧କୋଟି ୮୦ଲକ୍ଷ ଟଙ୍କା ସହ ତାଙ୍କ ସ୍ୱାମୀଙ୍କ ନାମରେ ୭କୋଟି ୭୦ଲକ୍ଷ ଟଙ୍କାର ସମ୍ପତ୍ତି ରହିଛି। ଏହାବାଦ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲିକଙ୍କ ୧କୋଟି ୧ଲକ୍ଷ ଟଙ୍କା ଓ ତାଙ୍କ ସ୍ୱାମୀଙ୍କ ନାମରେ ୩କୋଟି ୪ଲକ୍ଷ ଟଙ୍କା ରହିଛି । ସେହିପରି ବିଞ୍ଝାରପୁର କଂଗ୍ରେସ ପ୍ରାର୍ଥୀ ମନୋରଞ୍ଜନ ଦାସଙ୍କ ନାମରେ ୭୮ଲକ୍ଷ ୪୧ହଜାର ଟଙ୍କାର ସମ୍ପତ୍ତି ରହିଥିବାବେଳେ ତାଙ୍କ ପତ୍ନୀଙ୍କ ନାମରେ ୧କୋଟି ୨୩ଲକ୍ଷ ଟଙ୍କାର ସମ୍ପତ୍ତି ରହିଛି । ବଡଚଣା ନିର୍ବାଚନମଣ୍ଡଳୀର ବିଧାୟକ ଅମରପ୍ରସାଦ ଶତପଥିଙ୍କ ନାମରେ ୪୨ଲକ୍ଷ ୧୨ହଜାର ଓ ତାଙ୍କ ପତ୍ନୀଙ୍କ ନାମରେ ୧କୋଟି ୮ଲକ୍ଷ ଟଙ୍କାର ମୋଟ ସମ୍ପତ୍ତି ରହିଛି। ଭାଜପା ପ୍ରାର୍ଥୀ ଅମରକୁମାର ନାୟକଙ୍କ ନାମରେ ୧କୋଟି ୬୬ଲକ୍ଷ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି। ଧର୍ମଶାଳା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ସ୍ମୃତିରେଖା ପହିଙ୍କ ନାମରେ ୩୯ଲକ୍ଷ ୧୩ହଜାର ଟଙ୍କା ରହିଥିବାବେଳେ ତାଙ୍କ ସ୍ୱାମୀଙ୍କ ନାମରେ ୧କୋଟି ୫୫ଲକ୍ଷ ଟଙ୍କାର ସମ୍ପତ୍ତି ରହିଛି । ଭାଜପା ପ୍ରାର୍ଥୀ ରମେଶ ଚନ୍ଦ୍ର ପରିଡାଙ୍କ ନାମରେ ୧କୋଟି ୨୩ଲକ୍ଷ ଟଙ୍କାର ସମ୍ପତ୍ତି ରହିଛି। ରାଜ୍ୟ ବିଜେଡିର ଅନ୍ୟତମ କ୍ଷମତାଶାଳୀ ନେତା ତଥା ପୂର୍ବତନ ଶକ୍ତିମନ୍ତ୍ରୀ ପ୍ରଣବପ୍ରକାଶ ଦାସଙ୍କ ନାମରେ ମାତ୍ର ୧କୋଟି ୫୨ଲକ୍ଷ ୭୨୬ ଟଙ୍କାର ସମ୍ପତ୍ତି ରହିଛି । ବରୀ ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକଙ୍କ ନାମରେ ୧କୋଟି ୮ଲକ୍ଷ ୫୪ ହଜାର ଟଙ୍କାର ସମ୍ପତ୍ତି ରହିଛି। ଉପରୋକ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଭାବେ ପ୍ରାର୍ଥୀ ତାଙ୍କ ସତ୍ୟପାଠରେ ଦର୍ଶାଇଛନ୍ତି। ଏଥିରେ ଅଧିକାଂଶ ସତ୍ୟ ରହିଥିବାବେଳେ କେତେଜଣ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ସନ୍ଦେହ କରାଯାଉଛି। ଯାଜପୁର ଏମ୍‌ପି ପ୍ରାର୍ଥୀ ଶର୍ମିଷ୍ଠା ସେଠୀ ୧କୋଟି ୪୨ ଲକ୍ଷ ଓ ଭାଜପା ପ୍ରାର୍ଥୀ ଅମିୟ ମଲିକ ୨କୋଟି ୨୯ ଲକ୍ଷ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତିର ମାଲିକ। ଅନ୍ୟପକ୍ଷେ ଅପରାଧିକ ଘଟଣାରେ ସୁକିନ୍ଦା ଭାଜପା ପ୍ରାର୍ଥୀ ପ୍ରଦୀପ ବଳସାମନ୍ତଙ୍କ ନାମରେ ୨ଟି ମାମଲା ରହିଛି। ବରୀ ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ଓ ବଡଚଣା କଂଗ୍ରେସ ପ୍ରାର୍ଥୀ ଅଜୟକୁମାର ସାମଲଙ୍କ ନାମରେ ୩ଟି ଲେଖାଏଁ ମାମଲା ରହିଥିବାବେଳେ ପ୍ରୀତିରଞ୍ଜନ ଘଡେଇ, ଶରତ ରାଉତ, ସନ୍ତୋଷ କୁମାର ନନ୍ଦ, ବିଶ୍ୱଜିତ ନାୟକ ଓ ଅମିୟକାନ୍ତ ମଲିକଙ୍କ ନାମରେ ଗୋଟିଏ ଲେଖାଏଁ ଅପରାଧିକ ମାମଲା ରହିଛି। ବବିତା ମଲ୍ଲିକଙ୍କ ନାମରେ ୨ଟି ଅପରାଧିକ ମାମଲା ରହିଛି। ସାଧାରଣ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ସମୟରେ ପ୍ରାର୍ଥିମାନେ ସତ୍ୟପାଠ ମାଧ୍ୟମରେ ଦେଇଥିବା ସେମାନଙ୍କ ସମ୍ପତ୍ତି ତାଲିକାରୁ ଏହି ସୂଚନା ମିଳିଛି।

## ସଂକ୍ଷେପରେ

### ଗୋକର୍ଣ୍ଣିକା ସମ୍ପାଦକଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା,୧୫।୪(ଡି.ଏନ୍.ଏ.)- ପତ୍ରିକା ସମ୍ପାଦନା, ସାହିତ୍ୟକୃତି, ସାଙ୍ଗଠନିକ ଦକ୍ଷତା ପାଇଁ କଳ୍ପନା ସାହିତ୍ୟ ସାଂସ୍କୃତିକ ଓ ସାମାଜିକ ପରିଷଦ କଟକ ପକ୍ଷରୁ ଶନିବାର ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନାଙ୍କୁ ମାନପତ୍ର ଉପଢୌକନ ପ୍ରଦାନ କରାଯାଇ କଳ୍ପନା ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ତ୍ରୈମାସିକ ସାହିତ୍ୟ 'କଳ୍ପନା'ର ବିଷୁବସଂଖ୍ୟା ଉନ୍ମୋଚନ ଅବସରରେ ଉଦ୍‌ଘାଟକଭାବେ ବର୍ଷୀୟାନ ଶିଶୁ ସାହିତ୍ୟିକ ନଦିୟା ବିହାରୀ ମହାନ୍ତି ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ। ଅଧ୍ୟାପକ ଚିତ୍ତରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଦ୍ମଶ୍ରୀ ଡ.ପ୍ରକାଶ ରାଓ, ଡ. ପ୍ରସନ୍ନ କୁମାର ରାଠୋର, ଅବସରପ୍ରାପ୍ତ ପ୍ରଶାସକ ମୀନକେତନ ଦାସ ଅତିଥିଭାବେ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ଗୋପାଳ ଚନ୍ଦ୍ର ଜେନା ବିବରଣୀ ପାଠ କରିଥିଲେ। ଏହି ଅବସରରେ ଉତ୍ତମ ଶିକ୍ଷାଦାନ ଓ ସାମାଜିକ କାର୍ଯ୍ୟ ପାଇଁ ଅନେକ ଶିକ୍ଷୟିତ୍ରୀଶିକ୍ଷକ ଓ ସାମାଜିକକର୍ମୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

### ସୁବର୍ଣ୍ଣ ଜୟନ୍ତୀ ପାଳନ ପ୍ରସ୍ତୁତି

କୋରେଇ,୧୫।୪(ସ୍ୱ.ପ୍ର.)- କୋରେଇ ବ୍ଲକ ଅନ୍ତର୍ଗତ ପଛିକୋଟ ପଞ୍ଚାୟତ ପଛିକୋଟ ଉଚ୍ଚ ବିଦ୍ୟାଳୟରେ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ସୋମବାର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜୟାନନ୍ଦ ପଟ୍ଟନାୟକ, ବିଦ୍ୟାଳୟ କର୍ମଚାରୀ ପିତାମ୍ବର ବଳ ଓ କାଳନ୍ଦି ସେଠୀଙ୍କ ସମେତ ପୁରାତନ ଛାତ୍ର ସଂସଦ ପକ୍ଷରୁ ରମେଶ କୁମାର ମଲ୍ଲିକ, ବସନ୍ତ ବାରିକ, ଶରତ କୁମାର ପେରେଇ, ସୁଧୀର ମହାରଣା, ମହେଶ୍ୱର ଦାସ, ଆଲୋକ କୁମାର ରାଉତରାୟ, ସଞ୍ଜୟ କୁମାର ରାଉତ, ଦେବେନ୍ଦ୍ର କୁମାର ଚକ୍ର, ପ୍ରଶାନ୍ତ ଦାସ, ରାଜେନ୍ଦ୍ର କୁମାର ସିଂହ, ବିଚିତ୍ର ମୋହନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ମେ ୧୨ ତାରିଖରେ ବିଦ୍ୟାଳୟ ପରିସରରେ ୨ୟ ପର୍ଯ୍ୟାୟ ବୈଠକ ପାଇଁ ନିଷ୍ପତ୍ତି ନିଆଯାଇଛି। ସମସ୍ତ ଛାତ୍ରୀଛାତ୍ର ବୈଠକରେ ଉପସ୍ଥିତ ରହିବାକୁ ପୁରାତନ ଛାତ୍ର ସଂସଦ ପକ୍ଷରୁ ଅନୁରୋଧ କରାଯାଇଛି।

### ମହାବିଷୁବ ସଂକ୍ରାନ୍ତି ପାଳିତ

ଯାଜପୁରରୋଡ,୧୫।୪(ନି.ପ୍ର.)- ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ସହରରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ରବିବାର ବିଭିନ୍ନ ହନୁମାନ ମନ୍ଦିର ଓ ବିଭିନ୍ନ ଦେବଦେବୀ ମନ୍ଦିରରେ ଯଜ୍ଞ, କୀର୍ତ୍ତନ ଆଦି କରାଯାଉଛି। ସହରରେ ଥିବା ଧବଳଗିରି ପଞ୍ଚମୁଖୀ ହନୁମାନ ମନ୍ଦିରରେ ବିଶେଷଭାବେ ପୂଜାର୍ଚ୍ଚନା କରାଯାଉଛି। ତାରିଣୀ ମନ୍ଦିର ଓ ବିଭିନ୍ନ ଶିବ ମନ୍ଦିରରେ ଓଡ଼ିଆ ନବବର୍ଷର ପାଞ୍ଜି ପାଠ ସାଙ୍ଗକୁ ସଂକୀର୍ତ୍ତନ କରାଯାଉଛି। ଏହି ଅବସରରେ ପ୍ରତ୍ୟେକ ମନ୍ଦିରରେ ବେଲ ପଣା ନୈବେଦ୍ୟ କରି ଶ୍ରଦ୍ଧାଳୁମାନେ ଭକ୍ତି ସହ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଚୋରଦା ମହାବୀର କ୍ଲବର ୧୫ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ତାରିଣୀ ମାର୍କେଟରେ ଥିବା ତାରିଣୀ ମନ୍ଦିରରେ ମହାଯଜ୍ଞ, ଚଣ୍ଡୀପାଠ ଓ ବଡସିଂହାର ବେଶ କରାଯାଇଥିଲା। ସହରର ବିଭିନ୍ନ ସ୍ଥାନରେ ଭାଇଚାରା ପ୍ରତିଷ୍ଠା ପାଇଁ ବେଲ ପଣା ବଣ୍ଟନ କରାଯାଉଛି।

## ଆମ ସାହିତ୍ୟ ପରିବାର ପକ୍ଷରୁ ବକ୍ତୃତା ପ୍ରତିଯୋଗିତା

ଯାଜପୁରରୋଡ,୧୫।୪(ନି.ପ୍ର.)
ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟ କରୁଥିବା ଆମ ସାହିତ୍ୟ ପରିବାର ବ୍ୟାସନଗର ତରଫରୁ ରବିବାର ସରସ୍ୱତୀ ଶିଶୁ ମନ୍ଦିର ମୁଣ୍ଡମାଳର ୮ମରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। 'ଓଡ଼ିଆ ସାହିତ୍ୟକୁ ବ୍ୟାସକବି ଫକୀର ମୋହନଙ୍କ ଦାନ' ବିଷୟରେ ପ୍ରତିଯୋଗୀମାନେ ବକ୍ତୃତା ଦେଇଥିଲେ। ମୁଖ୍ୟ ଅତିଥିଭାବେ ପଣ୍ଡିତ ଯୁଗଳ କିଶୋର ମିଶ୍ର, ଅନୁଷ୍ଠାର ଉପଦେଷ୍ଟା ଅକ୍ଷୟ କୁମାର ଦାସ, ସଙ୍ଗଠନ ସମ୍ପାଦକ ସୁଜିତ କୁମାର ମଲ୍ଲିକ, ଭୁବନ ମହିଳା ମହାବିଦ୍ୟାଳୟ ଅଧ୍ୟାପକ ପ୍ରଶାନ୍ତ କୁମାର ରାଉତରାୟ, ସମ୍ପାଦକ ସରୋଜ କୁମାର ଶତପଥୀ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ସଭାପତି ଅଲେଖ ପ୍ରସାଦ ମହାରଣା, କୋଷାଧ୍ୟକ୍ଷ ବିକାଶ ଦାସ ପ୍ରମୁଖ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ। ଶେଷରେ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ମହେଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ■ଜୁନିଦାରେ ପ୍ରସିଦ୍ଧ ଝାମୁଯାତ୍ରା
# ନିଆଁରେ ଚାଲିଲେ ଶାରଳା ପୂଜକ

ଦଶରଥପୁର,୧୫।୪(ଡି.ଏନ.ଏ.)

ଦଶରଥପୁର ବ୍ଲକ ଜୟନ୍ତରା ପଞ୍ଚାୟତର ଜୁନିଦା ଗ୍ରାମରେ ଥିବା ମା' ଶାରଳାଙ୍କ ପୀଠରେ ରବିବାର ପ୍ରସିଦ୍ଧ ଝାମୁଯାତ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୩୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଝାମୁ ଯାତ୍ରା ଅନୁଷ୍ଠିତ ହୋଇ ଆସୁଥିବାବେଳେ ଗ୍ରାମର ଶାରଳା ପୂଜକ ମା'ଙ୍କ ବିଗ୍ରହକୁ ମୁଣ୍ଡରେ ବସାଇ ନିଆଁରେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହିଦୃଶ୍ୟ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ଏହି ପର୍ଯ୍ୟାୟରେ ଗତ ୧୦ ତାରିଖରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ୧୬ରେ ଉଦ୍‌ଯାପିତ ହେବ ବୋଲି ସୂଚନା ମିଳିଛି। ମା' ଶାରଳାଙ୍କ ମନ୍ଦିର ପ୍ରତିଷ୍ଠା, ବିଶ୍ୱଶାନ୍ତି ଯଜ୍ଞ, ନାମ ସଂକୀର୍ତ୍ତନ, ପ୍ରବଚନ, ଭଜନ ସନ୍ଧ୍ୟା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରାଉରକେଲା, ଜଗତସିଂହପୁର, କେନ୍ଦ୍ରାପଡା, କଟକ, ଭଦ୍ରକ ଆଦି ଜିଲାରୁ ଶ୍ରଦ୍ଧାଳୁମାନେ ଆସି ଜୁନିଦା ଗ୍ରାମରେ ଯାତ୍ରା ଉପଭୋଗ କରୁଛନ୍ତି। ମୁଖ୍ୟ ପୁରୋଧା ଶାରଳା ଦାଶ ନିଆଁରେ ନୃତ୍ୟ କରିଥାନ୍ତି। ପଣ୍ଡିତ ଶମ୍ଭୁନାଥ ମିଶ୍ର, ପଣ୍ଡିତ ସରୋଜ କୁମାର ପତି, ହେମନ୍ତ ସାହୁ, ବାସୁଦେବ



ଶାରଳା ପୂଜକ ଝାମୁରେ ଚାଲୁଛନ୍ତି ।

ଦାସ, ନୃସିଂହ ମାଝି, ରଞ୍ଜନ ମାଝି, ରମାକାନ୍ତ ସାହୁ, ହୃଦାନନ୍ଦ ସାହୁ, ସୁକାନ୍ତ ସାହୁ, କୁଷ ମଲ୍ଲିକ, ରଂଜନ କୁଅଁର, ମିହିର କୁମାର ସାହୁ, ତପନ ସାହୁ, ଦିଲୀପ କୁମାର ସାହୁ, ସତ୍ୟବ୍ରତ ସାହୁ, ମିହିର ସାହୁ ପ୍ରମୁଖ ଝାମୁଯାତ୍ର ପରିଚାଳନା କରୁଥିବାବେଳେ ଗ୍ରାମର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଗନ୍ନାଥ ଯୁବ ପରିଷଦ ଭକ୍ତଙ୍କ ପାଇଁ ଜଳଛତ୍ରରେ ସହଯୋଗ କରିଥିଲେ। ଅତିଥିଭାବେ ବିଜେଡି ନେତା କର୍ଣ୍ଣାଟକେଶରୀ ଦାଶ, ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର, ବରିଷ୍ଠ ନେତା କେଦାରନାଥ ପରିଡା, ସରପଞ୍ଚ ସୁରେଶ ଦାଶ, ଦଶରଥପୁର ସରପଞ୍ଚ ଇନ୍ଦ୍ରଜିତ ଦାଶ, ଜିଲା କଂଗ୍ରେସ ଉପସଭାପତି ଭରତ ଚନ୍ଦ୍ର ପରିଡା, କଂଗ୍ରେସ ଜୋନ ସଭାପତି ବିମଳ ମଲ୍ଲିକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## କଂଗ୍ରେସର କର୍ମୀ ସମ୍ମିଳନୀ

ଯାଜପୁରରୋଡ,୧୫।୪(ନି.ପ୍ର.)
କୋରେଇ ନିର୍ବାଚନମଣ୍ଡଳୀର ବରୁଣ୍ଡେଇ ପଞ୍ଚାୟତରେ ନିର୍ବାଚନ ପରିଚାଳନା ପାଇଁ ସୋମବାର କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରୁଣ୍ଡେଇ ପଞ୍ଚାୟତ କଂଗ୍ରେସ ସଭାପତି ସୁରେନ୍ଦ୍ର ପାଣି ଅଧ୍ୟକ୍ଷତା କରିଥିଲେ। ପ୍ରଚାର କମିଟି ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତି, ହୃଦାନନ୍ଦ ସାମଲ, ପ୍ରମୋଦ ପରିଡା, ପୂର୍ବତନ ସମିତି ସଭ୍ୟ ନିଳମଣି ଜେନା ପ୍ରମୁଖ ଉପସ୍ଥିତରହି କୋରେଇରେ କଂଗ୍ରେସକୁ ସୁଦୃଢ କରିବା ପାଇଁ ଆହ୍ୱାନ ଦେଇଥିଲେ। ଇସ୍ତାହାର ସହ ଭୋଟରଙ୍କ ନିକଟକୁ କର୍ମୀମାନେ ଯାଇ ଅବଗତ କରିବା ସହ ଦଳର ଆଭିମୁଖ୍ୟ ବୁଝାଇବାକୁ ଆହ୍ୱାନ ଦିଆଯାଇଥିଲା।

## ହିନ୍ଦୁସ୍ଥାନ ନିର୍ମାଣ ପକ୍ଷରୁ ପ୍ରଚାର ଆରମ୍ଭ

ବରୀ,୧୫।୪(ସ୍ୱ.ପ୍ର.)
ବରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ହିନ୍ଦୁସ୍ଥାନ ନିର୍ମାଣ ଦଳ ପକ୍ଷରୁ ପ୍ରାର୍ଥୀ ହୋଇଥିବା ଅସିତ୍ କୁମାର ରାଏ ସୋମବାର ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। କାଇପଡା ଶିବ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ପ୍ରଚାର ଆରମ୍ଭ ହୋଇଛି। ବ୍ରହ୍ମବରଦା, ବନ୍ଧଡିହ, କାକୁଡିକୁଦ, ଅର୍ଥଙ୍ଗା, ତଳକାଇପଡା, ମଣିରାମପୁର, କଳାମାଟିଆ ଆଦି ଗ୍ରାମରେ ଅସିତ୍ ଶତାଧିକ ସମର୍ଥକଙ୍କ ସହ ପହଞ୍ଚି ଭୋଟରଙ୍କୁ ଭୋଟଭିକ୍ଷା କରିଛନ୍ତି। ବିଶେଷକରି ହିନ୍ଦୁତ୍ୱ ଉପରେ ଏହି ଦଳ ଗୁରୁତ୍ୱ ଦେଇ ପ୍ରଚାରକୁ ଜୋରଦାର କରୁଛି। ସୋମବାର ୧୫ ଗ୍ରାମରେ ପ୍ରଚାର କରାଯାଇଛି।

## ବିଷୁବ ମିଳନ, ପଣା ଉତ୍ସବ

ବରୀ,୧୫।୪(ସ୍ୱ.ପ୍ର.)
ବରୀ ଅଞ୍ଚଳର ବିଭିନ୍ନ ସ୍ଥାନରେ ରବିବାର ବିଷୁବ ମିଳନ ଓ ପଣା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁଷ୍ପଗିରି ପରିଷଦ ପକ୍ଷରୁ ରତ୍ନଗିରିଠାରେ ଓଡ଼ିଆ ନବ ବର୍ଷରେ ଆମ ସଂସ୍କୃତି, ଐତିହ୍ୟ ପରମ୍ପରା ଉପରେ ଆଲୋଚନାଚକ୍ର କରାଯାଇ ବିଷୁବ ମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ମିଳନରେ ଦିଲୀପ ଦାସ, କବି ଅଜୟ କୁମାର ବଳ, ଅର୍ଜୁନ ରାଉତ, ବରିଷ୍ଠ ନାଗରିକ ବିଷ୍ଣୁ ଚରଣ ମହାନ୍ତି, ମକରଧ୍ୱଜ ସାହୁପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରେ ପଣା ବଣ୍ଟନ କରାଯାଇଥିଲା। ସେହିପରି ଅଟିରା ପଞ୍ଚାୟତର ସନ୍ଥନ ମଠ ପରିସରରେ ସାମାଜିକ କର୍ମୀ ହୃଷୀକେଶ ପୃଷ୍ଟିଙ୍କ ନେତୃତ୍ୱରେ ପଣା ଉତ୍ସବ କରାଯାଇ ପଣା ବଣ୍ଟନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଆଇନଜୀବୀ ରକ୍ଷିବର ପୃଷ୍ଟି ଯୋଗଦେଇ ପଣା ସଂସ୍କୃତି, ଓଡ଼ିଆ ନବ ବର୍ଷ ଉପରେ ଆଲୋକପାତ କରିଥିଲେ।

# ପାଉଁଶ ଗଦା ଯୋଗୁ ହନ୍ତସନ୍ତ କଲୋନୀବାସୀ



ଗଦା ହୋଇଥିବା ପାଉଁଶ ।

କଳିଙ୍ଗନଗର,୧୫।୪(ଡି.ଏନ୍.ଏ.)

ରାଣିପଡା ଧବଳଗିରି ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଆମ୍ବେଦକର କଲୋନୀ ନିକଟରେ କାରଖାନାରୁ ନିର୍ଗତ ପାଉଁଶ ଗଦା କରାଯାଉଛି। ସ୍ଥାନୀୟ ଅଞ୍ଚଳର ଜଣେ ପ୍ରଭାବଶାଳୀ ବ୍ୟକ୍ତି କଲୋନୀରେ ଥିବା ଏକ ଖାଲକୁ ପୋତିବା ପାଇଁ ପାଉଁଶ ପକାଉଛନ୍ତି। ଜନବସତି ଘେରରେ ପାଉଁଶ ଗଦା କରାଯାଉଥିବାରୁ ସାମାନ୍ୟ ପବନରେ ପାଉଁଶ ଉଡି କଲୋନିକୁ ପ୍ରଭାବିତ କରୁଛି। ଫଳରେ ଟିବି ଓ ଯକ୍ଷ୍ମା ଭଳି ମରାତ୍ମକ ରୋଗ ସୃଷ୍ଟି ହେବାର ଭୟ ରହୁଛି। ଏ ନେଇ କଲୋନୀବାସୀ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରି ନାହିଁ। ଏଭଳି ସ୍ଥିତିରେ ଶନିବାର ବିଳମ୍ବିତ ରାତିରେ ପୁଣି ପାଉଁଶ ଗଦା କରାଯିବା ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବ୍ୟାସନଗର ପୌରାଞ୍ଚଳର ୭ ନମ୍ବର ୱାର୍ଡ ଆମ୍ବେଦକର କଲୋନୀରେ ପ୍ରାୟ ୧୬ ଶହରୁ ଊର୍ଦ୍ଧ୍ୱ ଲୋକେ ବସବାସ କରୁଛନ୍ତି। କଲୋନୀ ରାସ୍ତା ନିକଟରେ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜମି ରହିଛି। ଉକ୍ତ ଜମିଟି ଖାଲୁଆ ହୋଇଥିବାରୁ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଖାଲ ପୋତିବା ପାଇଁ କାରଖାନାର ନିର୍ଗତ ପାଉଁଶ ଗଦା କରୁଛନ୍ତି। ସାମାନ୍ୟ ପବନରେ ପାଉଁଶ ଉଡି କଲୋନୀରେ ପ୍ରବେଶ କରୁଛି। ଫଳରେ କଲୋନୀବାସୀ ବିଭନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ କଲୋନୀବାସୀ କଳିଙ୍ଗନଗର ଅତିରିକ୍ତ ଜିଲାପାଳ, ପୌରାଞ୍ଚଳ ଅଧିକାରୀ, ଯାଜପୁର ରୋଡ୍‌ପୋଲିସ, କଳିଙ୍ଗନଗର ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀଙ୍କୁ ୩ ଥର ଅବଗତ କରିଥିବା କଲୋନୀବାସୀ କହିଛନ୍ତି। ହେଲେ ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳି ପାରି ନାହିଁ। ଏଭଳିସ୍ଥିତିରେ ଶନିବାର ବିଳମ୍ବିତ ରାତିରେ ପୁର୍ନବାର ପାଉଁଶ ଜମା କରାଯାଇଥିବା ନେଇ ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପାଉଁଶ ପକାଉଥିବା ଉକ୍ତ ବ୍ୟକ୍ତିଙ୍କ ବହୁ ପ୍ରଶାସନିକ ଅଧିକାରୀଙ୍କ ସହ ସମ୍ପର୍କ ଥିବାରୁ ଏଭଳି ବେଆଇନ କାର୍ଯ୍ୟ କରିଚାଲିଥିବା କଲୋନୀବାସୀ କହିଛନ୍ତି। ତୁରନ୍ତ ପ୍ରଶାସନ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ସହ ପାଉଁଶ ଗଦାକୁ ଏଠାରୁ ନ ହଟାଇଲେ କଲୋନୀବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପ୍ରଦ୍ୟୁଷଣ ବିଭାଗ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ ଘଟଣା ବାବଦରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ତଦନ୍ତ କରାଯାଉଛି। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# 'ଓଡ଼ିଆ ନବବର୍ଷର ପ୍ରତୀକ ବିଷୁବ ସଂକ୍ରାନ୍ତି'

ଧର୍ମଶାଳା,୧୫।୪(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକାସ୍ଥିତ ଗୋକର୍ଣ୍ଣିକା ସାହିତ୍ୟ ସମାଜ ଅନୁକୂଲ୍ୟରେ ବିଷୁବ ସଂକ୍ରାନ୍ତି ଅବସରରେ ରବିବାର ଓଡ଼ିଆ ନବବର୍ଷ ପାଳନ ଓ ବିଷୁବ କବିତା ପାଠୋତ୍ସବ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଉପେନ୍ଦ୍ର ସାରଦା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ର ସାହୁ ମହାବିଷୁବ ସଂକ୍ରାନ୍ତି ମାହାତ୍ମ୍ୟ ଓ ଓଡ଼ିଆ ନବବର୍ଷର ପ୍ରଥମ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତାଭାବେ ଉତ୍କଳ ସାହିତ୍ୟ ସମାଜର ଜିଲା ଆବାହକ ଡ. ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ଓଡ଼ିଆ ନବବର୍ଷର ପ୍ରତୀକ ବିଷୁବ ସଂକ୍ରାନ୍ତି। ମଠ ମନ୍ଦିରରେ ଦେବଦେବୀଙ୍କ ନିକଟରେ ଭୋଗରାଗ ପଣା ପ୍ରଭୃତି ଓଡ଼ିଆର ମହାନ୍ ସଂସ୍କୃତିକୁ ଜନସାଧାରଣ ଏବେ ବି ପାଳନ କରି ଆସୁଥିବାବେଳେ କବି ଓ ସାହିତ୍ୟକାର ବିଷୁବ କବିତା ପାଠୋତ୍ସବ କରି ନୂଆ ବର୍ଷକୁ ସ୍ୱାଗତ ଜଣାଇଥାନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷା ଡ. ଇନ୍ଦୁପ୍ରଭା ସାମଲ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ବିଜୟ କୁମାର ନାୟକ ବିବରଣୀ ପାଠ ଓ ସଭାପତି ସୁନାକର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ସଂଗ୍ରାମ କେଶରୀ ଜେନାଙ୍କ ସଭାପତିତ୍ୱରେ ଓ ବିଧୁଭୂଷଣ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ଦୀନବନ୍ଧୁ ପଣ୍ଡା, ତୁହିନାଂଶୁ ରଥ, ବ୍ରଜ କିଶୋର ଦାଶ, ମିନତି ସାହୁ, ମାଧୁରୀ ଶତପଥୀ, ମହେଶ୍ୱର ଜେନାସାମନ୍ତ, ପ୍ରଦୀପ କୁମାର ସାମଲ ଗାୟତ୍ରୀ ନାୟକ, ଦୁର୍ଗା ପ୍ରସନ୍ନ ଦାଶ, ନୀଳମାଧବ ସାମଲ, ବ୍ରଜରାଜ ତ୍ରିପାଠୀ, ହୃଷୀକେଶ ସାମଲ, ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଓଡ଼ିଆ ନବ ବର୍ଷକୁ ସ୍ୱାଗତ କରି କବିତା ପାଠ କରିଥିଲେ। ଅବିନେଶ୍ୱର ଶତପଥୀ ଓ ଗୁଲାମ ଗସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ପ୍ରତାପରୁଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବିଜେଡିକୁ କାଳ ହୋଇପାରେ 'କାଳିଆ'

ରସୁଲପୁର,୧୫।୪(ଡିଏନଏ)

**ରସୁଲପୁର ବ୍ଲକ**
- ଅଧିକାଂଶ ଅଣଚାଷୀ ପାଇଛନ୍ତି ଟଙ୍କା, ପ୍ରକୃତ ଚାଷୀ ବଞ୍ଚିତ
- ଫାଇଦା ଅପେକ୍ଷାରେ ବିରୋଧୀ
- ବ୍ଲକବାସୀଙ୍କ ହାତରେ ୩ ବିଧାୟକଙ୍କ ଭାଗ୍ୟ

କୃଷକଙ୍କୁ ଦେଶର ଆର୍ଥିକ ସ୍ଥିତିର ମେରୁଦଣ୍ଡ ବୋଲି କୁହାଯାଏ। ସେହି ଅନୁସାରେ ଓଡିଶାର କୃଷକଙ୍କୁ ଦେଖିଲେ ରାଜ୍ୟର ଅର୍ଥନୈତିକ ସ୍ଥିତି ସ୍ପଷ୍ଟ ଅନୁମେୟ। ଏଠି ଚାଷୀ ଅନେକ ସମସ୍ୟା ଦେଇ ଗତି କରୁଛି। ମାଳମାଳ ସରକାରୀ ଯୋଜନା କୃଷି ଓ କୃଷକ ପରିବାରର ଆର୍ଥିକ ସ୍ଥିତିରେ ସୁଧାର ଆଣିପାରୁ ନାହିଁ। ଚାଷ ଜମିକୁ ପାଣି ନାହିଁ, ଉତ୍ପାଦିତ ଦ୍ରବ୍ୟକୁ ଉଚିତ ଦାମ୍ ନ ମିଳିବା, ଧାନ ଓ ପନିପରିବା ଅଭାବୀ ବିକ୍ରୀ ସମସ୍ୟା ଦୂର ହୋଇ ନ ପାରିବା, ହାଟ ନିକଟରେ ଶୀତଳ ଭଣ୍ଡାର ସ୍ୱପ୍ନ ସାକାର ନ ହୋଇପାରିବା ଭଳି ଅନେକ ସମସ୍ୟାରେ ରୁନ୍ଧି ହେଉଛି ଚାଷୀ। ଏହି ଭଳି ନାନା ସମସ୍ୟାକୁ ନେଇ ଚାଷୀ ସଂଗଠନ ରାଜରାସ୍ତାକୁ ଓହ୍ଲାଉଛି। ଚାଷୀଙ୍କୁ ପ୍ରାଇସ୍, ପ୍ରେଷ୍ଟିଜ୍, ପେନସନ୍ ପ୍ରଦାନ ପାଇଁ ଦାବି କରିଆସୁଛି। ମାତ୍ର ଚାଷୀଙ୍କର ଏଭଳି ଦାବିକୁ ରାଜ୍ୟ ସରକାର ମାନିବାକୁ ପ୍ରସ୍ତୁତ ନୁହନ୍ତି। ଚାଷୀ ସଂଗଠନର ଶାଣିତ ସ୍ୱର ରାଜ୍ୟ ସରକାରଙ୍କୁ ବିଚଳିତ କରିଛି। ତେଣୁ ତରବରିଆ ଭାବେ ରାଜ୍ୟ ସରକାର 'କାଳିଆ' ଯୋଜନା ପ୍ରଣୟନ କରିଥିବା କୁହାଯାଉଛି। ମାତ୍ର ଏହି ଯୋଜନା ସରକାରଙ୍କ ପାଇଁ କାଳ ପାଲଟିବ ବୋଲି କୁହାଯାଉଛି। ଚଳିତ ସାଧାରଣ ନିର୍ବାଚନରେ ଏହି ଯୋଜନା ଭୋଟକୁ ପ୍ରଭାବିତ କରିବାର ଆଶଙ୍କା ଦେଖାଦେଇଛି। ଏଥିରୁ ବିରୋଧୀ ଫାଇଦା ଉଠାଇବାକୁ ଅପେକ୍ଷାରେ ଥିବା ଭଳି ମନେହେଉଛି। ଏହାକୁ ନେଇ ବିରୋଧୀ ପ୍ରାର୍ଥୀ ବିଜେଡିକୁ ଟାର୍ଗେଟ କରୁଥିବା ଦେଖାଯାଉଛି। ଏ ଦିଗରେ ରସୁଲପୁର ବ୍ଲକ ଆଗରେ ରହିଛି। ଏହି ବ୍ଲକ ଏକ କୃଷି ପ୍ରଧାନ ବ୍ଲକ ଭାବେ ପରିଚିତ। ବ୍ଲକବାସୀଙ୍କ ହାତରେ ୩ ବିଧାୟକଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବାର ସୁଯୋଗ ରହିଛି। ଏହାକୁ ହାତଛଡା ନ କରି ଚାଷୀମାନେ ଭୋଟରେ ଜବାବ୍ ଦେବାକୁ ଅପେକ୍ଷା କରିଥିବା ଚର୍ଚ୍ଚା ହେଉଛି।

ରସୁଲପୁର ବ୍ଲକ ଅଧୀନରେ ୨୮ ପଞ୍ଚାୟତ ରହିଛି। ଏ ସମସ୍ତ ପଞ୍ଚାୟତ ବରୀ, ଧର୍ମଶାଳା, କୋରେଇ ଆଦି ନିର୍ବାଚନମଣ୍ଡଳୀରେ ଭାଗ ହୋଇଯାଇଛି। ବରୀରେ ସର୍ବାଧିକ ୧୦ଟି ପଞ୍ଚାୟତ ରହିଥିବା ବେଳେ କୋରେଇ ଓ ଧର୍ମଶାଳାରେ ୯ଟି ଲେଖାଏ ପଞ୍ଚାୟତ ରହିଛି। ଏହି ସବୁ ପଞ୍ଚାୟତରେ ମୋଟ ୧୭୨ ଗାଁରୁ ୧୬୦ଟିରେ ଲୋକେ ବସବାସ କରୁଛନ୍ତି। ୨୦୧୧ ସାମାଜିକ, ଅର୍ଥନୈତିକ, ଜାତିଗତ ତାଲିକା ଅନୁଯାୟୀ ଏହି ଗ୍ରାମରେ ୩୬,୮୯୩ ପରିବାର ରହିଛି। ହେଲେ ୨୦୧୯ରେ ରାଜ୍ୟ ସରକାରଙ୍କ ପକ୍ଷରୁ କୃଷକଙ୍କ ନିମନ୍ତେ ଘୋଷଣା କରାଯାଇଥିବା କାଳିଆ ଯୋଜନା ପାଇଁ ୪୬,୫୦୦ କୃଷି ପରିବାର ଆବେଦନ କରିଛନ୍ତି। ଯାହାକି ବ୍ଲକର ମୋଟ ପରିବାର ସଂଖ୍ୟାଠାରୁ ହାରାହାରି ୧୦ହଜାର ପରିବାର ଅଧିକ ବୋଲି ଜଣାପଡିଛି। ଏଥିରୁ ସ୍ପଷ୍ଟ ଯେ, କାଳିଆ ଯୋଜନାକୁ ବାଟମାରଣା କରିବାର ପ୍ରୟାସ ହୋଇଛି। ଚାଷୀର ନିର୍ଦ୍ଦିଷ୍ଟ ସଂଜ୍ଞା ନିର୍ଦ୍ଧାରଣ ହୋଇନାହିଁ। ଏହାକୁ ଆଳ କରି ଗୋଟିଏ ପରିବାର ଏକାଧିକ ପରିବାରରେ ଭାଗ ହୋଇ ଚାଷୀ ନାଁରେ ସରକାରୀ ସୁବିଧା ହାତେଇବାକୁ ପ୍ରୟାସ କରିଛନ୍ତି । ପ୍ରକୃତ ଚାଷୀକୁ ଚିହ୍ନଟ ନ କରି ସରକାର ବି ଭୋଟ ହାତେଇବା ଆଳରେ ଅତି ତରବରିଆ ଭାବେ କେତେଜଣ ଚାଷୀଙ୍କ ଜମାଖାତାକୁ ଟଙ୍କା ଛାଡ଼ିଥିବା ଆଲୋଚନା ହେଉଛି। ତାହା ପୁଣି ମୋଟ ଆବେଦନକାରୀ ପରିବାରର ମାତ୍ର ଶତକଡା ୧୦ଭାଗ ହେବ ବୋଲି ଅନୁମାନ କରାଯାଉଛି । ଏହି ଟଙ୍କା ୩ଟି ପର୍ଯ୍ୟାୟରେ ଚାଷୀଙ୍କ ଜମାଖାତାକୁ ୨୫ହଜାର, ଭୂମିହୀନ ଓ ଭାଗଚାଷୀଙ୍କ ଖାତାକୁ ୧୨,୫୦୦ଟଙ୍କା ପ୍ରଦାନ କରାଯିବ ବୋଲି ଯୋଜନାରେ ଉଲ୍ଲେଖ ରହିଛି। କେତେଜଣ ଚାଷୀ ସେମାନଙ୍କ ଜମିଜମା ସମ୍ପର୍କିତ ରେକର୍ଡ ଦାଖଲ କରିଥିଲେ ବି ସେମାନଙ୍କୁ ଭୂମିହୀନ ଦର୍ଶାଯାଇଛି। ଏହାକୁ ନେଇ ଚାଷୀଙ୍କ ମନରେ ଅସନ୍ତୋଷ ରହିଛି। ଚାଷୀ ପରିବାର ଉଦ୍ଦେଶ୍ୟରେ ପଠାଯାଇଥିବା ଟଙ୍କା ଚାଷୀ ବଦଳରେ ଅଣଚାଷୀଙ୍କ ଜମାଖାତାକୁ ଯାଇଛି। ଏପରିକି କଲେଜ ପଢୁଆଙ୍କ ଜମାଖାତାରେ କାଳିଆ ଟଙ୍କା ଦାଖଲ ହୋଇଥିବା ଜଣାପଡ଼ିଛି। ଚାଷୀଙ୍କ ଅର୍ଥରେ ଅଣଚାଷୀ ମଉଜ କରୁଥିବା ବେଳେ ବାସ୍ତବ ଚାଷୀର ଜୀବିକା ବିପନ୍ନ ହୋଇପଡିଛି। କାଳିଆ ଯୋଜନା ପ୍ରକୃତରେ କ'ଣ ବୋଲି ପଦ୍ମନାଭ ସାହୁ, ନବକିଶୋର ରାଉତ, ଦିଗମ୍ବର ଜେନା, ଲକ୍ଷ୍ମଣ ସାହୁ, ଚକ୍ରଧର ରାଉତ, ଶତ୍ରୁଘ୍ନ ସାହୁ, ଯୁଧିଷ୍ଠିର ରାଉତଙ୍କ ଭଳି ଶହଶହ ଚାଷୀ ତାଚ୍ଛଲ୍ୟ ଢ଼ଙ୍ଗରେ ପ୍ରଶ୍ନ କରୁଛନ୍ତି। ସେମାନଙ୍କ ମନରେ ଥିବା ରୋଷ ନିର୍ବାଚନରେ ପ୍ରତିଫଳିତ ହେବାର ସୂଚନା ମିଳୁଛି । ଏହାକୁ ବିରୋଧୀ ପ୍ରସଙ୍ଗ କରିବାରେ ହେଳା କରୁନାହାନ୍ତି। ରାଜନୈତିକ ମଇଦାନରେ ଭୋଟରଙ୍କୁ ଏ ସମ୍ପର୍କରେ ବିରୋଧୀ ବୁଝାଉଥିବା ପରିଲକ୍ଷିତ ହୋଇଛି। ଏହି କ୍ଷେତ୍ରରେ ଚାଷୀଙ୍କ ହିତ ପାଇଁ ଲଢୁଥିବା ନବନିର୍ମାଣ କୃଷକ ସଂଗଠନ ସରକାରଙ୍କ ବିରୋଧରେ ରହିଛି। ସଂଗଠନର ଅସହଯୋଗ ମନୋଭାବରୁ ବିରୋଧୀ ଦଳକୁ ଫାଇଦା ମିଳିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। କାଳିଆ ଯୋଜନାରେ ଘଟୁଥିବା ନାନା ତ୍ରୁଟିବିଚ୍ୟୁତି ସମ୍ପର୍କରେ ବ୍ଲକ ନୋଡାଲ ଅଧିକାରୀ ତୁଷାରକାନ୍ତ ସେଠୀଙ୍କୁ ପଚାରିବାରୁ, ଆଧାର ନମ୍ବର ପରିବାର ଆଇଡି ସହ ସଂଯୋଗ କରିଦେଲେ ନକଲି ପରିବାର ଧରା ପଡିଯିବେ। ଏଥିପାଇଁ ସମୟ ନ ଥିବାରୁ ସରକାର ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ଟଙ୍କା ଛାଡିବାକୁ ଘୋଷଣା କରିଥିବାରୁ ଏଭଳି କରାଯାଇଛି। ମାତ୍ର ପରବର୍ତ୍ତୀ ସ୍ଥିତିରେ ଏଥିରେ ସୁଧାର ଆସିପାରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି।

**ସଂକ୍ଷେପରେ**



## ରାଷ୍ଟ୍ରୀୟ ଅଗ୍ନିଶମ ଦିବସ

**ପାରାଦୀପ, ୧୫।୪ (ସ୍ୱ.ପ୍ର.)**- ସ୍ଥାନୀୟ ବଡ଼ପଡ଼ିଆସ୍ଥିତ ସିଆଇଏସଏଫ ଫାୟାର ୱିଙ୍ଗ୍‌ରେ ରବିବାର ରାଷ୍ଟ୍ରୀୟ ଅଗ୍ନିଶମ ଦିବସ ପାଳିତ ହୋଇଛି। ସହକାରୀ କମାଣ୍ଡାଣ୍ଟ ନିତିଶ କୁମାରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଡକ୍‌ସେଫ୍ଟି ବିଭାଗର ସହକାରୀ ନିର୍ଦ୍ଦେଶକ ପି.ଗୋପୀନାଥ, ବନ୍ଦର ହାରବର ମାଷ୍ଟର ଅଲେଖ ଚରଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଦିବଂଗତ ଅଗ୍ନିଶମ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ଏବଂ ଗାର୍ଡ ଅଫ ଅନର ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅଗ୍ନିଶମ କର୍ମଚାରୀମାନେ ଆଗ୍ନିକ ବିପତ୍ତି ଓ ପ୍ରତିକାର ସମ୍ପର୍କରେ କଳା କୌଶଳ ଦେଖାଇଥିଲେ।

## ହରିହରସିଦ୍ଧ ରଘୁନାଥ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ

**ରଘୁନାଥପୁର,୧୫।୪(ଡି.ଏନ.ଏ.)**- ରଘୁନାଥପୁର ବ୍ଲକ ବରାଗୋଳ ପଞ୍ଚାୟତ ଗୋଠିଣା ସାଧୁବନ ପଡ଼ିଆସ୍ଥିତ ଶ୍ରୀ ଶ୍ରୀ ହରିହର ସିଦ୍ଧ ରଘୁନାଥ ମନ୍ଦିରର ୪ର୍ଥ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ମହାସମାରୋହରେ ପାଳିତ ହୋଇଯାଇଛି। ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଯଜ୍ଞୋତ୍ସବରେ ରୀତିନୀତି ଅନୁଯାୟୀ କଳସଯାତ୍ରା, ବିଗ୍ରହ ପ୍ରତିଷ୍ଠା, ରୁଦ୍ରାଭିଷେକ ଓ ଆହୁତି ପ୍ରଦାନ କରାଯାଇଛି। ମଙ୍ଗଳବାର ଗୀତା ଆହୁତି ସହ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପାଦନ ହୋଇଛି। ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁମାନେ ଆସି ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରୁଛନ୍ତି। ଏହି ଅବସରରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି। ନିର୍ବାଚନ ପରିପ୍ରେକ୍ଷୀରେ ବିଭିନ୍ନ ଦଳର ପ୍ରାର୍ଥୀମାନେ ଯଜ୍ଞସ୍ଥଳରେ ପହଞ୍ଚି ପ୍ରଭୁଙ୍କ ଆଶୀର୍ବାଦ ନେବା ସହ ଜନସାଧାରଣଙ୍କ ନିକଟତର ହେଉଛନ୍ତି।

## ଦକ୍ଷିଣୀ ସଂକୀର୍ତ୍ତନ ସମାରୋହ

**ବାଲିକୁଦା,୧୫।୪(ସ୍ୱ.ପ୍ର.):** ଖାଲଗାଁ ପଞ୍ଚାୟତର ଶୋଭାସ୍ଥିତ ଶୋବନେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଓଡିଆ ନବବର୍ଷ ପାଳିତ ହୋଇଛି। ଏହି ଅବସରରେ ମନ୍ଦିର ପରିସରରେ ଦକ୍ଷିଣୀ ସଂକୀର୍ତ୍ତନ ସମାରୋହ କରାଯିବା ସହିତ ସମ୍ବର୍ଦ୍ଧନା ଉତ୍ସବ କରାଯାଇଥିଲା। ଏଥିରେ ଶୋଭା, ଈଶ୍ୱରପୁର, ଜଏଗାଁ, କାଳିଓ ମୁକୁନ୍ଦପୁର ଆଦି ସଂକୀର୍ତ୍ତନ ମଣ୍ଡଳି ସଂକୀର୍ତ୍ତନ ପରିବେଷଣ କରିଥିଲେ। ସମାରୋହରେ ମନ୍ଦିର ପରିଚାଳନା କମିଟି ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ ଅଧକ୍ଷତା କରିଥିଲେ। ରାଜ୍ୟ ପୁରସ୍କାରପ୍ରାପ୍ତ କୃତୀ ଶିକ୍ଷକ ଅରୁଣ କୁମାର ମହାନ୍ତି, ସାମାଜିକ କର୍ମୀ ଦୁର୍ଗାଚରଣ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଧାନ ରାଉଳ, ଯୁବ ଉଦ୍ୟୋଗୀ ବୀରେନ୍ ସ୍ୱାଇଁ, ଯୁବ ବ୍ୟବସାୟୀ ବିଭୁ, ଯୁବ ଉଦ୍ୟୋଗୀ ବୁଦ୍ଧଦେବ ଆଚାର୍ଯ୍ୟ, ଦେବେନ୍ଦ୍ର ପରିଡା, ପ୍ରଶାନ୍ତ ବିଶ୍ୱାଳଙ୍କ ସମେତ ସଂକୀର୍ତ୍ତନ ପ୍ରେମୀଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ପୂଜକ ନାରାୟଣ ପଣ୍ଡା ପୂଜାର୍ଚ୍ଚନା କରିଥିଲେ।

## ନବନିର୍ମାଣ କୃଷକ ସଙ୍ଗଠନର ବୈଠକ

**ବାଲିକୁଦା,୧୫।୪(ସ୍ୱ.ପ୍ର.):** ବଡ଼ଗାଁ ପଞ୍ଚାୟତ ନୂଆଗାଁସ୍ଥିତ ମା' କରକେଇଙ୍କ ପୀଠରେ ନବନିର୍ମାଣ କୃଷକ ସଙ୍ଗଠନ ବାଲିକୁଦା ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବୃନ୍ଦାବନ ସ୍ୱାଇଁ ସଭାପତିତ୍ୱ କରିଥିଲେ। ବ୍ଲକ ସଂଯୋଜକ ରଘୁନାଥ ନାୟକ ବିବରଣୀ ପାଠ କରିଥିଲେ। ଆସନ୍ତା ୨୧ ତାରିଖରେ ଜଗତ୍‌ସିଂହପୁରରେ ହେବାକୁ ଥିବା କାର୍ଯ୍ୟକ୍ରମରେ ପ୍ରତ୍ୟେକ ପଞ୍ଚାୟତରୁ ଅତି କମ୍‌ରେ ୫୦ ଜଣ ଲେଖାଏଁ ଚାଷୀ ଯୋଗଦେବା ପାଇଁ କୁହାଯାଇଥିଲା। ଏଥିସହିତ ପବିତ୍ର ଅକ୍ଷୟ ତୃତୀୟା ଅଳାଭର ପଞ୍ଚାୟତରେ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଥିଲଶ। ସଭାରେ ସରକାରଙ୍କ ଚାଷୀ ମାରଣା ନୀତିର ତୀବ୍ର ସମାଲୋଚନା କରାଯାଇ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ଚାପ ପ୍ରୟୋଗ କରାଯିବ ବୋଲି କୁହାଯାଇଥିଲା। କୋଷାଧକ୍ଷ ବ୍ରହ୍ମାନନ୍ଦ ମହାନ୍ତି, ବ୍ରହ୍ମାନନ୍ଦ ଲେଙ୍କା, ରଘୁନାଥ ପରିଡା, ସୁବାଷ ମହାନ୍ତି, ମିଟୁ ଦାସ, ଲିଙ୍ଗରାଜ ମହାନ୍ତି, ଜୟପ୍ରକାଶ ମହାନ୍ତି, ଦେବାଶିଷ ମହାନ୍ତି, ବିଭୂତି ପରିଡା, କୃଷ୍ଣ ପଲେଇ, ବସନ୍ତ ନାୟକ, ସୁର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

■ କଂଗ୍ରେସ ପ୍ରାର୍ଥୀଙ୍କ ଇସ୍ତାହାରକୁ ବିଜେଡି, ଭାଜପା ପ୍ରାର୍ଥୀଙ୍କ ସମାଲୋଚନା

# ଫମ୍ପା ପ୍ରତିଶ୍ରୁତିର କୌଣସି ମାନେ ନାହିଁ

**ପାରାଦୀପ,୧୫।୪(ସ୍ୱ.ପ୍ର.)**

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ଉଷ୍ମତା ସେତିକି ବଢ଼ିଚାଲିଛି। ପାରାଦୀପ ନିର୍ବାଚନମଣ୍ଡଳୀ ପାଇଁ ୩ ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଓ ଭାଜପା ଯଦିଓ ପ୍ରାର୍ଥୀ ଚୟନ କରିସାରିଛନ୍ତି, ତେବେ ଏହାକୁ ନେଇ ଦଳ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ପ୍ରଶମିତ ହେଉନାହିଁ। ଭାଜପା ଯୁବନେତା ସମ୍ପଦ ସ୍ୱାଇଁଙ୍କୁ ପ୍ରାର୍ଥୀ ଚୟନ କରିବା ପରେ ଅନ୍ୟତମ ଆଶାୟୀ ଗତିକୃଷ୍ଣ ଶତପଥୀ ଦଳ ଛାଡ଼ି ବିଜେଡିରେ ମିଶିଗଲେ। କଂଗ୍ରେସ ପ୍ରାର୍ଥୀ ଘୋଷଣାକୁ ଝୁଲାଇ ରଖି ବହୁ ବିଳମ୍ବରେ ନାମାଙ୍କନପତ୍ର ଦାଖଲର ୩ୟ ଦିବସରେ ଅରିନ୍ଦମ ସର୍ଖେଲଙ୍କୁ ପ୍ରାର୍ଥୀ କଲା। ଏହା ପରେ ଦଳର ଅନ୍ୟତମ ଆଶାୟୀ ପ୍ରମୋଦ ଜେନା ବିଜେଡିରେ ମିଶିଲେ। ବିଜେଡିରେ ମଧ୍ୟ ସମାନ ଅବସ୍ଥା। ଅନେକ ଆଶାୟୀଙ୍କ ମଧ୍ୟରୁ ଦଳ ଦାମୋଦର ରାଉତଙ୍କ ପୁତ୍ର ସମ୍ବିତ ରାଉତରାୟଙ୍କୁ ପ୍ରାର୍ଥୀ କଲା। ତାଙ୍କ ନାମ ଘୋଷଣା ପରେ ଅନ୍ୟତମ ଆଶାୟୀ ଶ୍ରମିକ ନେତା ସନ୍ତୋଷ ପଟ୍ଟନାୟକ ଖୋଲାଖୋଲି ବିଦ୍ରୋହ କଲେ। ଏପରି କି ହଜାରରୁ ଊର୍ଦ୍ଧ୍ୱ ସମର୍ଥକଙ୍କୁ ନେଇ ଭୁବନେଶ୍ୱରଠାରେ ପ୍ରତିବାଦ କଲେ। ଏବେ ଯଦିଓ ସେ ବିଦ୍ରୋହ କରୁନାହାନ୍ତି, ତେବେ ସମ୍ବିତଙ୍କୁ ଗ୍ରହଣ କରୁନାହାନ୍ତି। ଦଳ ତାଙ୍କୁ ମଧ୍ୟ ବୁଝାଇପାରିନାହିଁ। ନିର୍ବାଚନ ପ୍ରଚାର ଆରମ୍ଭ ହେବା ପରେ ସେ କେନ୍ଦ୍ରାପଡ଼ା ଜିଲାରେ ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଚଳାଇଛନ୍ତି। ଅନ୍ୟତମ ବିଜେଡି ଆଶାୟୀ ବଲ୍ଲଭ କର ସ୍ୱାଧୀନ ଭାବେ ଲଢୁଛନ୍ତି। ଆହୁରି ୫ରୁ ଅଧିକ ଆଶାୟୀ ତଥା ଆଗଧାଡ଼ିର ନେତା ମନ ଉଣା କରି ଉପରଠାଉରିଆ ଭାବେ ଦଳ ପାଇଁ ପ୍ରଚାର ଚଳାଇଛନ୍ତି। ଗୋଟିଏ ପଟେ ଅସନ୍ତୁଷ୍ଟ କର୍ମୀ, ଅନ୍ୟପଟେ ଭାଜପା ଓ କଂଗ୍ରେସରୁ ଆସିଥିବା ନେତାଙ୍କୁ ଏକାଠି କରିବାରେ ସମ୍ବିତଙ୍କ ସମୟ ଯାଉଛି। ଜଣଙ୍କୁ ମନାଇବାବେଳେ ଅନ୍ୟ ଜଣେ ରୁଷୁଛନ୍ତି। ସେପଟେ ଦାମ ବାଲିକୁଦା ନିର୍ବାଚନମଣ୍ଡଳୀରେ ବିଜେଡି ବିରୋଧରେ ପ୍ରଚାର କରୁଥିବାରୁ ଏଠାରେ କର୍ମୀ ଅସନ୍ତୁଷ୍ଟ ହେଉଛନ୍ତି। ଦାମଙ୍କ ପ୍ରତି ଅସନ୍ତୁଷ୍ଟ ଥିବା ବିଜେଡି କର୍ମୀ ଏବେ ପରିବାରବାଦ ରାଜନୀତି କଥା ଉଠାଇ ଧରାଛୁଆଁ ଦେଉନାହାନ୍ତି। ସମ୍ବିତ ବିଗତ ଦିନରେ ଦଳୀୟ କାର୍ଯ୍ୟକ୍ରମ ସହ ଜଡିତ ନ ଥିବାରୁ ବିଜୁ ଯୁବବାହିନୀ, ଯୁବ ବିଜେଡି, ମହିଳା ବିଜେଡି, ଛାତ୍ର ବିଜେଡି, ଏସସି ଏସଟି ବର୍ଗ, ଶ୍ରମିକ ସଂଗଠନ, ଯୁବ ସଂଗଠକଙ୍କ ସହ ମିଶିପାରିନାହାନ୍ତି। ଦାମଙ୍କ ବିଭାଜନ ରାଜନୀତି ଏଥିପାଇଁ ଦାୟୀ ବୋଲି ସମୀକ୍ଷକମାନେ କହୁଛନ୍ତି। ତେଣୁ ବିଜେଡିର ଅସନ୍ତୁଷ୍ଟ ଗୋଷ୍ଠୀଙ୍କ କଂଗ୍ରେସ ଓ ଭାଜପା ନିଜ ଶିବିରକୁ ନେବାକୁ ଉଦ୍ୟମ କରୁଛନ୍ତି। ସେପଟେ କଂଗ୍ରେସ ପ୍ରାର୍ଥୀ ନିଜର ସ୍ଥିତି ସୁଦୃଢ କରିବାକୁ ସ୍ୱତନ୍ତ୍ର ନିର୍ବାଚନୀ ଇସ୍ତାହାର ପ୍ରକାଶ କରିଛନ୍ତି। ଏଥିରେ ନିଶ୍ଚିନ୍ତ ନିଯୁକ୍ତିଠାରୁ ଆରମ୍ଭ କରି ସିପ୍ଲେନ୍ ପର୍ଯ୍ୟନ୍ତ ଅନେକ ପ୍ରତିଶ୍ରୁତି ଦିଆଯାଇଛି। ଏ ସମ୍ପର୍କରେ ଭାଜପା ପ୍ରାର୍ଥୀ ସମ୍ପଦ କହିଛନ୍ତି ଯେ, ଏହା ଦିବା ସ୍ୱପ୍ନ। ୨୦୦୯-୧୦ରେ ଏଭଳି ସ୍ୱପ୍ନର ତାଲିକା କଂଗ୍ରେସ ପ୍ରାର୍ଥୀ ବାଣ୍ଟିଥିଲେ। ସେଥିରେ ବିଜୁବାବୁଙ୍କ ଫଟୋ ଥିଲା। ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ପ୍ରାର୍ଥୀଙ୍କ ଇସ୍ତାହାର ମୁଖ୍ୟମନ୍ତ୍ରୀଙ୍କ ଭଳି ରହିଛି। ଏହା କେବଳ ଫମ୍ପା ଶବ୍ଦ। ଭାଜପା ଖୁବଶୀଘ୍ର ଏକ ଇସ୍ତାହାର ପ୍ରକାଶ କରିବ। ସେଥିରେ ଶତପ୍ରତିଶତ ବାସ୍ତବତା ରହିଛି। ସେହିପରି ସମ୍ବିତ ମଧ୍ୟ ଉକ୍ତ ଇସ୍ତାହାରକୁ ନେଇ ତାଚ୍ଛଲ୍ୟ କରିଛନ୍ତି। ସେ କହିଛନ୍ତି ଯେ ଯେଉଁଦିନ ସି ପ୍ଲେନ୍ ପାରାଦୀପରେ ଉଡ଼ିବ, ସେଥିରେ ପ୍ରଥମେ ମୁଁ ବସିବି। ବିଜେଡିର ଇସ୍ତାହାର ମୁଖ୍ୟମନ୍ତ୍ରୀ ନିଜେ ଘୋଷଣା କରିଛନ୍ତି। ବିଜେଡି ଯାହା କୁହେ ତାହା କରେ। କଂଗ୍ରେସ ରାଜ୍ୟରେ ନିଜ ଅସ୍ତିତ୍ୱକୁ ନେଇ ସଂଘର୍ଷ କରୁଛି, ଅଥଚ ପ୍ରାର୍ଥୀ ସ୍ୱପ୍ନ ବାଣ୍ଟୁଛନ୍ତି। ଏ ସମ୍ପର୍କରେ ସର୍ଖେଲ କହିଛନ୍ତି ଯେ, ଅତିତରେ ମୁଁ ଯାହା କହିଆସିଛି ତାହା କରିଛି। ତେଣୁ ଇସ୍ତାହାରରେ ଥିବା ସମସ୍ତ ପ୍ରତିଶ୍ରୁତି କିପରି ପାଳନ ହେଉଛି, ତାହା ଜିତିଲେ ୬ ମାସ ମଧ୍ୟରେ ଲୋକେ ଦେଖିବେ।

## ଭାଜପାରେ ସାମିଲ ହେଲେ ଶତାଧିକ କର୍ମୀ



ମିଶ୍ରଣ ପର୍ବରେ ଉପସ୍ଥିତ ଭାଜପା ବିଧାୟକ ପ୍ରାର୍ଥୀ ସତ୍ୟବ୍ରତ ମହାପାତ୍ର ଓ ଅନ୍ୟମାନେ।

**ନାଉଗାଁ,୧୫।୪(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ବଛାଲୋ ପଞ୍ଚାୟତ ପୋକାମୂଳ ଗ୍ରାମରେ ସୋମବାର ଜିଲା ଭାଜପା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ଦୀର୍ଘଦିନ ଧରି ଏହି କର୍ମୀମାନେ ବିଜେଡି ଓ କଂଗ୍ରେସ ନେତୃତ୍ୱଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରି ରହିଥିଲେ। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱଚ୍ଛ ଶାସନରେ ଅନୁପ୍ରାଣିତ ହୋଇ ସେମାନେ ଭାଜପାରେ ଯୋଗ ଦେଇଥିବା ପ୍ରକାଶ କରିଛନ୍ତି। ମହାପାତ୍ରଙ୍କ ସହ ମଣ୍ଡଳ ସଭାପତି ଜ୍ଞାନରଞ୍ଜନ ଦାସ, ଜିଲା ପରିଷଦ ପ୍ରାର୍ଥୀ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ମିଡିଆ ସେଲର ଗଣେଶ ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସେମାନଙ୍କୁ ସ୍ୱାଗତ କରିଥିଲେ। କାବୁଲା ଲେଙ୍କା, ସମୀର ଲେଙ୍କା, ବାବୁଲା ଲେଙ୍କା, ରାଜୁ ନାୟକ, ବ୍ରଜ ମହାପାତ୍ର, ରୋହିତ ଲେଙ୍କା, ଚଗଲା ବେହୁରା, ଅଙ୍କୁର ବେହୁରା, ଗୁରୁବାରୀ ବେହୁରା, ରୋହିତ ବେହୁରା, ଉମାକାନ୍ତ ମହାପାତ୍ର, ସୁବାସ ଲେଙ୍କା, ରଞ୍ଜିତ ମଲିକ, ବିଭୁ ପ୍ରସାଦ ଲେଙ୍କା, ନିତ୍ୟାନନ୍ଦ ମଲିକ, ମାନସ ଲେଙ୍କା, ସନ୍ତୋଷ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ଭୋଟର ସଚେତନତା ରଥ ପରିକ୍ରମା



ପାରାଦୀପରେ ପରିକ୍ରମା କରୁଥିବା ଭୋଟର ସଚେତନତା ରଥ।

**ପାରାଦୀପ, ୧୫।୪ (ସ୍ୱ.ପ୍ର.)**

ପାରାଦୀପ ପୌରାଞ୍ଚଳରେ ସୋମବାର ଭୋଟର ସଚେତନତା ରଥ ବିଭିନ୍ନ ୱାର୍ଡ ବୁଲି ଲୋକଙ୍କୁ ସଚେତନ କରିଛି। ଗଣତାନ୍ତ୍ରିକ ରାଷ୍ଟ୍ରରେ ମତଦାନ ସମସ୍ତଙ୍କ ଅଧିକାର। ତେଣୁ ମତଦାତା ବୁଥ୍‌କୁ ଯାଇ ମତଦାନ କରି ରାଷ୍ଟ୍ର ଗଠନରେ ଭାଗିଦାର ହୁଅନ୍ତୁ ବୋଲି ନିର୍ବାଚନ ପରିଚାଳନାରେ ଥିବା କର୍ମଚାରୀ ଓ ଅଧିକାରୀମାନେ କହିଥିଲେ। ଏଥିସହ ବୟସାଧିକ ଲୋକ, ଭିନ୍ନକ୍ଷମ ଭୋଟରମାନେ କିପରି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେ ସମ୍ପର୍କରେ ଅବଗତ କରାଯାଇଥିଲା। ୧୪, ୧୫, ୧୬,୧୭, ୧୮, ୧୯ନଂ ୱାର୍ଡକୁ ଏହି ରଥ ଯାଇ ବସ୍ତି ଲୋକଙ୍କୁ ସଚେତନ କରିଥିଲା। ନିର୍ବାଚନ ପରିଚାଳନାରେ ଥିବା ଅଧିକାରୀ ଦିଲୀପ କୁମାର ମହାନ୍ତି, ଦୁର୍ଯ୍ୟୋଧନ ପଟେଲ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ପ୍ରେସ୍ ମିଡିଆର ବାର୍ଷିକ ଉତ୍ସବ

**ପାରାଦୀପ, ୧୫।୪ (ସ୍ୱ.ପ୍ର.)**

ନୂଆବଜାରସ୍ଥିତ ପ୍ରେସ୍ କ୍ଲବ୍ ପରିସରରେ ପାରାଦୀପ ପ୍ରେସ୍ ମିଡିଆର ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଛି। ଏଥିରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପୂର୍ବତନ କଲେଜ ଅଧକ୍ଷ ସୁରେନ୍ଦ୍ର ମିଶ୍ର, ଗାଳ୍ପିକ ରବି ସ୍ୱାଇଁ, ସାମ୍ବାଦିକ ଅକ୍ଷୟ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସଂଘ ସଭାପତି ବସନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। କର୍ତ୍ତବ୍ୟରତ ସମସ୍ତ ଖବରଦାତା ଉପସ୍ଥିତ ଥିଲେ।

## ପାନୀୟ ଜଳ ସେବାକେନ୍ଦ୍ର ଉଦ୍‌ଘାଟିତ



ଜଳ ସେବାକେନ୍ଦ୍ରରୁ ପଥଚାରୀମାନେ ପାଣି ପିଉଛନ୍ତି।

**ପାରାଦୀପ,୧୫।୪(ସ୍ୱ.ପ୍ର.)**

ପାରାଦୀପ ଅଠରବାଙ୍କିସ୍ଥିତ ଲକ୍‌ପଡ଼ା ବସ୍ତିରେ ଜଗନ୍ନାଥ ଟ୍ରକ୍ ମାଲିକ ସଂଘ ପକ୍ଷରୁ ପାନୀୟ ଜଳ ସେବାକେନ୍ଦ୍ର ରବିବାର ଖୋଲାଯାଇଛି। ଉକ୍ତ ବସ୍ତିରେ ଖରାଦିନେ ଶୁଦ୍ଧପାଣି ପାଇଁ ଲୋକେ ହିନସ୍ତା ହେଉଥିବାରୁ ଉକ୍ତ ସଂଘ ସେଠାରେ ଖରାଦିନେ ପାନୀୟ ଜଳ ଯୋଗାଇବ ବୋଲି କହିଛି। ଉକ୍ତ ଜଳସେବା କେନ୍ଦ୍ରକୁ ସଂଘ ସଭାପତି ଛଇଳ ଚନ୍ଦ୍ର ଜେନା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ପ୍ରମୁଖ କର୍ମକର୍ତ୍ତା ପ୍ରକାଶ ଜେନାଙ୍କ ସମେତ ଅନ୍ୟ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ।

## ବିଜେଡିରେ ଭାଜପା ଓ କଂଗ୍ରେସ କର୍ମୀ

**ବାଲିକୁଦା,୧୫।୪(ସ୍ୱ.ପ୍ର.)**

**ଆମ୍ବଶାଳରେ କର୍ମୀ ସମ୍ମିଳନୀ**



କର୍ମୀଙ୍କ ସହ ରଘୁନନ୍ଦନ ପ୍ରଚାର କରୁଛନ୍ତି।

ବାଲିକୁଦା ବ୍ଲକ ଆମ୍ବଶାଳ ପଞ୍ଚାୟତର ପଶ୍ଚିମେଶ୍ୱର ଗାଦୀଙ୍କ ପୀଠରେ ବିଜେଡିର ଏକ କର୍ମୀ ସମ୍ମଳନୀ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ବିଜେଡି ସଭାପତି ଗୌରାଙ୍ଗ ରାଉତଙ୍କ ଅଧକ୍ଷତାରେ ଆୟୋଜିତ ଏହି କର୍ମୀ ସମାବେଶରେ ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକ ଯୋଗଦେଇ କଂଗ୍ରେସ ଓ ଭାଜପାକୁ ତୀବ୍ର ସମାଲୋଚନା କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଓ ନବୀନଙ୍କ ସ୍ୱଚ୍ଛ ଶାସନ ସମ୍ପର୍କରେ କହିଥିଲେ। ବିଧାୟକ ପ୍ରାର୍ଥୀ ରଘୁନନ୍ଦନ ଦାସ ଯୋଗଦେଇ ପ୍ରଗତିଶୀଳ ଓଡିଶା ଗଠନ କରିବାକୁ ହେଲେ ବିଜେଡିକୁ ପୁଣି ଥରେ କ୍ଷମତାସୀନ କରିବାକୁ ହେବ ବୋଲି ଆହ୍ୱାନ ଦେଇଥିଲେ। ଏଥିସହ ପ୍ରଶାନ୍ତ ମୁଦୁଲିଙ୍କ କାର୍ଯ୍ୟ ଦକ୍ଷତାକୁ ସେ ପ୍ରଶଂସା କରିଥିଲେ। ଜିଲାପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ପୂର୍ବତନ ବ୍ଲକ ଉପାଧକ୍ଷ ଶମ୍ଭୁ ପ୍ରସନ୍ନ ମହାନ୍ତି, ବ୍ଲକ ବିଜେଡି କୃଷକ ସେଲ ସଭାପତି ସନ୍ତୋଷ ରାୟ, ସରପଞ୍ଚ ପ୍ରଭାତୀ କାଣ୍ଡି, ସମିତିସଭ୍ୟ ବିଦ୍ୟାଧର ମଲ୍ଲିକ, ସୌମ୍ୟଜିତ୍ ମହାପାତ୍ର, ମାଛଗାଁ ସରପଞ୍ଚ ପର୍ଶୁରାମ ସେଠୀ, ଛାତ୍ରନେତା ପ୍ରକାଶ ଦଳାଇ, ପୂର୍ବତନ ସରପଞ୍ଚ ସରୋଜ ମହାପାତ୍ର, ନବକିଶୋର ଜେନା, ଗୌରାଙ୍ଗ ଚରଣ ଦାସ ପ୍ରମୁଖ ଯୋଗଦେଇ ଚଳିତ ନିର୍ବାଚନରେ ରଘୁନନ୍ଦନଙ୍କୁ ବିଜୟୀ କରିବାକୁ ସମସ୍ତେ ଉଦ୍ୟମ କରିବା ପାଇଁ କହିଥିଲେ। ଏହି ଅବସରରେ ଉକ୍ତ ପଞ୍ଚାୟତର କଂଗ୍ରେସ ସମର୍ଥନରେ ଗତ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପ୍ରାର୍ଥୀ ହୋଇଥିବା ଜୟନ୍ତୀ ମଲ୍ଲିକଙ୍କ ସ୍ୱାମୀ ନେତ୍ରାନନ୍ଦ ମଲ୍ଲିକ, ଭାଜପାର ପ୍ରଫୁଲ ସ୍ୱାଇଁ, ପ୍ରବୀର ଦାସ, ନିରଞ୍ଜନ ମହାନ୍ତି ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ।

## ଅଭିଭାବକ ସଚେତନ ହେଲେ ପିଲା ଶୃଙ୍ଖଳିତ ହେବେ



ଉତ୍ସବରେ ଉପସ୍ଥିତ ଅତିଥି ଓ କୃତୀ ଛାତ୍ରୀଛାତ୍ର।

**ତିର୍ତ୍ତୋଲ,୧୫।୪(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଗୋପାଳପୁର(ଶଙ୍ଖେଶ୍ୱର) ପଞ୍ଚାୟତରେ ଥିବା ସାଇ ନ୍ୟାଶନାଲ ପବ୍ଲିକ ସ୍କୁଲର ୭ମ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ସ୍କୁଲର ସଭାପତି ନିରଞ୍ଜନ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଅନନ୍ତ କୁମାର ଭୂୟାଁ ମୁଖ୍ୟଅତିଥି, ତିର୍ତ୍ତୋଲ କଲେଜର ଇଂଲିଶ ଅଧ୍ୟାପିକା ବିଷ୍ଣୁ ପ୍ରିୟା ଦାସ ମୁଖ୍ୟବକ୍ତା, ସାମାଜିକ କର୍ମୀ ସୁରତ ସୂତାର, ଏସ. ଚନ୍ଦ୍ରକାନ୍ତ, ଅଧ୍ୟାପିକା ତଥା ରୁତୁପର୍ଣ୍ଣା କଳା ସାହିତ୍ୟ ସଂସଦ ପ୍ରତିଷ୍ଠାତା ରାଜଶ୍ରୀ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାତାପିତା ସଚେତନ ହେଲେ ପିଲା ଶୃଙ୍ଖଳିତ ହେବା ସହିତ ଉଚ୍ଚଶିକ୍ଷିତ ହୋଇପାରିବ ବୋଲି କହିଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରିଡ଼ା, ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୁଲର ସମ୍ପାଦକ ଜ୍ୟୋତି ରଞ୍ଜନ ସାହୁ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ପ୍ରିନ୍ସପାଲ ରଶ୍ମିତା ସାମନ୍ତରାୟ, ଭାଇସ ପ୍ରିନ୍ସପାଲ ଶ୍ରୀକାନ୍ତ ଦାସ, ଶିକ୍ଷୟିତ୍ରୀ ବିଜୟ ଲକ୍ଷ୍ମୀ ମଲ୍ଲିକ, ସୁପ୍ରଭା ମହାପାତ୍ର, ଚିନ୍ମୟୀ ରାଉତରାୟ, ମଧୁସ୍ମିତା ମଲ୍ଲିକ, ବିଜୟଲକ୍ଷ୍ମୀ ସାହୁ, ସମିତା ସେଠୀ, ସର୍ମିଷ୍ଠା ପାଣୀ, ବିଜୟ ଲକ୍ଷ୍ମୀ ସାହୁ, ରଞ୍ଜିତା ମଲ୍ଲ, ମିନାକ୍ଷୀ ମଲ୍ଲିକ, ନମିତା ସେନାପତି, ଜେ.ଏସ. ସୋର୍ଣ୍ଣରେଖା, ଆୟା ମନୋରମା ମଲ୍ଲିକ, ରଶ୍ମିତା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସ ପ୍ରାର୍ଥୀଙ୍କୁ ସମର୍ଥନ ଦେବ ସିପିଆଇ

**ବାଲିଆ, ୧୫।୪**

ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀଙ୍କୁ ହାତ ଖୋଲା ସମର୍ଥନ ଦେବାକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ରାଜ୍ୟ ସଦସ୍ୟ ତ୍ରୈଲୋକ୍ୟନାଥ ଜେନା ଘୋଷଣା କରିଛନ୍ତି। ବିରିଡି ବ୍ଲକର ଅଲାଣ୍ଡୋସ୍ଥିତ ମା ବୁଢୀ ଜାଗୁଲାଇ ପୀଠରେ କଂଗ୍ରେସ ଓ ସିପିଆଇର ମିଳିତ ନିର୍ବାଚନୀ ବୈଠକରେ ସେ ଏହା କହିଛନ୍ତି। ବୈଠକରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଦେବୀ ପ୍ରାସାଦ ମଲ୍ଲିକଙ୍କ ସମେତ ସିପିଆଇ ଜିଲ୍ଲା ସଭାପତି ବିଷ୍ଣୁଚରଣ ଦଳାଇ, ସାଧାରଣ ସମ୍ପାଦକ ବିଜୟ କୁମାର ଭୋଇ, ଗୌରାଙ୍ଗ ବୋଷ, ସୁକଦେବ ସାହୁ, ରାଜୁ ଭୋଇ, ରବୀନ୍ଦ୍ର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ବିରିଡି ବ୍ଲକର ୧ ନଂ ଜୋନ କଂଗ୍ରେସ କମିଟି ସଭାପତି ଚନ୍ଦ୍ର ଶେଖର ଦାଶ, ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ଆଇନଜୀବୀ ଦୀପକ ପଶାୟତ, ପୂର୍ବତନ ବ୍ଲକ ସଭାପତି ଅଶୋକ ଜେନା, ଓବିସି ସେଲ ଅଧକ୍ଷ ଗୋପବନ୍ଧୁ ସ୍ୱାଇଁ, ଏସସି ସେଲର ଅଧକ୍ଷ ଟୁଟୁ ସଲିକ, ସେବାଦଳର ଅଧକ୍ଷ ପବିତ୍ର ପ୍ରଧାନ, ଯୁବ ସଭାପତି ସମୀର ଖୁଂଟିଆ ପ୍ରମୁଖ ଉପସ୍ଥିତ ରହି ଚଳିତ ନିର୍ବାଚନରେ ଦେବୀଙ୍କୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ।



ବୈଠକରେ ଉପସ୍ଥିତ କଂଗ୍ରେସ, ସିପିଆଇର ନେତା ଓ କର୍ମୀ।

## ବିଷ୍ଣୁଙ୍କୁ ସମର୍ଥନ କରିବାକୁ ରାଜଶ୍ରୀଙ୍କ ଆହ୍ୱାନ



ବୈଠକରେ ବିଜେଡିର ଏମ୍‌ପି ପ୍ରାର୍ଥୀ ଡା. ରାଜଶ୍ରୀ ମଲ୍ଲିକଙ୍କ ସହ ଉପସ୍ଥିତ ନେତା ଓ କର୍ମୀ।

**ତିର୍ତ୍ତୋଲ,୧୫।୪(ଡି.ଏନ.ଏ.)**

ବିଜେଡିର ଜଗତ୍‌ସିଂହପୁର ଲୋକସଭା ପ୍ରାର୍ଥୀ ଡା.ରାଜଶ୍ରୀ ମଲ୍ଲିକ ସୋମବାର ସନ୍ଧ୍ୟାରେ ତିର୍ତ୍ତୋଲସ୍ଥିତ ବାସଭବନରେ କର୍ମୀମାନଙ୍କୁ ନେଇ ଏକ ନିର୍ବାଚନୀ ବୈଠକ କରିଛନ୍ତି। ଏଥିରେ ଡା. ମଲ୍ଲିକ ରାଜ୍ୟ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠା ଟାଣ କରିବା ପାଇଁ ଚଳିତ ନିର୍ବାଚନରେ ସମସ୍ତେ ପଛକଥା ଭୁଲି ଉଭୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ। ଦଳକୁ ଆଗକୁ ନେବା ପାଇଁ ସେ ବିଧାନସଭା ପ୍ରାର୍ଥୀ ବିଷ୍ଣୁ ଦାସଙ୍କ ସହିତ ମିଳିମିଶି କାମ କରିବେ ବୋଲି କହିଥିଲେ। ଜିଲା ପରିଷଦ ଅଧକ୍ଷ ପ୍ରୀୟଦର୍ଶିନୀ ବିଶ୍ୱାଳ, ଆଶୁତୋଷ ମଲ୍ଲିକ, ତିର୍ତ୍ତୋଲ ବ୍ଲକ ଅଧକ୍ଷା ସୁଜାତା ମହାନ୍ତି, ରଘୁନାଥପୁର ବ୍ଲକ ଅଧକ୍ଷା ସ୍ୱପ୍ନ ସରିତ ବଳ, ଜିଲା ପରିଷଦ ସଭ୍ୟ ପ୍ରବୀର ରାୟ, ଡେଜାଲିନ ମହାପାତ୍ର, ଲିପାଲି ରାଉଳ, ସନାତନ ଦଳାଇ, ମହିଳା ନେତ୍ରୀ ମମତା ଦାଶ, ନିବେଦିତା ମହାନ୍ତି, ମନୋରଞ୍ଜନ ମହାପାତ୍ର, ଲକ୍ଷ୍ମୀପ୍ରିୟା ବେହେରା, ରବୀନ୍ଦ୍ର ରାଉଳ, କାଳନ୍ଦୀ ବସ୍ତିଆଙ୍କ ସମେତ ତିର୍ତ୍ତୋଲ, ରଘୁନାଥପୁର ଓ ବିରିଡି ବ୍ଲକର ବହୁ କର୍ମୀ ଏଥିରେ ଯୋଗ ଦେଇଥିଲେ।

## ଭାଜପା ଏମ୍‌ପି ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର

**ରଘୁନାଥପୁର,୧୫।୪(ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ଜଗତ୍‌ସିଂହପୁର ଭାଜପା ଏମ୍‌ପି ପ୍ରାର୍ଥୀ ବିଭୁପ୍ରସାଦ ତରାଇ ଗାଁ ଗାଁ ବୁଲି ନିର୍ବାଚନୀ ପ୍ରଚାର ଜୋରଦାର ଚଳାଇଛନ୍ତି। ପୂର୍ବ ସମ୍ପର୍କକୁ ଆଧାର କରି କର୍ମୀଙ୍କ ସହାୟତାରେ ବିଭିନ୍ନ ଗ୍ରାମରେ ଅନୁଷ୍ଠିତ ପୂଜା ମେଳା ତଥା ଉତ୍ସବରେ ଯୋଗେ ଭୋଟ ଭିକ୍ଷା କରୁଛନ୍ତି। ରବିବାର ରାତିରେ ତାରପୁର ବାଇପାସସ୍ଥିତ ମହାବୀର ଉତ୍ସବରେ ପହଞ୍ଚି ଲୋକଙ୍କୁ ଭାଜପାର ବିଭିନ୍ନ ଯୋଜନା ବିଷୟରେ କହି ଲୋକଙ୍କ ନିକଟତର ହୋଇଥିଲେ। ଜଇପୁର ମଣ୍ଡଳ ସଭାପତି ଅଶୋକ ନାୟକ, ବାବୁଲି ନାୟକ, ବାସୁଦେବ ଦାସ ଓ ଅନ୍ୟ କର୍ମୀମାନଙ୍କ ଗହଣରେ ପ୍ରାର୍ଥୀ ତରାଇ ଆଖପାଖ ଅଞ୍ଚଳ ବୁଲି ପ୍ରଚାର କରିଥିଲେ। ପ୍ରାର୍ଥୀ ତରାଇଙ୍କ ପୁରୁଣା ସଙ୍ଗଠନ ଥିବାରୁ ଭୋଟ ପ୍ରଚାରରେ ଅଧିକ ସମର୍ଥନ ମିଳୁଥିବା ଦେଖାଯାଇଛି।

# ବିଜେଡି, ଭାଜପା କଡ଼ା ଟକ୍କର

ରଞ୍ଜନ କୁମାର ପ୍ରଧାନ
ନୟାଗଡ଼ ଅଫିସ,୧୫।୪

ନୟାଗଡ଼ ଜିଲା ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଆସନ୍ତା ୧୮ତାରିଖରେ ନିର୍ବାଚନ ହେବ। ନୂଆଗାଁ ବ୍ଲକର ୨୨, ଦଶପଲ୍ଲା ବ୍ଲକର ୨୦, ଗଣିଆ ବ୍ଲକର ୮ ପଞ୍ଚାୟତ ଓ ଦଶପଲ୍ଲା ଏନ୍ଏସିକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ନିର୍ବାଚନ ପାଇଁ ଉଭୟ ଭାଜପା ଓ ବିଜେଡି ହାଇଭୋଲଟେଜ୍ ପ୍ରଚାର ଚଳାଇଥିବାବେଳେ କଂଗ୍ରେସ ଏଥିରେ ପଛରେ ପଡ଼ିଯାଇଛି। ଭାଜପାର ନିର୍ବାଚନୀ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦଶପଲ୍ଲା ଲୋକଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଗତ ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଶପଲ୍ଲା ଗାନ୍ଧୀ ମଇଦାନରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ଜଣେ ମହିଳାଙ୍କୁ ମିଶାଇ ୭ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ହେଲେ ବର୍ତ୍ତମାନର ସ୍ଥିତି ଦେଖିଲେ ବିଜେଡି ଓ ଭାଜପା ମଧ୍ୟରେ କଡା ଟକ୍କର ହେବା ଆଲୋଚନା ହେଉଛି। କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ପ୍ରଶାନ୍ତ କୁମାର ନାୟକଙ୍କ ଘର ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତରେ ହୋଇଥିବାରୁ ଏଠାରୁ ସେ କିଛି ଭୋଟ ପାଇପାରନ୍ତି। ସେହିଭଳି କଂଗ୍ରେସର ପାରମ୍ପରିକ ଭୋଟ ତାଙ୍କୁ ମିଳିପାରେ। ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ବିଜେଡି ଟିକେଟ ନ ଦେବାରୁ ସେ ଭାଜପାରେ ମିଶି ବିଧାୟକ ପ୍ରାର୍ଥୀ ହୋଇଛନ୍ତି।


ରମେଶ ଚନ୍ଦ୍ର ବେହେରା


ପ୍ରଶାନ୍ତ କୁମାର ନାୟକ


ପୂର୍ଣ୍ଣଚନ୍ଦ୍ର ନାୟକ

ନିଜ ଜାତିର ପାଖାପାଖି ୩୦ ହଜାର ଭୋଟ ଉପରେ ସେ ଭରସା ରଖିଛନ୍ତି। ଗତଥର ଭାଜପା ତୃତୀୟ ସ୍ଥାନରେ ଥିଲା। ବର୍ତ୍ତମାନ ସବୁଠି ପରିବର୍ତ୍ତନର ସ୍ୱର ଶୁଭୁଥିବାରୁ ପୂର୍ଣ୍ଣଚନ୍ଦ୍ର ବିଜୟୀ ହେବା ଆଶା ରଖିଛନ୍ତି। ଅନ୍ୟପକ୍ଷେ ସରକାରୀ ଚାକିରି ଛାଡ଼ି ରାଜନୀତିରେ ପାଦ ରଖିଥିବା ରମେଶ ଚନ୍ଦ୍ର ବେହେରା ବିଜେଡିରୁ ପ୍ରାର୍ଥୀ ହୋଇଥିବାବେଳେ ଦଳୀୟ ହାୱା ଯୋଗୁ ସେ ଜିତିବା ପାଇଁ ଆଶା ବାନ୍ଧିଛନ୍ତି। ରମେଶ ଦଶପଲ୍ଲାର ବିଜେଡି ନେତାମାନଙ୍କୁ ଏକାଠି କରି ନିର୍ବାଚନ ବୈତରଣୀ ପାର ହେବାକୁ ଚେଷ୍ଟା କରୁଛନ୍ତି। ବିଭିନ୍ନ ଗ୍ରାମକୁ ଯାଇ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା ବିଷୟରେ କହୁଛନ୍ତି।

୧୦ବର୍ଷ ହେଲା ବିଜେଡି ଗଡ଼ ଭାବେ ପରିଗଣିତ ଦଶପଲ୍ଲା ନିର୍ବାଚନମଣ୍ଡଳୀ ଏଥର ଗଡ଼ ରକ୍ଷା କରିପାରିବ ନା ଏହା ଭାଜପା ଅକ୍ତିଆରକୁ ଚାଲିଯିବ ତାହାକୁ ନେଇ ଆଲୋଚନା ଓ ପର୍ଯ୍ୟାଲୋଚନା ଚାଲିଛି। ସରିଗଣ୍ଡା ପଞ୍ଚାୟତ ବଡ଼କାମେଟି ଗ୍ରାମର ସାରଥି କଅଁରଙ୍କ କହିବା କଥା, ପ୍ରତିଥର ଆମେ ଭୋଟ ଦେଉଛୁ, ହେଲେ ଗ୍ରାମରେ କୋଠ ଘରଟିଏ ହୋଇପାରିନାହିଁ। ଭୋଗବାଡ଼ି ପଞ୍ଚାୟତ ଟାଙ୍ଗିସାହର କେତେଜଣ ଲୋକଙ୍କ କହିବା କଥା, ବର୍ତ୍ତମାନ ଗ୍ରାମରେ ପରିବର୍ତ୍ତନର ସ୍ୱର ଶୁଭୁଛି। ଗ୍ରାମରେ ୨୨ ପରିବାର ଥିବାବେଳେ ମାତ୍ର ୨ ପରିବାରଙ୍କୁ କାଳିଆ ଯୋଜନାରେ ଟଙ୍କା ମିଳିଛି। ସେହିଭଳି ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ରଟିଏ ମଧ୍ୟ ନାହିଁ। ବିଭିନ୍ନ ପ୍ରସଙ୍ଗ ଉଠାଉଥିବା ବେଳେ ପ୍ରାର୍ଥୀମାନେ ଏହା ସମାଧାନ କରିବାକୁ ପ୍ରତିଶ୍ରୁତି ଦିଅନ୍ତି, ହେଲେ ନିର୍ବାଚନ ପରେ ସବୁ ଭୁଲିଯାଉଥିବା କହନ୍ତି ଭୋଟରମାନେ।

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ପୂର୍ଣ୍ଣଚନ୍ଦ୍ର ନାୟକ | ୭୫,୮୩୨ |
| କଂଗ୍ରେସ | ଇନ୍ଦୁମତୀ ନାୟକ | ୧୮,୫୦୫ |
| ଭାଜପା | ପ୍ରମୋଦ କୁମାର ବେହେରା | ୧୬,୦୫୩ |

**୨୦୧୯ର ପ୍ରାର୍ଥୀ**

| | |
|---|---|
| ବିଜେଡି | ରମେଶ ଚନ୍ଦ୍ର ବେହେରା |
| ଭାଜପା | ପୂର୍ଣ୍ଣଚନ୍ଦ୍ର ନାୟକ |
| କଂଗ୍ରେସ | ପ୍ରଶାନ୍ତ କୁମାର ନାୟକ |
| ଏନ୍ସିପି | ବେଣୁଧର ନାୟକ |
| ସମତା କ୍ରାନ୍ତି ଦଳ | ତ୍ରିନାଥ ନାୟକ |
| ବିଏସ୍ପି | ଦେବରାଜ ନାୟକ |
| ସ୍ୱାଧୀନ | ବିଷ୍ଣୁପ୍ରିୟା ଦାଶ |

**ଦଶପଲ୍ଲା ନିର୍ବାଚନମଣ୍ଡଳୀ**

ମୋଟ ଭୋଟର ସଂଖ୍ୟା: ୧,୮୯,୬୩୦
ପୁରୁଷ ଭୋଟର: ୯୮,୮୬୨
ମହିଳା ଭୋଟର: ୯୦,୭୫୩
ମୋଟ ବୁଥ୍ ସଂଖ୍ୟା: ୨୩୪
ଅନ୍ୟାନ୍ୟ ଭୋଟର: ୧୫
ଦିବ୍ୟାଙ୍ଗ ଭୋଟର: ୩୩୯୧
ଭିଆଇପି ଭୋଟର: ୩

# ସ୍ୱାମୀଙ୍କ ସହ ଲଢୁଛନ୍ତି ସ୍ତ୍ରୀ

## ଆସିକା ଲୋକ ସଭା, ୫ ବିଧାନସଭା ଆସନରେ ୯ ମହିଳା ପ୍ରାର୍ଥୀ

ବ୍ରହ୍ମପୁର ଅଫିସ,୧୫।୪

ଗଞ୍ଜାମ ଜିଲା ପୋଲସରା ନିର୍ବାଚନମଣ୍ଡଳୀରେ ବର୍ତ୍ତମାନର ବିଧାୟକ ଶ୍ରୀକାନ୍ତ ସାହୁ ବିଜେଡିରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ତାଙ୍କ ସ୍ତ୍ରୀ ଗୋଲାପ ସାହୁ ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଛନ୍ତି। ଆସିକା ଲୋକ ସଭା ଓ ୫ ବିଧାନସଭା କ୍ଷେତ୍ରରେ ଏଥର ୯ ମହିଳା ପ୍ରାର୍ଥୀ ଅଛନ୍ତି। ତେବେ ସ୍ୱାମୀ ଓ ସ୍ତ୍ରୀଙ୍କ ନିର୍ବାଚନ ଲଢ଼େଇ ରୋଚକ ହୋଇଛି। ଆସନ୍ତା ୧୮ତାରିଖରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଆସିକା ଲୋକ ସଭା ଆସନରେ ୮ ପ୍ରାର୍ଥୀଙ୍କ ମଧ୍ୟରେ ଦୁଇ ମହିଳା ପ୍ରାର୍ଥୀ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଭାଜପାର ଅନୀତା ଶୁଭଦର୍ଶିନୀ ଓ ବିଜେଡିରୁ ପ୍ରମିଳା ବିଶୋୟୀ। ସେହିପରି ଏହି ସଂସଦୀୟ କ୍ଷେତ୍ର ଅଧୀନ ଖଲ୍ଲିକୋଟ ସେଗ୍ମେଣ୍ଟରେ ୩ ମହିଳା ନିର୍ବାଚନ ଲଢୁଥିବା ବେଳେ ସାନଖେମୁଣ୍ଡି, କବିସୂର୍ଯ୍ୟନଗର, ଆସିକା ଓ ପୋଲସରାରୁ ଜଣେ ଲେଖାଏ ମହିଳା ପ୍ରାର୍ଥୀ ଅଛନ୍ତି।

ଗୋଲାପ ସ୍ୱାଧୀନ ପ୍ରାର୍ଥୀ ହୋଇଥିଲେ ମଧ୍ୟ ପୋଲସରା ନିର୍ବାଚନ ମଣ୍ଡଳୀରେ ବିଜେଡିରୁ ଲଢୁଥିବା ସ୍ୱାମୀ ଶ୍ରୀକାନ୍ତଙ୍କ ନିର୍ବାଚନୀ ପ୍ରଚାରରେ ସାମିଲ ହୋଇଛନ୍ତି। ଶ୍ରୀକାନ୍ତ ଦ୍ୱିତୀୟଥର ବିଜେଡି ଟିକେଟ ପାଇଛନ୍ତି। ବିଜେଡି ସରକାରଙ୍କ ବହୁମୁଖୀ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ସ୍ୱାମୀ ଓ ସ୍ତ୍ରୀ ଭୋଟରଙ୍କୁ ସଚେତନ କରାଉଛନ୍ତି। ସ୍ୱାଧୀନ ପ୍ରାର୍ଥୀ ହୋଇ ବିଜେଡିର କାହିଁକି ପ୍ରଚାର କରୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ହୋଇଛି। ଶ୍ରୀକାନ୍ତଙ୍କ ନିର୍ବାଚନୀ କ୍ୟାମ୍ପେନରେ ଥିବା ଦଳର ବରିଷ୍ଠ ନେତା ଅଶୋକ ସ୍ୱାଇଁ କହିଛନ୍ତି, ଗୋଲାପ ବିଜେଡିର ଡମି ପ୍ରାର୍ଥୀ ଥିଲେ। ଭୁଲବଶତଃ ଶେଷ ଦିବସରେ ସେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିପାରି ନ ଥିଲେ। ତେଣୁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ତାଙ୍କ ନାମ ରହିଛି।

ଅପରପକ୍ଷରେ ଲୋକ ସଭା କ୍ଷେତ୍ରର ୨ ମହିଳା ପ୍ରାର୍ଥୀଙ୍କ ମଧ୍ୟରୁ ପ୍ରମିଳାଙ୍କ ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାରାଥନ ପ୍ରଚାର କରିଛନ୍ତି। ଏସଏଚଜିର ଗାର୍ଡ଼ଲି ମହିଳା ପ୍ରମିଳାଙ୍କୁ ହେଲିକପ୍ଟରରେ ବସାଇ ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀ ବୁଲାଇଛନ୍ତି। ସେହିପରି ଅନିତାଙ୍କ ପାଇଁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ ନେତାମାନେ ଘମାଘୋଟ ପ୍ରଚାର କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରୁ ଏହି ଲୋକ ସଭା ନିର୍ବାଚନମଣ୍ଡଳୀରେ ଖୋଲା ପ୍ରଚାର ଶେଷ ହେବ।

# ଚିକିଟିର ୫ ବୁଥ୍‌ରେ ସାନି ମତଦାନ ଦାବି

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ଗଞ୍ଜାମ ଜିଲାର ଚିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୫ ବୁଥ୍‌ରେ ସାନି ମତଦାନ କରିବାକୁ ଭାଜପା ଦାବି କରିଛି। ସେହି ବୁଥ୍‌ଗୁଡିକ ହେଲା ହରିପୁରର ୮୧ ନମ୍ବର, ଯାଟିପଦର ୮୨ ଓ ୮୩, ଗୋବିନ୍ଦଚନ୍ଦ୍ରପୁର ୧୩୮ ଏବଂ ମଇସାନପୁରର ୧୪୭ ବୁଥ୍। ବିଜେଡି କର୍ମକର୍ତ୍ତା ଏବଂ ନେତାମାନଙ୍କ ଦ୍ୱାରା ବୁଥ୍ ରିଗିଂ ଓ କ୍ୟାପ୍‌ଚରିଂ ହୋଇଥିବାରୁ ସେଠାରେ ସାନି ମତଦାନ କରିବାକୁ ରାଜ୍ୟ ଭାଜପା ପକ୍ଷରୁ ଏକ ଦାବିପତ୍ର ଭାରତର ମୁଖ୍ୟ ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ଉଦ୍ଦେଶ୍ୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାରଙ୍କୁ ସୋମବାର ପ୍ରଦାନ କରାଯାଇଛି। ଚିକିଟିର ଭାଜପା ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରାୟଙ୍କ ଉପରେ ବିଜେଡିର ଗୁଣ୍ଡମାନେ ଆକ୍ରମଣ କରିଥିଲେ। ସେଠାରେ ବୁଥ୍ ରିଗିଂ, କ୍ୟାପ୍‌ଚରିଂ, ପୋଲିଂ ଏଜେଣ୍ଟମାନଙ୍କୁ ବୁଥ୍ ଭିତରେ ପ୍ରବେଶ କରାଇ ନ ଦିଆଯିବା ସହ କେତେକ ସ୍ଥାନରେ ଭୋଟରମାନେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରି ପାରିନାହାନ୍ତି। ଏଣୁ ଉପରୋକ୍ତ ୫ ବୁଥ୍‌ରେ ସାନି ମତଦାନ ପାଇଁ ଭାଜପା ପ୍ରତିନିଧି ଦଳ ଦାବି କରିଛି। ଏହି ପ୍ରତିନିଧି ଦଳରେ ଥିଲେ ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ଭାଜପା କୃଷକ ମୋର୍ଚ୍ଚାର ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ, ରାଜ୍ୟ ଭାଜପା ନିର୍ବାଚନ ପ୍ରକୋଷ୍ଠ ସଂଯୋଜକ ଜୟନ୍ତ ଜେନା ଏବଂ ଆଇନଜୀବୀ ସତ୍ୟବ୍ରତ ନାୟକ ପ୍ରମୁଖ।

ଭାଜପା ନେତାଙ୍କୁ ହତ୍ୟାର ପ୍ରତିବାଦ

# ସିଇଓଙ୍କୁ ଫେରାଦ ହେଲା ଭାଜପା

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଶାସକ ଦଳର ପ୍ରାୟୋଜିତ ହିଂସା ରାଜ୍ୟରେ ଭୋଟରମାନଙ୍କ ମନରେ ଭୟର ବାତାବରଣ ସୃଷ୍ଟିକରିଛି। ଖୋର୍ଦ୍ଧା ବିଧାନସଭା ଆସନର ଭାଜପା ବିଧାୟକ ପ୍ରାର୍ଥୀ କାଲୁଚରଣ ଖଣ୍ଡେଇତରାୟଙ୍କୁ ମରଣାନ୍ତକ ଆକ୍ରମଣ ଉଦ୍ୟମ ଏବଂ ତାଙ୍କ ସମର୍ଥକ ତଥା ଭାଜପା ନେତା ମଙ୍ଗୁଳି ଜେନାଙ୍କୁ ଗୁଳିକରି ହତ୍ୟା ପରେ ବି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ବିଜେଡିର ଗୁଣ୍ଡାମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ପୂର୍ବରୁ ଏଭଳି ହିଂସା ସମ୍ପର୍କରେ ଭାଜପା ପକ୍ଷରୁ ଅନେକଥର ଅଭିଯୋଗ ହେଲା ପରେ ବି ସିଇଓ କାହିଁକି ଚୁପ୍ ବସିଛନ୍ତି। ଏହା ବିରୋଧରେ ସୋମବାର ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁହଁରେ କଳା ପଟି ବାନ୍ଧି ସିଇଓଙ୍କୁ ଭେଟିବା ସହ ଦାବିପତ୍ର ପ୍ରଦାନ କରିଥିଲେ।

ଖୋର୍ଦ୍ଧାରେ ଭାଜପା ନେତା ମଙ୍ଗୁଳି ଜେନା ପାର୍ଟି ଅଫିସରୁ ଫେରୁଥିବାବେଳେ ବିଜୁ ଗୁଣ୍ଡାବାହିନୀ କାର୍ଯ୍ୟକର୍ତ୍ତାମାନେ ରବିବାର ରାତିରେ ଗୁଳି କରି ହତ୍ୟା କରିଛନ୍ତି। ସିଇଓଙ୍କ ନୀରବତା ଶାସକ ଦଳକୁ ଏବଂ ହିଂସାତ୍ମକ ଆଚରଣ କରୁଥିବା ବ୍ୟକ୍ତିଙ୍କୁ ଶକ୍ତି ଯୋଗାଉଛି ବୋଲି ପ୍ରତିନିଧି ଦଳ ଅଭିଯୋଗ କରିଛି। ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ପରିଚାଳନା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଥିଲା। ବିଭିନ୍ନ ସ୍ଥାନରେ ବିଜେଡି ହାରିବା ଭୟରେ ବୁଥ୍ ରିଗିଂ, କ୍ୟାପ୍‌ଚରିଂ ସାଙ୍ଗକୁ ପୋଲିଂ ଏଜେଣ୍ଟମାନଙ୍କୁ ବୁଥ୍ ଭିତରେ ପ୍ରବେଶ କରାଇ ଦେଇ ନାହିଁ। କେତେକ ସ୍ଥାନରେ ବିଜୁ ଯୁବ ବାହିନୀର କର୍ମୀମାନେ ଭାଜପା ଏଜେଣ୍ଟମାନଙ୍କୁ ଭୟଭୀତ କରାଇଛନ୍ତି। ଶାସକ ଦଳର ଗୁଣ୍ଡା ଏବଂ ସରକାରୀ କଳର ଅପବ୍ୟବହାର କରି ବିଜେଡି ନିର୍ବାଚନକୁ ନିଜ ଅଧୀନରେ ରଖିବାକୁ ପ୍ରୟାସ କରିଛି। ଘସିପୁରାରେ ଭାଜପାର ଜଣେ କର୍ମକର୍ତ୍ତାଙ୍କୁ ହତ୍ୟା କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଦିନ ଭାଜପା ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନ ସାମନ୍ତରାୟଙ୍କୁ ଆକ୍ରମଣ କରାଯାଇଥିଲା। ଏଥିରେ କୌଣସି କାର୍ଯ୍ୟାନୁଷ୍ଠାନ ଏ ପର୍ଯ୍ୟନ୍ତ ଗ୍ରହଣ କରାଯାଇ ନାହିଁ ବୋଲି ପ୍ରତିନିଧି ଦଳ ଅଭିଯୋଗ କରିଛି। ନିର୍ବାଚନର ଠିକ୍ ପୂର୍ବରୁ ଏପରି ହତ୍ୟାକାଣ୍ଡ ଅତ୍ୟନ୍ତ ନିନ୍ଦନୀୟ। ଶାସକ ଦଳର ଗୁଣ୍ଡା ନିର୍ବାଚନ ପରିଚାଳନାରେ ବିଶୃଙ୍ଖଳା ସୃଷ୍ଟି କରିଥିବାବେଳେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ନିର୍ବାଚନକୁ ଅବାଧ, ନିରପେକ୍ଷ କରିବା, ରିଗିଂ ଏବଂ କ୍ୟାପ୍‌ଚରିଂ ହୋଇଥିବା ବୁଥ୍‌ଗୁଡିକରେ ପୁଣି ଭୋଟ କରିବା ନେଇ ପ୍ରତିନିଧି ଦଳ ଦାବି କରିଛି।

ଏହି ପ୍ରତିନିଧି ଦଳରେ ଥିଲେ ରାଜ୍ୟ ଉପସଭାପତି ରମାରଞ୍ଜନ ବଳିଆରସିଂ, ଚିକିଟିର ଭାଜପା ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ରାଜ୍ୟ ନିର୍ବାଚନ ପ୍ରକୋଷ୍ଠ ସଂଯୋଜକ ଜୟନ୍ତ ଜେନା ଏବଂ ଆଇନଜୀବୀ ସତ୍ୟବ୍ରତ ନାୟକ ପ୍ରମୁଖ।

## ବନ୍ଧବାହାଲରେ ଭାଜପାର ବିଜୟ ସଂକଳ୍ପ ସମାବେଶ

# କେନ୍ଦ୍ରରେ ଭାଜପା ସରକାର ଗଢ଼ିବ: ଧର୍ମେନ୍ଦ୍ର

ଲଖନପୁର,୧୫।୪(ଡି.ଏନ୍.ଏ.)

ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବନ୍ଧବାହାଲ ଧନୁଯାତ୍ରା ପଡ଼ିଆରେ ସୋମବାର ବିଜୟ ସଙ୍କଳ୍ପ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ଦଳର ହେଭିୱେଟ୍ ନେତା କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ରାଜ୍ୟରେ ଭାଜପା ସରକାର ଗଢ଼ିବ ବୋଲି ଦମ୍ଭୋକ୍ତି ପ୍ରକାଶ କରିଥିଲେ। ଭାଜପା ସରକାର ଆସିଲେ ଭୁବନେଶ୍ୱର ସହିତ ଦିଲ୍ଲୀ ଯୋଡ଼ିହେବ। ଦଳର ଲୋକ ସଭା ଓ ବିଧାନସଭା ସଦସ୍ୟ ସିଧାସଳଖ କେନ୍ଦ୍ର ସରକାର ସହିତ ଯୋଡ଼ିହେବେ। ବିଜେଡି ସରକାରରେ ରାଜ୍ୟରେ ନାରୀ ନିର୍ଯାତନା ବଢ଼ି ଚାଲିଛି। ଭାଜପା ସରକାର ଆସିଲେ ବଳାତ୍କାରୀମାନଙ୍କୁ ଫାଶୀଦଣ୍ଡ ଦିଆଯିବ। ଉଚ୍ଚଶିକ୍ଷିତା ଝିଅମାନଙ୍କୁ ସ୍କୁଟି, ଉଚ୍ଚଶିକ୍ଷା ପାଇଁ ୫୦ହଜାର ଟଙ୍କା ଆର୍ଥିକ ସହାୟତା, ଚାଷୀଙ୍କୁ ବିନା ସୁଧରେ ଋଣ ପ୍ରଦାନ କରାଯିବ। ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଋଣଛାଡ଼ କରାଯିବ। ମୋଦି ସରକାର ଝାରସୁଗୁଡ଼ା ଜିଲାର ବିକାଶ ପାଇଁ ଡିଏମ୍‌ଏଫ୍‌ରୁ ହଜାର କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏଥିରୁ ରାଜ୍ୟ ସରକାର ପିସି ଖାଇଲେ ବୋଲି ଏହି ଅବସରରେ ପ୍ରଧାନ ଅଭିଯୋଗ କରିଥିଲେ। ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଓଡ଼ିଶା ଅର୍ଥନୀତିର ପେଣ୍ଡସ୍ଥଳୀ ହୋଇଥିବାବେଳେ ଏହି ଅଞ୍ଚଳବାସୀ ସର୍ବଦା ବିସ୍ଥାପିତ ଓ କ୍ଷତିଗ୍ରସ୍ତ ହୋଇ ଅବହେଳିତ ଅବସ୍ଥାରେ ରହିଛନ୍ତି। ଏଥିପାଇଁ ସେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଏ ଅଞ୍ଚଳର ବିକାଶ ପାଇଁ ଡବଲ ଇଞ୍ଜିନ୍ ଆବଶ୍ୟତା ରହିଛି। ଏଥିପାଇଁ କେନ୍ଦ୍ର ଓ ରାଜ୍ୟରେ ଭାଜପାକୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ଦେବାକୁ ପ୍ରଧାନ ଆହ୍ୱାନ ଦେଇଥିଲେ। ସେହିଭଳି ଓରିଏଣ୍ଟ କାଗଜକଳ, ବିଟିଏମ୍ ସୂତାକଳ ଭଳି ଏଠାରେ ଥିବା ଅନେକ ଶିଳ୍ପାନୁଷ୍ଠାନ ବନ୍ଦ ହୋଇପଡ଼ିଛି। ଏଥିପାଇଁ ବରଗଡ଼ ଲୋକ ସଭା ପ୍ରାର୍ଥୀ ସୁରେଶ ପୂଜାରୀ ଓ ବ୍ରଜରାଜନଗର ବିଧାନସଭା ପ୍ରାର୍ଥିନୀ ରାଧାରାଣୀ ପଣ୍ଡା ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ପ୍ରଧାନ ଭୁବନେଶ୍ୱରରୁ ହେଲିକପ୍ଟରରେ ଆସି ଏଠାରେ ନିର୍ଦ୍ଧାରିତ ସମୟର ୧ଘଣ୍ଟା ୫୦ ମିନିଟ ବିଳମ୍ବରେ ପହଞ୍ଚିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ରଘୁନନ୍ଦନ ପଣ୍ଡା, ସାମଲ ନାୟକ, ପ୍ରମୋଦ ସେନାପତି, କିଶୋର ମିଶ୍ର, ମଙ୍ଗଳ ସାହୁ, ଅମରେନ୍ଦ୍ର ରାୟ, ମଞ୍ଜୁବାଳା ଗୁରୁ, ରୀନା ପଟେଲ, ସୁନୀଲ ପଣ୍ଡା, ବିଶ୍ୱଜିତ ଭୋଇ, ପ୍ରଶାନ୍ତ ତ୍ରିପାଠୀ, ପ୍ରଦୀପ କରାଳୀ, ନୀଳାଞ୍ଚଳ ସା, ଆଲୋକ ସାହୁ, ସମୀର ମିଶ୍ର, ସଞ୍ଜୟ ସିଂହ, ପାରସ ଜୟସ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ।



ବିଜୟ ସଙ୍କଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

## ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ

# ନିର୍ଣ୍ଣାୟକ ହୋଇପାରେ ଦଳ ବଦଳ ନେତାଙ୍କ ଭୂମିକା


ଦେବେଶ ଆଚାର୍ଯ୍ୟ


ଅଶ୍ୱିନୀ ଷଡ଼ଙ୍ଗୀ


ନିପନ ଦାଶ

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ,୧୫।୪

ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନୈତିକ ଦଳଗୁଡ଼ିକ ବିଜୟର ଆଶା ନେଇ ପ୍ରଚାରକୁ ଜୋରଦାର କରିଛନ୍ତି। ଆସନ୍ତା ୧୮ ତାରିଖରେ ଭୋଟ। ୧୬ ତାରିଖ ସନ୍ଧ୍ୟାରେ ସରିଯିବ ପ୍ରଚାର। ପ୍ରାର୍ଥୀମାନେ ଏବେ ଘରକୁ ଘର ଯାଇ ଭୋଟ ଭିକ୍ଷା କରୁଛନ୍ତି। କଂଗ୍ରେସ ନିର୍ବାଚନ ଇସ୍ତାହାର ଅନୁଯାୟୀ କୃଷିଋଣ ଛାଡ଼, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୬୦୦ ଟଙ୍କାକୁ ବୃଦ୍ଧି, ପ୍ରତ୍ୟେକ ପରିବାରର ଜଣକୁ ଚାକିରି, ଚାଷୀଙ୍କୁ ମାଗଣାରେ ସୋଲାର ପମ୍ପ ଆଦି ପ୍ରତିଶ୍ରୁତି ନେଇ ଭୋଟରଙ୍କ ପାଖରେ ପହଞ୍ଚୁଥିବା ବେଳେ ଭାଜପା ବିଭିନ୍ନ କେନ୍ଦ୍ରୀୟ ଯୋଜନା, ରାଜ୍ୟ ସରକାରଙ୍କ ବିଫଳତା, ବେକାରି, ଚାଷୀ ସମସ୍ୟା, ଜଳସେଚନକୁ ମୁଖ୍ୟ ପ୍ରସଙ୍ଗ କରିଛି। ରାଜ୍ୟ ସରକାରଙ୍କ ବହୁମୁଖୀ ଯୋଜନା, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ, ରାସ୍ତାଘାଟ, ସେତୁ ନିର୍ମାଣ ସହ ବିଭିନ୍ନ ଗ୍ରାମକୁ ସଂଯୋଗ ଭଳି ଅନେକ ବିକାଶମୂଳକ କାର୍ଯ୍ୟକୁ ନେଇ ବିଜେଡି ନେତାମାନେ ଭୋଟରମାନଙ୍କ ପାଖରେ ପହଞ୍ଚୁ ଥିବା ଦେଖିବାକୁ ମିଳିଛି। ୨୦୦୯ରେ କଂଗ୍ରେସ ଏହି ଆସନକୁ ନିଜ ଦଖଲକୁ ନେଇଥିଲା। ମାତ୍ର ତତ୍କାଳୀନ କଂଗ୍ରେସ ପ୍ରାର୍ଥୀ ସାଧୁ ନେପାକଙ୍କ ସମେତ ଭାଜପା ଛାଡ଼ିଥିବା ସୁବାସ ଚୌହାନ, ଦେବବ୍ରତ ମିଶ୍ର ଏବଂ ସମର୍ଥକମାନେ ଏବେ ବିଜେଡିରେ ସାମିଲ ହୋଇଛନ୍ତି। ଏହାକୁ ନେଇ ବିଜେଡି ସଙ୍ଗଠନ ପୂର୍ବାପେକ୍ଷା ଅଧିକ ଶକ୍ତିଶାଳୀ ହୋଇଛି ବୋଲି ଦଳୀୟ ନେତାମାନେ କହିଛନ୍ତି। ମାତ୍ର ସେମାନେ ଦଳ ଛାଡ଼ିବା ପରେ ମଧ୍ୟ ଭାଜପା କିମ୍ବା କଂଗ୍ରେସ ନିଜକୁ ଦୁର୍ବଳ ମଣୁନାହାନ୍ତି। ହେଲେ ଦଳ ବଦଳ କରିଥିବା ସେହି ନେତାଙ୍କ ଭୂମିକା ଏଥର ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ନେଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି। ଭାଜପା ପ୍ରାର୍ଥୀ ଅଶ୍ୱିନୀ ଷଡ଼ଙ୍ଗୀ କୁହନ୍ତି, ଆମ ଦଳରେ କିଛି ଅନ୍ତର୍ଦ୍ୱନ୍ଦ୍ୱ ନାହିଁ। ଦଳ ଏବେ ସଙ୍ଗଠିତ ଅଛି। ଏହି ନିର୍ବାଚନମଣ୍ଡଳୀରେ ଭାଜପାର ଭୋଟ୍ ହାର ଯଥେଷ୍ଟ ପରିମାଣରେ ବଢ଼ିଛି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକାରୀ ଯୋଜନା ଯୋଗୁ ଏଥର ଦଳ ନିଶ୍ଚୟ ବିଜୟ ଲାଭ କରିବ। କଂଗ୍ରେସ ପ୍ରାର୍ଥୀ ନିପନ ଦାଶଙ୍କ ମତରେ କଂଗ୍ରେସ ନେତା ଓ କର୍ମୀଙ୍କ ମଧ୍ୟରେ ଆଦୌ କନ୍ଦଳ ନାହିଁ। ସମସ୍ତ କର୍ମୀ ଦଳ ପାଇଁ ଦିନରାତି ପରିଶ୍ରମ କରୁଛନ୍ତି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବହୁମୁଖୀ ଯୋଜନାର ଇସ୍ତାହାର ପ୍ରତି ଲୋକେ ଆକୃଷ୍ଟ ହେଉଛନ୍ତି। ସେଥିପାଇଁ ଏଠି ଦଳ ଜିତିବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି। ବିଜେଡି ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ବହୁମୁଖୀ ବିକାଶ ହୋଇଛି। ଲୋକେ ମଧ୍ୟ ନବୀନଙ୍କ ପ୍ରତି ଆସ୍ଥା ରଖି ଦଳକୁ ଶାସନର ସୁଯୋଗ ଦେଇ ଆସିଛନ୍ତି। ଏଥର ମଧ୍ୟ ଦଳ ବିଜୟ ଲାଭ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଅପରପକ୍ଷରେ ଭୋଟର ଗାଇସୀମା ଗ୍ରାମର ଚୂଡ଼ାମଣି ପାଣ୍ଡେ କହିଛନ୍ତି, ତାଙ୍କ ଭୋଟ୍ ଦୁର୍ନୀତି, ଭ୍ରଷ୍ଟାଚାର ସରକାର ତଥା ପ୍ରାର୍ଥୀଙ୍କ ବିପକ୍ଷରେ ଯିବ। ଜଣେ ଭଲ ନେତାଙ୍କୁ ସେ ଭୋଟ ଦେବାକୁ ସ୍ଥିର କରିଛନ୍ତି। ବରଗଡ଼ର ସାମାଜିକ କର୍ମୀ ଶିବାନନ୍ଦ ମଟାରୀ କୁହନ୍ତି, ଯେଉଁ ପ୍ରାର୍ଥୀ ବରଗଡ଼ ଏବଂ ଦେଶର ବିକାଶ ପାଇଁ ଚିନ୍ତା କରୁଛନ୍ତି, ସେଭଳି ପ୍ରାର୍ଥୀଙ୍କ ସପକ୍ଷରେ ତାଙ୍କ ଭୋଟ ଯିବ। ପାର୍ଟି ନୁହେଁ, ପ୍ରାର୍ଥୀ ଦେଖି ସେ ମତଦାନ କରିବେ। ଏଭଳି ସ୍ଥିତିରେ ଏଠାରେ ନିର୍ବାଚନୀ ପାଣିପାଗ ରୋଚକ ସ୍ଥିତିରେ ପହଞ୍ଚିଛି। ନେତା ଓ କର୍ମୀ ଦଳ ଅଦଳବଦଳ କରୁଥିଲେ ମଧ୍ୟ ଭୋଟର ସମ୍ପୂର୍ଣ୍ଣ ନୀରବ ରହିଛନ୍ତି। ବିଜୟ କାହା ସପକ୍ଷରେ ଯିବ ତାହା ନିର୍ବାଚନ ଫଳାଫଳରୁ ଜଣାପଡ଼ିବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

| | |
|---|---|
| ମୋଟ ଭୋଟ ଗ୍ରହଣ କେନ୍ଦ୍ର | ୨୩୧ |
| ସମ୍ବେଦନଶୀଳ | ୩୧ |
| ଭିଆଇପି ଭୋଟର | ୩ |
| ଅଧିକ ସମ୍ବେଦନଶୀଳ | ନାହିଁ |
| ସାଧାରଣ | ୨୦୦ |

**୨୦୧୪ ନିର୍ବାଚନ ଫଳାଫଳ**

| | |
|---|---|
| ବିଜେଡି | ୫୯,୩୫୦ |
| କଂଗ୍ରେସ | ୪୬,୧୪୬ |
| ଭାଜପା | ୨୨,୭୦୭ |

ମୋଟ ଭୋଟର ସଂଖ୍ୟା: ୨,୧୬,୩୫୮
ମହିଳା ଭୋଟର: ୧,୧୧,୯୪୫
ପୁରୁଷ ଭୋଟର: ୧,୦୪,୩୯୬
ଅନ୍ୟାନ୍ୟ: ୧୭

## ସଂକ୍ଷେପରେ

### ରାଧେଶ୍ୟାମ ବିଶ୍ୱାଳ ହତ୍ୟା ଘଟଣା, ଜଣେ ଗିରଫ

ଆଳି,୧୫।୪(ଡି.ଏନ.ଏ.) : ୨୦୧୬ ଡିସେମ୍ବରରେ ଘଟିଥିବା ବହୁ ଚର୍ଚ୍ଚିତ ରାଧେଶ୍ୟାମ ବିଶ୍ୱାଳ ହତ୍ୟା ଘଟଣାରେ ଆଳି ପୋଲିସ ରବିବାର ରାତିରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ପଦନିପାଳ ଗ୍ରାମର ଗଗନ ବିହାରୀ ଜେନା(ଟୁଲୁ)। ସୋମବାର ଟୁଲୁଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ରାଧେଶ୍ୟାମଙ୍କ ହତ୍ୟା ଘଟଣା ପରେ ଦୀର୍ଘ ୩ବର୍ଷ ଧରି ଟୁଲୁ ଫେରାର ଥିବା ବେଳେ ରବିବାର ସେ ନିଜ ଗାଁ ପଦନିପାଳ ଆସିଥିବା ପୋଲିସ ଖବର ପାଇଥିଲା। ଆଇଆଇସି ସଲିଳ କୁମାର ପ୍ରଧାନ ସଦଳବଳେ ପଦନିପାଳରେ ପହଞ୍ଚି ତାଙ୍କୁ ଗିରଫ କରିଥିଲେ। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନାଯୋଗ୍ୟ, ୨୦୧୬ ଡିସେମ୍ବର ୧୦ ତାରିଖ ରାତିରେ ଆଳି ଥାନା ଅଧୀନ ବଉଳଯୋଡ଼ି ଗ୍ରାମର ଶଙ୍କର ବିଶ୍ୱାଳଙ୍କ ପୁଅ ରାଧେଶ୍ୟାମଙ୍କ ଦୁଇ ଜଣ ସାଙ୍ଗଙ୍କ ସହିତ ମାନପୁର ଯାଉଥିଲେ। କଳମଡା ଛକଠାରେ ସେମାନଙ୍କୁ ୧୩ଜଣ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ରାଧେଶ୍ୟାମଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଥାନାରେ ୨୭୧/୧୬ ନଂ.ରେ ଏକ ମାମଲା ରୁଜୁ ହୋଇଥିଲା।

### ଶିକ୍ଷକଙ୍କୁ ଜନପ୍ରିୟ ପଲ୍ଲୀ ଶିକ୍ଷାବନ୍ଧୁ ସମ୍ବର୍ଦ୍ଧନା

ଡେରାବିଶ, ୧୫।୪ (ସ୍ୱ.ପ୍ର.): ଡେରାବିଶ ବ୍ଲକ ଅଧୀନ ସବଳଙ୍ଗସ୍ଥିତ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୟଭାରତୀ ସାଥୀସମାଜ ପକ୍ଷରୁ ଶନିବାର ବିଷୁବ ମିଳନ ଓ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡେରାବିଶ ବ୍ଲକ ନରହରିପୁର ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ କୁମାର ଆଚାର୍ଯ୍ୟ 'ଜନପ୍ରିୟ ପଲ୍ଲୀ ଶିକ୍ଷାବନ୍ଧୁ' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଶିକ୍ଷାବିତ୍ ପ୍ରାଧାପକ ନନ୍ଦକିଶୋର ପରିଡ଼ା ଓ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଅଲେଖ ଚନ୍ଦ୍ର ପଢ଼ିଆରୀ ଉପସ୍ଥିତଥିଲେ।

### ଠାକୁର ନିଗମାନନ୍ଦ ଆଶ୍ରମ ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ, ୧୫।୪ (ସ୍ୱ.ପ୍ର): ବିଶ୍ୱବନ୍ଦନୀୟ ଠାକୁର ନିଗମାନନ୍ଦ ସରସ୍ୱତୀଙ୍କ ପଟ୍ଟାମୁଣ୍ଡାଇ ବ୍ଲକର ତରଡିପାଳ ସ୍ଥିତ ଆଶ୍ରମରେ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଥିଲା । ଆଶ୍ରମର ସଭାପତି ଗିରିଧାରୀ ରାଉତ, ସମ୍ପାଦକ ପରମେଶ୍ୱର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଶ୍ରଦ୍ଧାଳୁମାନେ ଯୋଗ ଦେଇ ଠାକୁର ନିଗମାନନ୍ଦଙ୍କ ପୂଜାର୍ଚ୍ଚନା କରିବା ସହିତ ଭଜନ କିର୍ତ୍ତନ ପରିବେଷଣ କରିଥିଲେ । ପୁରୀସ୍ଥିତ ସାରସ୍ୱତ ସଂଘ କାର୍ଯ୍ୟାଳୟର ଉପ ସଭାପତି ବିଜୟ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଠାକୁରଙ୍କ ପ୍ରାତଃ ପୂଜା, ଗୁରୁ ବନ୍ଦନା, ଷୋଡଶ ଉପଚାର ପୂଜା, ପ୍ରବଚନ, ଭଜନ ଜଣାଣ ଆଦି ସମସ୍ତ ନୀତିକାନ୍ତି ସୂଚାରୁରୂପେ ସମ୍ପନ୍ନ ହୋଇଥିଲା । ଭୁବନେଶ୍ୱରସ୍ଥିତ ନିଗମ କଳ୍ପତରୁ ଆଶ୍ରମର ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, କେନ୍ଦ୍ର ପ୍ରତିନିଧୀ କାହ୍ନୁଚରଣ ବିଶ୍ୱାଳ, ବୈରାଗୀ ବିଶ୍ୱାଳ, ସରୋଜ ବିଶ୍ୱାଳ, କୃପାସିନ୍ଧୁ ଓଝା, ନୂଆଡିହା ଶାଖା ସଂଘ ସଭାପତି ନୃସିଂହ ବିଶ୍ୱାଳ, କୁଶଧ୍ୱଜ ବିଶ୍ୱାଳ, ମାଗୁଣୀ ବାରିକ, ପାଧାପକ ନିର୍ମଳ ଚନ୍ଦ୍ର ବିଶ୍ୱାଳ, ସଚିଦାନନ୍ଦ ବିଶ୍ୱାଳଙ୍କ ସମେତ ବହୁ ଧର୍ମପ୍ରାଣ ଶ୍ରଦ୍ଧାଳୁ ନାରୀ ନର ଏହି ଉତ୍ସବରେ ଯୋଗଦାନ କରିଥିଲେ।

# ଦାଦନ ଶ୍ରମିକଙ୍କ ଭୋଟ ଉପରେ ନଜର

- ପରିବାର ପାଇଁ ଟିକେଟ ବ୍ୟବସ୍ଥା କରାଯାଉଛି
- ନିଯୁକ୍ତି ସମସ୍ୟା ଦୂର ପାଇଁ କୌଣସି ପଦକ୍ଷେପ ନିଆଯାଉନି
- ନେତାମାନେ ଦେଇ ଚାଲିଛନ୍ତି ପ୍ରତିଶ୍ରୁତି

କେନ୍ଦ୍ରାପଡା ଅଫିସ, ୧୫।୪

ଦାଦନ ସମସ୍ୟାରେ ଜର୍ଜରିତ କେନ୍ଦ୍ରାପଡା ଜିଲାର ଶ୍ରମିକଙ୍କ ଉପରେ ଏବେ ଦଳୀୟ ନେତାଙ୍କ ଆଖି ପଡିଛି । ଚଳିତ ନିର୍ବାଚନରେ ସେମାନଙ୍କ ଭୋଟ ଫଳାଫଳକୁ ପ୍ରଭାବିତ କରିବ ବୋଲି ଆଲୋଚନା ହେଉଛି। ନିର୍ବାଚନରେ ଭୋଟ ଦେବା ପାଇଁ ସେମାନଙ୍କ ପରିବାର ପାଇଁ ଟିକେଟ୍‌ର ବ୍ୟବସ୍ଥା କରାଯାଉଛି। ଏନେଇ ନେତାମାନେ ଦଳୀୟ କର୍ମଙ୍କ ସହାୟତା ନେଉଥିବା ଲକ୍ଷ୍ୟ କରାଯାଉଛି। ଏକ ବେସରକାରୀ ସଂସ୍ଥାର ଆକଳନ ଅନୁଯାୟୀ, ଆଳି, ରାଜନଗର, ମହାକାଳପଡା ବିଧାନସଭା କ୍ଷେତ୍ରରେ ୪୬ ପ୍ରତିଶତ ଯୁବତୀଯୁବକ କର୍ମ ଅନ୍ୱେଷଣରେ ଦେଶ ବିଦେଶକୁ ଚାଲିଯାଉଛନ୍ତି । ଏହି ଭୋଟବ୍ୟାଙ୍କକୁ ହାତେଇବା ନିମନ୍ତେ ନିର୍ବାଚନର ଅବ୍ୟବହିତ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁରଟଗସ୍ତ କରି ପାଣିପାଇପ ମିସ୍ତ୍ରୀ, ବୁଣାକାର ଓ ଅନ୍ୟ ମଜୁରିଆଙ୍କ ସହ ସଭା ମାଧ୍ୟମରେ ନିକଟତର ହେବାକୁ ଉଦ୍ୟମ କରିଛନ୍ତି । ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଶର ବିଭିନ୍ନ ରାଜ୍ୟରେ ରହୁଥିବା ରାଜ୍ୟର ଲୋକଙ୍କୁ ଭାଜପା ସରକାର ଆସିଲେ ଦାଦନ ଖଟିବାକୁ ପଡିବ ନାହିଁ ବୋଲି ଆଶ୍ୱାସନା ଦେଇଛନ୍ତି।

ଏସମ୍ପର୍କରେ ପୂର୍ବତନ ପାଣି ପାଇପ୍ ମିସ୍ତ୍ରୀ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ଗ୍ରାମର ଶ୍ରୀଧର ସ୍ୱାଇଁ କହିଛନ୍ତି ଯେ, ଚଳିତ ନିର୍ବାଚନରେ ଶ୍ରମିକଙ୍କ ମତଦାନ ବହୁ ଗୁରୁତ୍ୱ ରହିଛି । ଏଥିପାଇଁ ୩ ପ୍ରମୁଖ ରାଜନୈତିକ ଦଳର ନେତା ଓ କର୍ମୀ ଘର ଘର ବୁଲି ଶ୍ରମିକଙ୍କ ନାମ ଟିପିବା ସହ ଘରକୁ ଆସି ଭୋଟ ପାଇଁ ନିବଦେନ କରିଛନ୍ତି। ଏପରିକି କେତେକ କ୍ଷେତ୍ରରେ ପରିବାର ସଦସ୍ୟଙ୍କ ପାଇଁ ଭୋଟଦାନ ନିମନ୍ତେ କର୍ମକ୍ଷେତ୍ରରୁ ଯିବା ଆସିବାର ଟିକେଟ ବ୍ୟବସ୍ଥା କରାଯାଇଛି। ବୁଦ୍ଧିଜୀବୀ ବାନାମ୍ବର ସାହୁ କହିଛନ୍ତି ଯେ, ପ୍ରତ୍ୟେକ ରାଜନୈତିକ ଦଳ ଏବେ ଶ୍ରମିକଙ୍କ ଦୁଃଖକୁ ଅନୁଭବ କରୁଛନ୍ତି। କିନ୍ତୁ ଜିଲାରେ ନିଯୁକ୍ତି ସମସ୍ୟା ଦୂର ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ । ଏହି ଜିଲାର ଅର୍ଥନୀତି କୃଷିଭିତ୍ତିକ ହୋଇଥିଲେ ମଧ୍ୟ ଏହାର ଉନ୍ନତିକରଣ ପାଇଁ କୌଣସି ବ୍ୟବସ୍ଥା ନାହିଁ । ପ୍ରତି ନିର୍ବାଚନ ସମୟରେ ବିଭିନ୍ନ ଦଳର ନେତାମାନେ ଶିଳ୍ପ ପ୍ରତିଷ୍ଠା, ରେଳ ପ୍ରଚଳନ, ଦକ୍ଷତା ବୃଦ୍ଧି ପାଇଁ ତାଲିମ କେନ୍ଦ୍ର ସ୍ଥାପନ ଓ ଯୁବଦ୍ୟୋଗୀଙ୍କୁ ଘରୋଇ ଶିଳ୍ପ ପାଇଁ ପ୍ରୋତ୍ସାହନ ଯୋଗାଇ ଦେବା ନିମନ୍ତେ ପ୍ରତିଶ୍ରୁତି ଦେଉଛନ୍ତି । ମାତ୍ର ନିର୍ବାଚନ ପରେ ଏସବୁ ପ୍ରତିଶ୍ରୁତି ଭୁଲିଯାଉଛନ୍ତି। ଅର୍ଥ ପାଇଁ ଜିଲାର ବହୁ ସଂଖ୍ୟାକ ଯୁବବର୍ଗ ଦାଦନ ଖଟିବାକୁ ବାଧ ହେଉଛନ୍ତି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି । ସାମାଜିକ କର୍ମୀ ମନୋଜ କୁମାର ନାୟକ କୁହନ୍ତିଯେ, ମତଦାନ ପାଇଁ ଶ୍ରମିକମାନେ ଘରକୁ ଫେରିବା ଦରକାର । ସେ କହିଛନ୍ତି ଯେ, କର୍ମନିଯୁକ୍ତି ସମସ୍ୟାର ସମାଧାନ ପାଇଁ ଯେଉଁ ଦଳ ପ୍ରତିଶ୍ରୁତି ଦେବ ଜିଲାର ଶ୍ରମିକ ପରିବାର ସେହି ଦଳକୁ ଭୋଟ ଦେବା ସମ୍ଭାବନା ଅଧିକ ଅଛି ।

ଏ ସମ୍ପର୍କରେ ରାଜନଗର ବିଜେଡି ବିଧାୟକ ପ୍ରାର୍ଥୀ ଧ୍ରୁବଚରଣ ସାହୁ କୁହନ୍ତିଯେ, ବିଜେଡି ସରକାର ସମୟରେ ଶ୍ରମିକଙ୍କ କର୍ମ ନିଯୁକ୍ତି ସମସ୍ୟା ଦୂର ପାଇଁ ପ୍ରୟାସ କରାଯାଇଛି । ତେବେ କେନ୍ଦ୍ର ସରକାର ଏଥିରେ ସହଯୋଗ କରୁନାହାନ୍ତି । ଚାଷୀଙ୍କ ପାଇଁ କାଳିଆ ଯୋଜନା ସହିତ ମହିଳାଙ୍କ ପାଇଁ ସ୍ୱୟଂ ସହାୟକ ଗୋଷ୍ଠି ମାଧ୍ୟମରେ ଅନୁଦାନ ଯୋଗାଇ ଦିଆଯାଉଛି । ଏଥିସହ ଆସନ୍ତା ୫ ବର୍ଷ ମଧ୍ୟରେ ଯୁବ ଶିଳ୍ପଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ଲାଗି ବିଜେଡିର ଇସ୍ତାହାରରେ ରହିଛି । ସେହିପରି ଭାଜପା ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁ କହିଛନ୍ତି ଯେ, ଭାଜପାର ଲୋକସଭା ପ୍ରାର୍ଥୀ ବିଦେଶରେ ରହୁଥିବା ଶ୍ରମିକଙ୍କ ସମସ୍ୟା ଦୂର ପାଇଁ ବହୁବାର ପ୍ରୟାସ କରିଛନ୍ତି। ଏଥିସହ ଏଠାରେ ଶିଳ୍ପ ପ୍ରତିଷ୍ଠାରେ ରାଜ୍ୟ ସରକାର ବାଧା ସୃଷ୍ଟି କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ଶ୍ରମିକଙ୍କ ପାଇଁ ଭାଜପାରେ ସ୍ୱତନ୍ତ୍ର ଯୋଜନା ଥିବାରୁ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ମିଳିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ସେହିପର ଆଳି ବିଧାନସଭା ଆସନର କଂଗ୍ରେସ ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ଶର୍ମା କୁହନ୍ତିଯେ, ଶ୍ରମିକଙ୍କ କଲ୍ୟାଣ ପାଇଁ ଉପା ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନର ପ୍ରଣୟନ କରିଥିଲେ । ତେବେ ଏହି ଯୋଜନା ରାଜ୍ୟ ସରକାରଙ୍କ କେତେ ଜଣ ନେତା ଓ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ବାଟବଣା ହୋଇଛି । ଦାଦନ ସମସ୍ୟାର ମୂଳ କାରଣ ଖୋଜି ଏହାର ସମାଧାନ କରିବା କେବେଳ କଂଗ୍ରେସ ଦ୍ୱାରା ସମ୍ଭବ ବୋଲି ସେ କହିଛନ୍ତି।

### ଖମୋଳରେ କଂଗ୍ରେସ କର୍ମୀଙ୍କ ବୈଠକ

ଡେରାବିଶ, ୧୫।୪ (ସ୍ୱ.ପ୍ର.)

ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ଡେରାବିଶ ବ୍ଲକର ଖମୋଳ ପଞ୍ଚାୟତ କଂଗ୍ରେସ କର୍ମୀମାନଙ୍କ ଏକ ବୈଠକ ଡାଳିଜୀସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କଂଗ୍ରେସ ସଭାପତି ରାଜକିଶୋର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ ୱାର୍ଡର କର୍ମୀମାନେ ଯୋଗଦେଇଥିଲେ। ବୈଠକରେ ସରୋଜକାନ୍ତ ନାୟକ, ଗୋଲକ ପ୍ରସାଦ ଜେନା, ଦୈତାରୀ ଜେନା, ବିମ୍ବାଧର ଲେଙ୍କା, ଭକ୍ତ ଚରଣ ବେହେରା, ଭୀମସେନ ଜେନା, ଦିବାକର ବାରିକ, ରବୀନ୍ଦ୍ରନାଥ ପରିଡ଼ା, ସୁଜିତ ପରିଡ଼ା, ଅରକ୍ଷିତ ପଲାଇ, ସୁବୋଧ କୁମାର ସ୍ୱାଇଁ, ସୁଲଭ କୁମାର ରାଉତ, ଗୁରୁଚରଣ ବେହେରା, ନୃସିଂହ ଚରଣ ସ୍ୱାଇଁ, ଉମାକାନ୍ତ ଜେନା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଶ୍ୱଜିତ୍ ସାମଲ ସଭା ପରିଚାଳନା କରିଥିବା ବେଳେ ଅଶୋକ କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ବିଜେଡି କର୍ମୀ ସମ୍ମିଳନୀ



ବୈଠକରେ ବିଜେଡି ନେତା ଓ କର୍ମୀମାନେ।

ରାଜନଗର, ୧୫।୪ (ଡି.ଏନ୍.ଏ.)

ରାଜନଗର ବ୍ଲକ କେରୁଆଁପାଳ ପଞ୍ଚାୟତରେ ବିଜୁ ଜନତା ଦଳ(ବିଜେଡଇ)ର କର୍ମୀ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ବିଜେଡି ସଭାପତି ଶୁକଦେବ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ଯୋଗଦେଇଥିଲେ। ଏହି ଅବସରର ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଧ୍ରୁବ ଆଲୋଚନା କରିବା ସହ ବିଜେଡିକୁ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ସମ୍ମିଳନୀରେ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ପଞ୍ଚୟତ ସମିତି ଅଧକ୍ଷ ଜୟୀରାମ ସେଠୀ, ଜିଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସେଠୀ, ସରପଞ୍ଚ ସପନ କୁମାର ପରିଡ଼ା, ସମିତିସଭ୍ୟା ମାଧବୀ ପ୍ରଧାନ, ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଦର୍ଶନ ଦାସ, ବରିଷ୍ଠ ବିଜେଡି ନେତା ଲକ୍ଷ୍ମୀଧର ବାରିକ, ଗଣେଶ ଚନ୍ଦ୍ର ଗୁଡ଼ିଆ, ନୃସିଂହ ଚରଣ ବେହେରା, ମଧୁସୂଦନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ସ୍ଥାନୀୟ ଅଞ୍ଚଳର ବହୁ ଯୁବତୀ ଯୁବକ, ବୁଦ୍ଧିଜୀବୀ ଯୋଗଦେଇଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ

ମାର୍ଶାଘାଇ, ୧୫।୪ (ଡି.ଏନ୍.ଏ.)

ମାର୍ଶାଘାଇର ଉପର ମଠରେ ୬୨ତମ ବାଞ୍ଛାବଟ ବିଶ୍ୱଶାନ୍ତି ମହାଯଜ୍ଞ ରବିବାର ଦଶମୀ ତିଥିରେ ଉଦ୍‌ଘାଟିତ ହୋଇଯାଇଛି। ରବିବାର ସକାଳୁ କଳସ ଶୋଭାଯାତ୍ରା କରାଯାଇ ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। ଏହାପରେ ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟ ମୂର୍ତ୍ତି ଯଜ୍ଞ ମଣ୍ଡପରେ ପୂଜା କରାଯାଇଥିଲା। କଳସ ସ୍ଥାପନ ସମୟରେ ଯଜ୍ଞକମିଟି ସଭାପତି ରନେନ୍ଦ୍ର କୁମାର ସ୍ୱାଇଁ, ଧ୍ରୁନକିଶୋର ନାୟକ, ମଧୁସୂଦନ ବେହେରା, ଚିତ୍ତରଞ୍ଜନ ସ୍ୱାଇଁ, ଚିତ୍ତରଞ୍ଜନ ପ୍ରଧାନ, ମନୋରଞ୍ଜନ ଦଳାଇ, ତ୍ରିଲୋଚନ ବାରିକ, ହୃଷୀକେଶ ବେହେରା, ଜଗବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ୧୦ଟି ବାଲୁଆଳି ଷ୍ଟଲରେ ହରପାର୍ବତୀ, କୃଷ୍ଣଲୀଳା, ଲାବଣ୍ୟ ଚୋରୀ, ସ୍ନାନ ମଗ୍ନ ଗୋପିଙ୍କ ବସ୍ତ୍ର ହରଣ, କଂସ ବଦ୍ଧ, ଗିରିଗୋବର୍ଦ୍ଧନ ରୂପ, ସାମାଜିକ ଷ୍ଟଲରେ ସେଲଫି ନେବା ମୂର୍ତ୍ତି ଓ ଶ୍ମଶାନର ଡାହାଣି ରୂପ ମୂର୍ତ୍ତିଗୁଡିକ ବେଶ୍ ଆକର୍ଷଣୀୟ ହୋଇଛି।

## ମହିଳାଙ୍କୁ ଅପହରଣ, ଯୁବକ ଗିରଫ

ପଟ୍ଟାମୁଣ୍ଡାଇ, ୧୫।୪ (ସ୍ୱ.ପ୍ର)

ନିଜକୁ ଜଣେ ଉଚ୍ଚ ପଦସ୍ଥ ଅଫିସର ଭାବେ ପରିଚୟ ଦେଇ ଯୁବତୀ ଓ ବିବାହିତା ମହିଳାଙ୍କୁ ପ୍ରଲୋଭିତ କରି ପ୍ରେମ ଜାଲରେ ଫସାଉଥିବା ଜଣେ ରୋମିଓ ଯୁବକଙ୍କୁ ପଟ୍ଟାମୁଣ୍ଡାଇ ପୋଲିସ ଶନିବାର ରାତିରେ ଗିରଫ କରିଛି। ଯୁବକ ଜଣଙ୍କ ହେଲେ ଯାଜପୁର ଜିଲା ମଙ୍ଗଳପଡ଼ା ଅଞ୍ଚଳ ତେନ୍ତୁଳିଡିହ ଗ୍ରାମର ରଶ୍ମିରଞ୍ଜନ ପତି।

ପ୍ରକାଶ ଯେ, ରଶ୍ମିରଞ୍ଜନ ନିଜକୁ ଜଣେ ଉଚ୍ଚ ପଦସ୍ଥ ଅଫିସର ଭାବେ ପରିଚୟ ଦେଇ ଯୁବତୀ ଓ ବିବାହିତା ମହିଳାଙ୍କୁ ପ୍ରେମ ଜାଲରେ ଫସାଉଥିଲେ। ତେବେ ଗତ କିଛିଦିନ ହେବ ସେ ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ଜନୈକ ମହିଳାଙ୍କୁ ପ୍ରେମ ଜାଲରେ ଫସାଇ ତାଙ୍କୁ ଗତ ସୋମବାର ରାତିରେ ଅପହରଣ କରିନେଇଥିଲେ। ଏ ନେଇ ସମ୍ପୃକ୍ତା ମହିଳାଙ୍କ ଶାଶୁଘର ଲୋକେ ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରିବା ପରେ ଆଇଆଇସି ରାକେଶ କୁମାର ତ୍ରିପାଠୀ ଘଟଣାର ତଦନ୍ତ ଚଳାଇଥିଲେ। ଅପହୃତା ମହିଳାଙ୍କ ଫୋନ୍‌କୁ ଆସିଥିବା କଲ୍ ରେକର୍ଡ ଆଧାରରେ ପୋଲିସ ରଶ୍ମିରଞ୍ଜନଙ୍କ ଜଣେ ସାଙ୍ଗକୁ ଥାନାରେ ଅଟକ ରଖି ପଚରାଉଚୁରା କରିଥିଲେ। ଏହାପରେ ତାଙ୍କ ସୂଚନା ଅନୁସାରେ ପୋଲିସ ରଶ୍ମିରଞ୍ଜନଙ୍କୁ ଗିରଫ କରିବା ସହ ଅପହୃତା ମହିଳାଙ୍କୁ ଉଦ୍ଧାର କରିଛି।

ପୋଲିସ ସୂଚନା ମୁତାବକ, ରଶ୍ମିରଞ୍ଜନ ମିଥ୍ୟା ପ୍ରଲୋଭନ ଦେଖାଇ ୩୨ଜଣ ଯୁବତୀ ଓ ବିବାହିତା ମହିଳାଙ୍କୁ ଫସାଇ ସେମାନଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ। ଏଥିସହିତ ସେମାନଙ୍କଠାରୁ ଟଙ୍କା ସୁନା ଆଦି ଲୁଟି ଅୟସ କରୁଥିଲେ ବୋଲି ପୋଲିସ ତଦନ୍ତରୁ ଜଣାପଡ଼ିଛି। ଏ ନେଇ ସମ୍ପୃକ୍ତା ମହିଳାଙ୍କ ଶାଶୁଘର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ୧୨୭/୧୯ ନଂ.ରେ ଏକ ମାମଲା ହୋଇଛି।

### ହନୁମାନଜୀଉଙ୍କ ଜନ୍ମୋତ୍ସବ

ମାର୍ଶାଘାଇ, ୧୫।୪ (ଡି.ଏନ୍.ଏ.)

ମାର୍ଶାଘାଇ ବ୍ଲକ ବଛରାଇ ପଞ୍ଚାୟତ ପେଣ୍ଠ ହନୁମାନ ପୀଠରେ ମହାବିଷୁବ ସଂକ୍ରାନ୍ତି ଅବସରରେ ମହାବୀର ହନୁମାନ ଜୀଉଙ୍କ ଜନ୍ମୋତ୍ସବ ମହାସମାରୋହରେ ପାଳିତ ହେଉଛି। ବିଶ୍ୱ କଲ୍ୟାଣ ଆଧ୍ୟାତ୍ମିକ ଚେତନା ବିକାଶ ନିମନ୍ତେ ଜୟହନୁମାନ ସେବକ ସଂଘ ଆନୁକୁଲ୍ୟରେ ଏଠାରେ ଶ୍ରୀରାମ ଚରିତ ମାନସ, ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଅନୁଷ୍ଠିତ ହେଉଛି। ଏହି ଉତ୍ସବ ଆସନ୍ତା ୯ଦିନ ଧରି ଚାଲିବ। ସୁନାମଧନ୍ୟ ପ୍ରବଚକ ଜଗ୍‌ସିଂହପୁର ଜିଲା ତିର୍ତ୍ତୋଲର ସୁଶ୍ରୀ ସସ୍ମିତା ଦାଶ, କଟକର ଶାରଦା ପ୍ରସାଦ କର, ବାବାଜୀ ହୃଷୀକେଶ ଦାସମହାରାଜ, କଟକ ବାଙ୍କର ସୂର୍ଯ୍ୟକାନ୍ତ ଶର୍ମା ପ୍ରମୁଖ ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଥିବା ସେବକ ସଂଘ ସମ୍ପାଦକ ଜ୍ୟୋତିର୍ମୟ ପରିଡ଼ା ପ୍ରକାଶ କରିଛନ୍ତି। ରମେଶ ଚନ୍ଦ୍ର ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଏବଂ ସିଦ୍ଧାର୍ଥ ଶଙ୍କର ରାୟଙ୍କ ଉପସ୍ଥାପନାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

■ ଓକିଲପାଳବାସୀଙ୍କ ଭୋଟ ବର୍ଜନ ନିଷ୍ପତ୍ତି

## ଗ୍ରାମବାସୀଙ୍କ ସହ ତହସିଲଦାରଙ୍କ ଆଲୋଚନା

ରାଜନଗର, ୧୫।୪ (ଡି.ଏନ୍.ଏ.)

ସାଧାରଣ ନିର୍ବାଚନ ପାଇଁ ରାଜନୈତିକ ମାହୋଲ ସରଗରମ ହୋଇଥିବା ବେଳେ ଆଞ୍ଚଳିକ ସମସ୍ୟା ସମାଧାନକୁ ଗୁରୁତ୍ୱ ଦେଇଛନ୍ତି ଭୋଟର। ଆଞ୍ଚଳିକ ସମସ୍ୟାର ସମାଧାନ କରା ନଗଲେ ଗ୍ରାମାଞ୍ଚଳବାସୀ ଭୋଟ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ରାଜନଗର ନିର୍ବାଚନ ମଣ୍ଡଳୀ ଅଧୀନ ଗୁପ୍ତି ପଞ୍ଚାୟତ ଓକିଲପାଳ ଗ୍ରାମରେ ବିଭିନ୍ନ ସମସ୍ୟା ଥିବାରୁ ସେଗୁଡ଼ିକର ସମାଧାନ କରା ନଗଲେ ଗ୍ରାମବାସୀ ଚଳିତ ସାଧାରଣ ନିର୍ବାଚନରେ ମତଦାନ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। ତେବେ ସୋମବାର ସ୍ଥାନୀୟ ତହସିଲଦାର ଦ୍ୱିବେନ୍ଦୁ ଶେଖର ଦାସ ଓକିଲପାଳରେ ପହଞ୍ଚି ଗ୍ରାମବାସୀଙ୍କ ଆଲୋଚନା କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ବୈଠକରେ ଗ୍ରାମର ମୁରବି ବିଚିତ୍ର କୁମାର ଦାସ, ରମେଶ ଚନ୍ଦ୍ର ଦାସ, ଦୁର୍ଯ୍ୟୋଧନ ଦାସ, କେଶବ ଚନ୍ଦ୍ର ଜେନା, ଅମର ସାମଲ, ସନାତନ ସାମଲ, ଶରତ କୁମାର ପ୍ରଧାନ, ଜଗବନ୍ଧୁ ଲେଙ୍କା ପ୍ରମୁଖ ଯୋଗଦେଇ ସେମାନଙ୍କର ପ୍ରମୁଖ ସମସ୍ୟା ସମ୍ପର୍କରେ କହିଥିଲେ। ଦୀର୍ଘ ୪୦ବର୍ଷ ହେଲା ସେମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦିଆଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏ ସମସ୍ତ ଅସୁବିଧା ସମ୍ପର୍କରେ ଜିଲା ପ୍ରଶାସନ ମଧ୍ୟ ଅବଗତ ଥିବା ବେଳେ ଏହାର ସମାଧାନ ଦିଗରେ ଦୃଷ୍ଟି ଦିଆଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ତେବେ ଆସନ୍ତା ଦୁଇ ଦିନ ମଧ୍ୟରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଲିଖିତ ଭାବେ ଦେବା ସହ ଏହାର ସମାଧାନ ଦିଗରେ ଦୃଷ୍ଟି ଦିଆଯିବ ବୋଲି ତହସିଲ ଦାସ କହିଥିଲେ।



ତହସିଲଦାର ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ସୂଚନାଥାଉ କି, ଭିତରକନିକା ଜାତୀୟ ଉଦ୍ୟାନର ସୁନେଇରୂପେଇ ସଂରକ୍ଷିତ ଜଙ୍ଗଲ ସୀମାରେ ଓକିଲପାଳ ଗ୍ରାମ ରହିଛି। ଏହି ଗ୍ରାମରେ ୨୭୦ଟି ପରିବାର ବସବାସ କରୁଥିବା ବେଳେ ଏହାକୁ ଅଦ୍ୟାବଧି ରାଜସ୍ୱଗ୍ରାମ ମାନ୍ୟତା ମିଳିନାହିଁ। ଏଥିସହ ଚାଷଜମି ପଟ୍ଟା ଏବଂ ଘରବାଡ଼ି ପଟ୍ଟା ମଧ୍ୟ ସେମାନଙ୍କୁ ମିଳିନାହିଁ। ଦୀର୍ଘବର୍ଷ ଧରି ଏଠାକାର ଲୋକେ ଏ ସମସ୍ତ ସମସ୍ୟା ସମ୍ପର୍କରେ ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରୁଥିବା ବେଳେ ଏହାର ସମାଧାନ ଦିଗରେ ଦୃଷ୍ଟି ଦିଆଯାଇନାହିଁ। ଫଳରେ ଗ୍ରାମବାସୀ ଭୋଟ ବର୍ଜନ ନିଷ୍ପତ୍ତି ନେଇଛନ୍ତି।

## ହୀନ ରାଜନୀତି କରୁଛନ୍ତି ଅଲେଖ-ବ୍ଲକ ଉପାଧ୍ୟକ୍ଷା

ରାଜନଗର, ୧୫।୪ (ଡି.ଏନ୍.ଏ.)

ରାଜନଗର ହାଇସ୍କୁଲ ପଡ଼ିଆରେ ଗତ ୧୩ ତାରିଖରେ ଭାଜପାର ବିଜୟ ସଙ୍କଳ୍ପ ସଭା ଅବସରରେ ରାଜନଗର ବ୍ଲ ଉପାଧ୍ୟକ୍ଷା ବିନିଲତା ମାଝି ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଥିବା ଭାଜପା ବିଧାୟକ ପ୍ରାର୍ଥୀ ଅଲେଖ କୁମାର ଜେନା କହିଥିଲେ। ଏହି ସଭାରେ କେନ୍ଦ୍ରାପଡ଼ା ଲୋକ ସଭାର ଭାଜପା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ। ବିନିଲତାଙ୍କ ସ୍ୱାମୀ ସଭାମଞ୍ଚରେ ଉପସ୍ଥିତ ଥିବା ବେଳେ ଅଲେଖ ତାଙ୍କ ବେକରେ ଫୁଲମାଳ ପକାଇବା ସହ ବିନିଲତା ମାଝି ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଥିବା ଘୋଷଣା କରିଥିଲେ।

ତେବେ ସୋମବାର ବିନିଲତା ଏକ ପ୍ରେସ୍ ବିବୃତିରେ ଦର୍ଶାଇଛନ୍ତି, ମୁଁ ବିଜେଡିରେ ଥିଲି, ଅଛି ଓ ଆଗକୁ ରହିବି। ରାଜନଗରର ବିଜେଡି ବିଧାୟକ ପ୍ରାର୍ଥୀ ଧ୍ରୁବ ଚରଣ ସାହୁ ରାଜନଗର ଅଞ୍ଚଳରେ ବିକାଶ ପାଇଁ ସର୍ବଦା ଉଦ୍ୟମ କରିଆସୁଛନ୍ତି। ଅଲେଖ କୁମାର ଜେନା ନିର୍ବାଚନମଣ୍ଡଳୀବାସୀଙ୍କୁ ମିଛ କହୁଥିବା ଓ ବିଧାୟକ ଥିବା ସମୟରେ ଦୁର୍ନୀତିରେ ବୁଡ଼ି ରହିଥିବା ବେଳେ ଏବେ ହୀନ ରାଜନୀତି କରୁଛନ୍ତି ବୋଲି ବିନିଲତା ଉକ୍ତ ପ୍ରେସ୍ ବିବୃତିରେ ଦର୍ଶାଇଛନ୍ତି। ଅଲେଖଙ୍କ ସହ ମୋର କେବେ ଦେଖାହୋଇନି, ଏହାସତ୍ତ୍ୱେ ମୁଁ ଭାଜପାରେ ମିଶିଲି ବୋଲି ସେ ଘୋଷଣା କରିଛନ୍ତି। ତାହା ମୋତେ ବିସ୍ମିତ କରିଛି। ଅଲେଖ ଏଥିପାଇଁ ନିସର୍ତ୍ତ କ୍ଷମାପ୍ରାର୍ଥନା କରନ୍ତୁ ବୋଲି ବିନିଲତା କହିଛନ୍ତି।

## ଫଟୋରେ ଖବର



ସୋମବାର ପୂର୍ବାହ୍ନରେ ୫ ନଂ.(କ) ଜାତୀୟ ରାଜପଥର ସାମଗୁଡ଼ିଆଠରେ ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ ପକ୍ଷରୁ ତନଖୀ କରାଯାଉଛି।



ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଭୋଟ ବୁଥ୍‌କୁ ଯିବା ପାଇଁ ବାକ୍ସରେ ଆବଶ୍ୟକ କାଗଜପତ୍ର ରଖାଯାଉଛି।

### ଡା. ତପନ ସାହୁଙ୍କ ବିୟୋଗରେ ଶୋକସଭା

ଡେରାବିଶ, ୧୫।୪(ସ୍ୱ.ପ୍ର.)

ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଚାନ୍ଦୋଳସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଡା. ତପନ ସାହୁଙ୍କ ବିୟୋଗରେ ଇତିମଧ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଡା. ଏମ୍‌ଡି. ନାଜରୁଲ ଅଖତର ଶୋକସଭାରେ ଅଧକ୍ଷତା କରିଥିଲେ। ସ୍ୱର୍ଗତ ସାହୁ ଭିନ୍ନକ୍ଷମ ସତ୍ତ୍ୱେ ଅଞ୍ଚଳରେ ଲୋକଙ୍କୁ ବେଳ ଅବେଳରେ ଚିକିତ୍ସା ସେବା ଯୋଗାଇ ଆସୁଥିଲେ। ଶୋକସଭାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାଶିଷ୍ଟ, କର୍ମଚାରୀ ପ୍ରମୋଦ କୁମାର ରଥ, ସ୍ୱାସ୍ଥ୍ୟକର୍ମୀ ଏଲିଜାବେଥ୍, ଚାନ୍ଦୋଳ ବଜାରର ଔଷଧ ବ୍ୟବସାୟ ଅକ୍ଷୟ କୁମାର ସାହୁ, ବିଭୂତି ଭୂଷଣ ଦାସ, ଶୁଭେନ୍ଦୁ କୁମାର ପ୍ରତାପ ପ୍ରମୁଖ ଉପସ୍ଥିତ ଥିଲେ ।




# ଟମାଟୋ ଫେସ୍‌ମାସ୍କ

**ଟମାଟୋ ଆମ ଶରୀର ଲାଗି ବହୁତ ଉପାଦେୟ। ଏହା ମଧ୍ୟ ହିମୋଗ୍ଲୋବିନ୍ ବଢ଼ାଇବାରେ ସହାୟକ ହୁଏ। କିନ୍ତୁ ଆପଣ ଜାଣିଛନ୍ତି କି ଏହି ଟମାଟୋ ମୁହଁର ସୁନ୍ଦରତା ବଢ଼ାଇଥାଏ ? ଆଜ୍ଞା ହଁ , ଟମାଟୋରେ ପ୍ରସ୍ତୁତ ଫେସମାସ୍କ ମୁହଁର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିବାରେ ସାହାଯ୍ୟ କରିଥାଏ। ତେବେ ଆସନ୍ତୁ ଜାଣିବା ଟମାଟୋରେ କିପରି ଫେସମାସ୍କ ବ୍ୟବହାର ସମ୍ପର୍କରେ..**

### ଟମାଟୋ ଓ ଦହି

ଟମାଟୋ ଓ ଦହିର ମିଶ୍ରଣକୁ ମୁହଁରେ ଲଗାନ୍ତୁ। ଏହାକୁ ପ୍ରସ୍ତୁତ କରିବାକୁ ହେଲେ ଅଳ୍ପ ଟମାଟୋ ରସ, ଏକ ଚାମଚ ଦହି, ଏକ ଚାମଚ ଲେମ୍ବୁରସ, ଅଳ୍ପ ପରିମାଣର ହଳଦୀ ଓ ଏକ ଚାମଚ ମହୁ ନିଅନ୍ତୁ। ଏବେ ଏକ ପାତ୍ରରେ ସବୁ ସାମଗ୍ରୀକୁ ଭଲଭାବେ ମିଶାଇ ଦିଅନ୍ତୁ। ପରେ ଏହି ପେଷ୍ଟକୁ ମୁହଁରେ ଲଗାନ୍ତୁ। ଏହା ମଧ୍ୟ ଆଖିତଳ ଡାର୍କ ସର୍କଲ ଦୂର କରିବା ସହ ମୁହଁର ତ୍ୱଚାରେ ନମନୀୟତା ଆଣିଥାଏ।

### ଟମାଟୋ ଓ ଅଲିଭ୍ ଅଏଲ

ଟମାଟୋ ଓ ଅଲିଭ ଅଏଲର ପେଷ୍ଟ ଲଗାଇବା ଦ୍ୱାରା ତ୍ୱଚା ସଫା ଦେଖାଯାଏ। ଏହି ପେଷ୍ଟ ମୁହଁରେ ଥିବା ଦାଗ ଦୂର କରିବାରେ ସାହାଯ୍ୟ କରେ। ଯେଉଁମାନଙ୍କର ମୁଖବ୍ରଣ ସମସ୍ୟା ରହିଛି, ତାଙ୍କ ପାଇଁ ଏହି ପେଷ୍ଟ ଭଲ କାମ କରିଥାଏ। ଏହି ପ୍ୟାକ୍ ପ୍ରସ୍ତୁତ କରିବାକୁ ହେଲେ ଟମାଟୋ ରସ ଏକ ଚାମଚରେ ଅଲିଭ୍ ଅଏଲକୁ ମିଶାନ୍ତୁ। ମୁହଁ ତଥା ବେକରେ ଲଗାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଛାଡିଦିଅନ୍ତୁ। ତା'ପରେ ଧୋଇହୋଇ ପଡିଲେ ମୁହଁରେ ଚମକ ଆସିଥାଏ।

### ଟମାଟୋ ଓ ଆଲୋଭେରା

ଟମାଟୋ ସହିତ ଆଲୋଭେରା ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ୧୦ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଫେସ୍‌ମାସ୍କ ଶୁଖିଗଲା ପରେ ଭଲଭାବେ ଧୋଇଦିଅନ୍ତୁ। ଏହାଦ୍ୱାରା ଡାର୍କ ସର୍କଲ ଓ ଡାର୍କ ସ୍ପଟ୍ ଦୂର ହୋଇଥାଏ।

### ଟମାଟୋ ଓ ମହୁ

ଟମାଟୋ ଓ ମହୁକୁ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ପ୍ରସ୍ତୁତ କରିବାକୁ ହେଲେ ଗୋଟିଏ ଛୋଟ ଟମାଟୋ, ଦୁଇ ଚାମଚ ମହୁରେ ଏକ ଚାମଚ ଲେମ୍ବୁରସକୁ ଭଲଭାବେ ମିଶାନ୍ତୁ। ଏହି ପେଷ୍ଟକୁ ହାଲ୍‌କା ହାତରେ ମୁହଁରେ ଲଗାଇ ଦିଅନ୍ତୁ। ପାଖାପାଖି ୧୫ମିନିଟ୍ ରଖିବା ପରେ ମୁହଁକୁ ଭଲଭାବେ ଧୋଇଦିଅନ୍ତୁ। ଏହାଦ୍ୱାରା ମୁହଁ ଆହୁରି ଉଜ୍ଜ୍ୱଳ ଦେଖାଯିବ।



ଖାଦ୍ୟରୁଚି

# ଡାଲ୍ ପନିର

### ଆବଶ୍ୟକ ସାମଗ୍ରୀ

ଗୁଣ୍ଡ ହୋଇଥିବା ପନିର ଏକ କପ୍, ଭିଜା ଯାଇଥିବା ଚଣାଡାଲି ଦୁଇକପ୍, ଏକ ଚାମଚ ଅଦା ରସୁଣ ପେଷ୍ଟ, ତେଜପତ୍ର, ଶୁଖିଲା ଲଙ୍କା, ଲବଙ୍ଗ, ଡାଲ୍‌ଚିନି ଖଣ୍ଡ, ଦୁଇଟି କଳା ଇଲାଇଚି, ଛୋଟ ଆକାରରେ କଟା ହୋଇଥିବା ପିଆଜ ୨ଟା, କଟା ହୋଇଥିବା ଟମାଟୋ ଦୁଇଟି, ଏକ ଚାମଚ ହଳଦୀଗୁଣ୍ଡ, ଦୁଇ ଚାମଚ କଶ୍ମୀରୀ ମିର୍ଚ୍ଚ ପାଉଡର, ଆବଶ୍ୟକ ଅନୁସାରେ ତେଲ ଏବଂ ସ୍ୱାଦ ଅନୁସାରେ ଲୁଣ।




### ପ୍ରସ୍ତୁତି ପ୍ରଣାଳୀ

ଏକ କଡ଼ାଇରେ ତେଲ ଗରମ କରି ପନିରକୁ ଭାଜନ୍ତୁ। ଭାଜି ହେଲାପରେ ପ୍ରେସରକୁକରରେ ତେଲ ପକାଇ ଶୁଖିଲା ଲଙ୍କା, ଲବଙ୍ଗ, ତେଜପତ୍ର, ଡାଲ୍‌ଚିନି ଓ ଇଲାଇଚି ପକାଇ ଛୁଙ୍କ କରନ୍ତୁ। ଏହାପରେ ପିଆଜ ପକାଇ ଏହା ଗୋଲଡେନ୍ କଲର ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପୁଣି ଅଦା-ରସୁଣ ପେଷ୍ଟ, ହଳଦୀ ପାଉଡର, କଶ୍ମୀରୀ ମିର୍ଚ୍ଚ ପାଉଡର, ଟମାଟୋ ପକାଇ କିଛି ସମୟ କଷନ୍ତୁ। ଏବେ ଏଥିରେ ଚଣାଡାଲି, ଲୁଣ, ପାଣି ପକାନ୍ତୁ। ପାଣି ଯେତେବେଳେ ଫୁଟିବା ଆରମ୍ଭ କରୁଛି ସେତେବେଳେ ତାକୁ ଭଲଭାବେ ସିଝିବାକୁ ଛାଡ଼ିଦିଅନ୍ତୁ। ଯେତେବେଳେ ଡାଲି ପୂରା ସିଝିଗଲା ସେତେବେଳେ ଆଗରୁ ଭଜା ହୋଇଥିବା ପନିର ଖଣ୍ଡକୁ ପକାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଡାଲ୍ ପନିର।



# ଏଲ୍ଏଚ୍ ଓ ଏଫ୍ଏସ୍ଏଚ୍‌ର ସନ୍ତୁଳିତ ସ୍ତର




**"ଏଫ୍ଏସ୍ଏଚ୍ (ଫଲିକିଲ ଷ୍ଟିମୁଲେଟିଂ ହରମୋନ) ଆସିଷ୍ଟେଟ ରିପ୍ରଡକ୍ଟିଭ ଟେକ୍ନୋଲୋଜି (ଏଆର୍‌ଟି)ରେ ଅଧିକ ବ୍ୟବହାର କରାଯାଇଥାଏ। ଫଲିକ ଷ୍ଟିମୁଲେଟିଂ ହରମୋନ ସହିତ ସିନର୍ଜିରେ ଏଲଏଚ ହରମୋନ ସାଧାରଣ ଫଲିକୁଲାର ବୃଦ୍ଧି ଓ ଓଲୁଭେଶନକୁ ଉତ୍ତେଜିତ କରିଥାଏ। ଡିମ୍ବାଶୟ ମଧ୍ୟରେ ଫ୍ଲୁଇଡ ଦ୍ୱାରା ପୂରଣ ହୋଇଥିବା ସିଷ୍ଟ ଭିତରେ ଡିମ୍ବଗୁଡିକ ଉତ୍ପନ୍ନ ହୋଇଥାଆନ୍ତି, ଯାହାକୁ 'ଫଲିକିଲ୍' କୁହାଯାଏ। ଯେତେବେଳେ ମହିଳାମାନଙ୍କର ମାସିକ ଋତୁସ୍ରାବ ହୋଇଥାଏ, କୌଣସି ପ୍ରଜନନ ଔଷଧ ଗ୍ରହଣ କରାଯାଇ ନ ଥିବା ଏକ ପ୍ରାକୃତିକ ପ୍ରଜନନ ଚକ୍ରରେ ସମୟ ଅନୁଯାୟୀ ବିଭିନ୍ନ ଫଲିକିଲର ବୃଦ୍ଧି ଘଟିଥାଏ।"**

-ଡା. ଲିପ୍‌ସା ମିଶ୍ର


**ଏଲ୍ଏଚ୍ ଓ ଏଫ୍ଏସ୍ଏଚ୍ କ'ଣ :** ଲୁଟେଞ୍ଜିଂ ହରମୋନ (ଏଲ୍ଏଚ୍) ହେଉଛି ପିଟ୍ୟୁଟାରୀ ଗ୍ଲାଣ୍ଡରୁ ଉତ୍ପନ୍ନ ହେଉଥିବା ଏକ ପ୍ରମୁଖ ପ୍ରଜନନକାରୀ ହରମୋନ, ଯାହା ଋତୁଚକ୍ର ଏବଂ ଓଭୁଲେଶନ ସମୟକୁ ନିୟନ୍ତ୍ରଣ କରିଥାଏ। ଏଲ୍ଏଚ ଉତ୍ପନ୍ନର ସ୍ତରଗୁଡିକ ବଢିବା ସହିତ ଓଭୁଲେଶନ ମଧ୍ୟ ପ୍ରଭାବିତ ହୋଇଥାଏ। ସେହିପରି ଫଲିକିଲ ଷ୍ଟିମୁଲେଟିଂ ହରମୋନ(ଏଫ୍ଏସ୍ଏଚ୍) ହେଉଛି ପ୍ରତ୍ୟେକ ଋତୁଚକ୍ରରେ ଡିମ୍ବାଶୟରେ ଡିମ୍ବଗୁଡିକର ପରିପକ୍ୱତା ନିମନ୍ତେ ପିଟ୍ୟୁଟାରୀ ଗ୍ଲାଣ୍ଡରୁ ଉତ୍ପନ୍ନ ହେଉଥିବା ଆଉ ଏକ ଦରକାରୀ ପ୍ରଜନନକାରୀ ହରମୋନ। ଚକ୍ର ସମୟରେ ଏଫ୍ଏସଏଚ୍‌ର ସ୍ତରଗୁଡିକ ଭିନ୍ନ ହୋଇଥାଏ। କିନ୍ତୁ ଓଭୁଲେଶନର କିଛି ସମୟ ପୂର୍ବରୁ ଏଗୁଡିକ ଅଧିକ ହୋଇଥାଏ।

**ଆଇଭିଏଫ୍ ଚିକିତ୍ସା ସମୟରେ ଏଲ୍ଏଚ୍ ଓ ଏଫ୍ଏସ୍ଏଚ୍‌ର ସିନର୍ଜି କାହିଁକି ଗୁରୁତ୍ୱପୂର୍ଣ୍ଣ :** ଏଫଏସଏଚ (ଫଲିକିଲ ଷ୍ଟିମୁଲେଟିଂ ହରମୋନ) ଆସିଷ୍ଟେଡ୍ ରିପ୍ରଡକ୍ଟିଭ ଟେକ୍ନୋଲୋଜି (ଏଆର୍‌ଟି)ରେ ଅଧିକ ବ୍ୟବହାର କରାଯାଇଥାଏ। ଫଲିକିଲ ଷ୍ଟିମୁଲେଟିଂ ହରମୋନ ସହିତ ସିନର୍ଜିରେ ଏଲ୍ଏଚ ହରମୋନ ସାଧାରଣ ଫଲିକୁଲାର ବୃଦ୍ଧି ଓ ଓଲୁଭେଶନକୁ ଉତ୍ତେଜିତ କରିଥାଏ। ଡିମ୍ବାଶୟ ମଧ୍ୟରେ ଫ୍ଲୁଇଡ ଦ୍ୱାରା ପୂରଣ ହୋଇଥିବା ସିଷ୍ଟ ଭିତରେ ଡିମ୍ବଗୁଡିକ ଉତ୍ପନ୍ନ ହୋଇଥାଆନ୍ତି, ଯାହାକୁ 'ଫଲିକିଲ୍' କୁହାଯାଏ। ଯେତେବେଳେ ମହିଳାମାନଙ୍କର ମାସିକ ଋତୁସ୍ରାବ ହୋଇଥାଏ, କୌଣସି ପ୍ରଜନନ ଔଷଧ ଗ୍ରହଣ କରାଯାଇ ନ ଥିବା ଏକ ପ୍ରାକୃତିକ ପ୍ରଜନନ ଚକ୍ରରେ ସମୟ ଅନୁଯାୟୀ ବିଭିନ୍ନ ଫଲିକିଲଗୁଡିକର ବୃଦ୍ଧି ଘଟିଥାଏ। କିଛି ସପ୍ତାହ ପରେ ଏହି ଫଲିକିଲମାନଙ୍କ ମଧ୍ୟରେ ମାତ୍ର ଗୋଟିଏ ପରିପକ୍ୱ ହେବାକୁ ଓ ଫାଟିବାକୁ ବିକଶିତ ହୋଇଥାଏ ଏବଂ ଓଭୁଲେଶନ ସମୟରେ ଏହାର ଡିମ୍ବ ନିଷ୍କାସନ କରିଥାଏ। ବିକଶିତ ହେବାକୁ ଆରମ୍ଭ କରୁଥିବା ଅନ୍ୟ ସମସ୍ତ ଫଲିକିଲ ବୃଦ୍ଧି କରନ୍ତି ନାହିଁ ଏବଂ ପୁନର୍ଗଠିତ ହୋଇଥାଆନ୍ତି। ପରିଶେଷରେ ଗର୍ଭାଶୟ ମଧ୍ୟରେ ବହୁ କମ୍ ପରିମାଣର ଡିମ୍ବ ମହିଳାମାନଙ୍କ ପ୍ରାଜନନିକ ଜୀବନ ଅବଧି ସମୟରେ ଡିମ୍ବ ନିଷ୍କାସିତ କରିବାକୁ ରହିଥାଆନ୍ତି।

ଏଆର୍‌ଟି ପୂର୍ବରୁ ଏଫ୍ଏସଏଚ ଥିବା ଔଷଧଗୁଡିକ ଦ୍ୱାରା ଫଲିକିଲ ଓ ଡିମ୍ବଗୁଡିକର ପୁନାରମ୍ଭ ସମ୍ଭବ। ଏହା ହେଉଛି ଏକ ହରମୋନ, ଯେଉଁ କାରଣରୁ ପିଟ୍ୟୁଟାରୀ ଗ୍ଲାଣ୍ଡ ଗୋଟିଏ ଡିମ୍ବ ବିକଶିତ କରିଥାଏ। ଯଦି ମହିଳାଙ୍କ ଏଫ୍ଏସ୍ଏଚ୍‌ର ରକ୍ତସ୍ତରର ବୃଦ୍ଧି ଘଟିଥାଏ, ତେବେ ମୋଟାମୋଟି ଭାବେ ସେହି ସମାନ ହାରରେ ବିଭିନ୍ନ ଫଲିକିଲର ବିକାଶ ହୋଇଥାଏ, ଯାହା ଏକାଧିକ ପରିପକ୍ୱ ଡିମ୍ବକୁ ସଂଗ୍ରହ କରିବା ପାଇଁ ଅନୁମତି ପ୍ରଦାନ କରିଥାଏ।

**ଆଇଭିଏଫ୍ ସାଇକେଲ ପୂର୍ବରୁ ଉପଚାରର ଭୂମିକା:**କେତେକ ମହିଳା, ଯେଉଁମାନେ ଆଇଭିଏଫ ଚିକିତ୍ସା ପାଇଁ ଇଚ୍ଛୁକ ଥାଆନ୍ତି, ସେମାନଙ୍କୁ ପରାମର୍ଶ ଦିଆଯାଇଥିବା ଉପଚାର କାରଣରୁ କିଛି ସମୟ ପାଇଁ ପିଟ୍ୟୁଟାରୀ ଗ୍ରନ୍ଥିରୁ ଅଧିକ ପରିମାଣର ଏଫ୍ଏସଏଚ ଏବଂ ଏଲଏଚ୍ ନିର୍ଗତ ହୋଇଥାଏ, ଯେପର୍ଯ୍ୟନ୍ତ ଏଥିରେ ଗଚ୍ଛିତ କମ୍ ହୋଇ ନ ଥାଏ। ଏହି ପ୍ରକାର ଅବିରତ ଉପଚାର ଦ୍ୱାରା ଗ୍ଲାଣ୍ଡରେ ନୂତନ ଏଫଏସଏଚ ଏବଂ ଏଲଏଚ ନିର୍ଗମନକୁ ରୋକିଥାଏ ଏବଂ ଗୋଟିଏ ଦିନ ପ୍ରତି ଏହିସବୁ ହରମୋନ ନିର୍ଗମନ ୭ରୁ ୧୦ ଦିନ ମଧ୍ୟରେ ସୀମିତ ରହିଥାଏ। ଉପଚାରର ମୁଖ୍ୟ ଲକ୍ଷ୍ୟ ହେଉଛି ଫୋଲିସିଲ ବୃଦ୍ଧି ସମୟରେ ରକ୍ତରେ ଏଲଏଚ ସ୍ତରକୁ ହ୍ରାସ କରାଇବା, ଯେବେକି ଉଚ୍ଚ ସ୍ତରର ଏଲଏଚ ଡିମ୍ବ ଗୁଣବତ୍ତାକୁ ହ୍ରାସ, ଅପରିପକ୍ୱ ଡିମ୍ବାଶୟ ନିଷ୍କାସନ ଏବଂ ଡିମ୍ବାଶୟ ଦ୍ୱାରା ପ୍ରୋଜେଷ୍ଟେରୋନ ସିନ୍ଥେସିସ୍‌କୁ ଉତ୍ତେଜିତ କରିପାରେ। ପ୍ରୋଜେଷ୍ଟେରୋନରେ ଅପରିପକ୍ୱତା ୟୁଟେରାଇନ ଲାଇନିଂର ଅନୁପଯୁକ୍ତ ବିକାଶ କରିଥାଏ ଏବଂ ଭ୍ରୂଣ ସ୍ଥାପନାରେ କମ୍ ଆଶଙ୍କା ଥାଏ। ଏଲଏଚ ଏବଂ ଏଫଏସଏଚ୍‌ର ସିନର୍ଜି ରକ୍ତ ସ୍ତରର ଅହେତୁକ ବୃଦ୍ଧିର କାରଣ ହୋଇଥାଏ। ତୃତୀୟ ଦିନର ଉପଚାରରେ ଏଲଏଚ୍+ଏଫଏସଏଚ୍‌ର ସତ୍ତ୍ୱକୁ ଏକତ୍ର ନିଆଯାଏ, ଯାହାକି ଫୋଲିସିଲର ଅବିରତ ବୃଦ୍ଧିକୁ ଉତ୍ତେଜିତ କରିଥାଏ, ଯେବେକି ଏଫଏସଏଚ୍‌ର ପିଟ୍ୟୁଟାରୀ ନିର୍ଗମନ ହ୍ରାସ ପାଇଥାଏ।





ନିକଟରେ କରାଯାଇଥିବା ସର୍ବେକ୍ଷଣରୁ ଜଣାଯାଇଛି ଯେ, ଏଲଏଚ୍ କମ୍ ଥିବା ରୋଗୀମାନଙ୍କର ଡିମ୍ବାଶୟର ପ୍ରତିକ୍ରିୟା ଆଣ୍ଟାଗୋନିଷ୍ଟ ସାଇକେଲ ମଧ୍ୟରେ ଗତି କରିଥାନ୍ତି ଏବଂ ଥରେ ଯେତେବେଳେ ଏଫଏସଏଚ ଏଲଏଚ ସପ୍ଲିମେଣ୍ଟେଶନ ସହିତ ଏକତ୍ର ହୋଇଥାଏ, ସେତେବେଳେ କିଛି ନିର୍ଦ୍ଦିଷ୍ଟ ଫଳାଫଳ ପାଇଁ ଏଫଏସଏଚ ଏକୁଟିଆ ପୁନଃ ମିଳନ ହୋଇଥାଏ। ଏହାର ମୁଖ୍ୟ ଫଳାଫଳ ଥିଲା କି ଜନ୍ମ ହେବା ରେଟ୍ ଏବଂ ଦ୍ୱିତୀୟ ଫଳାଫଳଗୁଡିକ ଉତ୍ତମ ଏସ୍ଟ୍ରାଡିଅଲ ସ୍ତର, ଡିମ୍ବ ସଂଖ୍ୟା ସଂଗ୍ରହ, ଭ୍ରୂଣ ସ୍ଥାନାନ୍ତରଣ ଏବଂ ପ୍ରୋଜେନ, ମହିଳାମାନଙ୍କଠାରେ ଏଣ୍ଡୋମେଟେରିଆଲ ମୋଟାପା ଦେଖାଯାଇଥାଏ, ଯେଉଁମାନେ କି ଏକତ୍ର ସପ୍ଲିମେଣ୍ଟ ନେଇଥାନ୍ତି।

ପାଖାପାଖି ୨୦୭ ଆଇଭିଏଫ ସାଇକେଲଙ୍କ ମଧ୍ୟରେ ଏକ କେସ୍ ଷ୍ଟଡି କରାଯାଇଥିଲା। ଯେଉଁଠାରେ ୮୧ଟି ସାଇକେଲ ସ୍ୱାଭାବିକ ଥିବା ବେଳେ ୫୧ ଜଣଙ୍କୁ ଏଲଏଚ ସପ୍ଲିମେଣ୍ଟେଶନ ଦିଆଯାଇଥିଲା ଏବଂ ୭୫ ଜଣଙ୍କୁ କିଛି ଦିଆଯାଇ ନ ଥିଲା। ଉକ୍ତ ତିନୋଟି ଦଳଙ୍କୁ ବୟସ ଅନୁଯାୟୀ, ଏଫଏସଏଚ ପ୍ରାରମ୍ଭିକ ଡୋଜ୍, ଭ୍ରୂଣ ସଂଖ୍ୟାରେ ସ୍ଥାନାନ୍ତରଣ, ଫ୍ରୋଜେନ ଭ୍ରୂଣର ସଂଖ୍ୟା ଏବଂ ଏଣ୍ଡୋମେଟେରିଆଲ ମୋଟାପା ଭିତ୍ତିରେ ପୃଥକ୍ କରାଯାଇଥିଲା। ତେଣୁ ଗ୍ରୁପ୍ ୧ର ୮୦ ଜଣ ମହିଳା ଏଫଏସଏଚ୍ ଉତ୍ତେଜନାର ମଧ୍ୟମ ସମୟର ଖୁବ୍ କମ୍‌ରେ ରହିଥିଲେ। ଏକ ଗୁରୁତ୍ୱପୂର୍ଣ୍ଣ ଭାବେ କେତେକ ଡିମ୍ବାଣୁ ଉଭୟ ଅନ୍ୟ ଗ୍ରୁପ୍ ତୁଳନାରେ ସଂଗ୍ରହ କରାଯାଇଥିଲା। ଯଦିଓ ସେମାନଙ୍କ ମଧ୍ୟରେ ଭ୍ରୂଣ ସ୍ଥାନାନ୍ତରଣ କିମ୍ବା ପ୍ରୋଜେନ ସଂଖ୍ୟାରେ କିଛି ବି ପାର୍ଥକ୍ୟ ନ ଥିଲା। ଗ୍ରୁପ୍ ୨ ଦଳର ମହିଳାମାନେ ଏଲଏଚ ସପ୍ଲିମେଣ୍ଟାରେ ଥିବା ବେଳେ ଯେଉଁ ରୋଗୀମାନେ ସପ୍ଲିମେଣ୍ଟ ନେଇ ନ ଥିଲେ ସେମାନଙ୍କ ତୁଳନାରେ ସିରମ ଏସ୍ଟ୍ରାଡିଅଲ ସଂଖ୍ୟା ଅଧିକ ରହିଥିଲା।

ଏହିପରି ଭାବରେ ମହିଳା ମାନଙ୍କର ଏକ ବଡ଼ ଦଳ ଏଲଏଚ ସପ୍ଲିମେଣ୍ଟେଶନରୁ ଉପକୃତ ହୋଇ ଥିଲେ। ଯଦି ଉପଯୁକ୍ତ ରୋଗୀଙ୍କ ଉପରେ ଦୃଷ୍ଟିକେନ୍ଦ୍ରିତ କରାଯାଏ, ତେବେ ଆଇଭିଏଫ୍‌ରେ ଏଲଏଚ ଏବଂ ଏଫଏସଏଚ୍ ସାଇକେଲର ସମ୍ଭାବନା ଉପାଦେୟ ହୋଇପାରେ। ଆଇଭିଏଫର ସଫଳତା ମାତ୍ରା ହେଉଛି ଅଧିକ କିନ୍ତୁ କିଛି ନିର୍ଦ୍ଦିଷ୍ଟ ମହିଳାମାନଙ୍କ କ୍ଷେତ୍ରରେ ଅଧିକ ନୁହେଁ, ଯେଉଁମାନେ କି ବାରମ୍ବାର ଶାରୀରିକ, ଆବେଗିକ ଏବଂ ଆର୍ଥିକ ଚିନ୍ତା ଦେଇ ବାରମ୍ବାର ଗତି କରିଥାନ୍ତି। ଉକ୍ତ ସର୍ବେକ୍ଷଣ ଏଲଏଚ୍ ସପ୍ଲିମେଣ୍ଟେଶନ ବ୍ୟବହାର ଦ୍ୱାରା ବର୍ଦ୍ଧିତ ସଫଳତା ମାତ୍ରାର କ୍ଷମତା ରହିଛି ବୋଲି ସୂଚିତ କରିଥାଏ।

*-ଆଇଭିଏଫ୍ ବିଶେଷଜ୍ଞ*
*ଇନ୍ଦିରା ଆଇଭିଏଫ୍, ଭୁବନେଶ୍ୱର*
*ମୋ:୯୪୩୮୧୭୫୧୦୮*




# କୁଲ୍ ଫୁଟ୍‌ୱେର

ଶୀତ ହେଉ କି ଖରା ସବୁ ସିଜନ୍‌ରେ ଝିଅମାନେ ନିଜକୁ ଅପ୍‌ଡେଟ୍ ରଖିବାକୁ ପସନ୍ଦ କରିଥାନ୍ତି। ଏଥିଲାଗି ଷ୍ଟାଇଲିଶ୍ ଲୁକ୍ ଦେଇଥାନ୍ତି। ଝିଅମାନଙ୍କ ଆସେସରିଜ୍ ମଧ୍ୟରୁ ଫୁଟ୍‌ୱେର ଅନ୍ୟତମ, ଯାହା ନିଜର ରଙ୍ଗରୂପ ଓ ଷ୍ଟାଇଲ୍ ଦ୍ୱାରା ଆପଣଙ୍କୁ ଷ୍ଟାଇଲିଶ୍ କରିଥାଏ। ଏଥିଲାଗି ଆଜି ଆପଣଙ୍କ ପାଇଁ କିଛି ଏମିତି ଫୁଟ୍‌ୱେର ଆଣିଛୁ, ଯାହାର ସାହାଯ୍ୟ ନେଇ ଆପଣ ଖରାଦିନେ ବି କୁଲ୍ ଲୁକ୍ ଦେଇପାରିବେ।

**କଲରଫୁଲ୍ ଫୁଟ୍‌ୱେର**

ପ୍ଲେନ୍ ଟି ଶାର୍ଟ ଓ ଜିନ୍ସ ସହିତ କଲରଫୁଲ ହିଲ୍ସ ଓ ଫ୍ଲାଟ୍ ଫୁଟ୍‌ୱେର ପିନ୍ଧାଯାଇପାରେ।

**କଲରଫୁଲ୍ ବାଲେଟ୍ ଫ୍ଲାଟ୍ ଫୁଟ୍‌ୱେର**

ଯେଉଁମାନେ ହିଲ୍ ପିନ୍ଧିବାକୁ ପସନ୍ଦ କରନ୍ତି ନାହିଁ ତାଙ୍କ ପାଇଁ ପ୍ରିଣ୍ଟେଡ୍ ବାଲେଟ୍ ପୂରା ପରଫେକ୍ଟ। ଏହା ତାଙ୍କୁ ଆରାମ ଦେଇଥାଏ।



**କାଜୁଆଲ ଫୁଟ୍‌ୱେର**

ଖରା ସିଜନ୍‌ରେ ଏହି ଫନି ଡିଜାଇନ୍ ସୁଇଟେବଲ୍ ହୋଇଥାଏ। ପାର୍ଟି ଯିବାର ଥିଲେ କି କଲେଜ୍ ଏହା ଦୁଇଟି ଯାକ ଜାଗାରେ ପିନ୍ଧିବା ପାଇଁ ଉପଯୁକ୍ତ। ଏହି ସମୟରେ ବଜାରରେ କେତେ ରଙ୍ଗର ରିବନ ଷ୍ଟ୍ରେପ୍, ବିଡ୍ସ, ଲଟକନ ଓ ରେଶମ ସୂତା ଗୁଚ୍ଛରେ ସଜ୍ଜିତ ହୋଇଥିବା ସ୍ୟାଣ୍ଡେଲ୍ ମାର୍କେଟରେ ମିଳୁଛି, ତାକୁ ବି ପିନ୍ଧିପାରିବେ।



# ଘରର ମୁଖ୍ୟ ଦ୍ୱାର ଓ ବାସ୍ତୁଶାସ୍ତ୍ର

- ଘର ସାମ୍ନାରେ କୌଣସି କଣ୍ଟାଜାତୀୟ ବୃକ୍ଷ ଲଗାନ୍ତୁ ନାହିଁ। ଏପରି ଗଛ ବାହାରେ ଲଗାଇବା ଦ୍ୱାରା ସବୁ ପଜିଟିଭ୍ ଏନର୍ଜି ବାହାରକୁ ପଳାଏ। ଏହା ସହ କଣ୍ଟାଜାତୀୟ ଫୁଲ କିମ୍ବା ଗଛ ଲଗାଇବା ଦ୍ୱାରା ଘରେ ରହୁଥିବା ସଦସ୍ୟଙ୍କ ମାନସିକ ସମସ୍ୟା ଦେଖାଯାଇପାରେ।
- ଯେଉଁ ଦୁଆର ଦେଇ ଘରେ ପ୍ରବେଶ କରୁଛନ୍ତି ସେଠି କୌଣସି ଭଙ୍ଗା ଜିନିଷ ରଖନ୍ତୁ ନାହିଁ। ଭଙ୍ଗା ଚେୟାର, ଖଟ, ସୋଫା ବା ଅନ୍ୟ କୌଣସି ସାମଗ୍ରୀ ରଖିବା ଦ୍ୱାରା ଘରେ ଅଶାନ୍ତି ବଢ଼ିଥାଏ।
- ଘରର ମୁଖ୍ୟ ଦ୍ୱାର ସାମ୍ନାରେ ମନ୍ଦିର କଲେ ସେଥିରେ ଦେବଦେବୀ ବାସ କରନ୍ତି ନାହିଁ। ଏହାଦ୍ୱାରା କେତେ କଷ୍ଟ ଭୋଗିବାକୁ ପଡ଼ିପାରେ।
- ଘର ସାମ୍ନାରେ କେବେବି କୂଅ କିମ୍ବା ଗାଡ଼ ରଖନ୍ତୁ ନାହିଁ।

Dollar 69.42 (25) | Sensex 138.73 38,905.84 | Nifty 46.90 11,690.35 | Gold ₹200 32,620.00 | Silver ₹80 38,100.00



ଆଗାମୀ ବର୍ଷେ ସୁଦ୍ଧା ଫୁଲ୍‌ଫ୍ରେମ ମିରର ଲେସ୍ କ୍ୟାମେରା ବର୍ଗରେ ୨୦% ବଜାର ଅଂଶୀଦାର ହେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।

–ମନୀଷ ଶର୍ମା,ସିଇଓ, ପାନାସୋନିକ ଇଣ୍ଡିଆ



ଜେଟ ଏୟାରୱେଜ ସମସ୍ୟା ସମାଧାନ ଲାଗି ବ୍ୟାଙ୍କ, ଋଣ ପ୍ରଦାନକାରୀ ସଂସ୍ଥାଙ୍କ ସହ ମିଳିତ ହୋଇ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି।

–ସୁରେଶ ପ୍ରଭୁ, କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀଙ୍କୁ ଜେଟ୍ ପାଇଲଟଙ୍କ ଗୁହାରି

ମୁମ୍ବାଇ,୧୫-୪: ଋଣରେ ବୁଡ଼ିଯାଇଥିବା ଏୟାରଲାଇନ କମ୍ପାନୀ ଜେଟ୍ ଏୟାରୱେଜର ପାଇଲଟମାନେ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ)ଙ୍କ ନିକଟରେ ଚାକିରୀ ରକ୍ଷା ଲାଗି ଗୁହାରି କରିଛନ୍ତି। କମ୍ପାନୀର ପାଇଲଟ ସଂଗଠନ ନ୍ୟାଶନାଲ ଏଭିଏଟର୍ସ ଗିଲ୍ଡ ଏସ୍‌ବିଆଇକୁ ୧୫୦୦କୋଟି ଟଙ୍କା ଜାରି କରିବାକୁ ଅନୁରୋଧ କରିଛି। ସଂଗଠନ ସହ ଜଡ଼ିତ କମ୍ପାନୀର ୨୦ ହଜାର କର୍ମଚାରୀଙ୍କ ନିଯୁକ୍ତି ରକ୍ଷା ଲାଗି ଅନୁରୋଧ କରାଯାଇଛି। ସୂଚନାଥାଉ କି, ଋଣ ପୁନର୍ଗଠନକୁ ନେଇ ଗତ ମାସରେ ହୋଇଥିବା ଯୋଜନାନୁଯାୟୀ ଏସ୍‌ବିଆଇ ଜେଟ୍ ଏୟାରୱେଜରେ ୧୫୦୦ କୋଟି ଟଙ୍କା ନିବେଶ କରିବାର ଥିଲା। ଗିଲ୍ଡ ଉପାଧ୍ୟକ୍ଷ ଆଦିମ ବାଲିୟାନୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଜେଟ୍‌ରେ କାମ କରୁଥିବା କର୍ମଚାରୀଙ୍କ ଚାକିରୀ ବଞ୍ଚାଇବାକୁ ପଦକ୍ଷେପ ନିଅନ୍ତୁ। ସୂଚନାଥାଉ କି, ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ସୋମବାର ଜେଟ୍ ଏୟାରୱେଜର ପାଇଲଟ, ଇଞ୍ଜିନିୟର ଏବଂ ବରିଷ୍ଠ କର୍ମଚାରୀମାନେ ବେତନ ପାଇବା ଦାବି ନେଇ କମ୍ପାନୀ ମୁଖ୍ୟାଳୟରେ ଏକତ୍ରିତ ହୋଇଥିଲେ।

### ପାଇକାରୀ ମୁଦ୍ରାସ୍ଫୀତି ୩.୧୮%କୁ ବୃଦ୍ଧି



ନୂଆଦିଲ୍ଲୀ,୧୫-୪: ଖାଦ୍ୟପଦାର୍ଥ ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧି କାରଣରୁ ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି କ୍ରମାଗତ ଦ୍ୱିତୀୟ ମାସ ବୃଦ୍ଧି ପାଇଛି ଏବଂ ମାର୍ଚ୍ଚରେ ଏହା ୩.୧୮%ରେ ପହଞ୍ଚିଯାଇଛି। ସୋମବାର ଜାରି ସରକାରୀ ତଥ୍ୟରୁ ଏହା ଜଣାପଡିଛି। ଫେବୃୟାରୀରେ ଏହା ୨.୯୩% ରହିଥିବା ବେଳେ ଗତବର୍ଷ ମାର୍ଚ୍ଚରେ ୨.୭୪% ରହିଥିଲା। ଚଳିତ ବର୍ଷ ମାର୍ଚ୍ଚରେ ଖାଦ୍ୟପଦାର୍ଥ ଓ ପନିପରିବା ଦରରେ ବେଶ ବୃଦ୍ଧି ପରିଲକ୍ଷିତ ହୋଇଛି। ପନିପରିବା କ୍ଷେତ୍ରରେ ମୁଦ୍ରାସ୍ଫୀତି ଫେବୃୟାରୀରେ ୬.୮୨% ଥିବା ବେଳେ ମାର୍ଚ୍ଚରେ ଏହା ବଢ଼ି ୨୮.୧୩% ହୋଇଛି। ତେବେ ଆଳୁ ଦର ଫେବୃୟାରୀରେ ୨୩.୪୦ ପ୍ରତିଶତ ରହିଥିବା ବେଳେ ମାର୍ଚ୍ଚରେ ଏହା ହ୍ରାସ ପାଇ ୧.୩୦ ପ୍ରତିଶତ ହୋଇଛି। ଆଲୋଚ୍ୟ ମାସରେ ଖାଦ୍ୟପଦାର୍ଥ ମୁଦ୍ରାସ୍ଫୀତି ୫.୬୮ ପ୍ରତିଶତ ରହିଛି। ଇନ୍ଧନ ଏବଂ ବିଜୁଳି କ୍ଷେତ୍ରରେ ମଧ ମୁଦ୍ରାସ୍ଫୀତି ଫେବୃୟାରୀରେ ୨୨୩% ରହିଥିବା ବେଳେ ମାର୍ଚ୍ଚରେ ୫.୪୧ ପ୍ରତିଶତକୁ ବୃଦ୍ଧି ପାଇଛି। ସପ୍ତାହକ ପୂର୍ବେ ପ୍ରାପ୍ତ ତଥ୍ୟରୁ ଜଣାପଡିଛି ଯେ, ମାର୍ଚ୍ଚରେ ଖୁଚୁରା ମୁଦ୍ରାସ୍ଫୀତି ୨.୮୬%କୁ ବୃଦ୍ଧି ପାଇଛି, ଯାହାକି ଫେବୃୟାରୀରେ ୨.୫୭% ରହିଥିଲା।

### ରପ୍ତାନି ୫୪୦ ବିଲିୟନ ଛୁଇଁଲା



ମେଙ୍ଗାଲୁରୁ/ନୂଆଦିଲ୍ଲୀ,୧୫-୪: ଗତ ଆର୍ଥିକ ବର୍ଷ ୨୦୧୮-୧୯ରେ ଦେଶର ରପ୍ତାନି ସର୍ବୋଚ୍ଚ ସ୍ତର ଛୁଇଁଛି। ଏହି ଅବଧିରେ ରପ୍ତାନି ୫୪୦ ବିଲିୟନ ଡଲାର ହୋଇଛି। ଏଥିମଧ୍ୟରୁ ମର୍ଚ୍ଚାଣ୍ଡାଇଜ ରପ୍ତାନି ୩୩୦ ବିଲିୟନ ହୋଇଥିବା ବେଳେ ସେବା କ୍ଷେତ୍ରରେ ୨୧୦ ବିଲିୟନ ଡଲାର ରପ୍ତାନି ହୋଇଛି ବୋଲି ବାଣିଜ୍ୟ ମନ୍ତ୍ରୀ ସୁରେଶ ପ୍ରଭୁ କହିଛନ୍ତି। ଆଲୋଚ୍ୟ ବର୍ଷରେ ଚାଇନା ସହ ଭାରତର ବାଣିଜ୍ୟ ନିଅଣ୍ଟ ୧୦ ବିଲିୟନ ଡଲାରକୁ ହ୍ରାସ ପାଇଛି, ଯାହା କି ପୂର୍ବବର୍ଷ ୬୩ ବିଲିୟନ ଡଲାର ଥିଲା। ଅନ୍ୟପକ୍ଷରେ ଦେଶର ରପ୍ତାନି ମାର୍ଚ୍ଚରେ ୧୧ପ୍ରତିଶତ ବଢ଼ି ୩୨.୫୫ ବିଲିୟନ ଡଲାରରେ ପହଞ୍ଚିଛି। ଫାର୍ମା, ରସାୟନ ଏବଂ ଇଞ୍ଜିନିୟରିଂ ଭଳି କ୍ଷେତ୍ରରେ ଉଚ୍ଚ ବୃଦ୍ଧି ଯୋଗୁ ରପ୍ତାନି ବଢ଼ିଛି। ସୋମବାର ଜାରି ସରକାରୀ ତଥ୍ୟ ଅନୁଯାୟୀ, ମାର୍ଚ୍ଚ ୨୦୧୯ରେ ଆମଦାନୀ ୧.୪୪ ପ୍ରତିଶତ ବୃଦ୍ଧି ପାଇ ୪୩.୪୪ ବିଲିୟନ ଡଲାର ରହିଛି।

## ଆର୍ଥିକ ବର୍ଷ ୨୦୧୯ରେ

# ଇଣ୍ଡିଆ ପୋଷ୍ଟକୁ ୧୫ ହଜାର କୋଟି କ୍ଷତି

**ନୂଆଦିଲ୍ଲୀ,୧୫–୪**



- ବିଏସ୍‌ଏନ୍‌ଏଲ, ଏୟାର ଇଣ୍ଡିଆକୁ ଟପିଗଲା
- ୨୦୧୭ରେ ବିଏସ୍‌ଏନ୍‌ଏଲ ୮ ହଜାର, ଏୟାର ଇଣ୍ଡିଆ ୫୩୪୦ କୋଟି କ୍ଷତି ସହିଛି
- ଇ-କମର୍ସ ବ୍ୟବସ୍ଥା ଆପଣାଇବାକୁ ପରାମର୍ଶ

ବିଏସ୍‌ଏନ୍‌ଏଲ ଏବଂ ଏୟାର ଇଣ୍ଡିଆ ୨୦୧୯ ଆର୍ଥିକ ବର୍ଷ(୨୦୧୮–୧୯)ରେ ସର୍ବାଧିକ କ୍ଷତି ସହିଥିବା ସରକାରୀ କମ୍ପାନୀ ମନେ କରାଯାଉଥିଲା। କିନ୍ତୁ ଅନ୍ୟ ଏକ ସରକାରୀ ସଂସ୍ଥା କ୍ଷତି ସହିବାରେ ଏହି ଦୁଇ ରାଷ୍ଟ୍ରାୟତ୍ତ କମ୍ପାନୀକୁ ବଳିଯାଇଛି। ସାରା ଦେଶରେ ୧.୫ ଲକ୍ଷରୁ ଅଧିକ ଡାକଘର ଏବଂ ପପୁଲାର ସେଭିଙ୍ଗସ ସ୍କିମ୍ ଚଳାଉଥିବା ଇଣ୍ଡିଆ ପୋଷ୍ଟର କ୍ଷତି ୨୦୧୯ ଆର୍ଥିକ ବର୍ଷ(୨୦୧୮–୧୯)ରେ ୧୫ ହଜାର କୋଟି ଟଙ୍କାରେ ପହଞ୍ଚି ଯାଇଛି। ଆର୍ଥିକ ବର୍ଷ ୨୦୧୭ରେ ବିଏସ୍‌ଏନ୍‌ଏଲ୍ ଏବଂ ଏୟାର ଇଣ୍ଡିଆର କ୍ଷତିର ପରିମାଣ ଯଥାକ୍ରମେ ୮ ହଜାର କୋଟି ଏବଂ ୫୩୪୦ କୋଟି ଟଙ୍କା ଥିଲା। କ୍ଷତିରେ ଚାଲୁଥିବା ଅନ୍ୟ ସରକାରୀ ସଂସ୍ଥା ଭଳି ଇଣ୍ଡିଆ ପୋଷ୍ଟ ଦରମା ଓ ଭତ୍ତା ବାବଦରେ ଅଧିକ ବ୍ୟୟ କରୁଛି। ଫଳରେ ଏହାର ଅପରେଟିଂ କଷ୍ଟ ବା କ୍ରିୟାନ୍ୱୟନ ଖର୍ଚ୍ଚ ବଢ଼ିବାରେ ଲାଗିଛି। କେନ୍ଦ୍ର ସରକାର ବିଭିନ୍ନ ସମୟରେ ବେତନ କମିଶନ ଲାଗୁ କରିବା ଯୋଗୁ ବର୍ତ୍ତମାନ ଇଣ୍ଡିଆ ପୋଷ୍ଟ ଦରମା ଓ ଭତ୍ତା ବାବଦରେ ଏହାର ମୋଟ ରାଜସ୍ୱର ୯୦ ପ୍ରତିଶତ ଖର୍ଚ୍ଚ କରୁଛି। ତେବେ ରାଜସ୍ୱ ଆଦାୟ ଦିନକୁ ଦିନ କମିବାରେ ଲାଗିଛି। ଆର୍ଥିକ ବର୍ଷ ୨୦୧୮–୧୯ର ସଂଶୋଧିତ ଆକଳନ ଅନୁଯାୟୀ ଦରମା ଓ ଭତ୍ତା ବାବଦରେ ଏହି ରାଷ୍ଟ୍ରାୟତ୍ତ ସଂସ୍ଥା ୧୬,୬୨୦ କୋଟି ଟଙ୍କା ଖର୍ଚ୍ଚ କରିଛି। କିନ୍ତୁ ଏହା ସେହି ବର୍ଷ ୧୮ ହଜାର କୋଟି ଟଙ୍କାର ରାଜସ୍ୱ ହାସଲ କରିଛି। ସେଥିରେ ୯୭୮୨ କୋଟି ଟଙ୍କାର ପେନସନ ବାବଦ ଖର୍ଚ୍ଚକୁ ଯୋଡି ଦିଆଗଲେ ଆଲୋଚ୍ୟ ଆର୍ଥିକ ବର୍ଷରେ କେବଳ କର୍ମଚାରୀଙ୍କ ବାବଦରେ ବ୍ୟୟ ୨୬,୪୦୦ କୋଟି ଟଙ୍କା ହୋଇଛି। ଏହି ରାଷ୍ଟ୍ରାୟତ୍ତ ସଂସ୍ଥା ଆର୍ଥିକ ବର୍ଷ ୨୦୨୦ରେ ଦରମା ଓ ଭତ୍ତା ବାବଦରେ ୧୭,୪୫୧ କୋଟି ଏବଂ ପେନସନ ବାବଦରେ ୧୦,୨୭୧ କୋଟି ଟଙ୍କା ବ୍ୟୟ କରିବ ବୋଲି ଆକଳନ କରିଛି। ସେହିବର୍ଷ ରାଜସ୍ୱ ଆଦାୟ ୧୯,୨୦୩ କୋଟି ଟଙ୍କା ରହିବ ବୋଲି ଦର୍ଶାଯାଇଛି। କମ୍ପାନୀ ଏହି କ୍ଷତିରୁ ବାହାରି ଆସିବାକୁ ପ୍ରୟାସ କରୁଥିବା ବେଳେ ସାମଗ୍ରୀ ମୂଲ୍ୟ ହ୍ରାସ ପାଉଥିବାରୁ ଏବଂ ପାରମ୍ପରିକ ସେବା କ୍ଷେତ୍ରରେ ଅନ୍ୟ ବିକଳ୍ପ ମିଳୁଥିବାରୁ ତାହା ସମ୍ଭବ ହୋଇପାରୁନି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ୪.୩୩ ଲକ୍ଷ କର୍ମଚାରୀ ଏବଂ ୧.୫୬ ଲକ୍ଷ ପୋଷ୍ଟ ଅଫିସକୁ କାର୍ଯ୍ୟରେ ଲଗାଇବା ଲାଗି ଇଣ୍ଡିଆ ପୋଷ୍ଟ ଇ–କମର୍ସ ବ୍ୟବସ୍ଥା ଆପଣାଇବାକୁ ସରକାର ପରାମର୍ଶ ଦେଇଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ, ଦେଶରେ ସମସ୍ତ ବ୍ୟାଙ୍କର ଶାଖାଠାରୁ ଅଧିକ ପୋଷ୍ଟ ଅଫିସ ରହିଛି। ସେହି କାରଣରୁ କ୍ଷତି ବଢ଼ି ବଢ଼ି ଚାଲିଛି। ଇଣ୍ଡିଆ ପୋଷ୍ଟ ଗୋଟିଏ ପୋଷ୍ଟ କାର୍ଡ ଛପାଇବାରେ ୧୨.୧୫ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ମାତ୍ର ୫୦ ପଇସାରେ ଏହାକୁ ବିକୁଛି। ପାର୍ସଲ ସେବା, ବୁକ୍ ପୋଷ୍ଟ, ସ୍ପିଡ ପୋଷ୍ଟ, ରେଜିଷ୍ଟ୍ରେଶନ ଆଦି ସେବାରେ କ୍ଷତି ସହିବାକୁ ପଡୁଛି। ଏହାଛଡ଼ା ଇଣ୍ଡିଆ ପୋଷ୍ଟ ସୋଭରେନ ଗୋଲ୍ଡ ବଣ୍ଡ, ମ୍ୟୁଚୁଆଲ ଫଣ୍ଡ ଓ ବୀମା, ପାର୍ସପୋର୍ଟ ସେବା ଯୋଗାଣ, ରେଲୱେ ଟିକେଟ ଭଳି ଏକାଧିକ ଆର୍ଥିକ ସେବା କ୍ଷେତ୍ରରେ ପାଦ ଥାପିଛି। କିନ୍ତୁ ଏଥିରୁ ସେଭଳି ଲାଭ ହେଉନି। ୨୦୧୮ ଆର୍ଥିକ ବର୍ଷରେ ଏହିସବୁ ସେବା ଯୋଗାଣରୁ ୮୪୪ କୋଟି ଟଙ୍କାର ରାଜସ୍ୱ ମିଳିଛି। ଏହାଛଡ଼ା ଇଣ୍ଡିଆ ପୋଷ୍ଟ ନ୍ୟାଶନାଲ ସେଭିଙ୍ଗସ ସ୍କିମ୍ ଏବଂ ସେଭିଂ ସାର୍ଟିଫିକେଟ ବିକ୍ରି କରି ଅଧିକ ରାଜସ୍ୱ ପାଇଥାଏ। ଏହା ୨୦୧୭ ଆର୍ଥିକ ବର୍ଷରେ ମୋଟ ରାଜସ୍ୱର ୬୦% ଅର୍ଥାତ ୧୧,୫୧୧ କୋଟି ଟଙ୍କା ହାସଲ କରିଛି। ବିଶେଷଜ୍ଞଙ୍କ ମତରେ ଇଣ୍ଡିଆ ପୋଷ୍ଟର ଦେଶର କୋଣ ଅନୁକୋଣରେ ଉପସ୍ଥିତି ରହିଥିବାରୁ ଏହା ଇ–କମର୍ସ କମ୍ପାନୀଙ୍କ ଲାଗି କ୍ୟାଶ ଅନ୍ ଡେଲିଭରି ସେବା ଯୋଗାଇ ବେଶ ଅର୍ଥ ଅର୍ଜନ କରିପାରିବ। ତେବେ ଗୋଦାମ ଅଭାବ ଏଦିଗରେ ବଡ଼ ବାଧକ ହୋଇଛି।


## ଆକର୍ଷଣୀୟ ରିହାତି ଦେଉଛି ଡୁରିଆନ୍

**ଭୁବନେଶ୍ୱର,୧୫–୪**

Durian

ପ୍ରମୁଖ ଫର୍ନିଚର ବ୍ରାଣ୍ଡ ଡୁରିଆନ୍ ପକ୍ଷରୁ ଆକର୍ଷଣୀୟ ରିହାତି ଘୋଷଣା କରାଯାଇଛି। ଏହି ସମୟରେ ଗ୍ରାହକମାନେ ଡୁରିଆନ୍‌ର ଶୋ'ରୁମରେ ଫ୍ଲାଟ ୫୦% ରିହାତି ପାଇପାରିବେ। ଏହି ଅଫର ବଛାବଛା ହୋମ୍ ଏବଂ ଅଫିସ ଫର୍ନିଚର ଉପରେ ଲାଗୁ ହେବ। ମାର୍ଚ୍ଚ ୩୦ରୁ ଆରମ୍ଭ ହୋଇଥିବା ଅଫର ସୀମିତ ସମୟ ଲାଗି ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। କମ୍ପାନୀ ସାରା ଦେଶରେ ୩୭ ଷ୍ଟୋର ସହ ପ୍ରଡକ୍ଟ ଏବଂ ସେବା ଯୋଗାଣ କରୁଛି। ଭୁବନେଶ୍ୱରର ସାମନ୍ତରାପୁରଠାରେ ଗ୍ରାହକ ଏହି ଅଫର ଲାଭ କରି ପାରିବେ। ସୋଫା, ଟିପୟ, ଡାଇନିଂ, ବେଡ୍ ରୁମ ଏବଂ ଅଫିସ ଫର୍ନିଚର ବର୍ଗରେ ବିସ୍ତୃତ ପ୍ରଡକ୍ଟ ଗ୍ରାହକ ପାଇପାରିବେ। ଭୁବନେଶ୍ୱରର ଶୋ'ରୁମ ୧୫,୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଅବସ୍ଥିତ। ଗ୍ରାହକମାନେ ସେମାନଙ୍କ ଆବଶ୍ୟକତା ମୁତାବକ ବିଭିନ୍ନ ପ୍ରଡକ୍ଟ ଏଠାରେ ଲାଭ କରିବାକୁ ସକ୍ଷମ ହେବେ ବୋଲି ଡୁରିଆନ୍‌ର ରାଜ୍ୟ ମୁଖ୍ୟ ଅଜୟ ଶର୍ମା ସୂଚନା ଦେଇଛନ୍ତି। ଏଠାରେ ପ୍ୟୁର ଲେଦର, ଫ୍ୟାବ୍ରିକର ବିଭିନ୍ନ ପ୍ରଡକ୍ଟ ମଧ ସାମିଲ ରହିଛି। ବଜାଜ,ଏଚ୍‌ଡିଏଫ୍‌ସି ଏବଂ କ୍ରେଡିଟ କାର୍ଡରେ ସହଜ ଇଏମ୍‌ଆଇ ରହିଛି। ପେଟିଏମ୍ ମଲରେ ପେମେଣ୍ଟ ଉପରେ ବୋନାଞ୍ଜା ଗିଫ୍ଟ ଭାଉଚର ପାଇବେ। ଅଫରକୁ ଗ୍ରାହକଙ୍କ ଲାଗି କଷ୍ଟମାଇଜ କରାଯାଇଛି। ଗ୍ରାହକଙ୍କ ଚାହିଦାରେ ପରିବର୍ତ୍ତନ ଆସିଥିବାରୁ ବିଭିନ୍ନ ବର୍ଗର ଗ୍ରାହକଙ୍କୁ ବିଚାର କରି ପ୍ରଡକ୍ଟ ଡିଜାଇନ ହୋଇଥିବା ଶର୍ମା କହିଛନ୍ତି। ପ୍ରତି ପ୍ରଡକ୍ଟ ଉପରେ ଗ୍ରାହକ ୫ ବର୍ଷର ୱାରେଣ୍ଟି ଏବଂ ସହଜ ଡେଲିଭରି ସୁବିଧା ଦିଆଯାଉଥିବା ସେ ପ୍ରକାଶ କରିଛନ୍ତି।

## ଏସ୍‌ବିଆଇ ଲାଇଫ୍‌ର ଆଞ୍ଚଳିକ କାର୍ଯ୍ୟାଳୟ ଶୁଭାରମ୍ଭ



**ଭୁବନେଶ୍ୱର,୧୫–୪**

ଏସ୍‌ବିଆଇ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ସ୍ଥାନୀୟ ଇନଫୋସିଟି ଇନଫିନିଆ ଟାୱାରରେ ନୂଆ ଆଞ୍ଚଳିକ କାର୍ଯ୍ୟାଳୟ ଶୁଭାରମ୍ଭ ହୋଇଛି। ଏସ୍‌ବିଆଇ ଲାଇଫର ଏମ୍‌ଡି ତଥା ସିଇଓ ସଞ୍ଜୀବ ନୌଟିଆଲ ଏହାର ଉନ୍ମୋଚନ କରିଥିଲେ। ନୂଆ କାର୍ଯ୍ୟାଳୟ ଦ୍ୱାରା ସମ୍ପୂର୍ଣ୍ଣ ସୁରକ୍ଷା ଉତ୍ପାଦ ସମାଧାନ ପୋର୍ଟଫୋଲିଓକୁ ଗ୍ରାହକଙ୍କୁ ପ୍ରଦାନ କରିବାକୁ କମ୍ପାନୀ ଯୋଜନା ରଖିଛି। ଓଡ଼ିଶାରେ ବୀମା ସମାଧାନ ଲୋକଙ୍କ ନିକଟରେ ଏତେଟା ପହଞ୍ଚି ନ ଥିବାରୁ ଅଭିନବ ଢଙ୍ଗରେ ବିଭିନ୍ନ ଉତ୍ପାଦ ଏବଂ ସେବା ଯୋଗାଣ ନେଇ ଉଦ୍ୟମ ଜାରି ରହିବ ବୋଲି ସିଇଓ ନୌଟିଆଲ କହିଛନ୍ତି। ଓଡ଼ିଶାରେ ୩୮ଟି ସ୍ଥାନରେ ୪୦ ଶାଖା ସହ କମ୍ପାନୀ ଉପସ୍ଥିତିକୁ ସୁଦୃଢ଼ କରୁଥିବା ନୌଟିଆଲ କହିଛନ୍ତି। ଏଥିରେ ଏସ୍‌ବିଆଇ ସିଜିଏମ୍ ପ୍ରବୀଣା କାଲା ଏସ୍‌ବିଆଇ ଜୋନ ୩ ସଭାପତି ରବୀନ୍ଦ୍ର କୁମାର, ଆକ୍‌ଚୁରିଆଲ ରିସ୍କ ମ୍ୟାନେଜମେଣ୍ଟ ସଭାପତି ସଞ୍ଜୀବ ପୂଜାରୀ, ଏସ୍‌ବିଆଇ ଲାଇଫର ଆଞ୍ଚଳିକ ନିର୍ଦ୍ଦେଶକ ସଞ୍ଜୟ ଭଟ୍ଟନାଗର ପ୍ରମୁଖ ଉପସ୍ଥିତ ଥିଲେ।

## ନାଲ୍‌କୋ ପକ୍ଷରୁ ଆମ୍ବେଡ୍‌କର ଜୟନ୍ତୀ

**ଭୁବନେଶ୍ୱର,୧୫–୪**



ରାଷ୍ଟ୍ରାୟତ୍ତ ନାଲ୍‌କୋ ପକ୍ଷରୁ ସ୍ଥାନୀୟ ନାଲ୍‌କୋ ନଗରଠାରେ ଭାରତ ରତ୍ନ ବାବା ସାହେବ ବି.ଆର. ଆମ୍ବେଡ୍‌କରଙ୍କ ୧୨୮ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଏହି ଅବସରରେ ଆମ୍ବେଡକରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଦେଶ ଗଠନରେ ଆମ୍ବେଡ୍‌କରଙ୍କ ଯୋଗଦାନ ତଥା ଭୂମିକା ଉପରେ ଚାନ୍ଦ ଏଠାରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ସେହିଭଳି ସାମାଜିକ ଅନଗ୍ରସର ଶିଶୁଙ୍କୁ ସ୍ୱଚ୍ଛତା କିଟ୍ ପ୍ରଦାନ କରାଯାଇଥିଲା। ଏଥିରେ ନାଲ୍‌କୋର ବରିଷ୍ଠ ନିର୍ଦ୍ଦେଶକ, କର୍ମଚାରୀ, ନାଲ୍‌କୋ ଏସ୍‌ଟିଏସ୍‌ସି ୱେଲଫେୟାର ସଂଘ ଏବଂ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

## ହିରୋ ଚ୍ୟାଲେଞ୍ଜ–୨୦୧୯ ଘୋଷଣା

**ନୂଆଦିଲ୍ଲୀ,୧୫–୪**

THE Hero CHALLENGE

ଇଂଲଣ୍ଡର ଲିଭରପୁଲ ୱାଟର ପ୍ରିନ୍ସ ଡକ୍‌ରେ ଦି ହିରୋ ଚ୍ୟାଲେଞ୍ଜ–୨୦୧୯ ଗଲ୍ଫ ନାଇଟ୍ ଅନୁଷ୍ଠିତ ହେବ। ବିଶ୍ୱରଖ୍ୟାତି ସମ୍ପନ୍ନ ଗଲ୍ଫର ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥି ଲାଗି ପ୍ରଶଂସକଙ୍କୁ ମାଗଣାରେ ଟିକେଟ ପ୍ରଦାନ କରାଯିବ। ମେ ୯ରୁ ୧୨ ହିଲ୍ ସାଇଡ ଗଲ୍ଫ କ୍ଲବରେ ବେଟଫ୍ରେଡ ବ୍ରିଟିଶ ମାଷ୍ଟର ଆରମ୍ଭ ହେବାର ଦୁଇ ଦିନ ପୂର୍ବରୁ ଏହି ଗଲ୍ଫ ନାଇଟ୍ ଅନୁଷ୍ଠିତ ହେବ। ଏଭଳି ପଦକ୍ଷେପ ଦ୍ୱାରା ପେସାଦାରଙ୍କ ସହ ସମ୍ପର୍କ ଯୋଡିବା ସହିତ ଭବିଷ୍ୟତର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଥିବା ହିରୋ ମୋଟୋକର୍ପର ସିଇଓ ପୱନ ମୁଞ୍ଜାଲ କହିଛନ୍ତି।

## ବେଙ୍ଗାଲୁରୁ ଏୟାରପୋର୍ଟରୁ ଯାତ୍ରା ହେବ ମହଙ୍ଗା

**ନୂଆଦିଲ୍ଲୀ,୧୫–୪**



ଯାତ୍ରୀଙ୍କ ଲାଗି ବେଙ୍ଗାଲୁରୁ ଏୟାରପୋର୍ଟରୁ ବିମାନ ଯାତ୍ରା କରିବା ମହଙ୍ଗା ହେବାକୁ ଯାଉଛି। ବିମାନବନ୍ଦର ଆର୍ଥିକ ନିୟାମକ ପ୍ରାଧିକରଣ(ଏଇଆର୍‌ଏ) ଏହି ବିମାନବନ୍ଦରରୁ ଯାତ୍ରା କରିବାକୁ ଥିବା ଯାତ୍ରୀଙ୍କ ଠାରୁ ଟିକଟ ମୂଲ୍ୟ ସହିତ ୟୁଜର ଡେଭଲପମେଣ୍ଟ ଫିସ(ୟୁଡିଏଫ୍) ବାବଦରେ ୧୨୦ ପ୍ରତିଶତ ଚାର୍ଜ ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୪ ମାସ ପାଇଁ ଏହି ନୂଆ ବ୍ୟବସ୍ଥା ଲାଗୁ ହେବ। ନୂଆଦିଲ୍ଲୀ ଓ ମୁମ୍ବାଇ ପରେ ଦେଶର ଏହା ତୃତୀୟ ସବୁଠାରୁ ବ୍ୟସ୍ତ ବିମାନବନ୍ଦର କୁହାଯାଉଛି। ବିମାନବନ୍ଦରର ସମ୍ପ୍ରସାରଣ ଓ ଆଧୁନିକୀକରଣ କାର୍ଯ୍ୟଲାଗି ଅର୍ଥ ସଂଗ୍ରହ କରିବା ଉଦ୍ଦେଶ୍ୟରେ ଏହି ବ୍ୟବସ୍ଥା ଆପଣାଯାଇଛି। ବେଙ୍ଗାଲୁରୁ ବିମାନବନ୍ଦର କର୍ତ୍ତୃପକ୍ଷ ସୋମବାର ଏକ ବୟାନ ଜାରି କରି ଘରୋଇ ଉଡ଼ାଣ ଲାଗି ୟୁଡିଏଫ୍‌କୁ ୧୩୯ରୁ ୩୦୬ ଟଙ୍କାକୁ ବୃଦ୍ଧି କରାଯାଇଥିବା କହିଛି। ସେହିପରି ଅନ୍ତଃରାଷ୍ଟ୍ରୀୟ ଉଡ଼ାଣ ପାଇଁ ଏହା ୫୫୮ ଟଙ୍କା ବଦଳରେ ୧୨୨୬ ଟଙ୍କା ହେବ ବୋଲି କୁହାଯାଇଛି। ନୂଆ ଦର ମଙ୍ଗଳବାରଠାରୁ ଲାଗୁ ହେବ। ବିବୃତିରେ କୁହାଯାଇଛି ଯେ, ଘରୋଇ ଓ ଅନ୍ତଃରାଷ୍ଟ୍ରୀୟ ଯାତ୍ରାରେ ନୂଆ ଶୁଳ୍କ ଯଥାକ୍ରମେ ୧୨୦ ପ୍ରତିଶତ ଏବଂ ୧୧୯ ପ୍ରତିଶତ ବୃଦ୍ଧି କରାଯାଇଛି।

## କ୍ୟାରିବ୍ୟାଗ୍ ପାଇଁ ବାଟା ଗଣିଲା ୯ ହଜାର



**ନୂଆଦିଲ୍ଲୀ,୧୫–୪**

ବାଟା ଇଣ୍ଡିଆ ମାତ୍ର ୩ ଟଙ୍କାର କ୍ୟାରି ବ୍ୟାଗ୍ ପାଇଁ ୯ ହଜାର ଟଙ୍କା ଜରିମାନା ଗଣିବାକୁ ବାଧ୍ୟ ହୋଇଛି। ଜଣେ ଗ୍ରାହକଙ୍କ ଅଭିଯୋଗକ୍ରମେ କମ୍ପାନୀଠାରୁ ଏହି ଜରିମାନା ଆଦାୟ ନିର୍ଦ୍ଦେଶ ଦିଆଯାଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଫେବୃୟାରୀ ୫ରେ ଚଣ୍ଡିଗଡ଼ ସେକ୍ଟର ୨୨ସ୍ଥିତ ବାଟା ଇଣ୍ଡିଆର ଏକ ଆଉଟଲେଟରେ ଦିନେଶ ପ୍ରସାଦ ରତୁଡି ନାମକ ଜଣେ ଗ୍ରାହକ ୩୯୯ ଟଙ୍କାର ସପିଂ କରିଥିଲେ। କିନ୍ତୁ ତାଙ୍କ ପାଇଁ ୪୦୨ ଟଙ୍କାର ବିଲ୍ ତିଆରି ହୋଇଥିଲା। ଏହି ବିଲ୍‌ରେ କ୍ୟାରି ବ୍ୟାଗ୍ ବାବଦରେ ୩ ଟଙ୍କା ଯୋଡି ଦିଆଯାଇଥିଲା। ଗ୍ରାହକ ଏହି କ୍ୟାରି ବ୍ୟାଗ୍ ନେବାକୁ ଚାହୁଁ ନ ଥିଲେ, କିନ୍ତୁ ତାଙ୍କୁ ଏଥିପାଇଁ ବାଧ୍ୟ କରାଯାଇଥିଲା ଏବଂ ଚାର୍ଜ ଅସୁଲ କରାଯାଇଥିଲା। ରତୁଡି କଞ୍ଜ୍ୟୁମର ଫୋରମ୍‌ରେ ଏହା ବିରୋଧରେ ଅଭିଯୋଗ କରିଥିଲେ। ତେବେ ବାଟା ପକ୍ଷରୁ ଯୁକ୍ତି ଦର୍ଶାଯାଇ କୁହାଯାଇଥିଲା ଯେ, ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଗ୍ରାହକଙ୍କଠାରୁ ଚାର୍ଜ ଅସୁଲ କରାଯାଇଥିଲା। କିନ୍ତୁ ଫୋରମ କମ୍ପାନୀର ଏହି ଦାବିକୁ ଖାରଜ କରିଦେଇଥିଲେ। ପରିବେଶ ସୁରକ୍ଷା ଚିନ୍ତା ଥିଲେ କମ୍ପାନୀ ମାଗଣାରେ କ୍ୟାରି ବ୍ୟାଗ୍ ବାଣ୍ଟି ପାରିଥାନ୍ତା ବୋଲି ଫୋରମ କହିଥିଲେ। ରତୁଡିଙ୍କଠାରୁ ଅନ୍ୟାୟ ଭାବେ ନିଆଯାଇଥିବା ୩ ଟଙ୍କା ଫେରାଇବା ସହ କ୍ଷତିପୂରଣ ବାବଦରେ ୩ ହଜାର ଟଙ୍କା ଏବଂ ମାମଲା ପରିଚାଳନା ଖର୍ଚ୍ଚ ବାବଦରେ ଆହୁରି ୧ ହଜାର ଟଙ୍କା ଦେବାକୁ ଫୋରମ ନିର୍ଦ୍ଦେଶ ଦେଇଥିଲେ। ଏହାଛଡ଼ା କମ୍ପାନୀକୁ କଞ୍ଜ୍ୟୁମର ଲିଗଲ ଏଡ୍ ଆକାଉଣ୍ଟରେ ୫ ହଜାର ଟଙ୍କା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ବାଟା ଇଣ୍ଡିଆ ଏହାର ସମସ୍ତ ଗ୍ରାହକଙ୍କୁ ମାଗଣାରେ କ୍ୟାରି ବ୍ୟାଗ୍ ଦେବାକୁ ଫୋରମ ନିର୍ଦ୍ଦେଶ ଦେଇଛନ୍ତି।

## ଫିଟ୍‌ଜୀ କ୍ୟୁରେଟ ଆଡମିଶନ ଟେଷ୍ଟ ୨୧ରେ

FIITJEE

**ଭୁବନେଶ୍ୱର, ୧୫–୪**

ପ୍ରମୁଖ କୋଚିଂ ପ୍ରତିଷ୍ଠାନ ଫିଟ୍‌ଜୀ ପକ୍ଷରୁ ଏହାର କ୍ୟୁରେଟ କାର୍ଯ୍ୟକ୍ରମରେ ନାମଲେଖା ନିମନ୍ତେ ମେଧାବୃତ୍ତି ତଥା ଆଡମିଶନ ଟେଷ୍ଟ ଚଳିତ ମାସ ୨୧ରେ ଅନୁଷ୍ଠିତ ହେବ। ଏଥିପାଇଁ ପଞ୍ଜୀକରଣର ସମୟ ଏପ୍ରିଲ୍ ୨୦ ପର୍ଯ୍ୟନ୍ତ ରହିଛି। ଏଥିପାଇଁ ଆଗ୍ରହୀ ଛାତ୍ରୀଛାତ୍ର ନିକଟସ୍ଥ ଫିଟଜୀ ସେଣ୍ଟରରୁ କିମ୍ବା ଅନ୍‌ଲାଇନ୍ ମାଧ୍ୟମରେ ଲଗ୍‌ଅନ୍ କରି ପାଇପାରିବେ। ଏହି ଅବସରରେ ଫିଟ୍‌ଜୀ ନିର୍ଦ୍ଦେଶକ ଆର୍‌ଏଲ୍ ତ୍ରିଖା କହିଛନ୍ତି ଯେ, ୨୦୨୧ରେ ଆଇଆଇଟି ପାଇଁ ନିଜର ସ୍ୱପ୍ନ ପୂରଣ କରିବା ନିମନ୍ତେ କ୍ୟୁରେଟ୍ ହେଉଛି ଛାତ୍ରୀଛାତ୍ରଙ୍କ ନିମନ୍ତେ ଏକ ସଠିକ୍ ମାର୍ଗ।


**PARADIP PORT TRUST**

**CORRIGENDUM - I TO E-TENDER CALL NOTICE NO. EM/MM/PE/04/2019/ 1903TDR52, Dt.19.03.2019 FOR SUPPLY OF PORTABLE DG SET & BATTERY CHARGER**

The due date of submission of Tender & opening of EMD Bid is hereby further extended as below. 1. Last Date of Submission of tender up to 5:00 PM of Dt.02.05.2019. 2. Opening of EMD Bid at 3:30 PM of Dt.03.05.2019. All other terms and conditions in the original tender remained unaltered. For details, log on to our Website: https://eprocure.gov.in/eprocure/app or contact the office of the undersigned.

Sd/- Dy. Materials Manager

PPT/PR/13/19-20 Dt.12.04.2019

अखिल भारतीय आयुर्विज्ञान संस्थान (एम्स), भुवनेश्वर

**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**

(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in

File No. : AIIMS/BBSR/Engg./ 492 & 479 /2019-20 Dated : 11th Apr 2019

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for the Work **"Comprehensive Maintenance of Civil Works of all the Buildings of Hospital Complex, Medical College Complex, Nursing College, Hostels & Residential Complex at AIIMS, Bhubaneswar."** *(NIT No. : AIIMS/BBSR/Engg./ 002 /2019-20)* and **"Connecting the Rain Water Pipes of all the Buildings to nearby Drain at Hospital Complex, AIIMS, Bhubaneswar"** *(NIT No. : AIIMS/BBSR/Engg./ 003 /2019-20)*. The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.nic.in, www.tenderwizard.com/AIIMSBBSR & CPP Portal www.eprocure.gov.in.**

Sd/-
Executive Engineer (Civil)
AIIMS, Bhubaneswar

**OFFICE OF THE DEPUTY DIRECTOR OF MINES, KOIRA CIRCLE, KOIRA, DISTRICT : SUNDARGARH**

E-mail: ddm.koira@orissaminerals.gov.in

No.1536 Date: 06.04.2019

**NOTICE**

**Loss of e-Transit Passes**

No.01-G:- This is to inform that the following e-Transit Passes in From M1/G1 issued for transportation of minerals from different mining lease holders/ plant (Licensee holders) under Koira mining Circle are lost during transit by the mineral carrying vehicles. These lost e-TPs are not to be re-used by treating as an authentic Govt. document in support of carrying minerals. Any use of such lost Transit Passes will be treated as unlawful / illegal and such act is punishable under Law.

| Sl No. | e-Pass No. (G1/ M1) / Date of issue | Vehicle No. | Source of Mineral | Destination | Remarks |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | M1 L21902272/85 dt.12.02.2019 | OD04H8085 | Jindal Steel & Power Ltd. (TRB Iron Mines) | JSPL, Barbil, Pellet Plant | Lost at Tensa near Bana Durga Temple enroute to JSPL, Barbil on dt.19.02.2019 loaded with 17.060 mt of Iron Ore fines of 60.23% Fe. |
| 2. | M1 L219038321/231 dt.10.03.2019 | OR23A0081 | AMTC (P) Ltd.- Narayanposhi Iron & Mn Mines | SMC Power & Generation Ltd. Jharsuguda | Lost at Badmal enroute to Jharsuguda on dt.11.03.2019 loaded with 18.600 mt of Iron Ore lumps of 61.07%Fe. |
| 3. | M1 L21902783/105 dt.10.03.2019 | OR04M6583 | Feegrde & Co. (P) Ltd.- Nadidihi Iron & Mn Mines | Feegrade & Co. (P) Ltd. Storing Plot at Paradeep Port | Lost at Kuakhia enroute to Paradeep Port on self A/c on dt.11.03.2019 loaded with 18.880 mt of Iron Ore Sc. fines of 56.63%Fe. |

It is hereby requested that, if any of the above transit Passes traced / found anywhere by any body, the said e-TP may please be returned generously to the Deputy Director of Mines-cum-Competent Authority, Koira 'or' in any of the circle office of Deputy Director of Mines / O/o the mining Officer of Steel & Mines Department, Odisha to prevent from illegal use of such e-Transit Passes.

30016/11/0001/1920 **Sd./- Deputy Director of Mines-cum-Competent Authority, Koira**



> ଆଇପିଏଲ ଫ୍ରାଞ୍ଚାଇଜ ସନରାଇଜର୍ସ ହାଇଦ୍ରାବାଦ ଦଳର ନିଷ୍ପତ୍ତି ପ୍ରକ୍ରିୟାରେ ମୁଁ ଆଉ ଅଂଶବିଶେଷ ହୋଇ ରହିନାହିଁ ।
>
> –ଡେଭିଡ ୱାର୍ନର, ଅଷ୍ଟ୍ରେଲୀୟ ଓପନର

> ସନରାଇଜର୍ସ ଆଇଦ୍ରାବାଦକୁ ହରାଇ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହେବା ପରେ ଆମର ଟାଇଟଲ ଜିତିବା ଆଶା ସଞ୍ଚାର ହୋଇଛି ।
>
> –ଶ୍ରେୟାସ ଆୟାର, ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ



# ଭାରତୀୟ ଦଳ ଘୋଷିତ

**ମୁମ୍ବାଇ/ନୂଆଦିଲ୍ଲୀ, ୧୫।୪(ପି.ଟି.)**

**କ୍ରିକେଟ ମହାକୁମ୍ଭ ଆଇସିସି ବିଶ୍ୱକପ କ୍ରମେ ପାଖେଇ ଆସିଛି। ମେ ୩୦ରୁ ଜୁଲାଇ ୧୪ ପର୍ଯ୍ୟନ୍ତ ଇଂଲଣ୍ଡରେ ଆୟୋଜନ ହେବ ଏହି ମେଗା ଇଭେଣ୍ଟ। ୧୦ ଦଳକୁ ନେଇ ହେବାକୁ ଯାଉଥିବା କ୍ରିକେଟର ଏହା ମେଗା ପ୍ରତିଯୋଗିତା ପାଇଁ ସୋମବାର ଭାରତୀୟ ଦଳ ଘୋଷଣା ହୋଇଛି। ଏଥିସହିତ ଖେଳାଳି ଚୟନକୁ ନେଇ ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟିଛି। ବିରାଟ କୋହଲିଙ୍କ ନେତୃତ୍ୱରେ ଏଥର ପଡ଼ିଆକୁ ଓହ୍ଲାଇବ ଟିମ୍ ଇଣ୍ଡିଆ। ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ର ରୋମାଞ୍ଚ ମଧ୍ୟରେ ବିଶ୍ୱକପ ଦଳ ଘୋଷଣା କ୍ରିକେଟ ପ୍ରେମୀଙ୍କ ମନରେ ଉଷ୍ମତା ଭରିଛି। ଏଣିକି ଆଇପିଏଲ ସହିତ ଆଇସିସି ବିଶ୍ୱକପକୁ ନେଇ ଚାଲିବ ଆଲୋଚନା ପର୍ଯ୍ୟାଲୋଚନା। ଏପରି ଏକ ସନ୍ଧିକ୍ଷଣରେ ଧରିତ୍ରୀ ପକ୍ଷରୁ ଆରମ୍ଭ ହୋଇଛି ଅବଗଣନା।**




ମେ ୩୦ରୁ ଇଂଲଣ୍ଡରେ ହେବ ଆଇସିସି(ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ) ବିଶ୍ୱକପର ଦ୍ୱାଦଶ ସଂସ୍କରଣ। ଜୁଲାଇ ୧୪ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ମେଗା ଇଭେଣ୍ଟ ପାଇଁ ସୋମବାର ଭାରତୀୟ ଦଳ ଘୋଷିତ ହୋଇଛି। ବିରାଟ କୋହଲିଙ୍କ ନେତୃତ୍ୱରେ ଘୋଷିତ ଦଳରେ ରୋହିତ ଶର୍ମାଙ୍କୁ ଉପ-ଅଧିନାୟକ କରାଯାଇଛି। ମହେନ୍ଦ୍ର ସିଂ ଧୋନୀ ପ୍ରଥମ ପସନ୍ଦ ଉଇକେଟ କିପରଭାବେ ଦଳରେ ସ୍ଥାନ ନେଇଥିବାବେଳେ ଦ୍ୱିତୀୟ ଉଇକେଟ କିପରଭାବେ ସାମିଲ ହୋଇଛନ୍ତି ଦୀନେଶ କାର୍ତ୍ତିକ। ଦୀର୍ଘ ୧୨ ବର୍ଷ ବ୍ୟବଧାନରେ କାର୍ତ୍ତିକ ବିଶ୍ୱକପ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଦୀର୍ଘଦିନଧରି ଆଲୋଚନାର କେନ୍ଦ୍ରରେ ରହିଥିବା ଯୁବ ଉଇକେଟ କିପର ରିଷଭ ପନ୍ତ ଶେଷରେ ବାଦ୍ ପଡ଼ିଛନ୍ତି। ୩୩ ବର୍ଷୀୟ କାର୍ତ୍ତିକ ୯୧ଟି ଦିନିକିଆ ଖେଳିବାର ଅଭିଜ୍ଞତା ରଖିଛନ୍ତି। ତେଣୁ ୨୧ ବର୍ଷୀୟ ରିଷଭଙ୍କ ତୁଳନାରେଅଭିଜ୍ଞ କାର୍ତ୍ତିକଙ୍କୁ ଦଳରେ ନେବାକୁ ଏମଏସକେ ପ୍ରସାଦଙ୍କ ନେତୃତ୍ୱାଧୀନଚୟନକମିଟିନିଷ୍ପତ୍ତିନେଇଛି। ସବୁଠାରୁ ପୁରୁଣା ଖେଳାଳିଭାବେ କାର୍ତ୍ତିକ ବିଶ୍ୱକପ ଦଳରେ ସ୍ଥାନ ପାଇଛନ୍ତି। ୨୦୦୪ରେ ମହେନ୍ଦ୍ର ସିଂ ଧୋନୀ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିବାର ୩ ମାସ ପୂର୍ବରୁ କାର୍ତ୍ତିକଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ ହୋଇଥିଲା। କାର୍ତ୍ତିକ ୨୦୦୭ ଭାରତୀୟ ବିଶ୍ୱକପ ଦଳରେ ସାମିଲ ହୋଇଥିଲେ। ମାତ୍ର ୨୦୧୧ ଓ ୨୦୧୫ ସଂସ୍କରଣରେ ସେ ବାଦ୍ ପଡ଼ିଥିଲେ। ସୋମବାର ଘୋଷିତ ଖେଳାଳି ତାଲିକା ଅନୁସାରେ ଧୋନୀ କ୍ୟାରିୟରର ୪ର୍ଥ ଦିନିକିଆ ବିଶ୍ୱକପ ଖେଳିବାକୁ ଯାଉଛନ୍ତି। ଏହା ତାଙ୍କ କ୍ୟାରିୟର ଅନ୍ତିମ ବିଶ୍ୱକପ ବୋଲି କୁହାଯାଉଛି। କୋହଲି କ୍ୟାରିୟରର ତୃତୀୟ ବିଶ୍ୱକପ ଖେଳିବାକୁ ଯାଉଥିବାବେଳେ ରୋହିତ ଶର୍ମା, ଶିଖର ଧାୱନ, ରବୀନ୍ଦ୍ର ଜାଡେଜା, ମହମ୍ମଦ ସାମି ଓ ଭୁବନେଶ୍ୱର କୁମାର ୨୦୧୫ ବିଶ୍ୱକପ ଦଳରେ ସାମିଲ ଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍ର ପ୍ରଦର୍ଶନ ଭାରତୀୟ ଦଳ ଚୟନ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି କ୍ୟାପ୍ଟେନ କୋହଲି ପୂର୍ବରୁ ସ୍ପଷ୍ଟ କରି ସାରିଥିଲେ। ଏହା ସତ ପ୍ରମାଣିତ ହୋଇଛି। ରିଷଭ ଚଳିତ ଆଇପିଏଲରେ ୨୪୫ ରନ କରି ସାରିଥିଲେ ମଧ୍ୟ ୧୧୧ ରନ କରିଥିବା କାର୍ତ୍ତିକଙ୍କୁ ଅଗ୍ରାଧିକାର ଦିଆ ଯାଇଛି। ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦେବାକୁ ଯାଇ ଚୟନ କମିଟି ମୁଖ୍ୟ ଏମଏସକେ କହିଛନ୍ତି ଯେ, ‘‘କାର୍ତ୍ତିକ ଓ ପନ୍ତଙ୍କ ସାମିଲକୁ ନେଇ ଦୀର୍ଘ ସମୟ ଆଲୋଚନା ଚାଲିଥିଲା। ମହେନ୍ଦ୍ର ସିଂ ଧୋନୀ ଆହତ ହେଲେ ଯାଇ ଦ୍ୱିତୀୟ ଉଇକେଟ କିପର ପଡ଼ିଆକୁ ଓହ୍ଲାଇବେ। ଏହା କୌଣସି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ, କ୍ୱାର୍ଟର ଫାଇନାଲ କିମ୍ବା ସେମିଫାଇନାଲ ହୋଇପାରେ। ତେଣୁ ପନ୍ତ ପ୍ରବଳ ଦାବିଦାର ସତ୍ତ୍ୱେ ଆମେ ଅଭିଜ୍ଞ କାର୍ତ୍ତିକଙ୍କୁ ଚୟନ କଲୁ’’। ୧୫ ଜଣିଆ ଦଳରେ ତାମିଲନାଡୁର ସିମ୍ ବୋଲିଂ ଅଲରାଉଣ୍ଡର ବିଜୟ ଶଙ୍କରଙ୍କୁ ସାମିଲ କରାଯାଇଛି। ତାଙ୍କୁ ବ୍ୟାଟିଂ ଅର୍ଡରର ୪ ନମ୍ବର ସ୍ଥାନର ବ୍ୟବହାର କରାଯାଇପାରେ। ଏ କ୍ଷେତ୍ରରେ ସେ ଅମ୍ବାତି ରାୟୁଡୁଙ୍କୁ ପଛରେ ପକାଇ ଦେଇଥିଲେ। ୨୦୧୭ ଚାମ୍ପିୟନ୍ସ ଟ୍ରଫି ପରେ ଆମେ ଏହାକୁ ନେଇ ଯୋଜନା କରିଥିଲୁ। ଗତ କିଛି ମାସ ମଧ୍ୟରେ ବିଜୟ ଶଙ୍କରଙ୍କ ପ୍ରଦର୍ଶନ ପ୍ରଭାବୀ ରହି ଆସିଥିଲା ବୋଲି ପ୍ରସାଦ କହିଛନ୍ତି। ଲୋକେଶ ରାହୁଲଙ୍କ ସାମିଲକୁ ନେଇ କୌଣସି ବିବାଦ ନାହିଁ। ସେ ତୃତୀୟ ଓପନର ଭାବେ ସ୍ଥାନ ପାଇଛନ୍ତି। ଏହା ବ୍ୟତୀତ ସେ ବିଜୟ ଶଙ୍କରଙ୍କ ସହିତ ମିଡଲ ଅର୍ଡର ପାଇଁ ମଧ୍ୟ ଦାବିଦାର ରହିବେ। ୪ ନମ୍ବର ସ୍ଥାନ ପାଇଁ ବିଜୟ ଶଙ୍କର, କେଦାର ଯାଦବ ଓ ଲୋକେଶ ରାହୁଲ ଦାବିଦାର ରହିବେ। ପରିବେଶ ଓ ପରିସ୍ଥିତି ଅନୁସାରେ ଟିମ୍ ମ୍ୟାନେଜମେଣ୍ଟ ଚୂଡ଼ାନ୍ତ ନିଷ୍ପତ୍ତି ନେବ ବୋଲି ପ୍ରସାଦ କହିଛନ୍ତି। ରବୀନ୍ଦ୍ର ଜାଡେଜାଙ୍କ ଅଲରାଉଣ୍ଡ ଦକ୍ଷତା ଏବଂ ଡ୍ରାଏ ଉଇକେଟରେ ବୋଲିଂ ଦକ୍ଷତାକୁ ବିଚାରକୁ ନିଆ ଯାଇ ତାଙ୍କୁ ୧୫ ଜଣିଆ ଦଳରେ ସାମିଲ କରାଯାଇଛି। ‘‘ଗତ ଦେଢ଼ ବର୍ଷ ଧରି ଦୁଇ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ଆମପାଇଁ ମ୍ୟାଚ ବିଜେତା ସାବ୍ୟସ୍ତ ହୋଇ ଆସିଛନ୍ତି। ମାତ୍ର ପରିସ୍ଥିତି ଅନୁସାରେ ଚୂଡ଼ାନ୍ତ ଏକାଦଶରେ ଜଣେ ଅତିରିକ୍ତ ଅଲରାଉଣ୍ଡର ଆବଶ୍ୟକ ପଡ଼ିପାରେ। ତାକୁ ଦୃଷ୍ଟିରେ ରଖି ଜାଡେଜାଙ୍କୁ ନିଆ ଯାଇଛି’’ ବୋଲି ପ୍ରସାଦ ବର୍ଣ୍ଣନା କରିଛନ୍ତି। ଟୁର୍ନାମେଣ୍ଟର ଦ୍ୱିତୀୟଭାଗରେ ଉଇକେଟ ଅଧିକ ଡ୍ରାଏ ହେଲେ ଜାଡେଜା ଉପଯୋଗୀ ସାବ୍ୟସ୍ତ ହେବେ ବୋଲି ସେ କହିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ଓ ବିଜୟ ଶଙ୍କର ମିଳିତଭାବେ ୪ର୍ଥ ପେସର ଦାୟିତ୍ୱ ତୁଲାଇବାକୁଥିବାରୁ ଜଣେ ଅତିରିକ୍ତ ସ୍ପିଡଷ୍ଟରଙ୍କ ଆବଶ୍ୟକ ଅନୁଭବ ହୋଇ ନାହିଁ। ଫିଟ୍ ରହିଲେ ଯଶପ୍ରୀତ ବୁମରା ଓ ମହମ୍ମଦ ସାମି ପ୍ରଥମ ପସନ୍ଦ ଦୁଇ ପେସର ରହିବେ। ଭୁବନେଶ୍ୱର କୁମାର ତୃତୀୟ ଦ୍ରୁତ ବୋଲରଭାବେ ଚୟନ ପାଇଁ ଉପଲବ୍ଧ ହେବେ। ଏହି ଅବସରରେ ନଭଦୀପ ସଇନି ଓ ଖଲିଲ ଅହମଦଙ୍କ ନାମ ମଧ୍ୟ ବିଚାରକୁ ନିଆ ଯାଇଥିଲା ବୋଲି ପ୍ରସାଦ କହିଛନ୍ତି। ତେବେ ଏହି ଦୁଇ ଯୁବ ବୋଲର ଭାରତୀୟ ଦଳ ସହ ଇଂଲଣ୍ଡ ଯିବା ସମ୍ଭାବନା ରହିଛି। ଯଦି ବୁମ୍ରା, ସାମି କିମ୍ବା ଭୁବନେଶ୍ୱର କୁମାରଙ୍କ ମଧ୍ୟରୁ କେହି ଆହତ ହୁଅନ୍ତି ତେବେ ସେମାନେ ତାଙ୍କ ସ୍ଥାନ ନେବେ।

## ‘ପନ୍ତଙ୍କୁ ସ୍ଥାନ ନ ମିଳିବା ଆଶ୍ଚର୍ଯ୍ୟ କରିଛି’

**ନୂଆଦିଲ୍ଲୀ, ୧୫।୪ (ପି.ଟି.):** ଆଇସିସି ବିଶ୍ୱକପ୍ ଲାଗି ସୋମବାର ଘୋଷିତ ଭାରତୀୟ ଦଳରେ ଯୁବ ଉଇକେଟ୍କିପର ରିଷଭ ପନ୍ତଙ୍କୁ ସ୍ଥାନ ନ ମିଳିବା ନେଇ ପ୍ରାକ୍ତନ ଅଧିନାୟକ ସୁନୀଲ ଗାଭାସ୍କର ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଭଲ ବ୍ୟାଟିଂ ଫର୍ମ ଓ ଉଇକେଟ୍ ରକ୍ଷଣରେ ଉନ୍ନତି କରୁଥିବା ସତ୍ତ୍ୱେ ପନ୍ତଙ୍କ ସ୍ଥାନରେ ଅଭିଜ୍ଞତା ଦୃଷ୍ଟିରୁ ୩୩ ବର୍ଷୀୟ ଦୀନେଶ କାର୍ତ୍ତିକଙ୍କୁ ବିଶ୍ୱକପ୍ ଟିକେଟ୍ ମିଳିଛି। ଚୟନକର୍ତ୍ତାଙ୍କ ନିଷ୍ପତ୍ତି ସାମାନ୍ୟ ଆଶ୍ଚର୍ଯ୍ୟ କରିଥିଲେ ମଧ୍ୟ କାର୍ତ୍ତିକ ଜଣେ ଶ୍ରେଷ୍ଠ ଉଇକେଟ୍କିପର ବୋଲି ଗାଭାସ୍କର ଏକ ସାକ୍ଷାତକାର ଅବସରରେ କହିଛନ୍ତି। ‘ପନ୍ତଙ୍କ ଫର୍ମକୁ ଦେଖିଲେ ଏହି ନିଷ୍ପତ୍ତି ସାମାନ୍ୟ ଆଶ୍ଚର୍ଯ୍ୟ ଲାଗୁଛି। ସେ କେବଳ ଆଇପିଏଲ୍ ନୁହେଁ ଏଥିପୂର୍ବରୁ ମଧ୍ୟ ପ୍ରଭାବୀ ବ୍ୟାଟିଂ ପ୍ରଦର୍ଶନ କରିସାରିଛନ୍ତି। ଉଇକେଟ ରକ୍ଷଣରେ ମଧ୍ୟ ଦିନକୁ ଦିନ ସେ ଉନ୍ନତି କରୁଛନ୍ତି। ସେହିଭଳି ସେ ଜଣେ ବାମହାତୀ ବ୍ୟାଟ୍ସମ୍ୟାନ ହୋଇଥିବାରୁ ଟପ୍–୬ରେ ବୋଲରଙ୍କୁ ଅଡୁଆରେ ପକାଇବାର ବିକଳ୍ପ ମଧ୍ୟ ରହିଛି’ ବୋଲି ଗାଭାସ୍କର କହିଛନ୍ତି। ଚଳିତ ଆଇପିଏଲ୍ରେ କାର୍ତ୍ତିକ (୧୧୧ ରନ)ଙ୍କ ଅପେକ୍ଷା ପନ୍ତ (୨୪୫)ଙ୍କ ବ୍ୟାଟିଂ ଭଲ ରହିଥିଲେ ମଧ୍ୟ ତାଙ୍କୁ ବାଦ୍ ଦିଆଯିବାର ଯଥାର୍ଥତା ରହିଛି ବୋଲି ଗାଭାସ୍କର ଏକ ଜାତୀୟ ଖବରକାଗଜକୁ ସାକ୍ଷାତକାର ଅବସରରେ ପ୍ରକାଶ କରିଛନ୍ତି। ‘ଯେତେବେଳେ ଏମ୍ଏସ୍ଡି (ମହେନ୍ଦ୍ର ସିଂ ଧୋନୀ) ଅସୁସ୍ଥ ହୋଇ ଖେଳିପାରିବେ ନାହିଁ ସେତେବେଳେ ବିକଳ୍ପ ଭାବେ ଜଣେ ଭଲ ଉଇକେଟ୍କିପରଙ୍କୁ ନିଆଯିବ। ଏହି କ୍ଷେତ୍ରରେ ଅନ୍ୟମାନଙ୍କ ଅପେକ୍ଷା କାର୍ତ୍ତିକଙ୍କ ଉଇକେଟ୍-କିପିଂ ଦକ୍ଷତା ସର୍ବାଗ୍ରେ ରହିବ, ଯାହାକି ତାଙ୍କୁ ବିଶ୍ୱକପ୍ରେ ସ୍ଥାନ ମିଳିବାରେ ସହାୟତା କରିଛି’ ବୋଲି ଏହି ମହାନ ବ୍ୟାଟ୍ସମ୍ୟାନ କହିଛନ୍ତି। ଅନ୍ୟତମ ପ୍ରାକ୍ତନ ଭାରତୀୟ କ୍ରିକେଟର୍ ସଞ୍ଜୟ ମଞ୍ଜରେକର ମଧ୍ୟ କାର୍ତ୍ତିକଙ୍କୁ ସ୍ଥାନ ମିଳିବା ନେଇ ସାମାନ୍ୟ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ‘ଟିମ୍ ଚୟନବେଳେ ସମସ୍ତଙ୍କୁ ଖୁସି ରଖିବା ଅସମ୍ଭବ। କିନ୍ତୁ କାର୍ତ୍ତିକଙ୍କ ଚୟନ ଆଶ୍ଚର୍ଯ୍ୟ କରିଛି। କାର୍ତ୍ତିକଙ୍କ ପ୍ରଦର୍ଶନରେ ସ୍ଥିରତା ନ ଥିବା ସହ ଚଳିତବର୍ଷ ଜାନୁୟାରୀରୁ ସେ ଦଳରୁ ବାହାରେ ରହିଆସିଛନ୍ତି। ଏହାସତ୍ତ୍ୱେ ତାଙ୍କୁ ସିଧାସଳଖ ବିଶ୍ୱକପ୍ ଟିକେଟ୍ ଦିଆଯାଇଛି’ ବୋଲି ମଞ୍ଜରେକର ପ୍ରକାଶ କରିଛନ୍ତି। ଇଂଲଣ୍ଡର ପ୍ରାକ୍ତନ ଅଧିନାୟକ ମାଇକେଲ ଭନ ମଧ୍ୟ ପନ୍ତଙ୍କୁ ସ୍ଥାନ ନ ମିଳିବାକୁ ନେଇ ଟୁଇଟର୍ରେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ସେହିଭଳି ବିଶ୍ୱକପ୍ ଦଳରେ ଦିଲ୍ଲୀର ଯୁବ ଉଇକେଟ୍କିପର ପନ୍ତଙ୍କୁ ସ୍ଥାନ ମିଳିବାର ଥିଲା ବୋଲି ଆକାଶ ଚୋପ୍ରା କହିଥିବାବେଳେ ଭେଟେରାନ ଦ୍ରୁତ ବୋଲର ଆର୍ପି ସିଂ କିନ୍ତୁ ବିଶ୍ୱକପ୍ରେ ଅଭିଜ୍ଞତା ଦଳକୁ ସହାୟତା କରିବ ବୋଲି କହିଛନ୍ତି।



## ବିରାଟ ବାହିନୀ

**ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ରୋହିତ ଶର୍ମା (ଉପ– ଅଧିନାୟକ), ଲୋକେଶ ରାହୁଲ, ମହେନ୍ଦ୍ର ସିଂ ଧୋନୀ, କେଦାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ବିଜୟ ଶଙ୍କର, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମହମ୍ମଦ ସାମି, ଯଶପ୍ରୀତ ବୁମ୍ରା, ଭୁବନେଶ୍ୱର କୁମାର, ଦୀନେଶ କାର୍ତ୍ତିକ ଓ ରବୀନ୍ଦ୍ର ଜାଡେଜା।**

### ବିରାଟ କୋହଲି



ଟପ୍ ଅର୍ଡରର ବ୍ୟାଟ୍ସମ୍ୟାନ ଓ ଅଧିନାୟକ
ବୟସ: ୩୦
ମ୍ୟାଚ୍: ୨୨୭
ରନ:୧୦,୮୪୩
ସର୍ବୋଚ୍ଚ ସ୍କୋର: ୧୮୩
ଆଭରେଜ: ୫୯.୫୭
ଷ୍ଟ୍ରାଇକ ରେଟ: ୯୨.୯୬
ଶତକ: ୪୧
ଅର୍ଦ୍ଧ ଶତକ: ୪୯
ବିଶ୍ୱକପ୍ ଖେଳିଛନ୍ତି: ୨୦୧୧,୨୦୧୫

### ରୋହିତ ଶର୍ମା



ଓପନିଂ ବ୍ୟାଟ୍ସମ୍ୟାନ
ବୟସ: ୩୧
ମ୍ୟାଚ୍: ୨୦୬
ରନ: ୮୦୧୦
ସର୍ବୋଚ୍ଚ ସ୍କୋର: ୨୬୪
ଆଭରେଜ: ୪୭.୩୯
ଷ୍ଟ୍ରାଇକ ରେଟ୍: ୮୭.୯୫
ଶତକ: ୨୨
ଅର୍ଦ୍ଧଶତକ: ୪୧
ବିଶ୍ୱକପ୍ ଖେଳିଛନ୍ତି: ୨୦୧୫

### ମହେନ୍ଦ୍ର ସିଂ ଧୋନୀ



ଉଇକେଟକିପର ବ୍ୟାଟ୍ସମ୍ୟାନ
ବୟସ: ୩୭
ମ୍ୟାଚ୍; ୩୪୧
ରନ:୧୦, ୫୦୦
ସର୍ବୋଚ୍ଚ ସ୍କୋର: ୧୮୩*
ଆଭରେଜ: ୫୦.୭୨
ଷ୍ଟ୍ରାଇକ ରେଟ୍: ୮୭.୫୫
ଶତକ: ୧୦
ଅର୍ଦ୍ଧଶତକ: ୭୧
କ୍ୟାଚ୍: ୩୧୪
ଷ୍ଟମ୍ପିଂ: ୧୨୦
ବିଶ୍ୱକପ୍ ଖେଳିଛନ୍ତି: ୨୦୦୭, ୨୦୧୧, ୨୦୧୫

### ଶିଖର ଧାୱନ



ଓପିନଂ ବ୍ୟାଟ୍ସମ୍ୟାନ
ବୟସ: ୩୩
ରନ:୫,୩୫୫
ସର୍ବୋଚ୍ଚ ସ୍କୋର: ୧୪୩
ଆଭରେଜ: ୪୪.୬୨
ଷ୍ଟ୍ରାଇକ ରେଟ୍: ୯୩.୭୯
ଶତକ: ୧୬
ଅର୍ଦ୍ଧଶତକ: ୨୭
ବିଶ୍ୱକପ୍ ଖେଳିଛନ୍ତି: ୨୦୧୫

### ହାର୍ଦ୍ଦିକ ପାଣ୍ଡ୍ୟା



ଅଲରାଉଣ୍ଡର
ବୟସ: ୨୫
ମ୍ୟାଚ୍: ୪୫
ରନ: ୭୩୧
ସର୍ବୋଚ୍ଚ ସ୍କୋର: ୮୩
ଆଭରେଜ: ୨୯.୨୪
ଷ୍ଟ୍ରାଇକ ରେଟ୍: ୧୧୬.୫୮
ଶତକ: ୦
ଅର୍ଦ୍ଧଶତକ: ୪
ଉଇକେଟ: ୪୪
ଶ୍ରେଷ୍ଠ ବୋଲିଂ: ୩/୩୧
ଇକୋନୋମି: ୫.୫୩

### ଲୋକେଶ ରାହୁଲ



ଟପ୍ଅର୍ଡରର ବ୍ୟାଟ୍ସମ୍ୟାନ
ବୟସ: ୨୬
ମ୍ୟାଚ୍: ୧୪
ରନ: ୩୪୩
ସର୍ବୋଚ୍ଚ ସ୍କୋର: ୧୦୦*
ଆଭରେଜ: ୩୪.୩୦
ଷ୍ଟ୍ରାଇକ ରେଟ୍: ୮୦.୮୯
ଶତକ: ୧
ଅର୍ଦ୍ଧଶତକ: ୨

### ଦୀନେଶ କାର୍ତ୍ତିକ



ଉଇକେଟକିପର ବ୍ୟାଟ୍ସମ୍ୟାନ
ବୟସ: ୩୩
ମ୍ୟାଚ୍: ୯୧
ରନ: ୧୭୩୮
ସର୍ବୋଚ୍ଚ ସ୍କୋର: ୭୯
ଆଭରେଜ: ୩୧.୦୩
ଶତକ: ୦
ଅର୍ଦ୍ଧଶତକ: ୯
କ୍ୟାଚ୍: ୬୧
ଷ୍ଟମ୍ପିଂ: ୭
ବିଶ୍ୱକପ୍ ଖେଳିଛନ୍ତି: ୨୦୦୭

### ରବୀନ୍ଦ୍ର ଜାଡେଜା



ଅଲରାଉଣ୍ଡର
ବୟସ: ୩୦
ମ୍ୟାଚ୍: ୧୫୧
ରନ: ୨୦୩୫
ସର୍ବୋଚ୍ଚ ସ୍କୋର: ୮୭
ଆଭରେଜ: ୨୯.୯୨
ଷ୍ଟ୍ରାଇକରେଟ୍: ୮୪.୨୩
ଶତକ: ୦
ଅର୍ଦ୍ଧଶତକ: ୧୦
ଉଇକେଟ: ୧୭୪
ଶ୍ରେଷ୍ଠ ବୋଲିଂ: ୫/୩୬
ଇକୋନୋମି: ୪.୮୮
ବିଶ୍ୱକପ୍ ଖେଳିଛନ୍ତି: ୨୦୧୫

### ବିଜୟ ଶଙ୍କର



ବୋଲିଂ ଅଲରାଉଣ୍ଡର
ବୟସ: ୨୮
ମ୍ୟାଚ୍:୯
ରନ: ୧୬୫
ସର୍ବୋଚ୍ଚ ସ୍କୋର: ୪୬
ଆଭରେଜ: ୩୩.୦୦
ଷ୍ଟ୍ରାଇକ ରେଟ୍: ୯୬.୪୯
ଶତକ:୦
ଅର୍ଦ୍ଧଶତକ:୦
ଉଇକେଟ: ୨
ଶ୍ରେଷ୍ଠ ବୋଲିଂ: ୨/୧୫
ଇକୋନୋମି: ୫.୬୧

### କେଦାର ଯାଦବ



ବ୍ୟାଟିଂ ଅଲରାଉଣ୍ଡର
ବୟସ: ୩୪
ମ୍ୟାଚ୍: ୫୯
ରନ:୧୧୭୪
ସର୍ବୋଚ୍ଚ ସ୍କୋର: ୧୨୦
ଆଭରେଜ: ୪୩.୪୮
ଷ୍ଟ୍ରାଇକ ରେଟ୍: ୧୦୨.୫୩
ଶତକ: ୨
ଅର୍ଦ୍ଧଶତକ: ୫
ଉଇକେଟ: ୨୭
ଶ୍ରେଷ୍ଠ ବୋଲିଂ: ୩/୨୩
ଇକୋନୋମି: ୫.୧୫

### ଯୁଜବେନ୍ଦ୍ର ଚହଲ



ସ୍ପିନର
ବୟସ: ୨୮
ମ୍ୟାଚ୍: ୪୧
ରନ୍: ୩୪
ଉଇକେଟ: ୭୨
ଶ୍ରେଷ୍ଠ ବୋଲିଂ: ୬/୪୨
ଆଭରେଜ: ୨୪.୬୧
ଇକୋନୋମି: ୪.୮୯
୫ ଉଇକେଟ ସଫଳତା: ୨ଥର
କ୍ୟାଚ୍: ୧୦

### ଯଶପ୍ରୀତ ବୁମ୍ରା



ଦ୍ରୁତ ବୋଲର
ବୟସ: ୨୫
ମ୍ୟାଚ୍: ୪୯
ଉଇକେଟ: ୮୫
ଶ୍ରେଷ୍ଠ ବୋଲିଂ: ୫/୨୭
ଆଭରେଜ: ୨୨.୧୫
ଇକୋନୋମି: ୪.୫୧
୫ ଉଇକେଟ ସଫଳତା: ଥରେ

### କୁଲଦୀପ ଯାଦବ



ସ୍ପିନର
ବୟସ: ୨୪
ମ୍ୟାଚ୍: ୪୪
ଉଇକେଟ: ୮୭
ଶ୍ରେଷ୍ଠ ପ୍ରଦର୍ଶନ: ୬/୨୫
ଆଭରେଜ: ୨୧.୭୪
ଇକୋନୋମି: ୪.୯୩
୫ ଉଇକେଟ ସଫଳତା: ଥରେ

### ଭୁବନେଶ୍ୱର କୁମାର



ଦ୍ରୁତ ବୋଲର
ବୟସ: ୨୯
ମ୍ୟାଚ୍: ୧୦୫
ଉଇକେଟ: ୧୧୮
ଶ୍ରେଷ୍ଠ ପ୍ରଦର୍ଶନ: ୫/୪୨
୫ ଉଇକେଟ ସଫଳତା: ଥରେ
ବିଶ୍ୱକପ୍ ଖେଳିଛନ୍ତି: ୨୦୧୫

### ମହମ୍ମଦ ସାମି



ଦ୍ରୁତ ବୋଲର
ବୟସ: ୨୮
ଉଇକେଟ: ୧୧୩
ଶ୍ରେଷ୍ଠ ବୋଲିଂ: ୪/୩୫
ଆଭରେଜ: ୨୬.୧୧
ଇକୋନୋମି: ୫.୪୮

## ଉଇକେଟ୍-କିପିଂ ଦକ୍ଷତା କାର୍ତ୍ତିକଙ୍କୁ ସହାୟତା କଲା

**ମୁମ୍ବାଇ, ୧୫।୪(ପି.ଟି.):** ଇଂଲଣ୍ଡରେ ହେବାକୁ ଥିବା ଆଗାମୀ ଆଇସିସି ବିଶ୍ୱକପ୍ ଲାଗି ସୋମବାର ବିରାଟ କୋହଲିଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଭାରତୀୟ ଦଳରେ ଯୁବ ଉଇକେଟ୍କିପର ରିଷଭ ପନ୍ତଙ୍କୁ ସ୍ଥାନ ମିଳିନାହିଁ। ଭେଟେରାନ ମହେନ୍ଦ୍ର ସିଂ ଧୋନୀ ପ୍ରଥମ ପସନ୍ଦର ଉଇକେଟ୍କିପର ରହିଥିବାବେଳେ ରିଭର୍ଜ ପାଇଁ ଅଭିଜ୍ଞ ଦୀନେଶ କାର୍ତ୍ତିକ ଓ ପନ୍ତଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। କିନ୍ତୁ ଉଇକେଟ୍-କିପିଂ ଦକ୍ଷତା ଦୃଷ୍ଟିରୁ ଶେଷରେ ଚୟନକର୍ତ୍ତମାନେ କାର୍ତ୍ତିକଙ୍କ ନାମରେ ମୋହର ମାରିଥିଲେ। ଏଥିପୂର୍ବରୁ



ଏମ୍ଏସ୍କେ ପ୍ରସାଦ

୨୦୧୭ ଚାମ୍ପିୟନ୍ସ ଟ୍ରଫିରେ ମଧ୍ୟ ପନ୍ତଙ୍କୁ ଷ୍ଟାଣ୍ଡ–ବାଏରେ ରଖାଯାଇଥିଲା। ପନ୍ତ କିନ୍ତୁ ‘ପାଖାପାଖି ପହଞ୍ଚି ଯାଇଥିଲେ’ ବୋଲି ଚୟନ କମିଟିର ଅଧ୍ୟକ୍ଷ ଏମ୍ଏସ୍କେ ପ୍ରସାଦ କହିଛନ୍ତି। ‘ପନ୍ତ ଓ କାର୍ତ୍ତିକଙ୍କୁ ନେଇ ଆମେ ବହୁ ଆଲୋଚନା କରିଥିଲୁ। ଯଦି ଧୋନୀ ଆଘାତପ୍ରାପ୍ତ ହୁଅନ୍ତି ତେବେ ପନ୍ତ କିମ୍ବା କାର୍ତ୍ତିକ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବେ। ତେବେ ଏହା ଯଦି କ୍ୱାର୍ଟର ଫାଇନାଲ କିମ୍ବା ସେମିଫାଇନାଲ ପରି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ହୋଇଥାଏ ସେଠାରେ ଉଇକେଟ୍-କିପିଂ ମଧ୍ୟ ସମାନ ଗୁରୁତ୍ୱ ବହନ କରିଥାଏ। କେବଳ ଏହି କାରଣ ଲାଗି ଆମେ ପନ୍ତଙ୍କ ବଦଳରେ କାର୍ତ୍ତିକଙ୍କୁ ନେବାକୁ ବାଧ ହେଲୁ ଏବଂ ପନ୍ତ ଅଳ୍ପକେ ସୁଯୋଗ ହରାଇଲେ’ ବୋଲି ପ୍ରସାଦ ଖବରଦାତା ସମ୍ମିଳନୀରେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରଥମ ଭାରତୀୟ ଉଇକେଟ୍କିପର ଭାବେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମାଟିରେ ଟେଷ୍ଟ ଶତକ ହାସଲ କରିବାର କୀର୍ତ୍ତିମାନ ପନ୍ତଙ୍କ ନାମରେ ରହିଛି। ଗତ ବର୍ଷ ଓଭାଲରେ ଖେଳାଯାଇଥିବା ୫ମ ଟେଷ୍ଟ ମ୍ୟାଚ୍ରେ ସେ ୧୧୪ ରନର ଶତକୀୟ ଇନିଂସ ଖେଳିଥିଲେ। ଏହାପରେ ଅଷ୍ଟ୍ରେଲିଆର ସିଡ୍ନୀ ଟେଷ୍ଟରେ ପନ୍ତ ଖେଳିଥିବା ୧୫୯ ରନର ମାରାଥନ ଇନିଂସ ଆଜିବି ଦର୍ଶକଙ୍କ ମନରେ ଉଜ୍ଜୀବିତ ରହିଛି।

## ଚୟନକର୍ତ୍ତାଙ୍କୁ ଡାଟା ଆନାଲିଟିକ୍ସ ପ୍ରେଜେଣ୍ଟେଶନ

**ନୂଆଦିଲ୍ଲୀ,୧୫।୪(ପି.ଟି.):** ବିଶ୍ୱକପ୍ ଦଳ ଚୟନ ପୂର୍ବରୁ ଚୟନକର୍ତ୍ତାମାନେ ପ୍ରଥମଥର ପାଇଁ ଭିନ୍ନ ଶୈଳୀ ଆପଣାଇଥିଲେ। ଚୟନକର୍ତ୍ତମାନେ ଭାବପ୍ରବଣତାକୁ ପଛରେ ପକାଇ ଏକ ସନ୍ତୁଳିତ ଦଳ ଚୟନ କରିବାକୁ ପ୍ରୟାସ କରିଛନ୍ତି। ଦଳ ଚୟନର ଗୋଟିଏ ଦିନ ପୂର୍ବରୁ ୫ଜଣିଆ ଚୟନକମିଟିକୁ ଏକ ସାଢେ ୩ ଘଣ୍ଟିଆ ଡାଟା ଆନାଲିଟିସ ପ୍ରେଜେଣ୍ଟେଶନ ପ୍ରଦାନ କରାଯାଇଥିଲା। ଇଂଲଣ୍ଡ ପରିବେଶକୁ ଦୃଷ୍ଟିରେ ରଖି ଦଳ ଚୟନ କରାଯାଇଥିଲା। ଟିମ୍ ଇଣ୍ଡିଆ ଡାଟା ଆନାଲିଷ୍ଟ ସି.କେ.ଏମ. ଧନଞ୍ଜୟ ଏକ ସ୍ୱତନ୍ତ୍ର ଡାଟା ଆନାଲିଟିକ୍ସ ପ୍ୟାକେଜ ପ୍ରସ୍ତୁତ କରି ଚୟନକର୍ତ୍ତାଙ୍କୁ ଅବଗତ କରାଇଥିଲେ। ବିଶ୍ୱକପ୍ ଆଶାୟୀ ଭାରତୀୟ ଖେଳାଳିଙ୍କ ସମେତ ୨୦୧୭ ଚାମ୍ପିୟନ୍ସ ଟ୍ରଫି ପରର ପ୍ରତିପକ୍ଷ ଦଳଗୁଡିକର ସବଳତା, ଦୁର୍ବଳତା ଓ ବିଭିନ୍ନ ଦିଗ ନେଇ ସେ ଚୟନକମିଟି ସମ୍ମୁଖରେ ଏକ ପ୍ରସ୍ତୁତି ଉପସ୍ଥାପନା କରିଥିଲେ। ମୋଟାମୋଟି ଉପରେ ଚୟନକର୍ତ୍ତାଙ୍କୁ ମ୍ୟାଚ୍, ରନ, ଷ୍ଟ୍ରାଇକ୍ରେଟ ଓ ଉଇକେଟ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଦଳ ଚୟନପୂର୍ବରୁ ବିଭିନ୍ନ ଦୃଷ୍ଟିକୋଣକୁ ନେଇ ବିଚାର କରାଯାଇଥିଲା। ଏପରିକି ଚୟନକର୍ତ୍ତାଙ୍କୁ ଏବେ ଖେଳୁଥିବା ଇଂଲଣ୍ଡ ଏକାଦଶ ବିଭିନ୍ନ ପରିବେଶ (ଘରୋଇ ଓ ବାହାର)ରେ କିଭଳି ପ୍ରଦର୍ଶନ କରିଛି ଓ ଏଥିପାଇଁ କେଉଁ ଖେଳାଳି ଓ ନିଷ୍ପତ୍ତି ଦଳ ସପକ୍ଷ ଓ ବିପକ୍ଷରେ ଯାଇଛନ୍ତି ଦର୍ଶାଯାଇଥିଲା। ବିଭିନ୍ନ ସ୍ୱତନ୍ତ୍ର ବୋଲରଙ୍କ ବିପକ୍ଷରେ କେଉଁ ଭାରତୀୟ ଖେଳାଳିମାନେ ସଫଳ ହୋଇପାରିବେ ସେ ନେଇ ଆଲୋଚନା ହୋଇଥିଲା। ଇଂଲଣ୍ଡର ପ୍ରତ୍ୟେକ ଭେନ୍ୟୁରେ କେତେ ପରିମାଣରେ ରନ୍ ସଂଗ୍ରହ ହୋଇଛି ସେ ମଧ୍ୟ ସବିଶେଷ ଆଲୋଚନା କରାଯାଇଥିଲା।



ଆମ ଦଳକୁ ୯ ଦିନରେ ୫ଟି ଗେମ୍ ଖେଳିବାକୁ ପଡ଼ିଥିବାରୁ କ୍ଳାନ୍ତ ପାଇଁ ଚେନ୍ନାଇ ସୁପର କିଙ୍ଗ୍ସଠାରୁ ହାରିଗଲୁ ।

—ଜ୍ୟାକ୍ସ କାଲିସ୍, ନାଇଟ ରାଇଡର୍ସ କୋଚ୍



ହୋମ୍ ୱର୍କ ଠିକ୍ ନ ଥିବାରୁ ରବିବାର ଚାଇନା ଫର୍ମୁଲା ୱାର୍ନ ଗ୍ରାଁ ପ୍ରିରେ ଆମ ଟିମ୍‌ର ପ୍ରଦର୍ଶନ ଆଶାନୁରୂପ ହୋଇପାରି ନ ଥିଲା ।

—ସେବାଷ୍ଟିଆନ ଭେଟେଲ, ଫେରାରି ଡ୍ରାଇଭର

## ଆଜିର ମ୍ୟାଚ



କିଙ୍ଗ୍ସ ଇଲେଭେନ ପଞ୍ଜାବ
ବନାମ
ରାଜସ୍ଥାନ ରୟାଲ୍ସ

ପ୍ରସାରଣ
ସ୍ଥାନ : ମୋହାଲି
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

# ହାଇଦ୍ରାବାଦକୁ ହରାଇ ଦ୍ୱିତୀୟରେ ଦିଲ୍ଲୀ

**ହାଇଦ୍ରାବାଦ, ୧୫।୪**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ଏଠାରେ ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୩୯ ରନରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ୨୦ ଓଭରରେ ୭ ଉଇକେଟ ହରାଇ ୧୫୫ ରନ କରିଥିବାବେଳେ ଆଶ୍ଚର୍ଯ୍ୟଜନକ ଭାବେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ହାଇଦ୍ରାବାଦ ୧୮.୫ ଓଭରରେ ୧୧୬ ରନ କରି ଅଲଆଉଟ ହୋଇ ଯାଇଥିଲା। ୮ ମ୍ୟାଚରୁ ୫ମ ବିଜୟ ସହ ଦିଲ୍ଲୀ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଲମ୍ଫ ମାରିଛି। ଦଳର ପଏଣ୍ଟ ସଂଖ୍ୟା ୧୦ରେ ପହଞ୍ଚି ଯାଇଛି। ଅନ୍ୟପକ୍ଷରେ ସନ୍‌ରାଇଜର୍ସ ୬ ପଏଣ୍ଟ ସହ ୬ଷ୍ଠ ସ୍ଥାନରେ ସ୍ଥିର ରହିଛି।

ଡେଭିଡ ୱାର୍ନର ଓ ଜନି ବେୟାରେଷ୍ଟୋଙ୍କ ଓପନିଂ ଯୋଡ଼ିରେ ୭୨ ରନ ସଂଗ୍ରହ କରି ବିଜୟ ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲା ସନ୍‌ରାଇଜର୍ସ। ମାତ୍ର ଏହି ଯୋଡ଼ି ଭାଙ୍ଗିବା ପରେ ଦଳର ବ୍ୟାଟିଂ ଦିଗହରା ହୋଇଯାଇଥିଲା। ୩୧ ବଲ୍‌ରୁ ୫ ଚୌକା ଓ ୧ ଛକା ସହାୟତାରେ ୪୧ରନ ସଂଗ୍ରହ କରି ପ୍ରଥମ ଖେଳାଳି ଭାବେ ଆଉଟ ହୋଇଥିଲେ ବେୟାରଷ୍ଟୋ। ସ୍ୱାଭାବିକ ଆକ୍ରମଣାତ୍ମକ ବ୍ୟାଟିଂ ପରିବର୍ତ୍ତେ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳିଥିବା ୱାର୍ନର ୪୭ ବଲ୍‌ରୁ ୫୧(୩ ଚୌକା, ୧ ଛକା) ରନ ସ୍କୋର କରିଥିଲେ। ମାତ୍ର ମିଡଲ ଏବଂ ଲୋୟର ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ସନ୍‌ରାଇଜର୍ସ ପାଇଁ ବିପଦକୁ ଡାକି ଆଣିଥିଲା। କେନ୍ ୱିଲିୟମସନ ୩, ରିକି ଭୁଇ ୭, ବିଜୟ ଶଙ୍କର ୧, ଦୀପକ ହୁଡା ୩, ଅଭିଷେକ ଶର୍ମା ୨, ଭୁବନେଶ୍ୱର କୁମାର ୨ ଏବଂ ରଶିଦ ଖାଁ ଓ ଖଲିଲ ଅହମଦ ଖାତା ଖୋଲିବା ପୂର୍ବରୁ ଆଉଟ ହେବାରୁ ୧୮.୫ ଓଭରରେ ୧୧୬ ରନ କରି ସନ୍‌ରାଇଜର୍ସ ଅଲଆଉଟ ହୋଇ ଯାଇଥିଲା। ଅର୍ଥାତ୍ ଏକଦା ୨ ଉଇକେଟ ହରାଇ ୧୦୧ ରନ ପୂରଣ କରିଥିବା ସନ୍‌ରାଇଜର୍ସ ୧୫ ରନ ବ୍ୟବଧାନରେ ୮ଟି ଉଇକେଟ ହରାଇଥିଲା। ଦିଲ୍ଲୀ ପକ୍ଷରୁ କାଗିଶୋ ରାବାଡ଼ା ୪ଟି, କେମୋ ପଲ୍ ଓ କ୍ରିସ ମୋରିସ ୩ଟି ଲେଖାଏ ଉଇକେଟ ନେଇଥିଲେ। ୪ ଓଭର ବିଶିଷ୍ଟ ସ୍ପେଲ୍‌ରେ ମାତ୍ର ୧୭ ରନ ଦେଇ ୩ଟି ଉଇକେଟ ନେଇଥିବା କେମୋ ପଲ୍ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ।

ଟସ୍ ଜିତି ସନ୍‌ରାଇଜର୍ସ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରିଥିଲେ ଦ୍ରୁତ ବୋଲର ଖଲିଲ ଅହମଦ। ସେ ନିଜ ପ୍ରଥମ ଓଭରର ୫ମ ବଲ୍‌ରେ ପୃଥ୍ୱୀ ଶ'ଙ୍କୁ ଏବଂ ଦ୍ୱିତୀୟ ଓଭରର ୨ୟ ବଲ୍‌ରେ ଶିଖର ଧାୱନଙ୍କୁ ଆଉଟ କରି ଦିଲ୍ଲୀର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ପୃଥ୍ୱୀ ୪ ଓ ଧାୱନ ୭ ରନକରି ଆଉଟ ହେବାରୁ ଦିଲ୍ଲୀ ସ୍କୋର ୩.୨ ଓଭର ବେଳକୁ ୨୦/୨ ହୋଇଯାଇଥିଲା। ମିଡଲ ଅର୍ଡରରେ କଲିନ୍ ମୁନ୍‌ରୋ ଓ ଅଧିନାୟକ ଶ୍ରେୟସ ଆୟାର ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳି ନେଇଥିଲେ। ମୁନ୍‌ରୋ ୨୪ ବଲ୍‌ରୁ ୪ ଚୌକା ଓ ୩ ଛକା ସହାୟତାରେ ଦ୍ରୁତ ୪୦ ରନ କରି ଆଉଟ ହୋଇଥିଲେ। ଆୟାର ୪୦ ବଲ୍‌ରୁ ୫ ଚୌକା ସହାୟତାରେ ଧୈର୍ଯ୍ୟପୂର୍ଣ୍ଣ ୪୫ ରନ କରିଥିବାବେଳେ ରିଷଭ ପନ୍ତ ୧୯ ବଲ୍‌ରୁ ୨୩(୩ ଚୌକା) ରନ କରି ପ୍ୟାଭିଲିୟନ ଫେରିଥିଲେ। ଶେଷଭାଗ ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ଦିଲ୍ଲୀ ଇନିଂସ ୨୦ ଓଭରରେ ୧୫୫/୭ରେ ସୀମିତ ହୋଇ ଯାଇଥିଲା। ଅକ୍ଷର ପଟେଲ ୧୪ ରନରେ ଅପରାଜିତ ରହିଥିବାବେଳେ କ୍ରିସ୍ ମୋରିସ ୪, କେମୋ ପଲ୍ ୭ ରନ କରି ଆଉଟ ହୋଇଥିଲେ। ହାଇଦ୍ରାବାଦ ପକ୍ଷରୁ ଖଲିଲ ସର୍ବାଧିକ ୩ଟି, ଭୁବନେଶ୍ୱର କୁମାର ୨ଟି ଏବଂ ଅଭିଷେକ ଶର୍ମା ଓ ରଶିଦ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

- **ଦିଲ୍ଲୀ କ୍ୟାପିଟାଲ୍ସ** ୨୦ ଓଭରରେ ୧୫୫/୭(ଆୟାର-୪୫, ମୁନ୍‌ରୋ-୪୦, ପନ୍ତ-୨୩, ଖଲିଲ-୩/୩୦, ଭୁବନେଶ୍ୱର-୨/୩୩, ଅଭିଷେକ-୧/୧୦, ରଶିଦ-୧/୨୨)।
- **ସନ୍‌ରାଇଜର୍ସ ହାଇଦ୍ରାବାଦ** ୧୮.୫ ଓଭରରେ ୧୧୬/ଅଲଆଉଟ(ୱାର୍ନର-୫୧, ବେୟାରଷ୍ଟୋ-୪୧, ରାବାଡ଼ା-୪/୨୨, ପଲ୍-୩/୧୭, ମୋରିସ-୩/୨୨)।

ମ୍ୟାନ ଅଫ ଦି ମ୍ୟାଚ: କେମୋ ପଲ୍



ଜନି ବେୟାରଷ୍ଟୋଙ୍କ ଉଇକେଟ୍ ନେବା ପରେ କେମୋ ପଲ (ବାମ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।



ଆଇପିଏଲ୍‌ରେ ସୋମବାର ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଅର୍ଦ୍ଧଶତକୀୟ ଇନିଂସ ଅବସରରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ଏବି ଡି'ଭିଲର୍ସ।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୮ | ୭ | ୧ | ୧୪ | +୦.୨୮୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୫ | ୩ | ୧୦ | ୦.୪୧୮ |
| ନାଇଟ ରାଇଡର୍ସ | ୮ | ୪ | ୪ | ୮ | +୦.୩୫୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୪ | ୩ | ୮ | +୦.୨୦୯ |
| କିଙ୍ଗ୍ସ ଇଲେଭେନ | ୮ | ୪ | ୪ | ୮ | -୦.୦୯୩ |
| ସନ୍‌ରାଇଜର୍ସ | ୭ | ୩ | ୪ | ୬ | ୦.୪୦୯ |
| ରାଜସ୍ଥାନ ରୟାଲ୍ସ | ୭ | ୨ | ୫ | ୪ | -୦.୫୮୭ |
| ରୟାଲ ଚ୍ୟାଲେଞ୍ଜର୍ସ | ୭ | ୧ | ୬ | ୨ | -୧.୨୦୨ |

## କୋଚ୍‌ଙ୍କ ବେତନ ନେଇ ବିଚାର ବିମର୍ଷ

**ନୂଆଦିଲ୍ଲୀ, ୧୫।୪ (ପି.ଟି.):** ସର୍ବଭାରତୀୟ ଫୁଟ୍‌ବଲ ମହସଂଘ (ଏଆଇଏଫ୍‌ଏଫ୍)ର ଟେକ୍‌ନିକାଲ କମିଟିର ପ୍ରଥମ ବୈଠକ ଏଠାରେ ସୋମବାର ବସିଥିଲା। ଜାତୀୟ ଦଳ୍ ପାଇଁ ଆବେଦନ କରିଥିବା ହାଇ ପ୍ରୋଫାଇଲ କୋଚ୍‌ଙ୍କ ବେତନ ସମ୍ପର୍କରେ ଆଲୋଚନା ହୋଇଥିଲା। ଷ୍ଟିଫେନ କନଷ୍ଟାଣ୍ଟିନ ପଦ ଛାଡ଼ିବା ପରେ ଜାତୀୟ ଫୁଟ୍‌ବଲ ଦଳର କୋଚ୍ ପଦବୀ ଖାଲି ପଡ଼ିଥିଲା। ଏହି ପଦବୀ ପାଇଁ ଏଆଇଏଫ୍‌ଏଫକୁ ୨୫୦ ଜଣ ଆବେଦନ କରିଥିଲେ। ଆବେଦନକାରୀଙ୍କ ପାରଦର୍ଶିତା ଓ ଦକ୍ଷତାକୁ ବିଭିନ୍ନ ଦିଗରୁ ବିଚାର କରି ସେମାନଙ୍କ ମଧ୍ୟରୁ ୪୧ଜଣଙ୍କ ନାମ ଟେକ୍‌ନିକାଲ କମିଟିକୁ ସୁପାରିସ କରାଯାଇଥିଲା। ଭାରତର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଶ୍ୟାମ ଥାପ୍ପାଙ୍କ ଅଧ୍ୟକ୍ଷତାରେ ବସିଥିବା ଟେକ୍‌ନିକାଲ କମିଟି ବୈଠକରେ ୪୧ଜଣିଆ ସଂକ୍ଷିପ୍ତ ତାଲିକାକୁ ଦୁଇ ଭାଗ କରାଯାଇଥିଲା। ପ୍ରଥମ ତାଲିକାରେ ଫ୍ରାନ୍ସର ୱାର୍ଲ୍ଡ ବିଶ୍ୱକପ୍ ବିଜୟୀ କୋଚ୍ ରେମଣ୍ଡ ଡୋମେନେଚ୍, ପୂର୍ବତନ ଇଂଲଣ୍ଡ ମାନେଜର ସିଭେନ ଗୋରାନ ଏରିକ୍‌ସନ ଏବଂ ସାମ୍ ଆଲାର୍ଡିସ। ଏମାନେ ସମସ୍ତେ ହେଉଛନ୍ତି ଲାଇସେନ୍ସଧାରୀ। ବିଶ୍ୱକପ୍ ଭଳି ପ୍ରମୁଖ ଗ୍ଲୋବାଲ ଇଭେଣ୍ଟରେ ଜାତୀୟ ଦଳ ସହ ସେମାନଙ୍କର ଅଭିଜ୍ଞତା ରହିଛି। ଦ୍ୱିତୀୟ ତାଲିକାରେ ୨୪ ଜଣଙ୍କ ନାମ ସ୍ଥାନ ପାଇଛି। ଏଥିରେ ପୂର୍ବତନ ସଫଳ ବେଙ୍ଗାଲୁରୁଏଫ୍‌ସି ମ୍ୟାନେଜର ଆଲବର୍ଟ ରୋକା ରହିଛନ୍ତି। ଏହି ସମସ୍ତଙ୍କର ଯଦିଓ ଲାଇସେନ୍ସ ସହ ଜାତୀୟ ଦଳ ସହିତ ଅଭିଜ୍ଞତା ରହିଛି କିନ୍ତୁ ଗ୍ଲୋବାଲ ଇଭେଣ୍ଟ ନାହିଁ। ଟେକ୍‌ନିକାଲ କମିଟିର ପରବର୍ତ୍ତୀ ବୈଠକ ଏପ୍ରିଲ ୨୩ରେ ବସିବ। ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀମାନଙ୍କର ଏହି ମାସ ଶେଷ ଭାଗରେ ହେବ। ଆସନ୍ତା ମାସ ପ୍ରାରମ୍ଭରେ ନୂଆ ଜାତୀୟ କୋଚ୍‌ଙ୍କ ନାମ ଚୂଡ଼ାନ୍ତ ହେବ। ପ୍ରଥମ ତାଲିକାରେ ସ୍ଥାନ ପାଇଥିବା ହାଇପ୍ରୋଫାଇଲ କୋଚ୍‌ଙ୍କ ଲାଗି ବେତନ ନିର୍ଦ୍ଧାରଣ ସବୁଠାରୁ ବଡ଼ ସମସ୍ୟା। ନାମି କୋଚ୍‌ଙ୍କୁ ଆଣିଲେ ଲୋଭନୀୟ ବେତନ ଦେବାକୁ ପଡ଼ିବ। ହାଇ ପ୍ରୋଫାଇଲ କୋଚ୍ ନିଜ ପସନ୍ଦ ମୁତାବକ ସହକାରୀ ଷ୍ଟାଫ୍ ଆଣିବାକୁ ଚାହିଁବେ। ଏଆଇଏଫ୍‌ଏଫ୍ କିନ୍ତୁ ଜଣେ ଭାରତୀୟଙ୍କୁ ଆସିଷ୍ଟାଣ୍ଟ କୋଚ ପଦବୀରେ ରଖିବାକୁ ଚାହିଁବ। ବିଶେଷ କରି କନଷ୍ଟାଣ୍ଟିନଙ୍କ ଅଧୀନରେ କାର୍ଯ୍ୟ କରିଥିବା ଭେଙ୍କଟେଶ ଶନମୁଗମଙ୍କୁ। ସୋମବାର ବୈଠକରେ ଯେଉଁମାନେ ଯୋଗଦାନ କରିଥିଲେ ସେମାନଙ୍କ ମଧ୍ୟରେ ଥିଲେ ଏଆଇଏଫ୍‌ଏଫ୍ ସାଧାରଣ ସମ୍ପାଦକ କୁଶାଲ ଦାସ, ନ୍ୟାଶନାଲ ଟିମ୍ ନିର୍ଦ୍ଦେଶକ, ଅଭିଶେକ ଯାଦବ, ହେନ୍‌ରୀ ମେନିଞ୍ଜେସ, ଇସ୍‌ଫାକ ଅହମ୍ମଦ, ପ୍ରଦୀପ ଦତ୍ତ, ଜି.ପି. ପଲଗୁନା ଏବଂ ସୁନ୍ଦର ରମଣ(ଭିଡିଓ କନଫରେନ୍ସ ଜରିଆରେ)।

# ପ୍ରଜନେଶଙ୍କୁ ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍



**ନୂଆଦିଲ୍ଲୀ, ୧୫।୪(ପି.ଟି.)**

ସ୍ଥିର ପ୍ରଦର୍ଶନ କରିଆସୁଥିବା ଭାରତୀୟ ଟେନିସ ତାରକା ପ୍ରଜନେଶ ଗୁଣେଶ୍ୱରନ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ ଲାଭ କରିଛନ୍ତି। ସୋମବାର ସଦ୍ୟ ପ୍ରକାଶିତ ଏଟିପି ର୍‍ୟାଙ୍କିଙ୍ଗ୍‌ରେ ୨୯ ବର୍ଷୀୟ ପ୍ରଜନେଶ ୨ଟି ପାହାଚ ଉପରକୁ ଉଠି ୮୦ତମ ସ୍ଥାନରେ ରହିଛନ୍ତି। ଗତ ଫେବ୍ରୁୟାରୀରେ ଟପ୍-୧୦୦ରେ ପ୍ରବେଶ କରିଥିବା ପ୍ରଜନେଶ ଏଥିସହ ଭାରତୀୟ ଟେନିସ ଇତିହାସରେ ୬ଷ୍ଠ ଶ୍ରେଷ୍ଠ ସିଙ୍ଗଲ୍ସ ମାନ୍ୟତା ହାସଲ କରିଛନ୍ତି। ଇଣ୍ଡିଆନ ୱେଲ୍ସ ଜରିଆରେ କ୍ୟାରିୟରର ପ୍ରଥମ ଏଟିପି ମାଷ୍ଟର୍ସ ଖେଳିଥିବା ପ୍ରଜନେଶ ଏହି ପ୍ରତିଯୋଗିତାର ୩ୟ ରାଉଣ୍ଡରେ ପ୍ରବେଶ କରିଥିଲେ। ସେହିଭଳି ବିଏନ୍‌ପି ପରିବାସ ଓପନ୍ ଟୁର୍ନାମେଣ୍ଟରେ ମଧ୍ୟ ସେ ୩ୟ ରାଉଣ୍ଡରେ ପହଞ୍ଚିଥିଲେ। ମିଆମି ଓପନ୍‌ର ମୁଖ୍ୟ ପର୍ଯ୍ୟାୟ ପ୍ରବେଶ କରିବାରେ ସେ ସଫଳ ହୋଇଥିଲେ। ଅନ୍ୟତମ ଭାରତୀୟ ଖେଳାଳି ରାମକୁମାର ରାମନାଥନ ୧୬ଟି ପାହାଚ ତଳକୁ ଖସି ୧୫୭ତମ ସ୍ଥାନରେ ରହିଛନ୍ତି।

## ଏଟିପି ଟ୍ରଫି ଜିତିବାରେ ଗାରିନ ଦଶନ୍ଧିର ପ୍ରଥମ ଚିଲି ଖେଳାଳି

**ଲସ୍ ଏଞ୍ଜେଲ୍ସ, ୧୫।୪(ଏଏଫ୍‌ପି):** ଏଠାରେ ଚାଲିଥିବା ୟୁଏସ୍ ପୁରୁଷ କ୍ଲେ କୋର୍ଟ ଟେନିସ ଚାମ୍ପିୟନଶିପ୍‌ରେ ଚିଲିର କ୍ରିଷ୍ଟିଆନ ଗାରିନ ଚାମ୍ପିୟନ ହୋଇଛନ୍ତି। କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲରେ ୨୨ ବର୍ଷୀୟ ଗାରିନ ୭-୬ (୭/୪), ୪-୬, ୬-୩ ସେଟ୍‌ରେ କାସପର ରଡ୍‌ଙ୍କୁ ପରାସ୍ତ କରିଥିଲେ। ଏଥିସହ ଗତ ଦଶନ୍ଧିରେ ପ୍ରଥମ ଚିଲି ଖେଳାଳି ଭାବେ ସେ ଏଟିପି ଟୁର୍ ଟାଇଟଲ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଶେଷଥର ପାଇଁ ୨୦୦୯ରେ ଫର୍ନାଣ୍ଡୋ ଗୋଞ୍ଜାଲେଜ ଚିଲି ପକ୍ଷରୁ ଏଟିପି ଟୁର୍ ଟାଇଟଲ ଜିତିଥିଲେ। ଫାଇନାଲ ପଥରେ ଗାରିନ ୭-୬ (୭/୨), ୬-୨ ସେଟ୍‌ରେ ଆମେରିକାର ସାମ୍ କ୍ୟୁରୀଙ୍କୁ ପରାସ୍ତ କରିଥିଲେ। ଅପରପକ୍ଷରେ ପ୍ରଥମ ନର୍‌ୱେ ଖେଳାଳି ଭାବେ ରଡ୍ ଏଟିପି ଟାଇଟଲ୍ ଜିତିବାରୁ ବଞ୍ଚିତ ହୋଇଛନ୍ତି। ଶେଷଥର ପାଇଁ ରଡ୍‌ଙ୍କ ବାପା କ୍ରିଷ୍ଟିଆନ ୧୯୯୫ରେ ସ୍ୱିଡେନରେ ଅନୁଷ୍ଠିତ ଏଟିପି ଟୁର୍ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲେ।

# ଆନିସିମୋଭା ଟପ୍ ୫୦ ନିକଟତର



ଆମାଣ୍ଡା ଆନିସିମୋଭା

**ପ୍ୟାରିସ, ୧୫।୪ (ଏଏଫ୍‌ପି)**

ସୋମବାର ପ୍ରକାଶିତ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ ତାଲିକାରେ ଆମେରିକାର ସ୍ୱଳ୍ପ ବୟସ୍କା ଆମାଣ୍ଡା ଆନିସିମୋଭା ବିଶ୍ୱ ଟପ୍ ୫୦ର ନିକଟତର ହୋଇଛନ୍ତି। ନିକଟରେ ଏହି ଖେଳାଳି ବୋଗୋଟାଠାରେ ତାଙ୍କର ପ୍ରଥମ ଡବ୍ଲ୍ୟୁଟିଏ ଟାଇଟଲ ଜିତିଥିଲେ। ଜାନୁୟାରୀରେ ଅଷ୍ଟ୍ରେଲିଆନ ଓପନରେ ପ୍ରି-କ୍ୱାର୍ଟରରେ ପ୍ରବେଶ କରି ଆନିସିମୋଭା ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେତେବେଳେ ମାତ୍ର ୧୭ ବର୍ଷ ବୟସରେ ସର୍ବକନିଷ୍ଠ ଖେଳାଳି ହିସାବରେ ସେ ର୍‍ୟାଙ୍କିଙ୍ଗ ତାଲିକାର ଟପ୍ ୧୦୦ ରେ ପ୍ରବେଶ କରିଥିଲେ। ବର୍ତ୍ତମାନ ସେ ୫୪ତମ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ୟୁଏସ ଏବଂ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ଜାପାନର ନାଓମି ଓସାକା ର୍‍ୟାଙ୍କିଙ୍ଗ ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି।

### ଡବ୍ଲ୍ୟୁଟିଏ ଟପ୍ ୧୦

ନାଓମି ଓସାକା (ଜାପାନ), ୨. ସିମୋନା ହାଲେପ (ରୋମାନିଆ), ୩. ପେଟ୍ରା କ୍ୱିଟୋଭା (ଚେକ୍‌ରିପବ୍ଲିକ୍), ୪. କାରେଲିନା ପ୍ଲିସକୋଭା (ଚେକ୍‌ରିପବ୍ଲିକ୍), ୫. ଆଞ୍ଜେଲିକ୍ କର୍ବର (ଜର୍ମାନୀ), ୬. ଏଲିନା ସ୍ୱିତୋଲିନା (ୟୁକ୍ରେନ), ୭.କିକି ବର୍ଟେନ୍ସ (ନେଦରଲାଣ୍ଡ), ୮. ସ୍ଲୋଏନ୍ ଷ୍ଟିଫେନ୍ସ (ଆମେରିକା), ୯. ଆସଲେ ବାର୍ଟି (ଅଷ୍ଟ୍ରେଲିଆ), ୧୦. ଆରିନା ସାବାଲେଙ୍କା (ବେଲାରୁଷ)।

# ଅଷ୍ଟ୍ରେଲିଆ ବିଶ୍ୱକପ୍ ଦଳରେ ସ୍ମିଥ୍, ୱାର୍ନର




**ସିଡ୍‌ନୀ, ୧୫।୪(ଏଏଫ୍‌ପି)**

ଆସନ୍ତା ମେ ୩୦ରୁ ଇଂଲଣ୍ଡରେ ଆରମ୍ଭ ହେବାକୁ ଥିବା ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଲାଗି ସୋମବାର ଆରୋନ୍ ଫିଞ୍ଚଙ୍କ ନେତୃତ୍ୱରେ ୧୫ ଜଣିଆ ଅଷ୍ଟ୍ରେଲିଆ କ୍ରିକେଟ ଦଳ ଘୋଷଣା କରାଯାଇଛି। ବହୁଚର୍ଚ୍ଚିତ ବଲ୍ ଟ୍ୟାମ୍ପରିଂ ମାମଲାରେ ଛନ୍ଦି ହୋଇପଡ଼ିଥିବା ଷ୍ଟିଭେନ ସ୍ମିଥ୍ ଓ ଡେଭିଡ୍ ୱାର୍ନରଙ୍କୁ ଏହି ବିଶ୍ୱକପ୍ ଦଳରେ ସ୍ଥାନ ମିଳିଛି। ତେବେ ଜୋଶ୍ ହାଜେଲଉଡ୍ ଓ ପିଟର୍ ହ୍ୟାଣ୍ଡସ୍‌କମ୍ବଙ୍କୁ ନିରାଶ ହେବାକୁ ପଡ଼ିଛି।

କେପ୍ ଟାଉନ୍ ବଲ୍ ଟ୍ୟାମ୍ପରିଂ ମାମଲାରେ ସ୍ମିଥ୍ ଓ ୱାର୍ନରଙ୍କୁ ଏକ ବର୍ଷ ଲେଖାଏ ବାସନ୍ଦ କରାଯାଇଥିଲା। ଯାହାର ଅବଧି ଗତ ମାସ ଶେଷ ଭାଗରେ ସମାପ୍ତ ହୋଇଥିଲା। ଏହାପରେ ଦୁହେଁ ସେତେବେଳେ ୟୁଏଇରେ ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ସିରିଜ ଖେଳିବା ଲାଗି ଯୋଗ୍ୟ ହୋଇଥିଲେ ମଧ୍ୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସେମାନେ ଆଇପିଏଲ୍‌କୁ ବାଛିଥିଲେ। ଏଥିରେ ୱାର୍ନର ଶତପ୍ରତିଶତ ସଫଳ ହୋଇ ବେଶ୍ ପ୍ରଭାବୀ ବ୍ୟାଟିଂ କରିଥିଲେ। ଅଷ୍ଟ୍ରେଲିଆ ଏହାର ଶେଷ ୮ଟି ଦିନିକିଆରେ ଯଥାକ୍ରମେ ଭାରତ ଓ ପାକିସ୍ତାନକୁ ପରାସ୍ତ କରିଥିବାରୁ କୋଚ୍ ଜଷ୍ଟିନ ଲାଙ୍ଗରଙ୍କ ମନୋବଳ ମଧ୍ୟ ବିଶ୍ୱକପ୍ ପୂର୍ବରୁ ଦୃଢ଼ ରହିଛି।

ଅଷ୍ଟ୍ରେଲିଆ ଦଳରେ ଏକମାତ୍ର ଉଇକେଟ୍‌କିପର ଭାବେ ଆଲେକ୍ସ କେରୀ ରହିଥିବାବେଳେ ୱାର୍ନର, ଫିଞ୍ଚ୍ ଓ ଉସମାନ ଖ୍ୱାଜାଙ୍କ ଭାବେ ୩ ଜଣ ଓପନର୍ ରହିଛନ୍ତି। ସେହିଭଳି ସ୍ମିଥ୍‌ଙ୍କ ସମେତ ଶନ୍ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ୍ ଓ ଅଲ୍‌ରାଉଣ୍ଡର ମାର୍କସ ଷ୍ଟୋଇନିସ ମିଡ୍‌ଲ ଅର୍ଡର ଦାୟିତ୍ୱ ସମ୍ଭାଳିବେ। ଚୟନକର୍ତ୍ତାମାନେ ଆଡାମ ଜାମ୍ପା ଓ ନାଥନ ଲିୟନଙ୍କ ରୂପରେ ୨ଜଣ ସ୍ପିନରଙ୍କୁ ଦଳରେ ସ୍ଥାନ ଦେଇଛନ୍ତି। ସେହିଭଳି ଦଳରେ ୫ଜଣ ସ୍ପେଶାଲିଷ୍ଟ ଦ୍ରୁତ ବୋଲରଙ୍କୁ ନିଆଯାଇଛି। ସେମାନେ ହେଲେ ମିଚେଲ ଷ୍ଟାର୍କ, ପ୍ୟାଟ୍ କୁମିନ୍ସ, ଝେ ରିଚାର୍ଡଶନ, ଜାସନ ବେହରେନଡ୍ରଫ୍ ଓ ନାଥନ କୁଲ୍ଟର-ନିଲ। ପିଠି ଯନ୍ତ୍ରଣା ଲାଗି ଗତ ଜାନୁୟାରୀରୁ କ୍ରିକେଟରୁ ଦୂରେଇ ରହିଥିବା ହାଜେଲଉଡ୍‌ଙ୍କୁ ଦଳରୁ ବାଦ୍ ଦିଆଯାଇଛି।

**ଅଷ୍ଟ୍ରେଲିଆ ବିଶ୍ୱକପ୍ ଦଳ:** ଆରୋନ୍ ଫିଞ୍ଚ୍ (ଅଧିନାୟକ), ଉସମାନ ଖ୍ୱାଜା, ଡେଭିଡ୍ ୱାର୍ନର, ଷ୍ଟିଭ ସ୍ମିଥ୍, ଶନ୍ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ, ମାର୍କସ ଷ୍ଟୋଇନିସ, ଆଲେକ୍ସ କେରୀ, ପ୍ୟାଟ୍ କୁମିନ୍ସ, ମିଚେଲ ଷ୍ଟାର୍କ, ଝେ ରିଚାର୍ଡଶନ, ନାଥନ କୁଲ୍ଟର-ନିଲ, ଜାସନ ବେହରେନଡ୍ରଫ୍, ନାଥନ ଲିୟନ ଓ ଆଡାମ ଜାମ୍ପା।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ରାଧାନାଥ ପାତ୍ର
ପ୍ଲଟ ନଂ.୧୬, ମଧୁସୂଦନ ନଗର, ୟୁନିଟ୍-୪, ଭୁବନେଶ୍ୱର
ଆବିର୍ଭାବ: ୨୦।୧୨।୧୯୨୫
ତିରୋଧାନ: ୨୭।୦୩।୨୦୧୮
ଆଜି ତୁମର ପ୍ରଥମ ଶ୍ରାଦ୍ଧବାର୍ଷିକୀ ପୁଣ୍ୟତିଥିରେ ଆମର ଅଶ୍ରୁପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା, କର୍ତ୍ତବ୍ୟନିଷ୍ଠା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି ଓ ରହିବ ମଧ୍ୟ। ଏ ପବିତ୍ର ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀ ଚରଣରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ ପରିବାରବର୍ଗ: ପୁତ୍ର- ବିନୟ ଓ ବିଜୟ, ପୁତ୍ରବଧୂ- ସବିତା ଓ ସ୍ୱାଗତିକା, ଭ୍ରାଇଁ- ପ୍ରକାଶ ଓ ଶୁଭେନ୍ଦୁ, ଝିଅ- ଜୟନ୍ତୀ ଓ ଭାରତୀ, ନାତି, ନାତୁଣୀ- ଦିନେଶ, ବିଜୟିନୀ, ଇଥେନ୍, ପିଙ୍କି, ବନ୍ଧୁ ଓ ପରିବାରବର୍ଗ। ଧ-୫୩୭୪୨

ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଶରତ ମଞ୍ଜରୀ ରଥ
ଚାହୁଁଚାହୁଁ ପନ୍ଦର ବର୍ଷ ପୂରିଗଲା ତୁମେ ଆମକୁ ଛାଡି ଚାଲିଯିବାର । ତୁମେ ଦେଇଥିବା ଶିକ୍ଷା ଓ ଆଦର୍ଶକୁ ପାଥେୟ କରି ଆମ୍ଭେମାନେ ଜୀବନରେ ଆଗେଇ ଚାଲିଛୁ । ତଥାପି ତୁମର ଅନାବିଳ ସ୍ନେହ ଓ ମମତାକୁ ପ୍ରତିଦିନ ଝୁରି ହେଉଛୁ । ପଞ୍ଚଦଶ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତୁମ ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶାରଦା ପ୍ରସାଦ ରଥ, ବୁଟୁ, ଝିଅ, ଗୁଡଲି, ଡେନି, ରିନି, ସାରା, ସୋନି, ଟୁଇନ୍, ତ୍ରିଷା, ମୋନି, କୁନି, ବେଦାନ୍ତ ଓ ପରିବାରବର୍ଗ
D-66216

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୧୬/୨୦୧୯ Bhubaneswar, Tuesday, April 16/ 2019

## ସଂକ୍ଷେପରେ

### ବାଇକ୍ ଧକ୍କାରେ ମହିଳା ମୃତ

ରସୁଲପୁର,୧୫।୪(ଡିଏନଏ): ରସୁଲପୁର ଅନ୍ତର୍ଗତ କୁଆଖିଆ-ଜେନାପୁର ରାସ୍ତାର ଗୋପିନାଥପୁର ଛକ ନିକଟରେ ସୋମବାର ସକାଳେ ଏକ ବାଇକ୍ ଧକ୍କାରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ କେନ୍ଦ୍ରାପଡା ଜିଲା ଆଳି ଥାନା ଅନ୍ତର୍ଗତ କଦମପାଳ ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୁଞ୍ଜବିହାରୀ ସିଂଙ୍କ ସ୍ତ୍ରୀ ବାସନ୍ତୀ (୫୨) ବୋଲି ଜଣାପଡିଛି।ପ୍ରକାଶ ଯେ, ସକାଳେ ମହିଳା ଜଣକ ଘର ଆବର୍ଜନା ପକାଇବାକୁ ରାସ୍ତା ପାର ହେଉଥିଲେ। ଏହି ସମୟରେ ଜାବରାରୁ କୁଆଖିଆ ଆଡକୁ ଦ୍ରୁତଗତିରେ ଆସୁଥିବା ଏକ ମୋଟର ସାଇକେଲ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ମହିଳା ଜଣକ ଘଟଣାସ୍ଥଳରେ ଗୁରୁତର ହୋଇପଡିଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

### ବିଜୟଚନ୍ଦ୍ରପୁରରେ ଘରପୋଡ଼ି

ପାରାଦୀପ, ୧୫।୪ (ସ୍ୱ.ପ୍ର.): ପାରାଦୀପ ବିଜୟଚନ୍ଦ୍ରପୁର ବସ୍ତିରେ ସୋମବାର ରାମପଦ ମଣ୍ଡଳଙ୍କ ଘର ପୋଡ଼ିଯାଇଛି। ଏଥିରେ ତାଙ୍କ ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। କୁଜଙ୍ଗ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାବେଳକୁ ଘରଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା।

### କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବିରିଡ଼ି,୧୫।୪(ଡି.ଏନ.ଏ.): ବିରିଡ଼ି ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନ ମାଣଡ୍ରୀ ଗୋବିନ୍ଦପୁର ୟୁପି ସ୍କୁଲର ୫ମ ଶ୍ରେଣୀ ଛାତ୍ରୀ ଶୁଭଲକ୍ଷ୍ମୀ ସ୍ୱାଇଁ ୨୦୧୮-୧୯ ଶିକ୍ଷାବର୍ଷର ମେରିଟ କମ ପଭର୍ଟି ବୃତ୍ତି ପରୀକ୍ଷାରେ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ବୁଧବାର ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଶୁଭଲକ୍ଷ୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପରିଚାଳନା କମିଟି ସଭାପତି ତୁଷାର ରଞ୍ଜନ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପ୍ରଧାନ ଶିକ୍ଷକ ପ୍ରଭାକର ପାଢ଼ୀ ମାନପତ୍ର ଓ ଟ୍ରଫି ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀଙ୍କ ମାତା ସୌଭାଗିନୀ ସ୍ୱାଇଁ, ପିତା ସୁକାନ୍ତ କୁମାର ସ୍ୱାଇଁଙ୍କ ସହ ସିଆରସିସି ଶରତ ଚନ୍ଦ୍ର ଓଝା, ଶିକ୍ଷୟିତ୍ରୀ ପ୍ରଜ୍ଞାପରମିତା ଭୋଇ, ଲିପିକା ସ୍ୱାଇଁ, ଶୁଭଲକ୍ଷ୍ମୀ ଦାସ, ରୀନା ମଲ୍ଲିକ, ନୟନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ହିନ୍ଦୁସେନା ପକ୍ଷରୁ ବାଇକ୍ ଶୋଭାଯାତ୍ରା

ବାଲିକୁଦା,୧୫।୪(ସ୍ୱ.ପ୍ର.): ଓଡିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତି ପାଳନ ଅବସରରେ ହିନ୍ଦୁସେନା ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରା କରାଯାଇଛି। ସେନାର ସଦସ୍ୟମାନେ ଏକତ୍ରିତ ହୋଇ ବାଲିକୁଦା କଲେଜ ଛକଠାରୁ ଏକ ଶୋଭାଯାତ୍ରାରେ ମାଛଗାଁ ବଜାର ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଅଶ୍ୱିନୀ ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ପଥପ୍ରାନ୍ତ ସଭା କରାଯାଇଥିଲା। ରାଜ୍ୟ ସଭାପତି ଦେବାଶିଷ ରାଉତ, ରାଜ୍ୟ କାର୍ଯ୍ୟକର୍ତ୍ତା ଅରୁଣ କୁମାର ରାଓ ପ୍ରମୁଖ ଯୋଗଦେଇ ସେନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାକୁ ବିଶ୍ୱ ରଞ୍ଜନ ଜେଠୀ, ଚିତ୍ତରଞ୍ଜନ ରାଉତ, ବିଶ୍ୱରଞ୍ଜନ ସ୍ୱାଇଁ, ପ୍ରସନ୍ନ ମହାନ୍ତି, ଜିତେନ୍ଦ୍ର ବିଶ୍ୱାଳ, ଆଶିଷ ପରିଡା, ଜିତେନ୍ଦ୍ର ସ୍ୱାଇଁ, ଅଜିତ୍ ସ୍ୱାଇଁ ପରିଚାଳନା କରିଥିଲେ।

### ଶ୍ରୀରାମ ଚରିତ ମାନସ

କୁଜଙ୍ଗ,୧୫।୪(ସ୍ୱ.ପ୍ର.): କୁଜଙ୍ଗରେ ଶ୍ରୀ ଶ୍ରୀ ହନୁମାନ ସେବା ସମିତି ପକ୍ଷରୁ ସ୍ଥାନୀୟ ହନୁମାନ ମନ୍ଦିରର ୨୮ତମ ବାର୍ଷିକ ଉତ୍ସବ, ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଛି। ସନ୍ଥ ଦୟାନିଧି ଦାସ ମହାରାଜ ବ୍ୟାସ ମହାରାଜ କାର୍ଯ୍ୟ ସମ୍ଭାଳିଥିବାବେଳେ ପଣ୍ଡିତ ଭାବଗ୍ରାହୀ ମିଶ୍ର, ନିରଞ୍ଜନ ପଣ୍ଡା, ରଶ୍ମୀକଳା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍ଯାପନ ସନ୍ଧ୍ୟାରେ ବାଗୋଇ ଗ୍ରାମର ଶ୍ରୀବତ୍ସ ବେହେରାଙ୍କ ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ମନ୍ଦିର ପକ୍ଷରୁ ସମିତିର ସଭାପତି ବୈକୁଣ୍ଠ ନାରାୟଣ ଦାସ, ସମ୍ପାଦକ ଶ୍ରୀଧର ବିଶ୍ୱାଳ, ସହ ସମ୍ପାଦକ ବ୍ରଜବନ୍ଧୁ ଖଟେଇ, ଅଭୟ ମହାନ୍ତି, କୋଷାଧ୍ୟକ୍ଷ କରୁଣାକର ଦାସ, ସଭ୍ୟ କୃଷ୍ଣଚନ୍ଦ୍ର ମହାନ୍ତି, ଦେବେନ୍ଦ୍ର ମହାନ୍ତି, ମନୋଜ ବାରିକ, ଧ୍ରୁବ ରାୟ ଚୌଧୁରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନଜରରେ ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା

■ସମ୍ବିତ ଇଞ୍ଜିନିୟରିଂ, ସମ୍ବିଦ ଏମ୍‌ବିଏ, ବାପି ମାଟ୍ରିକ୍
■ଚିରଞ୍ଜୀବ ଏମ୍‌ବିଏ, ପ୍ରଶାନ୍ତ ଏଲ୍‌ଏଲ୍‌ବି, ସତ୍ୟବ୍ରତ ମାଟ୍ରିକ
■ରଘୁନନ୍ଦନ ଏଲ୍‌ଏଲ୍‌ବି, ଲଲାଟେନ୍ଦୁ ଏମ୍‌ବିବିଏସ୍, ଦାମ ବ୍ୟାଚଲର ଇନ୍ ଭେଟେରିନାରି
■ବିଷ୍ଣୁ ଏଲ୍‌ଏଲ୍‌ବି, ରମାକାନ୍ତ ଏମ୍‌ସିଏ ଓ ଦେବୀ ଏଲ୍‌ଏଲ୍‌ବି

ଜଗତ୍‌ସିଂହପୁର ଅଫିସ,୧୫।୪ (ପ୍ରମୋଦ କୁମାର ନାୟକ)

ଲୋକ ପ୍ରତିନିଧି ହେବା ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସ୍ଥିର ହୋଇ ନ ଥିବାରୁ ଯିଏ ଚାହିଁବେ ପ୍ରାର୍ଥୀ ହୋଇପାରିବେ। ୨୦୧୯ ସାଧାରଣ ନିର୍ବାଚନରେ ଜଗତ୍‌ସିଂହପୁର ଜିଲାର ୪ ବିଧାନସଭା ଆସନରେ ୩୬ ଜଣ ପ୍ରାର୍ଥୀ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୪ର୍ଥ ଶ୍ରେଣୀରୁ ଆରମ୍ଭ କରି ଉଚ୍ଚଶିକ୍ଷା ଲାଭ କରିଥିବା ପ୍ରାର୍ଥୀ ଅଛନ୍ତି। ତେବେ ପ୍ରମୁଖ ୩ ଦଳ ବିଜେଡି, କଂଗ୍ରେସ ଓ ଭାଜପା ପ୍ରାର୍ଥୀଙ୍କ ଯୋଗ୍ୟତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ନେତାମାନଙ୍କ ଶିକ୍ଷାଗତ ଯୋଗ୍ୟତାକୁ ଅନୁଶୀଳନ କଲେ ଜଣାଯାଏ ଅଧିକାଂଶ ଏଲ୍‌ଏଲ୍‌ବି କରିଛନ୍ତି। ତେବେ ଚଳିତ ନିର୍ବାଚନରେ ପ୍ରାର୍ଥୀମାନଙ୍କ ଶିକ୍ଷାଗତ ଯୋଗ୍ୟତା ସହିତ ଆପରାଧିକ ପୃଷ୍ଠଭୂମି ଓ ସାମାଜିକ କାର୍ଯ୍ୟକଳାପ ମଧ୍ୟ ମୁଖ୍ୟ ପ୍ରସଙ୍ଗ ହେବ। ଯଦିଓ ଭୋଟରଙ୍କୁ ପ୍ରଭାବିତ କରିବାକୁ ପ୍ରଚୁର ଟଙ୍କା ବଣ୍ଟାଯିବ ବୋଲି ଚର୍ଚ୍ଚା ହେଉଛି, ତଥାପି ଶିକ୍ଷିତ ତଥା ଯୁବ ଭୋଟରମାନେ ଉପଯୁକ୍ତ ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରିବେ ବୋଲି କୁହାଯାଉଛି।।

ସୂଚନା ଅନୁଯାୟୀ, ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ହୋଇଥିବା ସମ୍ବିତ ରାଉତରାୟ ୧୯୯୫-୯୬ରେ ବାଙ୍ଗାଲୋର ବିଶ୍ୱ ବିଦ୍ୟାଳୟ ଅନ୍ତର୍ଗତ ତୁମକୁରସ୍ଥିତ ସିଦ୍ଧଗଙ୍ଗା ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜୀରେ ବାଚଲର ଅଫ ଇଞ୍ଜିନିୟରିଂ (ମେକାନିକାଲ) କରିଛନ୍ତି। ସେହିପରି ଭାଜପା ପ୍ରାର୍ଥୀ ସମ୍ବିଦ ସ୍ୱାଇଁ ୨୦୦୯ରେ ଏମ୍‌ବିଏ କରିଛନ୍ତି। କିନ୍ତୁ କଂଗ୍ରେସ ପ୍ରାର୍ଥୀ ଅରିନ୍ଦମ ସର୍ଖେଲ (ବାପି)ଙ୍କ ଯୋଗ୍ୟତା ମାଟ୍ରିକ। ୧୯୯୧ରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ସେ କୃତକାର୍ଯ୍ୟ ହୋଇଥିଲେ ବୋଲି ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ସେହିପରି ଜଗତ୍‌ସିଂହପୁର ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇଥିବା ଚିରଞ୍ଜୀବ ବିଶ୍ୱାଳ ୧୯୮୫ରେ ଏମ୍‌ଏ (ଉତ୍କଳ ବିଶ୍ୱ ବିଦ୍ୟାଳୟ) ଓ ୧୯୯୨ରେ କାଲିଫର୍ଣ୍ଣିଆ ଷ୍ଟେଟ୍ ବିଶ୍ୱବିଦ୍ୟାଳୟରେ ଏମ୍‌ବିଏ କରିଥିଲେ। ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲି ୧୯୯୩ରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ କେନ୍ଦ୍ରାପଡ଼ାସ୍ଥିତ ଦୀନବନ୍ଧୁ ସାହୁ ଲ କଲେଜରୁ ଏଲ୍‌ଏଲ୍‌ବି ପାସ୍ କରିଛନ୍ତି। ଭାଜପାର ସତ୍ୟବ୍ରତ ମହାପାତ୍ର ମାଟ୍ରିକ ପାସ୍ କରିଛନ୍ତି। ସେ ୧୯୭୩ରେ ଆଶ୍ରମ ପାଟଣାସ୍ଥିତ ବୀଣାପାଣୀ ହାଇସ୍କୁଲରୁ ଆନୁଆଲ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଦେଇଥିଲେ। ବାଲିକୁଦା-ଏରସମା ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିବା ରଘୁନନ୍ଦନ ଦାସ ୧୯୮୭ରେ ଉତ୍କଳ ବିଶ୍ୱ ବିଦ୍ୟାଳୟ ଅଧୀନ ବାଲେଶ୍ୱର ଲ କଲେଜରୁ ଏଲ୍‌ଏଲ୍‌ବି କରିଥିଲେ। କଂଗ୍ରେସର ଲଲାଟେନ୍ଦୁ ମହାପାତ୍ର ଏମ୍‌ବିବିଏସ୍ କରିଛନ୍ତି। ସେ ୧୯୮୫ରେ ଓଡ଼ିଶା ଭେଟେରିନାରୀ କଲେଜ (ଓୟୁଏଟି)ରୁ ବିଭି ଏସ୍‌ସି ଆଣ୍ଡ ଏଚ୍ ଶିକ୍ଷାଲାଭ କରିଥିଲେ। ଭାଜପାର ଡା. ଦାମୋଦର ରାଉତ ବ୍ୟାଚଲର୍ ଇନ୍ ଭେଟେରିନାରୀ କରିଛନ୍ତି। ତିର୍ତ୍ତୋଲ ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିବା ବିଷ୍ଣୁ ଚରଣ ଦାସ ୧୯୮୪ରେ ଉତ୍କଳ ବିଶ୍ୱ ବିଦ୍ୟାଳୟ ଅଧୀନ କଟକ ଏମ୍‌ଏସ୍ ଲ କଲେଜରୁ ଏଲ୍‌ଏଲ୍‌ବି କରିଥିଲେ। କଂଗ୍ରେସର ଦେବୀ ମଲ୍ଲିକ ୧୯୯୨ରେ ଉତ୍କଳ ବିଶ୍ୱ ବିଦ୍ୟାଳୟ ଅଧୀନ କଟକସ୍ଥିତ ଦ ଲ କଲେଜରୁ ଏଲ୍‌ଏଲ୍‌ବି ପାସ୍ କରିଥିଲେ। ଭାଜପାର ରମାକାନ୍ତ ଭୋଇ ଏମ୍‌ସିଏ କରିଛନ୍ତି।

ସେହିପରି ପାରାଦୀପରୁ ବହୁଜନ ସମାଜ ପାର୍ଟି ପ୍ରାର୍ଥୀ ହୋଇଥିବା ଅଞ୍ଜନ ମଲ୍ଲିକ ୧୯୯୬ରେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ପାସ୍ କରିଛନ୍ତି। ଏହି ଆସନରୁ ପ୍ରାର୍ଥୀ ହୋଇଥିବା ଅନୁପ କୁମାର ପଟ୍ଟନାୟକ ୨୦୧୩ରେ ବାଲେଶ୍ୱର ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରୁ ଏମ୍‌ବିଏ, ଅନ୍ୟତମ ସ୍ୱାଧୀନ ପ୍ରାର୍ଥୀ ଶ୍ରୀବଲ୍ଲଭ କର ୧୯୮୬ରେ ରାଭେନ୍ସା ମହାବିଦ୍ୟାଳୟରୁ ବିଏ (ଅର୍ଥଶାସ୍ତ୍ର) ପାସ୍ କରିଥିବା ସତ୍ୟପାଠରେ ଦର୍ଶାଯାଇଛି। ଆମ୍ବେଡ଼କର ଜାତୀୟ କଂଗ୍ରେସର ଦିପ୍ତିରଞ୍ଜନ ନାୟକ ପୁରୀସ୍ଥିତ ଶ୍ରୀ ଜଗନ୍ନାଥ ବିଶ୍ୱ ବିଦ୍ୟାଳୟରୁ ଯୁକ୍ତ ୨ କଳା, ସ୍ୱାଧୀନ ପ୍ରାର୍ଥୀ ବୀରେନ୍ଦ୍ର କୁମାର ସାହୁ ମାଟ୍ରିକ ପାସ୍ ଓ ଏଏସ୍‌ପିର ବଳରାମ ମହାରଣା ଡିପ୍ଲୋମା ଇନ୍ ସିଭିଲ ଇଞ୍ଜିନିୟରିଂ କରିଛନ୍ତି। ବାଲିକୁଦା-ଏରସମା ଏଏସ୍‌ପି ପ୍ରାର୍ଥୀ ମୃତ୍ୟୁଞ୍ଜୟ ସ୍ୱାଇଁ ମାଟ୍ରିକ ପାସ୍ କରିପାରିନାହାନ୍ତି। ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଆଇସିପି ପ୍ରାର୍ଥୀ ନୃସିଂହ ଚରଣ ବାରିକ ମାଟ୍ରିକ୍ ପାସ୍ କରିଛନ୍ତି। ବହୁଜନ ସମାଜ ପାର୍ଟିର ପରିନା ବିବି ସାଁପୁର ମଜୁରାଇ ସ୍କୁଲରେ ୧୯୯୮ରେ ୫ମ ଶ୍ରେଣୀ ଶିକ୍ଷାଲାଭ କରିପାରିଥିଲେ। ଜୟପ୍ରକାଶ ଜନତା ଦଳ ପ୍ରାର୍ଥୀ ସୌଭାଗିନୀ ବେହେରା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନ ଭୁବନେଶ୍ୱର ଓମେନ୍ ପଲିଟେକ୍‌ନିକ୍‌ରେ ମଡର୍ନ ଅଫିସ ମ୍ୟାନେଜମେଣ୍ଟ କୋର୍ସ କରିବାକୁ ସକ୍ଷମ ହୋଇଥିଲେ। ଅନରାଖୀତ ସମାଜ ପାର୍ଟି ପ୍ରାର୍ଥୀ ପ୍ରବୀର କୁମାର ଲେଙ୍କା ତିର୍ତ୍ତୋଲସ୍ଥିତ ଏମ୍‌ଏସ୍ ଏକାଡେମୀରୁ ୯ମ ପାସ୍ କରିଥିବା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଏହି ନେତାମାନଙ୍କ ଶିକ୍ଷାଗତ ଯୋଗ୍ୟତା ଓ ରାଜନୈତିକ ଅଭିଜ୍ଞତାକୁ ସମୀକ୍ଷା କଲେ ଜଣାଯାଏ ଭୋଟର ବିଭିନ୍ନ ଦିଗରୁ ସେମାନଙ୍କୁ ପରଖୁଛନ୍ତି। ସବୁ କ୍ଷେତ୍ରରେ ଶିକ୍ଷାଗତ ଯୋଗ୍ୟତା ଗୁରୁତ୍ୱ ବହନ କରୁ ନ ଥିଲେ ସୁଦ୍ଧା ଅଧିକାଂଶ ସମୟରେ ଶିକ୍ଷା ଓ ଦକ୍ଷତା ମାପକାଠି ହୋଇଛି। ଏହାବାଦ୍ ଅର୍ଥ ବଳ, କ୍ଷମତାର ଅପବ୍ୟବହାର ଓ ବାହୁବଳ ମଧ୍ୟ ନିର୍ବାଚନକୁ ପ୍ରଭାବିତ କରୁଛି। ଦେଖିବାର ଅଛି ଜିଲାର ଭୋଟରମାନେ କେଉଁମାନଙ୍କୁ ପସନ୍ଦ କରି ଭୋଟ ଦେଉଛନ୍ତି।


ପିପିଏଲ୍ ଟାଉନଶିପ୍‌ର କମ୍ୟୁନିଟି ହଲ୍‌ରେ ଅନୁଷ୍ଠିତ କରାଟେ କଲରବେଲ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ସହ ଉପସ୍ଥିତ ପ୍ରଶିକ୍ଷକ।

## ୮୦ ଛାତ୍ରୀଛାତ୍ରଙ୍କୁ କରାଟେ ବେଲ୍ଟ

ପାରାଦୀପ,୧୫।୪ (ସ୍ୱ.ପ୍ର.)

ସ୍ଥାନୀୟ ପିପିଏଲ୍ ଟାଉନସିପ୍‌ର କମ୍ୟୁନିଟ୍ ହଲ୍‌ରେ କରାଟେ କଲରବେଲ୍ଟ ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ପାରାଦୀପର ବିଭିନ୍ନ ସ୍କୁଲରୁ ୮୦ଜଣ ଛାତ୍ରୀଛାତ୍ର ସଫଳ ହୋଇଥିବାରୁ ସେମାନଙ୍କୁ ବେଲ୍ଟ ପ୍ରଦାନ କରାଯାଇଛି। କରାଟେ କୋଚ୍ କାହ୍ନୁ ମଲ୍ଲିକଙ୍କ ନେତୃତ୍ୱରେ ଏହି ଛାତ୍ରୀଛାତ୍ର ତାଲିମ ନେଉଥିଲେ। ସେମାନଙ୍କୁ ମାଷ୍ଟର ସନି ବେଲ୍ଟ ପ୍ରଦାନ କରିଥିଲେ।

## ଜମୁଛି ୩ ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର

**ପାରାଦୀପ ନିର୍ବାଚନମଣ୍ଡଳୀ**
■ବିଜେଡିର କର୍ମୀ ସମ୍ମିଳନୀ
■କଂଗ୍ରେସର ଶୋଭାଯାତ୍ରା
■ଭାଜପାର ମିଶ୍ରଣ ପର୍ବ

ପାରାଦୀପ, ୧୫।୪ (ସ୍ୱ.ପ୍ର.)

ପାରାଦୀପ ନିର୍ବାଚନମଣ୍ଡଳୀରେ ଏବେ ୩ ପ୍ରମୁଖ ଦଳର ପ୍ରାର୍ଥୀ ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛନ୍ତି। ଦିନରେ ଗ୍ରୀଷ୍ମ ପ୍ରକୋପ ରହୁଥିବାରୁ କେବଳ ପ୍ରଚାର ଗାଡି ବୁଲୁଛି। ସନ୍ଧ୍ୟାରେ ପ୍ରାର୍ଥୀମାନେ ୱାର୍ଡ ବୁଲି କର୍ମୀ ବୈଠକ ଓ ଭୋଟ୍ ଭିକ୍ଷା କରୁଛନ୍ତି। ବିଜେଡି ପ୍ରାର୍ଥୀ ସମ୍ବିତ ରାଉତରାୟ ଓ ତାଙ୍କ ସମର୍ଥକମାନେ ସୋମବାର ପାରାଦୀପ ପୌରାଞ୍ଚଳ ସମେତ ନୂଆଗଡ଼, ଗଡ଼, ଭୁତମୁଣ୍ଡାଇ, ବିଶ୍ୱାଳି ପଞ୍ଚାୟତରେ କର୍ମୀ ସମ୍ମିଳନୀ କରିଛନ୍ତି। ଛାତ୍ର ଓ ମହିଳା ବିଜେଡି ପକ୍ଷରୁ ମଧ୍ୟ ଅଲଗା ଭାବେ ପ୍ରଚାର କାର୍ଯ୍ୟ କରାଯାଇଛି। ସେହିପରି କଂଗ୍ରେସ ପ୍ରାର୍ଥୀ ଅରିନ୍ଦମ ସର୍ଖେଲଙ୍କ ପ୍ରଚାର ଗାଡି, ବାଇକ ଶୋଭାଯାତ୍ରା କରାଯାଇଛି। ଛକ ବଜାରରେ ପ୍ରୋଜେକ୍ଟର ମାଧ୍ୟମରେ ପ୍ରଚାର କରାଯାଇଛି। ସନ୍ଧ୍ୟାରେ ପଞ୍ଚାୟତସ୍ତରରେ ସେ ବୈଠକ କରିଛନ୍ତି। ତାଙ୍କ ପ୍ରଚାରରେ ପାରାଦୀପ ପୌରାଞ୍ଚଳର ଶ୍ରମିକ ଓ କର୍ମଚାରୀ ଗୋଷ୍ଠୀ ସାମିଲ ହୋଇଛନ୍ତି। ଏଥିସହ ପୌରାଞ୍ଚଳ ଓ ଗଡ଼ ପଞ୍ଚାୟତରେ କେତେକ କର୍ମୀ ଦଳରେ ମିଶିଛନ୍ତି। ଅନ୍ୟପକ୍ଷରେ ୧୦ ନଂ ୱାର୍ଡରେ ଭାଜପାର ମିଶ୍ରଣ ପର୍ବ ହୋଇଛି। କେତେକ ସ୍ୱୟଂସହାୟକ ଗୋଷ୍ଠୀର ଆଗଧାଡ଼ିର ମହିଳା ଦଳରେ ସାମିଲ ହୋଇଛନ୍ତି। ଭାଜପା ପ୍ରାର୍ଥୀ ସମ୍ବିଦ ସ୍ୱାଇଁଙ୍କ ନେତୃତ୍ୱରେ ୨୦୧୫ ପୌର ନିର୍ବାଚନର କାଉନ୍‌ସିଲର ପ୍ରାର୍ଥୀ ଗମନା ମଲ୍ଲଙ୍କ ସମେତ ଧରିତ୍ରୀ ସାହୁ, ଗାୟତ୍ରୀ ମଣ୍ଡଳ, ଲକ୍ଷ୍ମୀପ୍ରିୟା କର, ରେଣୁବାଳା ମଲ୍ଲିକ, ଗୀତାଞ୍ଜଳି ଜେନା, ରାଜଶ୍ରୀ କଣ, ପ୍ରମିଳା ଜେନା ପ୍ରମୁଖ ଦଳରେ ମିଶିଥିଲେ। ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସମସ୍ତେ ଉଦ୍ୟମ କରିବାକୁ ଭାଜପା ମଣ୍ଡଳ ସଭାପତି କୈଳାସ ସାହୁ ସେମାନଙ୍କୁ ଆହ୍ୱାନ ଦେଇଛନ୍ତି।




ପାରାଦୀପରେ ବିଜେଡି ପ୍ରାର୍ଥୀ ସମ୍ବିତ ରାଉତରାୟ, ଭାଜପା ପ୍ରାର୍ଥୀ ସମ୍ବିଦ ସ୍ୱାଇଁ ଓ କଂଗ୍ରେସ ପ୍ରାର୍ଥୀ ଅରିନ୍ଦମ ସର୍ଖେଲ ନିର୍ବାଚନୀ ପ୍ରଚାର ଓ କର୍ମୀ ସମ୍ମିଳନୀ କରୁଛନ୍ତି।

### ହାଇୱା ଧକ୍କାରେ ବାଇକ ଆରୋହୀ ମୃତ, ଜଣେ ଗୁରୁତର


ଦୁର୍ଘଟଣାଗ୍ରସ୍ତ ବାଇକ।

ପାରାଦୀପ,୧୫।୪(ସ୍ୱ.ପ୍ର.)

ପାରାଦୀପର ପ୍ରବେଶପଥ ଦୋଛକିଠାରେ ସୋମବାର ମଧ୍ୟାହ୍ନରେ ଏକ ହାଇୱା ଓ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ଆହତଙ୍କୁ ଲକ୍ ଥାନା ପୋଲିସ ଉଦ୍ଧାର କରି ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛି। ମୃତକ ହେଲେ ସୁବାସ ଚନ୍ଦ୍ର ସେଠୀ ଓ ଆହତ ଜଣଙ୍କ ହେଲେ ଦୁର୍ଗାପ୍ରସାଦ ମହାନ୍ତି। ଉଭୟଙ୍କ ଘର ସାଲେପୁର ଅଞ୍ଚଳରେ। ସେମାନେ ପାରାଦୀପ ସିୱେଜ କମ୍ପାନୀର କର୍ମଚାରୀ ଥିଲେ। ସେମାନେ ଏକ ବାଇକ୍ ଯୋଗେ ପାରାଦୀପ ଫେରୁଥିବାବେଳେ ବିପରିତ ଦିଗରୁ ଯାଉଥିବା ହାଇୱା (ନଂ.ଓଡି୨୧-୭୯୭୯) ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଦୁର୍ଘଟଣାସ୍ଥଳରେ ହିଁ ସୁବାସଙ୍କ ମୃତ୍ୟୁ ଘଟିଥିଲା। ହାଇୱା ଚାଳକ ଫେରାର ହୋଇଯାଇଥିବାବେଳେ ପୋଲିସ ଗାଡି ଜବତ କରିଛି।

### ଶର୍ଟସର୍କିଟରୁ ଜଳିଗଲା ୩ବଖରା

ରଘୁନାଥପୁର,୧୫।୪(ଡି.ଏନ.ଏ.)

କିଶୋରନଗର ତହସିଲ ଅନ୍ତର୍ଗତ ବାବୁଜଙ୍ଗ ପଞ୍ଚାୟତ ମୁସଲିମ ବସ୍ତିରେ ବୁଧବାର ଏକ ଘରେ ଶର୍ଟସର୍କିଟରୁ ନିଆଁ ଲାଗି ଦୁଇ ଭାଇଙ୍କ ୩ବଖରା ଜଳିଯାଇଛି। ପ୍ରକାଶ ଯେ, ବସ୍ତିର ଅଲି ହୁସେନ ଖାନଙ୍କ ଦୁଇ ପୁଅ ସଦାମ ହୁସେନ ଓ ଦିଲୱାର ହୁସେନ ନିଜ ମା'ଙ୍କ ସହ କ୍ରିଷ୍ଣାନନ୍ଦପୁରସ୍ଥିତ ସମ୍ପର୍କୀୟଙ୍କ ଘରକୁ ଏକ ଉତ୍ସବରେ ଯୋଗ ଦେବାକୁ ଯାଇଥିଲେ। ଅପରାହ୍ନ ୩ଟାରେ ଦୁଇଭାଇଙ୍କ ଘରରୁ ହଠାତ ନିଆଁ ଲାଗି ଯାଇଥିଲା। ଏହାଦେଖି ସ୍ଥାନୀୟ ଲୋକେ ପାଣି ପକାଇବା ସହ ପରିବାର ଲୋକ ଏବଂ ରଘୁନାଥପୁର ଦମକଳ ବାହିନୀଙ୍କୁ ଖବର ଦେଇଥିଲେ। ଖବରପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପରେ ପରିବାରର ଦୁଇଭାଇ ପହଞ୍ଚି ଦେଖିବା ବେଳେ ଘରର ୩ବଖରା ସହ ସମସ୍ତ ଆସବାବପତ୍ର ସମ୍ପୂର୍ଣ୍ଣ ଜଳିଯାଇଥିଲା। ଯାହାର ଆନୁମାନୁକି ମୂଲ୍ୟ ୫୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହେବ। କ୍ଷତିଗ୍ରସ୍ତ ଦୁଇ ପରିବାରରୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ପୂର୍ବତନ ସମିତିସଭ୍ୟ ମନୋଜ କୁମାର ମହାନ୍ତି ଓ ଗ୍ରାମବାସୀ ମିଶି ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଅପରପକ୍ଷେ ନିଆଁ କୌଣସି ଶର୍ଟସର୍କିଟରୁ ଲାଗିଥିବା ଦମକଳ ବାହିନୀର ଜଣେ କର୍ମଚାରୀ କହିଛନ୍ତି।

### ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିଲା ଟାଟା ଏସିଇ
## ମହିଳାଙ୍କ ସମେତ ୯ ଗୁରୁତର

ସୁକିନ୍ଦା,୧୫।୪(ଡି.ଏନ୍.ଏ.)

ସୁକିନ୍ଦା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ୫୩ ନଂ ଜାତୀୟ ରାଜପଥରେ ସୋମବାର ସନ୍ଧ୍ୟାରେ ଏକ ଟାଟା ଏସିଇ ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡ଼ିଛି। ଫଳରେ ୯ ଜଣ ଗୁରୁତର ହୋଇଛନ୍ତି। ସୁକିନ୍ଦା ଆଇଆଇସି, ଅତିରିକ୍ତ ତହସିଲଦାର, ଶ୍ରମ ଅଧିକାରୀ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ପ୍ରଥମେ ସୁକିନ୍ଦା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରୁ ୪ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ପୋଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣା ଗ୍ରସ୍ତ ଗାଡ଼ି ଜବତ କରି ତଦନ୍ତ ଚଳାଇଛି । ସୁକିନ୍ଦା ଅଞ୍ଚଳରୁ ଢେଙ୍କାନାଳ ଅଭିମୁଖେ ଯାଉଥିବା ଉକ୍ତ ଟାଟା ଏସିଇରେ ଯାଜପୁରରୋଡ ଚର୍ଦ୍ଧାଠାରୁ ଗେନ୍ ୱେଜ କସମେଟିକ ଇଣ୍ଡିଆ ପ୍ରଡକ୍ଟ ସଂସ୍ଥାର ପଦାଧିକାରୀଙ୍କ ସହ କେତେଜଣ ସେଲସମ୍ୟାନ୍ ଢେଙ୍କାନାଳ ଯାଉଥିଲେ। ମଙ୍ଗଳପୁର ଗ୍ରାମ ନିକଟରେ ଗାଡିଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ବଲାଙ୍ଗୀର ଜିଲା ମୟବା ଅଞ୍ଚଳର ମମତା ସେଠ(୧୯), ବୈଶାଖୀ ମହାନ୍ତ(୨୨), ଉମାକାନ୍ତ ମହାନ୍ତ(୨୫), ସଞ୍ଜୁ ଭଗବତୀ(୨୬), ବୃନ୍ଦା ନାୟକ (୨୧), ସରିତା ସାହୁ (୧୯), ଝିଲି ବିଶ୍ୱାଳ(୧୮), ବିନି ରୟ(୨୦) ଗୁରୁତର ହୋଇଥିଲେ। ପ୍ରଥମେ ସେମାନଙ୍କୁ ସୁକିନ୍ଦା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ସେଠାରେ ମମତା ସେଠ, ବୃନ୍ଦା ନାୟକ, ବୈଶାଖୀ ନାୟକ, ଉମାକାନ୍ତ କରମଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ପ୍ରକାଶ ଯେ, ଦିଲୀର ଏହି କମ୍ପାନୀ ବିଭିନ୍ନ କସମେଟିକ ପ୍ରଡକ୍ଟ ବ୍ୟବସାୟ ପାଇଁ ୨୦ ଜଣିଆ ଏକ ଟିମ୍ ଯାଜପୁର ରୋଡରେ କିଛିଦିନ ତଳେ ବ୍ୟବସାୟ କରିବା ପାଇଁ ଆସିଥିଲେ।

### ■ ୨ ମାସ ସମୁଦ୍ରରେ ମାଛ ଧରିବା ଉପରେ କଟକଣା
## ବନ୍ଦ ହେଲା ମାଛଧରା ବନ୍ଦର

ପାରାଦୀପ, ୧୫।୪ (ସ୍ୱ.ପ୍ର.)

ପ୍ରତିବର୍ଷ ଭଳି ଚଳିତବର୍ଷ ସୋମବାରଠାରୁ ପାରାଦୀପ ମାଛଧରା ବନ୍ଦର ସମେତ ରାଜ୍ୟର ସମସ୍ତ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ କେନ୍ଦ୍ର ପାଇଁ ୨ ମାସିଆ କଟକଣା ଲାଗୁ ହୋଇଛି। ଆସନ୍ତା ଜୁନ୍ ୧୫ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ମାଛଧରା ବନ୍ଦ ହେବା ପରେ ସେଥିରେ ପ୍ରତ୍ୟକ୍ଷ ପରୋକ୍ଷ ଭାବେ ଜଡ଼ିତ ପ୍ରାୟ ୫୦ ହଜାର ମତ୍ସ୍ୟଜୀବୀଙ୍କ ଜୀବନଜୀବିକା ୬୦ ଦିନ ବନ୍ଦ ହୋଇଯାଇଛି। ଏବେ ସେମାନେ ଘରମୁହାଁ ହୋଇଛନ୍ତି। ସୂଚନାଯୋଗ୍ୟ, ସମୁଦ୍ରରେ ମାଛ ବଂଶ ବୃଦ୍ଧି ପାଇଁ ଓଡ଼ିଶା ସାମୁଦ୍ରିକ ମାଛଧରା ଆଇନ ୧୯୮୧ ଅନୁସାରେ ଏହି କଟକଣା କରାଯାଇଛି। ମାଛର ପ୍ରଜନନ ସମୟ ଏହି ସମୟରେ ହୋଇଥାଏ। ପୂର୍ବରୁ ଏହି କଟକଣା ୪୫ ଦିନ ପର୍ଯ୍ୟନ୍ତ ଜାରି ହେଉଥିଲା। ମାତ୍ର ଗତ ୪ ବର୍ଷ ହେଲା କଟକଣା ଅବଧି ୬୦ ଦିନ କରାଯାଇଛି। ସମୁଦ୍ରରେ ମାଛ ଧରିବାବେଳେ ଯାଆଁଳଗୁଡିକ ନଷ୍ଟ ହେବାର ଭୟ ଥାଏ। ମା'ମାଛ ଓ ଯାଆଁଳ ସୁରକ୍ଷା ପାଇଁ ଏହି କଟକଣା ସମସ୍ତ ଦେଶୀୟ ଡଙ୍ଗା ପାଇଁ କରାଯାଇଛି। କିନ୍ତୁ ଡିପ୍ ସି (ଗଭୀର ସମୁଦ୍ରରେ ମାଛ ଧରୁଥିବା ବିଦେଶୀ ଟ୍ରଲରଗୁଡିକ ପାଇଁ ଏହି ଆଇନରେ କୋହଳ ବ୍ୟବସ୍ଥା ରହିଛି। ସେହି ମାଛଧରା ଟ୍ରଲରଗୁଡିକ ଏଲଓପି (ଲେଟର ଅଫ୍ ପରମିଟ୍) ବଳରେ ଗଭୀର ଜଳରେ ବଡ଼ ମାଛ ଧରିଥାନ୍ତି। ଏହି ପ୍ରସଙ୍ଗରେ ଗତ କିଛି ବର୍ଷ ହେଲା ଓଡ଼ିଶା ସମେତ ଉପକୂଳ ରାଜ୍ୟର ମତ୍ସ୍ୟ ସଂଘଗୁଡିକ ଅଭିଯୋଗ କରୁଛନ୍ତି। କିନ୍ତୁ ପ୍ରତିକାର କିଛି ହେଉନାହିଁ। ଏବେ ମାଛଧରା ବନ୍ଦ ହେବା ପରେ ପାରାଦୀପ ମାଛଧରା ବନ୍ଦର ପରିସରରେ ପ୍ରାୟ ୭୩୦ ବଡ଼ ଟ୍ରଲର ୨୨୦ ମାଛଧରା ବୋଟ୍ ବନ୍ଧା ହୋଇରହିଛି। ଅକ୍ସନ ହଲ୍‌ଠାରୁ ଆରମ୍ଭ କରି ରାଜ୍ୟରେ ଥିବା ମାଛ ପ୍ରକ୍ରିୟାକରଣ କେନ୍ଦ୍ର, ଚିଙ୍ଗୁଡି ଫ୍ୟାକ୍ଟରୀ, ବରଫ କାରଖାନା ଆଦି ଆପଣାଛାଏଁ ବନ୍ଦ ହୋଇଯାଇଛି। ନୋଳିଆ ସମ୍ପ୍ରଦାୟର ମତ୍ସ୍ୟଜୀବୀମାନେ ଏବେ ନିଜ ପ୍ରଦେଶକୁ ପଳାଇ ଗଲେଣି। ବିରାଟ ମାଛଧରା ବନ୍ଦର ପରିସର ଦୁଇ ମାସ ଏବେ ଖାଁ ଖାଁ ରହିବ। ସମ୍ପ୍ରତି ନିର୍ବାଚନ ଥିବାରୁ ଓଡ଼ିଆ ଓ ବେଙ୍ଗଲୀ ମତ୍ସ୍ୟଜୀବୀ ଗାଁକୁ ପଳାଇଗଲେଣି। ସାମୁଦ୍ରିକ ମାଛ ଖାଉଥିବା ଲୋକେ ଏହି ୨ ମାସ ହଇରାଣ ହେବେ ବୋଲି କୁହାଯାଉଛି।


ପାରାଦୀପ ମାଛଧରା ବନ୍ଦରରେ ଥିବା ବୋଟ୍।


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଅତି ଘର୍ଷଣ ଫଳରେ ଚନ୍ଦନ କାଷ୍ଠରୁ ମଧ ଅଗ୍ନି ବାହାରେ। ସେହିପରି ଜ୍ଞାନୀମାନଙ୍କ ପ୍ରତି ଅବଜ୍ଞା ପ୍ରଦର୍ଶନ କଲେ ସେମାନଙ୍କ ହୃଦୟରୁ କ୍ରୋଧଜାତ ହୁଏ।
- ମହର୍ଷି ବାଲ୍ମୀକି

## ସଂକ୍ଷେପରେ

### ଶର୍ଟସର୍କିଟରୁ ଜଳିଗଲା ୨ ବଖରା



**ଗଣିଆ,୧୫।୪(ଡି.ଏନ.ଏ.):** ଗଣିଆ ବ୍ଲକ ରାସଙ୍ଗ ପଞ୍ଚାୟତ ମାଳତିପୁଟ ଗ୍ରାମରେ ସୋମବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଗୌରାଙ୍ଗ ଚରଣ ବେହେରାଙ୍କର ୨ ବଖରା ପୋଡି ଯାଇଛି । ଘରେ ଥିବା ସମସ୍ତ ଆସବାବପତ୍ର ସହ ଆନୁମାନିକ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡି ନଷ୍ଟ ହୋଇଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ସୋମବାର ଅପରାହ୍ନ ୩ଟାରେ ଅଗ୍ନିକାଣ୍ଡ ଘଟିଥିଲା । ଖରା ସାଙ୍ଗକୁ ଝାଞ୍ଜି ପବନ ଯୋଗୁ ସ୍ଥାନୀୟ ଗ୍ରାମବାସୀ ନିଆଁକୁ ଆୟତ୍ତ କରିପାରି ନ ଥିଲେ । ଗଣିଆ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ବିପନ୍ନ ପରିବାର ଲୋକଙ୍କ ପାଖରେ ଗଣିଆ ରାଜସ୍ୱ ନିରୀକ୍ଷକ ପ୍ରଶାନ୍ତ କୁମାର ନାୟକ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହ ପଲିଥିନ ଯୋଗାଇଦେବା ପାଇଁ କହିଛନ୍ତି।

### ନାବାଳିକା ଅପହରଣ ଅଭିଯୋଗ: ଯୁବକ ଗିରଫ

**ଦଶପଲ୍ଲା,୧୫।୪(ଡି.ଏନ.ଏ.):** ନାବାଳିକା ଅପହରଣ ଅଭିଯୋଗରେ ଦଶପଲ୍ଲା ପୋଲିସ ସୋମବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ନୟାଗଡ ଲାଉସେଣୀ ଗ୍ରାମର କୈଳାସ ଚନ୍ଦ୍ର ବାଈ (୧୯)। ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସ୍ଥାନୀୟ ସୁବଳୟା ଅଞ୍ଚଳର ନାବାଳିକା ସମ୍ପର୍କୀୟ ଘର ଲାଉସେଣୀ ଯାଇଥିବା ବେଳେ ସେଠାରେ କୈଳାସଙ୍କ ସହିତ ସାକ୍ଷାତ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପରବର୍ତ୍ତୀ ସମୟରେ ନାବାଳିକାଙ୍କୁ ଧରି କୈଳାସ କୁଆଡେ ପଳାଇ ଯାଇଥିଲେ। ଝିଅକୁ ଅପହରଣ କରାଯାଇଥିବା ନେଇ ପରିବାର ଲୋକେ ଗତ ୪ ତାରିଖରେ ଦଶପଲ୍ଲା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୪୮/୧୯ରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିଲା। କୈଳାସ ନାବାଳିକାଙ୍କୁ ନେଇ ଭୁବନେଶ୍ୱରରେ ରହିଥିବା ଖବର ପାଇ ପୋଲିସ ସେଠାରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଥିଲା। ସୋମବାର ଉଭୟଙ୍କ ଡାକ୍ତରୀ ପରୀକ୍ଷା କରାଯାଇ ନାବାଳିକାଙ୍କୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ କୈଳାସଙ୍କୁ ଗିରଫ କରାଯାଇଛି।

### ରଙ୍ଗୋଲି କାର୍ଯ୍ୟକ୍ରମ

**ଦଶପଲ୍ଲା,୧୫।୪(ଡି.ଏନ.ଏ.):** ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ସୋମବାର ଓଡିଶା ଜିବୀକା ମିଶନ (ଓଏଲ୍ଏମ୍) ପକ୍ଷରୁ ବ୍ଲକ ପରିସରରେ ରଙ୍ଗୋଲି କାର୍ଯ୍ୟକ୍ରମ ବା ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦେବୀ ପ୍ରସାଦ ମହାନ୍ତି ଓ ଜିପିଓ ଧର୍ମରାଜ ପରିଡାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡିହଗାଁ, ଘୁଗୁଡିପଡା ଓ ସରିଗଣ୍ଡା ପଞ୍ଚାୟତର ବିଭିନ୍ନ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ନେଇ ଝୋଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମହିଳାମାନେ ସୁନ୍ଦର ଝୋଟି ପ୍ରଦର୍ଶନ କରିଥିଲେ। ଗୋଷ୍ଠୀ ସଂଯୋଜକ (ବିଏଲ୍‌ସି) ସଞ୍ଜୟ କୁମାର ନାୟକ, ପ୍ରଭାତି ଦାଶ ଓ ରଶ୍ମିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଡିହଗାଁ ପଞ୍ଚାୟତର ସୁନା ପ୍ରତିମା ସ୍ୱୟଂସହାୟିକା ଗୋଷ୍ଠୀ ପ୍ରଥମ, ଘୁଗୁଡିପଡାସ୍ଥିତ ମା' ମଙ୍ଗଳା ସ୍ୱୟଂସହାୟିକା ଗୋଷ୍ଠୀ ୨ୟ ଓ ସରିଗଣ୍ଡାର ମା' ଶାରଳା ସ୍ୱୟଂସହାୟିକା ଗୋଷ୍ଠୀ ୩ୟ ସ୍ଥାନ ଅଧିକାର କରିଛି।

# ପୁନରୁଦ୍ଧାର ହେଲା ଚନ୍ଦନ ପୋଖରୀ

**ଖଣ୍ଡପଡା,୧୫।୪(ସ୍ୱ.ପ୍ର.)**

ଶ୍ରୀଶ୍ରୀ ନୀଳମାଧବ ଜୀଉଙ୍କ ଚନ୍ଦନ ପୋଖରୀ ଦୀର୍ଘ ବର୍ଷ ହେଲା ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ବାରମ୍ବାର ଦାବି ସତ୍ତ୍ୱେ ପୋଖରୀର ପୁନରୁଦ୍ଧାର ଦିଗରେ ଲକ୍ଷାଧିକ ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିଲେ ମଧ ତାହା କାର୍ଯ୍ୟକାରୀ ହୋଇ ପାରିଲା ନାହିଁ । ଏଥିଯୋଗୁ ଠାକୁରଙ୍କ ପାରମ୍ପରିକ ଚନ୍ଦନ ଯାତ୍ରା ଗତ ବର୍ଷଠାରୁ ବନ୍ଦ ହୋଇ ଯାଇଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଗ୍ରାମବାସୀଙ୍କ ଆବେଗକୁ ଦୃଷ୍ଟିରେ ରଖି ସ୍ଥାନୀୟ ନୀଳମାଧବ ବିଦ୍ୟାପୀଠ ୧୯୬୯ ମାଟ୍ରିକ ବ୍ୟାଚର ୬ ଜଣ ପୁରାତନ ଛାତ୍ର ପୋଖରୀର ପୁନରୁଦ୍ଧାର ପାଇଁ ସଂକଳ୍ପ ନେଇ ଗତ ଫେବୃଆରୀ ମାସଠାରୁ କାର୍ଯ୍ୟ ଆରମ୍ଭ କରିଛନ୍ତି । ଲକ୍ଷାଧିକ ଟଙ୍କା ବ୍ୟୟରେ ଉକ୍ତ ପୋଖରୀର ପ୍ରଦୂଷିତ ପାଣିକୁ ଦୀର୍ଘ ୨ମାସରୁ ଉର୍ଦ୍ଧ୍ୱ ହେବ ମୋଟର ପମ୍ପ ସାହାଯ୍ୟରେ ନିଷ୍କାସନ କରିଛନ୍ତି। ସରକାରୀ ପ୍ରୋତ୍ସାହନକୁ ଆଶା ନ ରଖି ନିଜସ୍ୱ ଅର୍ଥରେ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ପୋଖରୀରୁ ପଙ୍କ ଉଦ୍ଧାର କରିବା ସମୟ ସାପେକ୍ଷ ତଥା ବ୍ୟୟ ବହୁଳ ହୋଇଛି। ସୂଚନା ଯୋଗ୍ୟ ଯେ, ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋର ଶ୍ରୀ ନୀଳମାଧବ ଜୀଉଙ୍କ ପାରମ୍ପରିକ ଚନ୍ଦନ ଯାତ୍ରା ବୈଶାଖମାସ ଅକ୍ଷୟ ତୃତୀୟାଠାରୁ ୨୧ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ। ଏହି ଅବସରରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କ ସମେତ ଲକ୍ଷ୍ମୀ, ସରସ୍ୱତୀ ଓ ଶିବ ପାର୍ବତୀ ପୃଥକ୍ ବିମାନରେ ସ୍ଥାନୀୟ ଚନ୍ଦନ ପୋଖରୀକୁ ଜଳ କ୍ରୀଡା କରିବା ପାଇଁ ବିଜେ ହୋଇଥାନ୍ତି। କାହିଁ କେଉଁ କାଳରୁ ଏହି ପ୍ରଥା ଚଳି ଆସୁଛି । ତେବେ ଦୀର୍ଘବର୍ଷ ହେବ ଉକ୍ତ ପୋଖରୀ ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ବିଭିନ୍ନ ଦଳ ଓ ପଦ୍ମବନରେ ପରିପୂର୍ଣ୍ଣ ହୋଇ ପ୍ରଦୂଷିତ ଅବସ୍ଥାରେ ଥିବା ଏହି ପୋଖରୀର ପୁନରୁଦ୍ଧାର ପାଇଁ ବାରମ୍ବାର ଦାବି ପରେ ଗତବର୍ଷ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୯ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଛି । ମାତ୍ର ଉକ୍ତ କାର୍ଯ୍ୟ କରିବାରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ଇଚ୍ଛାଶକ୍ତିର ଅଭାବଯୋଗୁ କାର୍ଯ୍ୟ ସମ୍ପାଦନରେ ବାଧକ ସାଜିଛି। ଫଳରେ ଗତବର୍ଷ ଠାକୁରଙ୍କ ପାରମ୍ପରିକ ଚନ୍ଦନ ଯାତ୍ରା ବନ୍ଦ ହୋଇ ଯାଇଛି। ଆଗାମୀ ଦିନରେ ଠାକୁରଙ୍କ ଏହି ପରମ୍ପରା ପରିତ୍ୟକ୍ତ ପୋଖରୀ ଯୋଗୁ ହେବା ନ ହେବା ଅନିଶ୍ଚିତତା ମଧ୍ୟରେ ରହିଛି। ନୀଳମାଧବ ବିଦ୍ୟାପୀଠର ୧୯୬୯ ମାଟ୍ରିକ ବ୍ୟାଚର ସିକ୍ସ ଏଫ୍ (୬ ବନ୍ଧୁ) ଭାବରେ ବେଶ୍ ଜଣାଶୁଣା ଛାତ୍ର ପବିତ୍ର ମୋହନ ମହାପାତ୍ର( ଅବସରପ୍ରାପ୍ତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ), କଣ୍ଟିଲୋର ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ଦାଶ, ବିରଞ୍ଚି ନାରାୟଣ ସାହୁ (ଅବସରପ୍ରାପ୍ତ କୃଷି ଅଧିକାରୀ), ବିନୋଦ କୁମାର ଦାସ( ଅବସରପ୍ରାପ୍ତ ସହକାରୀ ପରିଚାଳକ, ରାଜ୍ୟ ସିଭିଲ ସପ୍ଲାୟ କର୍ପୋରେଶନ), ପ୍ରଫେସର ଧନେଶ୍ୱର ମହାରଣା (ଅବସରପ୍ରାପ୍ତ ଅଧକ୍ଷ) ଓ ଖଲେଶ୍ୱର ମହାରଣା( ଅବସରପ୍ରାପ୍ତ ସୁପରଭାଇଜର ଦୂରସଞ୍ଚାର ନିଗମ) ପ୍ରମୁଖ ସରକାରୀ ଅନୁଦାନ ବିନା ନିଜସ୍ୱ ପାଣ୍ଠିରେ ଉକ୍ତ ପୋଖରୀର ପୁନରୁଦ୍ଧାର ସହ ଏହାକୁ ସରସ ସୁନ୍ଦର କରି ପର୍ଯ୍ୟଟକମାନଙ୍କ ପାଇଁ ବୋଟିଂ ସୁବିଧା ଦେବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ। ସମ୍ପ୍ରତି ପୋଖରୀର ପ୍ରଦୂଷିତ ଜଳ ନିଷ୍କାସନ ହୋଇଥିବା ବେଳେ ଏବେ ପୋଖରୀ ମଧ ଭାଗରେ ମଣିଖମ୍ବ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହି କାର୍ଯ୍ୟକ୍ରମ କିପରି କରାଯିବ ଏ ନେଇ ମହାବିଷୁବ ସଂକ୍ରାନ୍ତିରେ ପାରାଦୀପ ପୋର୍ଟର ଅବସରପ୍ରାପ୍ତ ଷ୍ଟ୍ରକ୍ଚରାଲ ଇଞ୍ଜିନିୟର ରାମଚନ୍ଦ୍ର ମିଶ୍ର ଚନ୍ଦନ ପୋଖରୀ ନିକଟରେ ପହଞ୍ଚି ଅନୁଧ୍ୟାନ କରିବା ସହ ତୁରନ୍ତ ମଣିଖମ୍ବ ନିର୍ମାଣ ପାଇଁ ସମ୍ପୃକ୍ତ ୬ଜଣ ବ୍ୟକ୍ତିଙ୍କ ସହ ଆଲୋଚନା କରିଥିଲେ । ଖୁବ୍‌ଶୀଘ୍ର ୫ଫୁଟ ବ୍ୟାସାର୍ଦ୍ଧ ଓ ୨୦ ଫୁଟ ଉଚ୍ଚତାବିଶିଷ୍ଟ ଏକ ମଣିଖମ୍ବ ନିର୍ମାଣ କରାଯିବାକୁ ସ୍ଥିର କରାଯାଇଛି । ପରବର୍ତ୍ତୀ ସମୟରେ କିପରି ପୋଖରୀର ପଙ୍କୋଦ୍ଧାର କାର୍ଯ୍ୟ କରାଯିବ ସେନେଇ ଆଲୋଚନା କରାଯାଇଥିଲା ।

**ଦୀର୍ଘ ଦିନ ହେଲା ପରିତ୍ୟକ୍ତ ହୋଇ ପଡ଼ିରହିଥିଲା**



ଯନ୍ତ୍ରୀଙ୍କ ସହ ଆଲୋଚନାରତ ନୀଳମାଧବ ବିଦ୍ୟାପୀଠର ପୁରାତନ ଛାତ୍ର।

## ଓଡ଼ଗାଁ ଶ୍ରୀରାମନବମୀ ଯାତ୍ରାର ତୃତୀୟ ସନ୍ଧ୍ୟା

# ପାଷାଣୀ ଅହଲ୍ୟାଙ୍କ ଶାପମୁକ୍ତି



ଶ୍ରୀଜୀଉଙ୍କ ଅହଲ୍ୟା ଉଦ୍ଧାର ବେଶ।

**ଓଡ଼ଗାଁ, ୧୫।୪(ସ୍ୱ.ପ୍ର.)**

ଓଡ଼ଗାଁରେ ବିଜେ ଶ୍ରୀରଘୁନାଥ ଜୀଉଙ୍କ ପ୍ରସିଦ୍ଧ ଶ୍ରୀରାମନବମୀ ଯାତ୍ରାର ୩ୟ ଦିବସରେ ପ୍ରଭୁ ଶ୍ରୀରାମଚନ୍ଦ୍ର ପାଷାଣୀ ଅହଲ୍ୟାଙ୍କୁ ଉଦ୍ଧାର କରୁଥିବା ଦୃଶ୍ୟରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ସ୍ୱାମୀ ଗୌତମ ଋଷିଙ୍କ ଅଭିଶାପରୁ ଗଙ୍ଗାନଦୀ କୂଳରେ ପାଷାଣ ହୋଇ ପଡିଥିବା ଅହଲ୍ୟା ପ୍ରଭୁ ଶ୍ରୀରାମଙ୍କ ପାଦ ସ୍ପର୍ଶରେ ଶାପମୁକ୍ତ ହୋଇଛନ୍ତି। ଅହଲ୍ୟା ପୁନଃ ଶରୀର ପ୍ରାପ୍ତ କରିଥିବାରୁ ପ୍ରଭୁଙ୍କୁ ବେନିକର ଯୋଡି ନିଜର ଭକ୍ତିପୂତ ପ୍ରଣାମ ଜଣାଉଥିବା ଦୃଶ୍ୟ ଭକ୍ତଙ୍କୁ ଆହ୍ଲାଦିତ କରିଥିଲା। ଋଷି ବିଶ୍ୱାମିତ୍ରଙ୍କ ନିର୍ଦ୍ଦେଶକ୍ରମେ ବେନି ଭ୍ରାତା ଶ୍ରୀରାମ ଓ ଲକ୍ଷ୍ମଣ ତାଡକା ସମେତ ଅନେକ ଅସୂୟା ଶକ୍ତିଙ୍କୁ ବିନାଶ କରିଥିଲେ। ଏଥିରେ ଋଷି ସନ୍ତୋଷ ପ୍ରକାଶ କରି ବେନି ଭ୍ରାତାଙ୍କୁ ଜନକ ନନ୍ଦିନୀ ସୀତାଙ୍କ ସ୍ୱୟଂମ୍ବର ସଭାକୁ ନେବାର ଶୁଭ ଅବସରରେ ଅଭିଶପ୍ତା ଅହଲ୍ୟାଙ୍କୁ ଶାପମୁକ୍ତ କରିଥିଲେ। ପାଳିଆ ପଣ୍ଡାଙ୍କ ସମେତ ନନ୍ଦ ବଂଶର ସମସ୍ତ ବେଶକାରୀ ଶ୍ରୀଜୀଉଙ୍କୁ ବେଶ କରିଥିବା ବେଳେ ମଙ୍ଗଳବାର ଗଙ୍ଗାପାର ବେଶରେ ଶ୍ରୀଜୀଉମାନେ ଦର୍ଶନ ଦେବେ। ପୋଲିସ ପ୍ରଶାସନ ଓ ଶାନ୍ତି କମିଟି ସଦସ୍ୟମାନେ ବିଭିନ୍ନ ସ୍ଥାନରେ ସାଦା ପୋଷାକରେ ରହି ଶାନ୍ତିଶୃଙ୍ଖଳା ପ୍ରତି ନଜର ରଖିଥିଲେ।

## ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ୨ୟ ଦିବସ

# ଶ୍ରୀରାମଙ୍କ ଦ୍ୱାରା ଶିବଧନୁ ଭଗ୍ନ

**ଦଶପଲ୍ଲା,୧୫।୪(ଡି.ଏନ.ଏ)**

ମହାବୀର କ୍ଷେତ୍ର ଦଶପଲ୍ଲାର ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କ ପୀଠରେ ଚାଲିଥିବା ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରାର ସୋମବାର ୨ୟ ଦିବସରେ ଯାଗରକ୍ଷା ଓ ଧନୁ ଭଗ୍ନ ପ୍ରଭୃତି ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ମନ୍ଦିର ପରିସରରେ ପାରମ୍ପରିକ ନୀତିରେ ପୂଜାବିଧି ପରେ ରାତିରେ ରଙ୍ଗମଞ୍ଚରେ ଯାଗରକ୍ଷା, ତାଡ଼କାବଧ, ଧନୁଭଗ୍ନ, ବିବାହ, ପର୍ଶୁରାମ ଭେଟ ହୋଇଥିଲା। ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ଚାରି ଭାଇ କ୍ରମେ ବଡ଼ ହେଲେ। ଏକଦା ବିଶ୍ୱାମିତ୍ର ଋଷି ଦଶରଥଙ୍କ ରାଜସଭାକୁ ଆସିଥିଲେ। ସେତେବେଳେ ଅସୁରମାନେ ବହୁ ଉତ୍ପାତ କରିବା ସହିତ ମୁନିଋଷିଙ୍କ ଯଜ୍ଞ ଭାଙ୍ଗୁଥିଲେ। ସେମାନଙ୍କୁ ମାରିବା ପାଇଁ ବିଶ୍ୱାମିତ୍ର ରାମ ଓ ଲକ୍ଷ୍ମଣଙ୍କୁ ସଙ୍ଗରେ ନେଇ ଜଙ୍ଗଲ ମଧ୍ୟରେ ପ୍ରବେଶ କଲେ। ସେଠାରେ ରାମ, ଲକ୍ଷ୍ମଣ ବହୁ ଅସୁର, ଅସୁରୁଣୀଙ୍କୁ ବଧ କଲେ। ଏଥିରେ ବିଶ୍ୱାମିତ୍ର ଋଷି ଖୁସି ହୋଇ ଦୁଇଭାଇଙ୍କୁ ବହୁ ଅସ୍ତ୍ରଶସ୍ତ୍ର ପ୍ରଦାନ ସହ ଆଶୀର୍ବାଦ କଲେ। ଏହାପରେ ବିଶ୍ୱାମିତ୍ର ରାମ ଓ ଲକ୍ଷ୍ମଣଙ୍କୁ ଧରି ମିଥିଳାରେ ପ୍ରବେଶ କଲେ। ମିଥିଳାର ରାଜା ଜନକଙ୍କର ସୀତା ନାମ୍ନୀ ସୁନ୍ଦରୀ କନ୍ୟା ଥିଲେ। ଜନକ ପଣ କରିଥିଲେ ଯିଏ ଶିବଧନୁ ଭଗ୍ନ କରିବ ସେ ସୀତାଙ୍କୁ ବିବାହ କରିବ। ଏଥି ନିମନ୍ତେ ଏକ ସ୍ୱୟଂମ୍ବର ସଭା ଅନୁଷ୍ଠିତ ହୋଇଥାଏ। ସଭାରେ ବିଭିନ୍ନ ଦେଶରୁ ବହୁ ବୀର ରାଜାମାନେ ଯୋଗଦାନ କରିଥାନ୍ତି। ସେଠାରେ ବିଶ୍ୱାମିତ୍ର ରାମ ଲକ୍ଷ୍ମଣଙ୍କୁ ଧରି ପ୍ରବେଶ କଲେ। ବୀର ରାଜାମାନେ ଧନୁ ଭାଙ୍ଗିବା ତ ଦୂରର କଥା କେହି ଟେକିପାରୁ ନ ଥିଲେ। ପରିଶେଷରେ ପ୍ରଭୁ ଶ୍ରୀରାମଚନ୍ଦ୍ର ସହଜରେ ଶିବଧନୁ ଭାଙ୍ଗିଥିଲେ। ଏହା ଦେଖି ବୀର ରାଜାମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ରାଜା ଜନକ ଓ ବିଶ୍ୱାମିତ୍ର ଋଷି ମଧ ଖୁସି ହୋଇଯାଇଥିଲେ। ଏହା ପରେ ବିବାହ, ରାମ ପର୍ଶୁରାମ ଭେଟ ମଞ୍ଚସ୍ଥ ହୋଇଥିଲା।



ଶିବଧନୁ ଭଗ୍ନର ଦୃଶ୍ୟ।

# ଅବକାରୀ ବିଭାଗ ଭାଙ୍ଗିଲା ୨ୟ ମଦଭାଟି

**ଦେଶୀମଦ ଜବତ, ୬୦୦ ଲିଟର ପୋଚ ନଷ୍ଟ, ୩ ଗିରଫ**

**ଓଡ଼ଗାଁ,୧୫।୪(ସ୍ୱ.ପ୍ର.)**

ନୟାଗଡ଼ ଅବକାରୀ ଅଧୀକ୍ଷକ ହମିଦୁଲ୍ଲା ଖାନଙ୍କ ନିର୍ଦ୍ଦେଶକ୍ରମେ ଜିଲା ଅବକାରୀ ଅଧିକାରୀ ଓ କର୍ମଚାରୀମାନେ ତିନିଦିନ ମଧ୍ୟରେ ୨ୟ ଦେଶୀ ମଦ ଭାଟି ଭାଙ୍ଗିଛନ୍ତି। ଶନିବାର ରାମନବମୀ ଅବସରରେ ଏହି ଥାନା ଅନ୍ତର୍ଗତ ଡୋଳମସ୍କାରେ ମଦଭାଟି ଭାଙ୍ଗିବା ସହିତ ଅବକାରୀ ବିଭାଗ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଦୁଇଦିନ ପରେ ଅର୍ଥାତ୍ ସୋମବାର ଅବକାରୀ ନିରୀକ୍ଷକ ମୃତ୍ୟୁଞ୍ଜୟ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୟାଗଡ ଅବକାରୀ ଭାରପ୍ରାପ୍ତ ଅଧିକାରୀ ବାଳକୃଷ୍ଣ ପରିଡା, ଏଏସ୍‌ଆଇ ପ୍ରଫୁଲ୍ଲ କୁମାର ଗୁରୁ, ପୁରୁଷୋତ୍ତମ ପ୍ରଧାନଙ୍କ ସହିତ ଅନ୍ୟ କମଚାରୀମାନେ ଓଡ଼ଗାଁ ସଦର ସମେତ କୋମଣ୍ଡ, ଟିଙ୍କପଡିଆ ଓ ଶାଲିଆପଲ୍ଲୀ ଗ୍ରାମରେ ଚଢାଉ କରିଥିଲେ। ଏହି ସମୟରେ ସେମାନେ ଶାଳିଆପଲ୍ଲୀ ନିକଟରେ ଥିବା ବେଆଇନ ଦେଶୀ ମଦ ଭାଟି ଠାବ କରିବା ସହିତ ସେଠାରୁ ଶାଳିଆପଲ୍ଲୀର ମାଧବ ଜାନି, କୋମଣ୍ଡ ଗ୍ରାମର କାଳିଆ ନାଇକ ଓ ଡାକ ନାଇକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ପରେ ସେମାନଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଭାରପ୍ରାପ୍ତ ଅଧିକାରୀ ପରିଡା ସୂଚନା ଦେଇଛନ୍ତି। କର୍ମଚାରୀମାନେ ସେମାନଙ୍କଠାରୁ ୧୯ ଲିଟର ଦେଶୀମଦ ଜବତ କରିଥିବା ବେଳେ ମଦ ପାଇଁ ପ୍ରସ୍ତୁତ ହୋଇଥିବା ୬୦୦ ଲିଟର ପୋଚ ନଷ୍ଟ କରିଥିଲେ । ଏହା ସହିତ ୧୨ଟି ଡେକ୍‌ଚି ଓ ମଦ ରନ୍ଧା ସରଞ୍ଜାମ ଜବତ କରିଥିବା ଜଣାଯାଇଛି।



ଭଙ୍ଗାଯାଇଥିବା ମଦ ଭାଟି। ଜବତ ସାମଗ୍ରୀ ଓ ଗିରଫ ଅଭିଯୁକ୍ତ।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ରଣପୁର, ୧୫।୪(ସ୍ୱ.ପ୍ର.)**

ନୟାଗଡ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳର ୧ ନମ୍ବର ୱାର୍ଡରେ ଥିବା ହାଡଗାଡିଆ ପୋଖରୀରେ ବୁଡି ସୋମବାର ମଧ୍ୟାହ୍ନରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସାନଗଡର ଲକ୍ଷ୍ମଣ ସାହୁ (୮୦) । ଦମକଳ ବାହିନୀ ପହଞ୍ଚି ଲକ୍ଷ୍ମଣଙ୍କୁ ପୋଖରୀରୁ ଉଦ୍ଧାର କରି ରଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ପରିବାର ଲୋକମାନେ ରଣପୁର ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩/୧୯) ରୁଜୁ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଛି। ପ୍ରକାଶ ଯେ, ୧ ନମ୍ବର ୱାର୍ଡର ଲକ୍ଷ୍ମଣ ସାହୁ ଅପରାହ୍ନ ୫ ଟାରେ ଶୌଚ ହେବା ପାଇଁ ବିଲକୁ ଯାଇଥିଲେ। ସେଠାରୁ ହାଡଗାଡିଆ ପୋଖରୀକୁ ଯାଇଥିଲା ବେଳେ ଭାରସାମ୍ୟ ହରାଇ ମୁହଁ ମାଡି ପଡିଯାଇଥିଲେ । ବୟସାଧିକ ହେତୁ ସେ ପାଣି ଭିତରୁ ବାହାରି ପାରି ନ ଥିଲେ । ରାସ୍ତାରେ ଯାଉଥିବା କିଛି ମହିଳା ଏହା ଦେଖି ସଙ୍ଗେ ସଙ୍ଗେ ଗ୍ରାମରେ ଜଣାଇଥିଲେ। ଘଟଣାସ୍ଥଳରେ ରଣପୁର ଦମକଳ ବାହିନୀ ପହଞ୍ଚି ଲକ୍ଷ୍ମଣଙ୍କୁ ପୋଖରୀରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ରଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଲକ୍ଷ୍ମଣ ଗରିବ ଶ୍ରେଣୀର ହୋଇଥିଲା ବେଳେ ଗ୍ରାମ ମୁଣ୍ଡରେ ଏକ ଛୋଟ ଜଳଖିଆ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ତାରିଣୀଙ୍କ ୧୫ତମ ବାର୍ଷିକ ଉତ୍ସବ

**ଖଣ୍ଡପଡା,୧୫।୪(ସ୍ୱ.ପ୍ର.)**

ସିଧାମୂଳା ମହାନଦୀ ସେତୁ ନିକଟସ୍ଥ ମା'ତାରିଣୀଙ୍କ ୧୫ତମ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି । ଏହି ଅବସରରେ ପୂର୍ବାହ୍ନରେ ସୂର୍ଯ୍ୟପୂଜା ସହିତ ଘୃତ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ମହିଳା ମଣ୍ଡଳ ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ସିଧାମୂଳା ଗୋକୁଳାନନ୍ଦ ଜୀଉ ମନ୍ଦିର ପରିଚାଳକ ଗଙ୍ଗାଧର ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ଦେଖିବାକୁ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ୩୫୪ ଖଣ୍ଡ ଶାଗୁଆନ ଓ ନିମ ପଟା ଜବତ, ଜଣେ ଗିରଫ



ଜବତ ଶାଗୁଆନ ଓ ନିମ ପଟା।

**ଓଡ଼ଗାଁ,୧୫।୪(ସ୍ୱ.ପ୍ର.)**

ନୟାଗଡ଼ ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତେଙ୍କ ନିର୍ଦ୍ଦେଶ ଓ ସହକାରୀ ବନ ସଂରକ୍ଷକ ଅରବିନ୍ଦ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନ ବିଭାଗ ସ୍ଥାନୀୟ ଥାନା ଓ ବନାଞ୍ଚଳ କାର୍ଯ୍ୟାଳୟ ପଛପାଖ ଗାନ୍ଧୀନଗର ସାହିରୁ ବିପୁଳ ପରିମାଣର ମୂଲ୍ୟବାନ ପଟା ଜବତ କରିଛି। ଦୁଇଦିନ ପୂର୍ବେ ଚଢାଉ ହୋଇଥିବା ସ୍ଥାନରେ ମୂଲ୍ୟବାନ ପଟା ରହିଥିବା ବନ ବିଭାଗ ବିଶ୍ୱସ୍ତ ସୂତ୍ରରୁ ଜାଣିପାରିଥିବା ବେଳେ ଏ ନେଇ ତୀକ୍ଷ୍ଣ ନଜର ରଖିଥିଲା। ସୋମବାର ସକାଳ ପ୍ରାୟ ୮ଟାରେ ଗାନ୍ଧୀନଗର ସାହିର ପ୍ରଭାତ କୁମାର ସାହୁଙ୍କ ଘରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଚଢାଉ କରିଥିଲେ। ଏହି ସମୟରେ ଏହି ଘରକୁ ପ୍ରାୟ ୩ମାସ ହେଲା ଚନ୍ଦନ ସ୍ୱାଇଁ (୩୪) ନାମକ ଜଣେ କାଠ ମିସ୍ତ୍ରି ଭଡା ସୂତ୍ରରେ ନେଇ କାଠ ପଟା ମହଜୁଦ ରଖିଥିବା ଦେଖିଥିଲେ। ସେଠାରୁ ୬୮.୫୯୯ ଘନଫୁଟ ବିଶିଷ୍ଟ ୩୫୪ ଖଣ୍ଡ ଶାଗୁଆନ ଓ ନିମ ପଟା ଜବତ ହୋଇଥିଲା। ଏହାର ମୂଲ୍ୟ ୨ଲକ୍ଷ ଟଙ୍କା ହେବ ବୋଲି ବିଭାଗୀୟ ସୂଚନା ଦିଆଯାଇଛି। ବନ ବିଭାଗ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କ ବିରୋଧରେ ୧/୧୯-୨୦ରେ ମକଦ୍ଦମା ରୁଜୁ କରାଯାଇ ତାଙ୍କୁ ସ୍ଥାନୀୟ ଜେଏମ୍‌ଏଫ୍‌ସି କୋର୍ଟ ଚାଲାଣ କରାଯାଇଥିଲା । ହେଲେ ଜାମିନ ନାମଞ୍ଜୁର ହୋଇଥିବା ତଦନ୍ତକାରୀ ବନପାଳ ଜ୍ୟୋତିରଞ୍ଜନ ମାନସିଂ ସୂଚନା ଦେଇଛନ୍ତି। ସ୍ଥାନୀୟ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ନାଥ ପଣ୍ଡା, ଭ୍ରାମ୍ୟମାଣ ବନାଞ୍ଚଳ ଅଧିକାରୀ ଅତୁଲ୍ୟ ମହାନ୍ତି, ବନପାଳ ମାନସିଂ, ବନପାଳ ସରିତା ବରାଳ, ୬ ଜଣ ରେଞ୍ଜର ଟ୍ରେନିଂ ଅଫିସର, ୧୦ ବନରକ୍ଷୀଙ୍କ ସହିତ ୧୫ ଜଣ ଆଣ୍ଟି ସ୍ମଗ୍‌ଲିଂ ସ୍କ୍ୱାଡ୍ ଚଢାଉରେ ସାମିଲ ହୋଇଥିଲେ।

# ବିପ୍ଳବୀ ଗୋବିନ୍ଦ ମିଶ୍ରଙ୍କ ଶ୍ରାଦ୍ଧୋତ୍ସବ

**ଦଶପଲ୍ଲା,୧୫।୪(ଡି.ଏନ.ଏ.)**

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କର ୫୩ତମ ଶ୍ରାଦ୍ଧବାର୍ଷିକୀ ଦଶପଲ୍ଲାଠାରେ ରବିବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ବିପ୍ଳବୀ ଗୋବିନ୍ଦ ସ୍ମୃତି ପରିଷଦ ଓ 'ଗଠନ ପରିବାର'ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ମଇଦାନଠାରେ ଆୟୋଜିତ ସଭାରେ ପରିଷଦ ଅଧକ୍ଷ ଡ. ପଦ୍ମଚରଣ ମିଶ୍ର ପୌରୋହିତ୍ୟ କରିଥିଲେ। କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ମୁଖ୍ୟଅତିଥି, ବରିଷ୍ଠ ଖବରଦାତା ଅରୁଣ କୁମାର ପଣ୍ଡା ମୁଖ୍ୟବକ୍ତା ଓ ଶିକ୍ଷାବିତ୍ ଡ. ବିଜୟ କୁମାର ନନ୍ଦ, ଯୁବକବି ଚନ୍ଦ୍ରବିଜୟୀ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବିପ୍ଳବୀ ଗୋବିନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ତାଙ୍କ ଦ୍ୱାରା ରଚିତ 'ଜାତୀୟ ଜୀବନର ଆତ୍ମପ୍ରକାଶ' ପୁସ୍ତକ ଜନମାନସରେ ବେଶ୍ ଆଦୃତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଚଳିତବର୍ଷର ଗୋବିନ୍ଦ ସ୍ମୃତି ସମ୍ମାନ ବରିଷ୍ଠ ଖବରଦାତା ଅରୁଣ କୁମାର ପଣ୍ଡାଙ୍କୁ ପ୍ରଦାନ କରାଯାଇଥିଲା। ସେହିଭଳି ଗଠନ ପରିବାର ପକ୍ଷରୁ କାରିଗର ଧନଞ୍ଜୟ ମହାରଣା, କବିତା ପାଇଁ ମୁରଲୀଧର ମହାରଣା, ପ୍ରଶାସକ ଭାବେ ହାଡିବନ୍ଧୁ ମହାଖୁଡ, ବିଶିଷ୍ଟ ନାଟ୍ୟକାର ଭାବେ 'ଦିବାକର-ସୂର୍ଯ୍ୟମଣି' ସମ୍ମାନ ପ୍ରାଧ୍ୟାପକ ରାମଚନ୍ଦ୍ର ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା। ଗଠନର ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଗାଳ୍ପିକ ହାଡିବନ୍ଧୁ ମହାଖୁଡ ମଞ୍ଚ ସଞ୍ଚାଳନ କରିଥିଲେ।



ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ଦକ୍ଷିଣ ପୂର୍ବ ମଧ ରେଳପଥ**

**ପିୟୁ ପେଣ୍ଟିଂ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

ନଂ.୧୧୦-୦୬-ପିୟୁ ପେଣ୍ଟ-ଏଚ୍‌ଏଚ୍‌ପି ତାରିଖ: ୧୧।୦୪।୨୦୧୯
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ସିନିୟର୍ ଡିଏମ୍‌ଇ (ଡି)/ଡିଏଲ୍‌ଏସ୍/ରାୟପୁର ନିମ୍ନଲିଖିତ କାର୍ଯ୍ୟର ନିର୍ବାହ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି।
ଟେଣ୍ଡର ବିଜ୍ଞପ୍ତି ନଂ.: ୧୧୦-୦୬-ପିୟୁ-ପେଣ୍ଟ-ଏଚ୍‌ଏଚ୍‌ପି
କାର୍ଯ୍ୟର ନାମ: ଡିଏଲ୍‌ଏସ୍/ରାୟପୁରର ୪୬ ଗୋଟି ଏଚ୍‌ଏଚ୍‌ପି ଲୋକୋମୋଟିଭ୍‌ର ପଲିୟୁରିଥେନ୍ ପେଣ୍ଟିଂ (ପିୟୁ ପେଣ୍ଟିଂ)।
ଟେଣ୍ଡର ମୂଲ୍ୟ: ₹୭୪,୪୪,୮୨୪/-,
ଇଏମ୍‌ଡି: ₹୧,୪୮,୯୦୦/-,
ଟେଣ୍ଡର କାଗଜପତ୍ର ମୂଲ୍ୟ: ₹୫,୦୦୦/-
ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା।୧୦।୦୫।୨୦୧୯ରିଖ ୧୫.୩୦ ଘଟିକା।
ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ୍ ଅଫର୍‌କୁ ନାକଚ କରିଦିଆଯିବ। ଅଧିକ ବିବରଣୀ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିନିୟର୍ ଡିଏମ୍‌ଇ (ଡି)/ଡିଏଲ୍‌ଏସ୍/ଏସ୍‌ଇସିଆର/ରାୟପୁରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍: www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନ୍‌ଲୋଡ୍ କରନ୍ତୁ।
ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର୍ (ଡି)
ଦକ୍ଷିଣ ପୂର୍ବ ମଧ ରେଳପଥ, ରାୟପୁର
PR/R/(DLS/R)/HL/05
ସ୍ୱଚ୍ଛ ଭାରତ ଅଭିଯାନ

**ପୂର୍ବ ତଟ ରେଳପଥ**

**ନିର୍ମାଣ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONHQBBS2019015, ତା: 11.04.2019
କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ - ବଲାଙ୍ଗୀର ନୂତନ B.G. ରେଳ ଲିଙ୍କ ପ୍ରକଳ୍ପର କି.ମି. 237.200 ରୁ କି.ମି. 238.400 ମଧ୍ୟରେ ଥିବା ତେଲ୍ ନଦୀ ଉପରେ ବ୍ରିଜ୍ ସଂ. 677 (17 x 45.70 m ଓପନ୍ ୱେବ୍ ଥ୍ରୁ ଗର୍ଡ଼ର) ଏବଂ SH-41 ଉପରେ ବଡ଼ ବ୍ରିଜ୍ ସଂ. 675 (1x30.50 m ଓପନ୍ ୱେବ୍ ଥ୍ରୁ ଗର୍ଡ଼ର)ର ନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 2326.09ଲକ୍ଷ, EMD : ₹ 13,13,100.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 11,800.00, କାର୍ଯ୍ୟ ସମାପ୍ତିର ଅବଧି : 24(ଚବିଶି)ମାସ।
ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ : ତା 03.05.2019ର 1200 ଘ. ରେ
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଇଅଛି ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର
PR-08/CC/19-20

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. MCSW/TECH/Sale-Zero Value Scrap/2019-20/04, ତା: 10.04.2019
କାର୍ଯ୍ୟର ନାମ : ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱରର ମନୋନୀତ ଅଞ୍ଚଳରୁ ଅଳ୍ପ ମୂଲ୍ୟ / ଶୂନ୍ୟ ମୂଲ୍ୟର ସ୍କ୍ରାପ୍ ସହିତ ମିଶିଯାଇଥିବା ଆବର୍ଜନାକୁ ବିକ୍ରୟ ଭିତ୍ତିରେ ଶ୍ରେଣୀଭୁକ୍ତ କରିବା / ପୃଥକ୍‌କରଣ ଏବଂ ଅପସାରଣ।
ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 34,27,543.00, EMD (ଟଙ୍କାରେ) : ₹ 68,600.00, ଟେଣ୍ଡର କାଗଜପତ୍ରର ମୂଲ୍ୟ (ଟଙ୍କାରେ): ₹ 3,000.00, ଠିକା ଅବଧି : କାର୍ଯ୍ୟ ଆରମ୍ଭ ହେବା ତାରିଖ ଠାରୁ 01 (ଏକ) ବର୍ଷ
ଟେଣ୍ଡର କାଗଜପତ୍ର ବିକ୍ରୟ ହେବାର ତାରିଖ ଓ ସମୟ : ତା 18.04.2019 ରିଖ ଠାରୁ ତା 20.05.2019 ରିଖ 1200 ଘ. ପର୍ଯ୍ୟନ୍ତ, ଟେଣ୍ଡର ଗ୍ରହଣ କରାଯିବାର ଅନ୍ତିମ ତାରିଖ ଏବଂ ସମୟ : ତା 20.05.2019 ରିଖ 1500 ଘଟିକା ପର୍ଯ୍ୟନ୍ତ, ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ : ତା 20.05.2019 ର 1530 ଘ.ରେ
ଟେଣ୍ଡର ଫର୍ମ ଉପଲବ୍ଧ ହେବା ସ୍ଥାନ : ମୁଖ୍ୟ କାରଖାନା ପ୍ରବନ୍ଧକଙ୍କ କାର୍ଯ୍ୟାଳୟ, ରେଳଡ଼ବା ମରାମତି କାରଖାନା, ପୂର୍ବ ତଟ ରେଳପଥ, ମଞ୍ଚେଶ୍ୱର, ଭୁବନେଶ୍ୱର -751017
ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଉପଲବ୍ଧ ହେବ : www.eastcoastrail.indianrailways.gov.in । ଯଦି ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ତଥା ଟେଣ୍ଡର ଆବେଦନକାରୀ(ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ। ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ।
ଡେପୁଟି ଚିଫ୍ ମେକାନିକାଲ୍ ଇଞ୍ଜିନିୟର (POH), ରେଳଡ଼ବା ମରାମତି କାରଖାନା, ମଞ୍ଚେଶ୍ୱର
PR-31/K/19-20

CLASSIFIED DISPLAY

ORANE INTERNATIONAL SCHOOL OF BEAUTY & WELLNESS
ଭୁବନେଶ୍ୱରରେ ବିଶ୍ୱସ୍ତରୀୟ ବିୟୁଟି ସ୍କୁଲର ଶିକ୍ଷାରମ୍ଭ
ଆଡଭାନ୍ସ ଡିପ୍ଲୋମା
ହେୟାର • ବିୟୁଟି • ମେକ୍‌ଅପ୍
କମ୍ପାନୀ ଦ୍ୱାରା ୪୦% ପର୍ଯ୍ୟନ୍ତ ରିହାତି (For limited seats only)
UK ର ସବୁଠାରୁ ବଡ ବିୟୁଟି ସଂସ୍ଥା CIBTAC ତଥା CIDESCO, ଜ୍ୟୁରିକ୍ ସୁଇଜରଲାଣ୍ଡରୁ ମାନ୍ୟତାପ୍ରାପ୍ତ
Awarded WORLD's GREATEST BRANDS & LEADERS in Skill Training
*Conditions apply
Call: 73288-24255 / 73288-24260 Santosh Plaza, 3rd Floor, Plot No.5, Janapath, Satya Nagar, Bhubaneswar



ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ସ୍ତ୍ରୀଙ୍କୁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786





ଅହଂକୁ ଯେତିକି ଦୂରରେ ରଖିବ ତୁମର ଜ୍ଞାନରେ
ବା ଦର୍ଶନର ସୀମା ସେତିକି ବିସ୍ତାର ହେବ।
- ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର

## ସଂକ୍ଷେପରେ

### ଗିରି ହନୁମାନ ପୀଠରେ ପଞ୍ଚକୁଣ୍ଡୀୟ ମହାଯଜ୍ଞ ଉଦ୍‌ଯାପିତ



**ଖଣ୍ଡପଡା,୧୫।୪(ସ୍ୱ.ପ୍ର.):** ଖଣ୍ଡପଡା ସହରାଞ୍ଚଳ ଗିରି ହନୁମାନ ପୀଠରେ ବୁଧବାର ଆରମ୍ଭ ହୋଇଥିବା ପାରମ୍ପରିକ ପଞ୍ଚକୁଣ୍ଡୀୟ ମହାଯଜ୍ଞ ରବିବାର ମହାବିଷୁବ ସଂକ୍ରାନ୍ତିରେ ଉଦ୍‌ଯାପିତ ହୋଇଯାଇଛି। ୧୮ତମ ମନ୍ଦିର ପ୍ରତିଷ୍ଠା ଦିବସ ଅବସରରେ ୩ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ଘୃତ ଯଜ୍ଞ ଓ ମହାବିଷୁବ ସଂକ୍ରାନ୍ତିରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗତ ୩ ଦିନ ବ୍ୟାପୀ ହନୁମାନ ଚାଳିଶା ପଠନ, ପୂଜାର୍ଚ୍ଚନା, ସନ୍ଧ୍ୟା ଆଳତି, ଅନୁଷ୍ଠିତ ହୋଇଯାଇଛି ।

### ଶ୍ରୀମନ୍ଦିର ପାରମ୍ପରିକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା
### ପାରମ୍ପରିକ ସଙ୍ଗୀତରେ ଝୁମିଲେ ଦର୍ଶକ



**ପୁରୀ ଅଫିସ,୧୫।୪:** ଶ୍ରୀକ୍ଷେତ୍ର ହନୁମାନ ଜୟନ୍ତୀ କମିଟି ଆନୁକୂଲ୍ୟରେ ସିଂହଦ୍ୱାର ନିକଟରେ ଚାଲିଥିବା ଶ୍ରୀମନ୍ଦିର ପାରମ୍ପରିକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସୋମବାର ପାରମ୍ପରିକ ସଙ୍ଗୀତରେ ଝୁମିଥିଲେ ଦର୍ଶକ। ମୁଖ୍ୟ ଅତିଥି ଭାବେ ଶ୍ରୀମନ୍ଦିର ପ୍ରଶାସକ (ଉନ୍ନୟନ) ବିଶ୍ୱନାଥ ସାହୁ ଓ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର କଳା ପରିଷଦ ଅଧକ୍ଷ ପ୍ରଫେସର ରାମହରି ଦାସ ଯୋଗଦେଇ ପାରମ୍ପରିକ କଳା, ସଂସ୍କୃତି ଉଜ୍ଜୀବିତ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। କଣ୍ଠଶିଳ୍ପୀମାନେ ଶ୍ରୀମନ୍ଦିରର ବିଲୁପ୍ତ ସ୍ନାନ ଗୀତ, ଝୁଲଣ ଗୀତ, ମାଳଶ୍ରୀ, ଚନ୍ଦନ ଗୀତ, ବିବାହ ଗୀତ ପ୍ରଭୃତି ପରିବେଷଣ କରିଥିଲେ। ଏହି ଅବସରରେ ସଙ୍ଗୀତରେ ଉଲ୍ଲେଖନୀୟ ଅବଦାନ ପାଇଁ ରବୀନ୍ଦ୍ରନାଥ ମିଶ୍ରଙ୍କୁ ଶ୍ରୀକ୍ଷେତ୍ର କଣ୍ଠ, ମର୍ଦ୍ଦଳରେ ରବିନାରାୟଣ ଦାଶଙ୍କୁ ଶ୍ରୀକ୍ଷେତ୍ର ସୁରମଣି ଏବଂ ନୃତ୍ୟରେ ଅଭିରାମ ନନ୍ଦଙ୍କୁ ଶ୍ରୀକ୍ଷେତ୍ର ନୃତ୍ୟଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ଇଂ. ବଳଦେବ ସିଂହାରୀ, ଚନ୍ଦ୍ରମାଧମ ପୂଜାପଣ୍ଡା, ଅମିତ କୁମାର ଦାସମହାପାତ୍ର ଓ ସୁଦର୍ଶନ ପୂଜାପଣ୍ଡା ସାମନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଦ୍ୟାଳୟସ୍ତରୀୟ ଚେସ୍ ଉଦ୍‌ଯାପିତ

**ପୁରୀ ଅଫିସ, ୧୫।୪:** ପୁରୀ ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୨୭ତମ ବିଦ୍ୟାଳୟସ୍ତରୀୟ ଚେସ୍ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ପୁରୀ ସେବା ସମିତି ପରିସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମିନି ଗ୍ରୁପ୍ (୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ)ର ଗାୟତ୍ରୀ ସାହୁ ୬ପଏଣ୍ଟ ପାଇ ଚାମ୍ପିୟନ ଏବଂ ସୌମ୍ୟାଶ୍ରୀ ସାହୁ ୫ପଏଣ୍ଟ ପାଇ ରନର୍ସ ଅପ୍ ଟାଇଟଲ ହାସଲ କରିଛନ୍ତି। ସେହିପରି ସବ୍ ଜୁନିୟର ଗ୍ରୁପ୍ (୬ଷ୍ଠରୁ ୮ମ)ରେ ୫.୧ ପଏଣ୍ଟ ପାଇ ଶୁଭମ ପରିଡ଼ା ଚାମ୍ପିୟନ ଏବଂ ପ୍ରଶାନ୍ତ ମଲିକ ୫ପଏଣ୍ଟ ପାଇ ରନର୍ସ ଅପ୍ ହୋଇଛନ୍ତି। ଜୁନିୟର ଗ୍ରୁପ୍ (୮ମରୁ ୧୦ମ)ରେ ୪.୫ ପଏଣ୍ଟ ପାଇ ସାଇସ୍ୱଦେଶ ମହାନ୍ତି ଚାମ୍ପିୟନ ଏବଂ ୪ପଏଣ୍ଟ ପାଇ ଆଲୋକଜିତ ସାହୁ ରନର୍ସ ଅପ୍ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର ଉପସଭାପତି ଡ. ଶ୍ରୀନିବାସ ଆଚାର୍ଯ୍ୟ ମୁଖ୍ୟ ଅତିଥି, କ୍ରୀଡ଼ାବିତ୍ ଅନିଲ ଗୋଛିକାର, ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ ସାହୁ, ଇଂ. ହରିନାରାୟଣ ପ୍ରତିହାରୀ, ପୁରୀ ସେବା ସମିତି ସମ୍ପାଦକ ଇପ୍‌ସିତ ପ୍ରତିହାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ବିମଳ ପ୍ରସାଦ ମହାନ୍ତି, ଶ୍ୟାମଳ କୁଣ୍ଡୁ, ଆର୍ବିଟର ଜ୍ୟୋତି ନନ୍ଦ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

## ■ କବି ଅନଙ୍ଗ ନରେନ୍ଦ୍ରଙ୍କ ରଚିତ ରାମଲୀଳା ଯାତ୍ରା
# ନୈତିକ ମୂଲ୍ୟବୋଧ, ଭ୍ରାତୃତ୍ୱ, ଆମୋଦର ପ୍ରତୀକ

**ବୋଲଗଡ଼,୧୫।୪(ଡି.ଏନ.ଏ.)**

- ଗ୍ରାମରେ ଆମିଷ ନିଷେଧ
- କଳାକାରଙ୍କ ପାଇଁ ହବିଷ୍ୟାନ୍ନ ଭୋଜନ
- ଆକର୍ଷଣ ସାଜେ କାଷ୍ଠମୁଖା ପିନ୍ଧା ଅଭିନୟ

କବି ଅନଙ୍ଗ ନରେନ୍ଦ୍ରଙ୍କ ରଚିତ ରାମଲୀଳା ଓଡ଼ିଶାର ପୁରପଲ୍ଲୀରେ ବେଶ୍ ଲୋକପ୍ରିୟ ହୋଇପାରିଛି। ସେ ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ବାଙ୍କୋଇ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ତେଣୁ ଏହି ଅଞ୍ଚଳରେ ପୁରୁଷାନୁକ୍ରମେ କବିଙ୍କ ଦ୍ୱାରା ରଚିତ ରାମଲୀଳା ଯାତ୍ରା ପ୍ରତିବର୍ଷ ଅନୁଷ୍ଠିତ ହେଉଛି। ଏହି ପରମ୍ପରା ଲୋକଙ୍କ ମନରେ ଭ୍ରାତୃତ୍ୱ ଭାବ, ନୈତିକ ମୂଲ୍ୟବୋଧ ଜାଗ୍ରତ କରିବା ସହ ଗ୍ରାମ୍ୟ ଜୀବନରେ ସାଂସ୍କୃତିକ ଆମୋଦର ପ୍ରତୀକ ସାଜିଛି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ। ସମ୍ପ୍ରତି ରାମଲୀଳା ପରିବେଷଣ ହେଉଥିବା ସ୍ଥାନଗୁଡ଼ିକରେ ଶୁଭଖୁଣ୍ଟ ଅନୁକୂଳ କରାଯାଇଛି। ସୂଚନାଯୋଗ୍ୟ, ସୋମବାର ଏହି ଉତ୍ସବ ବାଙ୍କୋଇ ଗ୍ରାମର ଗଡସାହିସ୍ଥିତ ରଘୁନାଥଜୀଉଙ୍କ ପୀଠରେ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆରମ୍ଭ ହୋଇଯାଇଛି। କବି ଅନଙ୍ଗ ନରେନ୍ଦ୍ରଙ୍କ ଜନ୍ମଭୂମି ଗ୍ରାମର ୨ଟି ସ୍ଥାନରେ ମଧ ରାମଲୀଳା ଅନୁଷ୍ଠିତ ହେଉଛି। ତେବେ ଚଳିତ ବର୍ଷ ବାଙ୍କୋଇ ଗଡସାହିସ୍ଥିତ ରଘୁନାଥଙ୍କ ପୀଠରେ ରାମଲୀଳାର ଆଦ୍ୟକାଣ୍ଡ ପରିବେଷିତ ହୋଇଥିଲା। ମାଳି ସୁମାଳି ଓ ମାଲ୍ୟବନ୍ତ ଭଳି ରାକ୍ଷସ ଏବଂ ଦେବତାମାନଙ୍କ ମଧ୍ୟରେ ଯୁଦ୍ଧ ହୋଇଥିବା ଅଭିନୟ ମଞ୍ଚସ୍ଥ ହୋଇଥିଲା। ସେହିପରି କବିଙ୍କ ଗୁରୁଦ୍ୱାର କନ୍ତାଇଲୋ ଗ୍ରାମ ଶ୍ରୀଶ୍ରୀ ବାଲାଜୀଉଙ୍କ



ରାମ, ଲକ୍ଷ୍ମଣ ଓ ସୀତା ବେଶରେ ରାମଲୀଳା କଳାକାରମାନେ।

ପୀଠରେ ମଧ ରାମଲୀଳା ହୋଇଥିଲା। ବ୍ଲକର ଅନ୍ୟ ଅଞ୍ଚଳରେ ମଧ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଯାତ୍ରା ପାଇଁ ସମ୍ପୃକ୍ତ ଗ୍ରାମଗୁଡ଼ିକରେ ନିରାମିଷ ଓ ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରାଯାଏ। କଳାକାରମାନେ ଉଦ୍‌ଯାପନୀ ପର୍ଯ୍ୟନ୍ତ ହବିଷ୍ୟାନ୍ନ ଭୋଜନ କରିଥାନ୍ତି। ରାମଲୀଳା ସ୍ଥଳୀଠାରେ ଗଛଡାଳ ଦ୍ୱାରା ଛାମୁଡିଆ ପ୍ରସ୍ତୁତ କରାଯାଇଥିଲା। ପ୍ରତିଦିନ ଠାକୁରଙ୍କ ଆଳତି ପରେ ରାମଲୀଳାରେ ବର୍ଣ୍ଣିତ ବିଷୟ ଅନୁସାରେ ଅଭିନୟ କରାଯାଏ। ଏ ସମୟରେ ଗାୟକ ରାମଲୀଳା ପୋଥିଗାନ କରିଥିଲେ। ପାଳିଆମାନେ ପାଳି ଧରିଥିଲେ। ସ୍ୱର, ତାଳ, ଛନ୍ଦରେ ପାରମ୍ପରିକ ବାଦ୍ୟ ପଖଜ, ଗିନି ଆଦି ବ୍ୟବହାରପୂର୍ବକ ଲୀଳା ପରିବେଷଣ ହୋଇଥିଲା। ରାମଲୀଳା ଗାନ ସମୟରେ କଳାକାରମାନେ ନୃତ୍ୟ ପରିବେଷଣ ସହ ବେଶ୍ ଆକର୍ଷଣୀୟ ଅଭିନୟ କରିଥିଲେ। କଳାକାରମାନେ ରାକ୍ଷସ, ବାନର, ଭଲ୍ଲୁକ, ଆଦି ଅଭିନୟ ପାଇଁ କାଷ୍ଠମୁଖା ଓ ଆନୁଷଙ୍ଗିକ ବେଶପୋଷାକ ପରିଧାନ କରିଥିଲେ। ମହାବୀର ହନୁମାନ, ଅଙ୍ଗଦ, ବାଳି, ସୁଗ୍ରୀବ, ନଳ, ନୀଳ, ସୁଷେଣ, ଜାମ୍ବବାନ, ରାବଣ, କୁମ୍ଭକର୍ଣ୍ଣ, ଇନ୍ଦ୍ରଜିତ, ତ୍ରିଶିରା ଭୂମିକାରେ ଅଭିନୟ କରୁଥିବା କଳାକାରମାନେ ସେହିଭଳି କାଷ୍ଠମୁଖା ଧାରଣ କରି ଦର୍ଶକଙ୍କ ପାଇଁ ସ୍ୱତନ୍ତ୍ର ଆକର୍ଷଣ ସାଜିଥିଲେ। ଉଲ୍ଲେଖଯୋଗ୍ୟ, କେଉଁଠାରେ ଏହା ରାମଲୀଳା ଯାତ୍ରା ଉତ୍ସବ ଭାବେ ପାଳନ କରାଯାଉଛି ତ ଅନ୍ୟ କେଉଁଠି କବିଙ୍କ ରଚିତ ରାମଲୀଳା ପୋଥି ଗାନ କରାଯାଉଛି ।

# ପର୍ଶୁରାମଙ୍କ କଳା ହରଣ କଲେ ଶ୍ରୀରାମ



ପର୍ଶୁରାମଙ୍କ ବେଶରେ ଜଣେ କଳାକାର।

**ପୁରୀ ଅଫିସ,୧୫।୪**

- ଭକ୍ତିମୟ ପାଲଟିଲା ଜଗନ୍ନାଥବଲ୍ଲଭ ମଠ
- ପଟୁଆର, ବାଦ୍ୟରେ ଉତ୍ସବମୁଖର ଶ୍ରୀକ୍ଷେତ୍ର

ମିଥିଳା ରାଜା ଜନକ ତାଙ୍କ କନ୍ୟା ସୀତାଙ୍କର ସ୍ୱୟମ୍ବର ଆୟୋଜନ କରିଥିଲେ। ଏଥିରେ ଭାରତ ବର୍ଷର ବିଭିନ୍ନ ରାଜ୍ୟର ରାଜକୁମାରମାନେ ଯୋଗଦେଇଥିଲେ। ସ୍ୱୟମ୍ବରରେ ସର୍ତ୍ତ ଥିଲା ଯିଏ ଶିବ ଧନୁକୁ ଉଠାଇବେ ସେ ସୀତାଙ୍କୁ ବିବାହ କରିବେ। ମାତ୍ର ଶିବଧନୁକୁ କେହି ଉଠାଇ ପାରି ନ ଥିଲେ। ସେଠାରେ ମହର୍ଷି ବିଶ୍ୱାମିତ୍ରଙ୍କ ସହ ଦୁଇଭାଇ ରାମ ଓ ଲକ୍ଷ୍ମଣ ଉପସ୍ଥିତ ଥିଲେ। ଗୁରୁଙ୍କ ଆଦେଶ କ୍ରମେ ରାମ ଶିବଧନୁ ଭାଙ୍ଗି ସୀତାଙ୍କୁ ବିବାହ କରିଥିଲେ। ଶିବଧନୁ ଭଗ୍ନ ଶବ୍ଦରେ କ୍ରୋଧାନ୍ୱିତ ହୋଇ ପର୍ଶୁରାମ ପହଞ୍ଚିବାରୁ ତାଙ୍କ ସହ ପ୍ରଭୁ ଶ୍ରୀରାମଙ୍କର ଭେଟ ହୋଇଥିଲା। ସାହିଯାତର ତୃତୀୟ ଦିବସରେ ସୋମବାର ହରଚଣ୍ଡି ସାହି ପକ୍ଷରୁ ଏହି ନୀତି ସମ୍ପନ୍ନ ହୋଇଛି। ସକାଳେ ହରଚଣ୍ଡି ସାହି ଜାଗାରୁ ପର୍ଶୁରାମଙ୍କୁ ନେଇ ଏବଂ ସନ୍ଧ୍ୟାରେ ବିଶ୍ୱାମିତ୍ର, ରାମ, ଲକ୍ଷ୍ମଣ ଏବଂ ପର୍ଶୁରାମଙ୍କୁ ନେଇ ପଟୁଆର ବାହାରିଥିଲା। ଏହି ପଟୁଆର ସାହି ପରିକ୍ରମା କରିବା ପରେ ସିଂହଦ୍ୱାର ଦେଇ ଜଗନ୍ନାଥ ବଲ୍ଲଭ ମଠରେ ପହଞ୍ଚିଥିଲା।

ଅନ୍ୟପଟେ ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ନୀତି ଏବଂ ଦକ୍ଷିଣୀ ଘର ଭୋଗ ନୀତି ବଢିଥିଲା। ମହାଜନ ସେବକ ଦକ୍ଷିଣୀ ଘରୁ ରାମଲକ୍ଷ୍ମଣ ଓ ସୀତାଙ୍କୁ ନେଇ ରତ୍ନ ସିଂହାସନରେ ବିଜେ କରାଇଥିଲେ। ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରଦାନ କରିଥିଲେ। ଠାକୁରଙ୍କ ପାଲିଙ୍କି ବିଜେ ପରେ ବିମାନବଡୁମାନେ ପାଲିଙ୍କିକୁ ଘଣ୍ଟ, ଛତା କାହାଳୀ ସହ ପଟୁଆରରେ ଜଗନ୍ନାଥ ବଲ୍ଲଭକୁ ଯାଇଥିଲେ। ଠାକୁରମାନଙ୍କୁ ମଠ ଝୁଲଣ ଖଟରେ ବିଜେ କରାଇଥିଲେ। ମଠର ଆରାଧ ସୁଗ୍ରୀବ ମହାରାଜଙ୍କଠାରୁ ଆଜ୍ଞାମାଳ ବିଜେ ପରେ ଠାକୁରଙ୍କ ନିକଟରେ ଶୀତଳ ଭୋଗ ହୋଇଥିଲା। ବୈଷ୍ଣବ ଧନୁରେ ଗୁଣ ଚଢାଇ ଶ୍ରୀରାମ ପର୍ଶୁରାମଙ୍କ କଳା ହରଣ କରିଥିଲେ। ପର୍ଶୁରାମ ତପସ୍ୟା ଲାଗି ମହେନ୍ଦ୍ର ପର୍ବତକୁ ଚାଲିଯାଇଥିଲେ। ଏହି ମନୋଲୋଭା ଦୃଶ୍ୟ ଦେଖିବା ଲାଗି ମଠରେ ଲୋକଙ୍କ ଭିଡ଼ ଜମିଥିଲା।

# ରଣପୁର: ବିଜେଡିର ରୋଡ୍ ଶୋ’, ସଭା

**ରଣପୁର, ୧୫।୪(ସ୍ୱ.ପ୍ର.)**

ଗ୍ରୀଷ୍ମପ୍ରବାହ ଯେତିକି ବୃଦ୍ଧି ପାଉଛି ନୟାଗଡ ଜିଲା ରଣପୁର ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା ସେତିକି ବୃଦ୍ଧିପାଇବାରେ ଲାଗିଛି। ଏଠାରେ ମୁଖ୍ୟତଃ ୨ ପ୍ରମୁଖ ଦଳ ମଧ୍ୟରେ କଡା ଟକ୍କର ହେଉଥିବାର ଦେଖିବାକୁ ମିଳୁଛି । ପ୍ରତ୍ୟେକ ଦଳ ନିଜ ନିଜର ରଣକୌଶଳ ମାଧ୍ୟମରେ ଭୋଟରମାନଙ୍କର ନିକଟତର ହେବାକୁ ଚେଷ୍ଟା ଜାରି ରଖିଛନ୍ତି । ଆସନ୍ତା ୨୩ ତାରିଖରେ ରଣପୁର ନିର୍ବାଚନ ମଣ୍ଡଳୀରେ ୩ୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ସୋମବାର ସନ୍ଧ୍ୟାରେ ବିଜେଡି ପକ୍ଷରୁ ରଣପୁର ବିଧାନସଭା ଓ ପୁରୀ ଲୋକ ସଭା ଏମ୍.ପି. ପ୍ରାର୍ଥୀଙ୍କୁ ନେଇ ଏକ ରୋଡ୍ ଶୋ’ ଅନୁଷ୍ଠିତ ହୋଇଥିଲା। ଏହି ରୋଡ୍ ଶୋ’ରେ ବିଜେଡି ଲୋକ ସଭା ପ୍ରାର୍ଥୀ ପିନାକୀ ମିଶ୍ର, ବିଧାନ ସଭା ପ୍ରାର୍ଥୀ ସତ୍ୟ ନାରାୟଣ ପ୍ରଧାନ ଯୋଗ ଦେଇଥିଲେ । ସକାଳ ୮ ଟାରେ ଝାରପଡା ପଞ୍ଚାୟତ ଠାରୁ ବିଜେଡିର ରୋଡ ଶୋ’ ଆରମ୍ଭ ହୋଇଥିଲା। ପରେ



ରଣପୁରରେ ରୋଡ ଶୋ’ରେ କର୍ମୀମାନଙ୍କ ସହ ଏମ୍‌ପି ଓ ବିଧାୟକ ପ୍ରାର୍ଥୀ।

କାଞ୍ଚନପୁର ମୟୂରଝାଲିଆ, ଜଙ୍କିଆ, କେରେଣ୍ଡାଟାଙ୍ଗି, ରାଇପଡା, ପଡିଆ, ଚାନ୍ଦପୁର, କନ୍ଦନୟାଗଡ, ଚମ୍ପାଗଡ ଠାରେ ରୋଡ୍ ଶୋ’ କରି ସନ୍ଧ୍ୟା ୭ଟାରେ ରଣପୁର ଠାରେ ପହଞ୍ଚିଥିଲା । ଶତାଧିକ ବିଜେଡି କର୍ମୀଙ୍କ ବାଇକ ରାଲି ସହ ବିରାଟ ଶୋଭାଯାତ୍ରାରେ ପ୍ରାର୍ଥୀମାନେ ରଣପୁର ସହର ପରିକ୍ରମା କରି ପଞ୍ଚୁଦୋଳ ପଡିଆରେ ପହଞ୍ଚିଥିଲେ। ସେଠାରେ ଏକ ପଥପ୍ରାନ୍ତ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ପ୍ରାର୍ଥୀମାନେ ଭାଜପା ଓ କଂଗ୍ରେସ ଉପରେ ବର୍ଷିଥିଲେ। ସେମାନେ ଭୋଟରଙ୍କ ନିକଟତର ହୋଇ ଭୋଟ ଭିକ୍ଷା କରିଥିଲେ । ଏଠାରେ ମୁଖ୍ୟତଃ ଦୁଇ ପ୍ରମୁଖ ରାଜନୈତିକ ଦଳ ବିଜେଡି ଓ ଭାଜପା ମଧ୍ୟରେ କଡା ଟକ୍କର ହେଉଛି।

## ନିର୍ବାଚନ ତାଲିମକୁ ଆସିଲେନି
# ୩୨ଜଣଙ୍କ ବିରୋଧରେ ପରୱାନା ଜାରି

**ପୁରୀ ଅଫିସ,୧୫।୪**

ସାଧାରଣ ନିର୍ବାଚନ ସୁପରିଚାଳନା ଲାଗି ପୁରୀ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ବୁଥ୍‌ଗୁଡ଼ିକୁ ଯିବା ଲାଗି ପୋଲିଂ ଅଫିସରମାନଙ୍କୁ ତାଲିମ ଦିଆଯାଉଛି। ତେବେ ଏହି ତାଲିମରେ ଅନୁପସ୍ଥିତ ଥିବା ୩୨ଜଣଙ୍କ ବିରୋଧରେ ସୋମବାର ପରୱାନା ଜାରି କରାଯାଇଛି। ସେମାନଙ୍କ ମଧ୍ୟରେ ପୁରୀ ସଦର, ସମୁଦ୍ରକୂଳ, କୁମ୍ଭାରପଡ଼ା ଏବଂ ଟାଉନ ଥାନା ଅଞ୍ଚଳରୁ ଜଣେ ଲେଖାଏ, କୃଷ୍ଣପ୍ରସାଦ, କାକଟପୁର, ଅସ୍ତରଙ୍ଗ, କଣାସରୁ ଜଣେ ଲେଖାଏ, କୋଣାର୍କ, ବ୍ରହ୍ମଗିରି ଓ ଡେଲାଙ୍ଗରୁ ୨ଜଣ ଲେଖାଏ, ନିମାପଡ଼ାରୁ ୫, ପିପିଲିରୁ ୬ ଏବଂ ଖୋର୍ଦ୍ଧା ଜିଲାରୁ ୭ଜଣ ରହିଛନ୍ତି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଜ୍ୟୋତି ପ୍ରକାଶ ଦାସ ଏହି ପରୱାନା ଜାରି କରିଛନ୍ତି। ଆସନ୍ତା ୧୭ତାରିଖ ପୂର୍ବାହ୍ନ ୧୦ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୧୮ତାରିଖ ସକାଳ ସାଢେ ୮ଟାରେ ପୁରୀ ଜିଲା ସ୍କୁଲରେ ଆୟୋଜିତ ତାଲିମ ଶିବିରରେ ଯୋଗଦେବାକୁ ଜିଲାପାଳ ଏମାନଙ୍କୁ ନୋଟିସ୍ ଜାରି କରିଛନ୍ତି। ଏହା ସତ୍ତ୍ୱେ ଯଦି କୌଣସି ଅଧିକାରୀ ତାଲିମରେ ଅନୁପସ୍ଥିତ ରୁହନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡିଛି ।

# ଭାରତୀୟ ପଞ୍ଜିକା ଗଣନା ଓଡ଼ିଶାରୁ ଆରମ୍ଭ

**ପୁରୀ ଅଫିସ,୧୫।୪**



ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।

ସ୍ଥାନୀୟ ରାଣୀସତୀ ଭବନ ପରିସରରେ ରବିବାର ସୃଜନୀ ସାହିତ୍ୟ ସଂସଦ ପକ୍ଷରୁ ଓଡ଼ିଆ ନବବର୍ଷ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଡ. କାର୍ତ୍ତିକ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ଦଇତାପତି ସେବକ ରଘୁନାଥ ଦାସ ମହାପାତ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡ. ହରପ୍ରସାଦ ମିଶ୍ର ଯୋଗଦେଇ କହିଥିଲେ, ଉତ୍କଳୀୟ ନବବର୍ଷ ଓ ଭାରତୀୟ ପଞ୍ଜିକା ଗଣନା ଓଡ଼ିଶାରୁ ଆରମ୍ଭ ହୋଇଥିଲା। ତେଣୁ ବିଷୁବ ସଂକ୍ରାନ୍ତି ତିଥିକୁ ଉତ୍କଳୀୟ ନବବର୍ଷ କୁହାଯାଏ। ବିଷୁବ ସଂକ୍ରାନ୍ତିରେ ସୂର୍ଯ୍ୟଙ୍କର ସଂକ୍ରମଣ ଆରମ୍ଭ ହୁଏ। ବିଷୁବରେଖାର ଆଦ୍ୟବିନ୍ଦୁ ମେଷ ସଂକ୍ରାନ୍ତି ହୋଇଥିବାବେଳେ ଅପରପାର୍ଶ୍ୱ ପ୍ରାନ୍ତବିନ୍ଦୁ ଜଳ ବିଷୁବ ବା ତୁଳା ସଂକ୍ରାନ୍ତି ଅଟେ। ମହାରାଷ୍ଟ୍ରରେ ଏହାକୁ ଗୁଡ଼ୁପଡୱା କୁହାଯାଉଥିବା ବେଳେ ଦାକ୍ଷିଣାତ୍ୟରେ ରାଷ୍ଟ୍ରୀୟ ନବବର୍ଷ କୁହାଯାଏ। ମୁଖ୍ୟ ଅତିଥି ଭାବେ ଚିକିତ୍ସକ ରବି ନାରାୟଣ ସାମନ୍ତ କହିଥିଲେ, ଶ୍ରୀକ୍ଷେତ୍ର ପଞ୍ଜିକା ଉଭୟ ସୂର୍ଯ୍ୟମାନ ଓ ତାରାମାନର ମିଳିତ କାଳଚକ୍ର। ତେଣୁ ଓଡ଼ିଆ ନବବର୍ଷ ଓ ଶ୍ରୀଜଗନ୍ନାଥଙ୍କ ପଞ୍ଜିକା ଗଣନାକୁ ଓଡ଼ିଶାରେ ଓଡ଼ିଆ ନବବର୍ଷ କୁହାଯାଉଥିବାବେଳେ ଉତ୍ତର ଭାରତରେ ରାଷ୍ଟ୍ରୀୟ ପଞ୍ଚାଙ୍ଗ କୁହାଯାଏ। ସମ୍ମାନିତ ଅତିଥି ଭାବେ ଆଇନଜୀବୀ ପୁଷ୍କର ମହାପାତ୍ର, ସାହିତ୍ୟିକା ବିଜୟଲକ୍ଷ୍ମୀ ସାହୁ ଓ ସଂସଦର କାର୍ଯ୍ୟକାରୀ ସଭାପତି ଦୟାନିଧି ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ କାର୍ଯ୍ୟକ୍ରମ ଆବାହକ ବଦ୍ରି ମିଶ୍ର ବୃହତ୍ ସଂହିତା ଓ ଭୃଗୁ ସଂହିତା ସମ୍ପର୍କରେ ଆଲୋକପାତ କରି ଉତ୍କଳୀୟ କାଳଗଣନା ଉପରେ ମତ ରଖିଥିବା ବେଳେ ସଦସ୍ୟ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଗବେଷକ ମଦନ ମୋହନ ମହାପାତ୍ର, ରାଜଲକ୍ଷ୍ମୀ ତ୍ରିପାଠୀ, ପ୍ରତିଭା ତ୍ରିପାଠୀ, ପ୍ରଭାକର ମିଶ୍ର ଓ ବିଜୟଲକ୍ଷ୍ମୀ ସାହୁଙ୍କୁ ନବବର୍ଷ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଉତ୍ସବକୁ ସମ୍ପାଦିକା ହେମାଙ୍ଗିନୀ ମହାନ୍ତି, ଅଶୋକ କୁମାର ଆଢ୍ୟ ଓ ସୂର୍ଯ୍ୟନାରାୟଣ ପାଣିଗ୍ରାହୀ ପରିଚାଳନା କରିଥିଲେ । ଉତ୍ସବ ପୂର୍ବରୁ ଅପରାହ୍ନରେ ଯୋଗେଶ୍ୱର ପ୍ରହରାଜ ଓ ଦୟାନିଧି ତ୍ରିପାଠୀଙ୍କ ସଂଯୋଜନାରେ ମନୋଜ୍ଞ କବିତା ଆସର ଅନୁଷ୍ଠିତ ହୋଇଥିଲା।

# ଧ୍ୟାନ ମନ୍ଦିର ଅନ୍ନପୂର୍ଣ୍ଣା ଉତ୍ସବ ଉଦ୍‌ଯାପିତ

**ପୁରୀ ଅଫିସ,୧୫।୪**

ପୁରୀସ୍ଥିତ ଧ୍ୟାନ ମନ୍ଦିର ଆନୁକୂଲ୍ୟରେ ଚାଲିଥିବା ଅନ୍ନପୂର୍ଣ୍ଣା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଜଜ୍ ଅମ୍ବୁଜ ମୋହନ ଦାଶ, ସମ୍ମାନିତ ଅତିଥି ଭାବେ ପ୍ରଫେସର ହରିହର ହୋତା, ଟାଟା କ୍ରିଟିକାଲ କେୟାର ମେଡିକାଲର ମୁଖ୍ୟ ଡା. ଜଗନ୍ନାଥ ଆଚାର୍ଯ୍ୟ ଯୋଗଦେଇ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରିଥିଲେ। ଚାରୁନର୍ତ୍ତନ ଅନୁଷ୍ଠାନର ନୃତ୍ୟଶିଳ୍ପୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ତିନିଦିନିଆ ଉତ୍ସବର ପ୍ରଥମ ଦିବସରେ ଶିକ୍ଷାବ୍ରତ, ଦ୍ୱିତୀୟ ଦିବସରେ ନରନାରାୟଣ ସେବା ଓ ଶେଷ ଦିନରେ ଅନ୍ନପୂର୍ଣ୍ଣା ପୂଜା ହୋଇଥିଲା। ଧ୍ୟାନ ମନ୍ଦିରର ସଭାପତି କନକ ଦତ୍ତ, ସମ୍ପାଦକ ଦେବବ୍ରତ ସରକାର, ଉପସଭାପତି ଦୀନେଶ ସାକସେରିଆ, ଇଂ. ଦିଲୀପ କୁମାର ପଟ୍ଟନାୟକ, ସାମାଜିକ କର୍ମୀ ଲଲିତେନ୍ଦୁ ଦାସ, ସୁମନ୍ତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁଚରଣ ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ୮ଜଣ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା।

# ସାଧାରଣ ନିର୍ବାଚନ ଲାଗି ଦସ୍ତଖତ ଅଭିଯାନ

**ନୟାଗଡ଼ ଅଫିସ,୧୫।୪**

ନୟାଗଡ଼ ଜିଲାରେ ସାଧାରଣ ନିର୍ବାଚନ ଶତ ପ୍ରତିଶତ ହେବା ଲକ୍ଷ୍ୟରେ ଜିଲା ପ୍ରଶାସନ ପକ୍ଷରୁ ସୋମବାର ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଭିଇଇପି (ସିଷ୍ଟମେଟିକ୍ ଭୋଟରସ୍ ଏଜୁକେଶନ ଆଣ୍ଡ ଇଲେକ୍ଟୋରାଲ୍ ପାର୍ଟିସିପେଶନ) କାର୍ଯ୍ୟକ୍ରମ ମାଧ୍ୟମରେ ସହରସ୍ଥିତ ଜଗନ୍ନାଥ ମନ୍ଦିର ଓ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଏହି ଦସ୍ତଖତ ଅଭିଯାନ ହୋଇଥିଲା। ଏକାଧିକ ବ୍ୟକ୍ତି କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ଦସ୍ତଖତ କରିବା ସହିତ ଭୋଟ ଦେବା ପାଇଁ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ଡା. ଏନ୍ ତିରୁମାଲା ନାୟକ, ଏପିଡି ସନ୍ତୋଷୀ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ।




ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଦସ୍ତଖତ ଅଭିଯାନ ଚାଲିଛି।

# ନିଆରା ଉତ୍ସବ: ପକ୍ଷୀଙ୍କ ଜନ୍ମଦିନର ମଜା ନେଲେ ଅତିଥି

**ଖଣ୍ଡପଡା,୧୫।୪(ସ୍ୱ.ପ୍ର.)**

ଜଙ୍ଗଲ, ଜଙ୍ଗଲଜାତ ଦ୍ରବ୍ୟର ଦ୍ରୁତ ଅବକ୍ଷୟ ହେବା ସହିତ ବନ୍ୟପ୍ରାଣୀମାନେ ଲୋପ ପାଇଯାଉଛନ୍ତି। ସେହିପରି କଜଳପାତି, କୋଇଲି, ହଳଦୀ ବସନ୍ତ, ବାରମାସୀ ଚଢେଇ, ଘରଚଟିଆ, ବାଇଚଢେଇ, କପୋତ, ବାଦୁଡି ନାମକୁ ମାତ୍ର ସ୍ୱଳ୍ପ ସଂଖ୍ୟାରେ ଦେଖାଦେଉଛନ୍ତି। କଣ୍ଟିଲୋ ଅଞ୍ଚଳର ଜଣେ ବ୍ୟକ୍ତି ଏକ ବାରମାସୀ ଚଢେଇକୁ ପାଇ ଯେପରି ଭାବରେ ଉକ୍ତ ଚଢେଇ ସହ ଅନ୍ୟ ଚଢେଇଙ୍କ ସୁରକ୍ଷା ଦିଗରେ ଜନ ସଚେତନତା ସୃଷ୍ଟି କରିଛନ୍ତି ତାହା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଛି।

ପ୍ରକାଶ ଯେ, ଖଣ୍ଡପଡା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ପଞ୍ଚାୟତ ପାଣ୍ଡୁସାହୁପାଟଣା ଗ୍ରାମର କପିଳ ନିଶଙ୍କ ସପରିବାର ଭୁବନେଶ୍ୱରରେ ରୁହନ୍ତି। ଗତ ୨୦୧୬ ଏପ୍ରିଲ ପହିଲାରେ ଏକ ବାରମାସୀ ଚଢେଇ ତାଙ୍କ ଘର ମଧ୍ୟକୁ ଆହତ ଅବସ୍ଥାରେ ପଶି ଆସିଥିଲା । ନିରୀହ ପକ୍ଷୀର ଅବସ୍ଥା ଦେଖି



ପକ୍ଷୀ ଜନ୍ମଦିନ ପାଇଁ କେକ୍ କଟାଯାଉଛି।

ପରିବାର ଲୋକେ ତା’ର ସେବାଶୁଶ୍ରୂଷା କରି ନିଜ ଘରେ ରଖିଥିଲେ। ତେବେ ସୁସ୍ଥ ହେବା ପରେ ପକ୍ଷୀଟି ଆଉ ବାହାରକୁ ଯିବାକୁ ଆଗ୍ରହ ପ୍ରକାଶ କରି ନଥିଲା । ଫଳରେ ସେ ପକ୍ଷୀଟିକୁ ନିଜ ଘରେ ରଖିବା ସହିତ ତା’ ପାଇଁ ଆଉ ଏକ ସାଥୀ ପକ୍ଷୀ ବାହାରୁ କିଣି ଆଣି ରଖିଥିଲେ । ସେମାନଙ୍କ ନାମ ମଧ ଦିଆହେଲା ରୁଦ୍ର ଓ ଭବାନୀ । ପକ୍ଷୀମାନେ ସେମାନଙ୍କ ପରିବାରର ଜଣେ ଲେଖାଏ ସଦସ୍ୟ ହୋଇଗଲେ। ସେମାନେ କଥା କହି ପାରୁ ନ ଥିଲେ ମଧ ନିଜର କିଚିରି ମିଚିର ଶବ୍ଦରେ ସମସ୍ତଙ୍କୁ ଆମୋଦିତ କରୁଥିଲେ। ସେମାନଙ୍କ ଖାଇବା ସମୟ ହୋଇ ଗଲାଣି କିମ୍ବା ପିଲାମାନଙ୍କ ସହ ଖେଳିବା ଓ ଖୁସି ମନାଇବାର ସମୟ ହୋଇଗଲାଣି ବୋଲି ମଧ୍ୟ ସୂଚାଇ ଦେଉଥିଲେ। ଗୋଟିଏ ପକ୍ଷୀରୁ ତାଙ୍କର ପରିବାର ବଢାଇ ଏବେ ୧୪ ସଂଖ୍ୟାରେ ପହଞ୍ଚିଲାଣି। ପରିବାର ଲୋକ ଘର ମଧ୍ୟରେ ଓ ଛାତ ଉପରେ ବିଭିନ୍ନ ଘାସ ଓ ବୃକ୍ଷ ରୋପଣ କରି ସବୁଜ ପରିବେଶ ସୃଷ୍ଟି କରିଛନ୍ତି । ଉକ୍ତ ପରିବେଶ ମଧ୍ୟରେ ପକ୍ଷୀଗୁଡିକ ରହି ପରିବାର ସଦସ୍ୟଙ୍କ ସହିତ ଆତ୍ମୀୟତା ଜନ୍ମାଇ ଦେଇଛନ୍ତି । ଫଳରେ ପ୍ରତିବର୍ଷ ଏପ୍ରିଲ ୧ତାରିଖରେ ପକ୍ଷୀମାନଙ୍କ ଜନ୍ମ ଉତ୍ସବ ପାଳନ କରୁଛନ୍ତି। ତେବେ କୌଣସି ଅସୁବିଧା କାରଣରୁ ସେମାନେ ୧ତାରିଖରେ ପାଳନ ନ କରି ରବିବାର ପକ୍ଷୀମାନଙ୍କ ଜନ୍ମଦିନ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ପାଳନ କରିଛନ୍ତି। ଉକ୍ତ ଉତ୍ସବରେ ୧୫୦ରୁ ଊର୍ଦ୍ଧ୍ୱ ବନ୍ଧୁବାନ୍ଧବଙ୍କ ସହିତ ନିମନ୍ତ୍ରିତ ଅତିଥି ଯୋଗଦେଇଥିଲେ। ଅତିଥିଙ୍କ ଦ୍ୱାରା କେକ୍ କଟା ଯାଇଥିଲା। ଅତିଥି ଭାବେ ରାଜ୍ୟ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶକ ବିଜୟ କୁମାର ଦାଶ, ଭୁବନେଶ୍ୱର କିଚିନ ଗାର୍ଡେନର ମ୍ୟାନେଜିଂ ଟ୍ରଷ୍ଟି ମହେଶ୍ୱର ଖିଲାର, ନୟାଗଡ ଶିଳ୍ପୀ ସଂଘର ସଭାପତି ଦଣ୍ଡପାଣି ସାହୁ, ଅଧ୍ୟାପିକା ଜ୍ୟୋତ୍ସ୍ନା ମହାରଣା ଯୋଗଦେଇ ଏପରି କାର୍ଯ୍ୟକ୍ରମ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବ ବୋଲି କହିଥିଲେ। ପକ୍ଷୀମାନଙ୍କ କିଚିରି ମିଚିର ଶବ୍ଦ ଅନ୍ୟମାନଙ୍କୁ ଖୁସି ପ୍ରଦାନ କରୁଥିବା ପ୍ରକାଶ କରିଥିଲେ ।